ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୯/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, January 9/2026 | Page 14 | ₹ 7.00
୫୨ଶ ଭାଗ ୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 47 | ମୂଲ୍ୟ ₹୭/-



ବିକଶିତ ଭାରତ - ରୋଜଗାରର ଗ୍ୟାରେଣ୍ଟି ଓ ଆଜୀବିକା ମିଶନ (ଗ୍ରାମୀଣ): ଭିବି - ଜି ରାମ ଜି (ବିକଶିତ ଭାରତ - ଜି ରାମ ଜି) ଅଧିନିୟମ, ୨୦୨୫
୧୨୫ ଦିନ
ରୋଜଗାରର ଗ୍ୟାରେଣ୍ଟି
ବେକାରି ଭତ୍ତା ପାଇଁ ଅଧିକ ସୁଦୃଢ଼ ବ୍ୟବସ୍ଥା | ସମୟୋଚିତ ମଜୁରି ପୈଠ ଓ ବିଳମ୍ବ ପାଇଁ କ୍ଷତିପୂରଣ | ଗ୍ରାମସଭା ଦ୍ୱାରା ବିକଶିତ ଗ୍ରାମପଞ୍ଚାୟତ (ଭିଜିପିପି) ଯୋଜନା

ବିକଶିତ ଗ୍ରାମପଞ୍ଚାୟତରୁ ବିକଶିତ ଭାରତ ଅଭିମୁଖେ
CBC 35101/13/0064/2526


# କୋର୍ଟ ଉଡ଼ାଇଦେବାକୁ ଧମକ

**ହାଇକୋର୍ଟ ସମେତ କଟକ, ସମ୍ବଲପୁର, ଦେବଗଡ଼ ଜିଲା କୋର୍ଟ କାର୍ଯ୍ୟ ବ୍ୟାହତ**

ରାଜ୍ୟର ବିଭିନ୍ନ ଅଦାଲତରେ ଗୁରୁବାର ସ୍ୱାଭାବିକ ଭାବରେ କୋର୍ଟ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ କଟକ, ସମ୍ବଲପୁର ଏବଂ ଦେବଗଡ଼ ଜିଲା କୋର୍ଟକୁ ବୋମା ବିସ୍ଫୋରଣରେ ଉଡ଼ାଇଦେବାକୁ ଇ-ମେଲ୍ ଯୋଗେ ଧମକ ମିଳିଥିଲା। ଏହା ଜଣାପଡ଼ିବା ପରେ ତୁରନ୍ତ ଅଦାଲତରେ ବିଚାରପତିମାନେ କୋର୍ଟ କାର୍ଯ୍ୟ ବନ୍ଦ କରିବା ସହ ଓକିଲମାନଙ୍କୁ କୋର୍ଟ ରୁମ୍‌ରୁ ବାହାରକୁ ଚାଲିଯିବାକୁ କହିଥିଲେ। ସଙ୍ଗେ ସଙ୍ଗେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଡଗ୍ ଏବଂ ଆଣ୍ଟି ବମ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଗୃହ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ଥିତିର ସମୀକ୍ଷା କରିବାକୁ କହିଥିଲେ। ଯାଞ୍ଚ ପରେ ଏହା ଗୁଜବ ବୋଲି ଜଣାପଡ଼ିଥିଲା। ପରେ ଅପରାହ୍ନ ସାଢ଼େ ୨ଟାରୁ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। କିଏ ଏବଂ କାହିଁକି ମିଥ୍ୟା ଇ-ମେଲ୍ ପଠାଇ ଏଭଳି ଆତଙ୍କ ସ୍ଥିତି ସୃଷ୍ଟି କଲେ ତାକୁ ନେଇ ଖୋଳତାଡ଼ ଚାଲିଛି।


ଗୁରୁବାର ବୋମା ଧମକ ପରେ ହାଇକୋର୍ଟ ପରିସରରେ କମାଣ୍ଡୋଙ୍କ ଦ୍ୱାରା ଯାଞ୍ଚ କରାଯାଉଛି।

**କଟକ/ସମ୍ବଲପୁର/ଦେବଗଡ଼,୮।୧ (କାର୍ତ୍ତିକ ସାହୁ/ପ୍ରମୋଦ ବହିଦାର/ ଶଶାଙ୍କ ଶେଖର ଝାଙ୍କର)**

ଇ-ମେଲରେ କୋର୍ଟକୁ ବୋମା ଧମକ ଖବର ପ୍ରଚାରିତ ହେବା ପରେ ହାଇକୋର୍ଟ ସମେତ ଜିଲା କୋର୍ଟରେ ଭୟର ବାତାବରଣ ଖେଳିଯାଇଥିଲା। ଓକିଲ ଓ ମହକିଲମାନେ କୋର୍ଟ ରୁମ୍‌କୁ ଯିବା ବଦଳରେ ବାହାରକୁ ପଳାଇ ଆସିଥିଲେ। ବାହାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଲୋକମାନେ ଏଣେତେଣେ ଇତସ୍ତତଃ ହେବା ସହ ଅଜଣା ଭୟ ସମସ୍ତଙ୍କୁ ଘାରିଥିଲା। ଦୀର୍ଘ ୩ଘଣ୍ଟା ଧରି କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ତେବେ ଏ ସଂକ୍ରାନ୍ତରେ ଖବର ପାଇ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ପୋଲିସ ବାହିନୀ ସହ ☞ପୃଷ୍ଠା-୪

# ଭାରତ ଉପରେ ଲାଗିପାରେ ୫୦୦% ଟାରିଫ୍

**ଯେଉଁ ଦେଶଗୁଡ଼ିକ ରୁଷିଆରୁ ତୈଳ, ଗ୍ୟାସ୍ କିମ୍ବା ୟୁରାନିୟମ ଆମଦାନୀ ଜାରିରଖିବେ, ସେମାନଙ୍କ ଉପରେ ଆମେରିକା ୫୦୦% ଯାଏ ଟାରିଫ୍ (ଶୁଳ୍କ) ଲଗାଇବ। ଏ ସମ୍ପର୍କିତ ଏକ ବିଲ୍ 'ସାଙ୍କଶନିଂ ଅଫ୍ ରୁଷିଆ ଆକ୍ଟ ୨୦୨୫'କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସବୁଜ ସଙ୍କେତ ଦେଇଛନ୍ତି। ରୁଷିଆର ଅର୍ଥନୈତିକ ଶକ୍ତିକୁ ଦୁର୍ବଳ କରି ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ଏହାର ମୂଳ ଲକ୍ଷ୍ୟ। ଏହା ଭାରତ, ଚାଇନା ଏବଂ ବ୍ରାଜିଲ ଭଳି ଦେଶଗୁଡ଼ିକ ଉପରେ ଚାପ ପକାଇବା ପାଇଁ ଏକ ଅସ୍ତ୍ର ଭାବେ କାମ କରିବ ବୋଲି ରିପବ୍ଲିକାନ୍ ସିନେଟର ଲିଣ୍ଡସେ ଗ୍ରାହାମ୍ କହିଛନ୍ତି। ଉକ୍ତ ବିଲ୍ ଆସନ୍ତା ସପ୍ତାହରେ ଆମେରିକା ସିନେଟ୍‌ରେ ଭୋଟିଂ ପାଇଁ ଆସିପାରେ। ଏହା ପାସ୍ ହୋଇଗଲେ ଭାରତୀୟ ରପ୍ତାନିକାରୀମାନଙ୍କ ପାଇଁ ଆମେରିକା ବଜାରରେ ବ୍ୟବସାୟ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ। ପୂର୍ବରୁ ଆମେରିକା ଏହି ପ୍ରସଙ୍ଗରେ ଭାରତ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ୨୦୨୫ ଅଗଷ୍ଟରୁ ଟ୍ରମ୍ପ୍ ପ୍ରଶାସନ ଭାରତୀୟ ସାମଗ୍ରୀ ଉପରେ ୫୦% ଟାରିଫ୍ ଲଗାଇଛି। ଏହାର ପ୍ରଭାବ ଅନେକ ଭାରତୀୟ ସାମଗ୍ରୀର ରପ୍ତାନି ଉପରେ ଗୁରୁତର ଭାବେ ପଡ଼ିଥିବାବେଳେ ଟ୍ରମ୍ପ୍‌ଙ୍କ ସଦ୍ୟ ପଦକ୍ଷେପ ଯୋଗୁ ଗୁରୁବାର ଭାରତୀୟ ଶେୟାର ବଜାରରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ସେନ୍‌ସେକ୍ସ ୭୮୦ ପଏଣ୍ଟ ଖସିଯାଇଛି।**

## ବିଲ୍‌କୁ ଟ୍ରମ୍ପ୍‌ଙ୍କ ଅନୁମୋଦନ

**ନ୍ୟୁୟର୍କ/ୱାଶିଂଟନ,୮।୧(ପି.ଟି./ଏଜେନ୍ସି)**

ୟୁକ୍ରେନ୍ ଯୁଦ୍ଧରେ ରୁଷିଆ ପାଇଁ ଇନ୍ଧନ ସାଜିଥିବା ରୁଷୀୟ ତୈଳ କ୍ରେତାମାନଙ୍କୁ ଟାର୍ଗେଟକରି ଆଗତ ଏକ ଦ୍ୱିଦଳୀୟ ବିଲ୍‌କୁ ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନୁମୋଦନ କରିଛନ୍ତି। ରୁଷିଆ ସାଙ୍କଶନ୍ସ ବିଲ୍ ଶୀର୍ଷକ ଉକ୍ତ ବିଧେୟକ ଅନୁସାରେ ଭାରତ, ଚାଇନା ଓ ବ୍ରାଜିଲ ସମେତ ମସ୍କୋର ବାଣିଜ୍ୟିକ ସହଯୋଗୀଗୁଡ଼ିକ ଉପରେ ଆମେରିକା ପକ୍ଷରୁ ୫୦୦% ଆମଦାନୀ ଶୁଳ୍କ କଷାଯାଇପାରେ। ରୁଷିଆଠାରୁ ଶସ୍ତାରେ ତୈଳ ଓ ୟୁରାନିୟମ୍ ଆମଦାନୀକୁ ରୋକିବା ପାଇଁ ଏହି ବିଲ୍‌ରେ ଟ୍ରମ୍ପ୍‌ଙ୍କୁ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ କରାଯାଇଛି।

ରିପବ୍ଲିକାନ୍ ସିନେଟର ଲିଣ୍ଡ୍‌ସେ ଗ୍ରାହାମ୍ ବୁଧବାର ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ସାକ୍ଷାତ୍ ବେଳେ ଉଭୟଙ୍କ ମଧ୍ୟରେ ରୁଷିଆ ସାଙ୍କସନ୍ସ ବିଲ୍ ଉପରେ ଫଳପ୍ରଦ ଆଲୋଚନା ହୋଇଛି। ଟ୍ରମ୍ପ୍ ଉକ୍ତ ବିଧେୟକକୁ ସବୁଜ ସଙ୍କେତ ଦେଇଥିବା ଲିଣ୍ଡ୍‌ସେ ସାମାଜିକ ଗଣମାଧ୍ୟମ ମଞ୍ଚ Xରେ ସୂଚନା ଦେଇଛନ୍ତି। ଲିଣ୍ଡ୍‌ସେ କହିଛନ୍ତି, ୟୁକ୍ରେନ୍ ଶାନ୍ତି ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିରୀହମାନଙ୍କୁ ହତ୍ୟା କରିବାରେ ଲାଗିଛନ୍ତି। ଏଭଳି ସମୟରେ ରୁଷିଆଠାରୁ ଶସ୍ତାରେ ତୈଳ କିଣି ପୁଟିନ୍‌ଙ୍କ ଯୁଦ୍ଧ ମେଶିନ୍‌କୁ ଇନ୍ଧନ ଯୋଗାଉଥିବା ଦେଶଗୁଡ଼ିକୁ ଦଣ୍ଡିତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ କ୍ଷମତା ପ୍ରଦାନକାରୀ ବିଧେୟକ ଅଣାଯାଇଛି। ଉକ୍ତ ବିଲ୍ ଉପରେ ଅନେକ ମାସ ଧରି ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା। ଆସନ୍ତା ସପ୍ତାହରେ ଏହି ଶକ୍ତିଶାଳୀ ବିଲ୍ ଉପରେ ଭୋଟିଂ ହୋଇପାରେ। ଲିଣ୍ଡ୍‌ସେ ଏବଂ ଡେମୋକ୍ରାଟିକ୍ ସିନେଟର ରିଚାର୍ଡ ବ୍ଲୁମେନ୍ଥାଲଙ୍କ ଦ୍ୱାରା ଆଗତ ଉକ୍ତ ବିଲ୍ ପାରିତ ହେଲେ ଚାଇନା, ଭାରତ ଓ ବ୍ରାଜିଲ ଭଳି ଦେଶ ବିରୋଧରେ ଟ୍ରମ୍ପ୍ ୫୦୦% ଟାରିଫ୍ କଷିବା ଭଳି କଠୋର କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଏହାଦ୍ୱାରା ମସ୍କୋର ଆର୍ଥିକ ମେରୁଦଣ୍ଡ ଏକପ୍ରକାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଟ୍ରମ୍ପ୍ ପ୍ରଶାସନରେ ଅସମାନତା


DSPL - 466
Skilled in ODISHA | WSC WORLD SKILL CENTER | India skills Odisha 2025

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ODISHA Skills 2025-26
Odisha's Best, World's Next
ଉଦ୍‌ଯାପନୀ ସମାରୋହ
ଏବଂ
ବିଜେତାମାନଙ୍କୁ ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର ପ୍ରଦାନ
ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ
ଗରିମାମୟ ଉପସ୍ଥିତି
ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଓଡ଼ିଶା
୯ ଜାନୁଆରୀ ୨୦୨୬ | ପୂର୍ବାହ୍ନ ୧୧.୩୦
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର
OIPR-
ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାର

**ଦୀପୁ ଦାସ ହତ୍ୟାର ମୁଖ୍ୟ ଅଭିଯୁକ୍ତ ଗିରଫ**

ବାଂଲାଦେଶରେ ହିନ୍ଦୁ କର୍ମୀ ଦୀପୁ ଦାସଙ୍କୁ ପିଟି ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ମଦ୍ରାସାର ପୂର୍ବତନ ଶିକ୍ଷକ ୟାସିନ ଆରାଫତ୍‌ଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୨୧ ଜଣଙ୍କୁ ଗିରଫ କରାଗଲାଣି । ଗତ ମାସ ୧୮ରେ ମିମେନ୍‌ସିଂ ଜିଲାର ସ୍କୋୟାର ମାଷ୍ଟରବାରି ଅଞ୍ଚଳରେ ହିନ୍ଦୁ ଯୁବକ ଦୀପୁଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ହତ୍ୟା କରିବା ପରେ ଗଛରେ ଝୁଲାଇ ଜାଳିଦେଇଥିଲେ।

## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ କ୍ଲବ୍ ଅଫ୍ ଇଣ୍ଡିଆଠାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଫେସର ମିଲିନ୍ଦ ସୁଧାକର ମୁରାତେ ଏବଂ ଭାରତରେ କାତାର ରାଷ୍ଟ୍ରଦୂତ ଥିବା ମହମ୍ମଦ ହାସନ ଜବିର ଉପସ୍ଥିତ ଅଛନ୍ତି। (ଫଟୋ: ଚମନ ଗୌତମ)

# ୬୬ ଅନ୍ତର୍ଜାତୀୟ ସଂସ୍ଥାରୁ ଓହରିଲା ଆମେରିକା

**ଜାତିସଂଘ/ୱାଶିଂଟନ୍,୮।୧(ରଏଟର୍ସ/ପି.ଟି.)**

ଆମେରିକା ୬୬ଟି ଅନ୍ତର୍ଜାତୀୟ ସଂସ୍ଥାରୁ ଓହରିଯାଇଛି। ସେଥିରୁ ୩୧ ସଂସ୍ଥା ଜାତିସଂଘ ଅଧୀନରେ ଥିବାବେଳେ ୩୫ଟି ଅନ୍ୟ ବୈଶ୍ୱିକ ଅନୁଷ୍ଠାନ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଷ୍ପତ୍ତି କ୍ରମେ ଏହି ପଦକ୍ଷେପ ନିଆଯାଇଛି। ଭାରତ-ଫ୍ରାନ୍ସ ନେତୃତ୍ୱାଧୀନ ଅନ୍ତର୍ଜାତୀୟ ସୋଲାର ଆଲାଏନ୍ସ ସମେତ ଏହି ସଂସ୍ଥାଗୁଡ଼ିକୁ ଟ୍ରମ୍ପ 'ଅନାବଶ୍ୟକ' ଓ 'ଆମେରିକାର ସ୍ୱାର୍ଥ ପରିପନ୍ଥୀ' ବୋଲି ଅଭିହିତ କରିଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପ ବୁଧବାର 'ୱିଥ୍‌ଡ୍ରଇଂ ଦି ୟୁନାଇଟେଡ୍ ଷ୍ଟେଟ୍ସ ଫ୍ରମ୍ ଇଣ୍ଟରନ୍ୟାନାଶନାଲ କନ୍‌ଭେନ୍‌ଶନ୍ସ ଆଣ୍ଡ ଟ୍ରିଟିଜ୍‌ଦ୍ୟାଟ୍‌ଆର୍‌କଣ୍ଟ୍ରାରି‌ଟୁଦିଇଣ୍ଟ୍ରେଷ୍ଟ୍ସ ଅଫ୍ ଦି ୟୁନାଇଟେଡ୍ ଷ୍ଟେଟ୍ସ' ଶୀର୍ଷକ ଏକ ମେମୋରାଣ୍ଡମ୍‌ରେ ସ୍ୱାକ୍ଷର କରିଛନ୍ତି। ଏହା ପରେ ଟ୍ରମ୍ପ କହିଛନ୍ତି, ଆମେରିକାର ସ୍ୱାର୍ଥ ବିରୋଧୀ ୬୬ଟି ଜାତିସଂଘ ଓ ଅଣଜାତିସଂଘ ସଂସ୍ଥାକୁ ୱାଶିଂଟନ ଆଉ ସମର୍ଥନ ଦେବନାହିଁ କି ସେଗୁଡ଼ିକରେ ସଦସ୍ୟ ରହିବ ନାହିଁ। ଏହି ସଂସ୍ଥାଗୁଡ଼ିକ ଆମେରିକାର ଜାତୀୟ ସ୍ୱାର୍ଥ, ନିରାପତ୍ତା, ଅର୍ଥନୈତିକ ସମୃଦ୍ଧି ଓ ସାର୍ବଭୌମତ୍ୱ ବିରୋଧରେ କାର୍ଯ୍ୟ କରୁଥିବା ହ୍ୱାଇଟ୍ ହାଉସ୍ ସୂତ୍ରରୁ କୁହାଯାଇଛି। ତଦନୁସାରେ ଟ୍ରମ୍ପ ସମସ୍ତ କାର୍ଯ୍ୟନିର୍ବାହୀ ବିଭାଗ ଓ ଏଜେନ୍ସିଗୁଡ଼ିକୁ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତିସଂଘ ସଂସ୍ଥାଗୁଡ଼ିକରୁ ଆମେରିକା ଓହରିଯିବାର ତାତ୍ପର୍ଯ୍ୟ ହେଉଛି ସେଗୁଡ଼ିକୁ ୱାଶିଂଟନ୍ ଆଉ କୌଣସି ପାଣ୍ଠି ଯୋଗାଇବ ନାହିଁ।

ଉକ୍ତ ସଂସ୍ଥାଗୁଡ଼ିକ ମଧ୍ୟରେ ରହିଛି ଇଣ୍ଟରନ୍ୟାଶନାଲ ସୋଲାର ଆଲାଏନ୍ସ (ଆଇଏସ୍‌ଏ), ଯାହାକି ଭାରତ ଓ ଫ୍ରାନ୍ସ ସମନ୍ୱୟରେ ଗଠିତ। ସୌରଶକ୍ତିସମାଧାନକୁ କାର୍ଯ୍ୟକାରୀ କରି ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ମିଳିତ ଉଦ୍ୟମ ଚଳାଇବା ହେଉଛି ଏହାର ଉଦ୍ଦେଶ୍ୟ। ଭାରତରେ ମୁଖ୍ୟାଳୟ ଥିବା ଆଇଏସ୍‌ଏର ଆରମ୍ଭ ୨୦୧୫ରେ ପ୍ୟାରିସ୍ ଜଳବାୟୁ ସମ୍ମିଳନୀ (କୋପ୍‌୨୧) ବେଳେ କରାଯାଇଥିଲା। ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ଏଥିରେ ଅନ୍ତର୍ଭୁକ୍ତ। ବର୍ତ୍ତମାନ ଆଇଏସ୍‌ରେ ଶତାଧିକ ଦେଶ ଥିବାବେଳେ ୯୦ରୁ ଅଧିକ ରାଷ୍ଟ୍ର ପୂର୍ଣ୍ଣ ସଦସ୍ୟତା ପାଇଁ ଆବେଦନ କରିଛନ୍ତି। ୨୦୩୦ ସୁଦ୍ଧା ଟେକ୍ନୋଲୋଜି ଓ ବ୍ୟୟ ହ୍ରାସ ଜରିଆରେ ୧ ଟ୍ରିଲିୟନ୍ ଅମେରିକୀୟ ଡଲାର ସୌର ନିବେଶ କରିବା ପାଇଁ ଏହି ମିଶନରେ ଲକ୍ଷ୍ୟ ରଖାଯାଇଛି। ଏଥିରୁ ଆମେରିକା ଓହରିଯିବା ଭାରତ ଓ ଫ୍ରାନ୍ସ ସମେତ ସ୍ୱାକ୍ଷରକାରୀ ରାଷ୍ଟ୍ରଗୁଡ଼ିକ ପାଇଁ ଏକ ବଡ଼ ଝଟକା ବୋଲି ମନେକରାଯାଉଛି।

ଆମେରିକା ୟୁଏନ୍ ଓମେନ୍, ୟୁଏନ୍ ପପୁଲେଶନ୍ ଫଣ୍ଡ (ୟୁଏନ୍‌ଏଫ୍‌ପିଏ)ରୁ ମଧ୍ୟ ଓହରିଛି। ଜାତିସଂଘର ଜଣେ ମୁଖପାତ୍ର କହିଛନ୍ତି, ଟ୍ରମ୍ପ ପ୍ରଶାସନ ଓହରିଯାଇଥିବା ସଂସ୍ଥାଗୁଡ଼ିକର ସମ୍ପୂର୍ଣ୍ଣ ତାଲିକାକୁ ଅନୁଧ୍ୟାନ କରିବା ପରେ ଏହା ଉପରେ ପ୍ରତିକ୍ରିୟା ଦିଆଯିବ।

## ସ୍ତ୍ରୀ, ୨ ଝିଅଙ୍କୁ ହତ୍ୟାକରି ବ୍ୟବସାୟୀଙ୍କ ଆତ୍ମହତ୍ୟା

**ଚଣ୍ଡିଗଡ଼,୮।୧**

ପଞ୍ଜାବର ଫିରୋଜପୁରରେ ଗୋଟିଏ ପରିବାରର ୪ ଜଣଙ୍କ ମୃତଦେହ ସେମାନଙ୍କ ଘରୁ ମିଳିଛି। ପରିବାରର ମୁଖ୍ୟ ଅମନଦୀପ୍ ସିଂ ଜଣେ ବ୍ୟବସାୟୀ। ସେ ଏକ ଲାଇସେନ୍ସପ୍ରାପ୍ତ ରିଭଲଭରରେ ତାଙ୍କ ସ୍ତ୍ରୀ ଓ ୨ ନାବାଳିକା ଝିଅଙ୍କୁ ଗୁଳିକରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ମୃତକ ହେଲେ ଅମନଦୀପ, ସ୍ତ୍ରୀ ଯଶବୀର କୌର, ଝିଅ ମନବୀର କୌର(୧୦) ଏବଂ ପରମିତ୍ କୌର(୬)। ସେମାନେ ଫିରୋଜପୁରର ହର୍‌ମାନ ନଗର ଅଞ୍ଚଳରେ ରହୁଥିଲେ। ଅମନଦୀପ ଜମିଜମା ବ୍ୟବସାୟ ଏବଂ ନିର୍ମାଣ ବ୍ୟବସାୟରେ ସମ୍ପୃକ୍ତ ଥିବାବେଳେ ତାଙ୍କ ସ୍ତ୍ରୀ ଏକ ବିଉଟିପାର୍ଲର ଚଳାଉଥିଲେ।

## ସିପିଏମ୍ ନେତାଙ୍କୁ ହତ୍ୟା ମାମଲା ଆର୍‌ଏସ୍‌ଏସ୍-ଭାଜପାର ୭ କର୍ମୀଙ୍କୁ ଆଜୀବନ ଜେଲ

**କନ୍ନୁର(କେରଳ),୮।୧**

କେରଳର ଜଣେ ସ୍ଥାନୀୟ ସିପିଆଇ(ଏମ୍) ନେତାଙ୍କୁ ହତ୍ୟା ମାମଲାରେ ଥାଲାସେରିର ଏକ ଅଦାଲତ ଆର୍‌ଏସ୍‌ଏସ୍-ଭାଜପାର ୭ ଜଣ କର୍ମୀଙ୍କୁ ଗୁରୁବାର ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସୁମିଥ ଓରଫ କୁଟ୍ଟନ, କେ.କେ. ପ୍ରଜେଶ ବାବୁ, ବି.ନିଧିନ, କେ ସାନାଲ, ସ୍ମିଜୋଶ, ସାଜିଶ ଏବଂ ଭି. ଜୟେଶଙ୍କୁ ଅତିରିକ୍ତ ଜିଲା ଓ ସେସନ୍ସ କୋର୍ଟ ବିଚାରପତି ବିମଲ ଜେ. ଦୋଷୀସାବ୍ୟସ୍ତ କରିଥିଲେ। ଅନ୍ୟ ୪ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷ ଦର୍ଶାଇଛନ୍ତି। ବିଚାର ପ୍ରକ୍ରିୟା ଚାଲିଥିବା ସମୟରେ ଅଷ୍ଟମ ଅଭିଯୁକ୍ତ କେ. ଆଜିଥଙ୍କର ମୃତ୍ୟୁ ଘଟିଥିଲା। ରାଜନୈତିକ ଶତ୍ରୁତାରୁ ୨୦୦୮ ଡିସେମ୍ବର ୩୧ରେ ସିପିଆଇ(ଏମ୍)ର ସ୍ଥାନୀୟ ନେତା ଲାଥିଶଙ୍କୁ ଥାଲାସେରିର ଥାଲାୟୀ ଅଞ୍ଚଳରେ ହତ୍ୟା କରାଯାଇଥିଲା ଓ ଆକ୍ରମଣରେ ତାଙ୍କ ବନ୍ଧୁ ଆହତ ହୋଇଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ଦଙ୍ଗା, ବେଆଇନ ଭାବେ ନିୟନ୍ତ୍ରଣ କରିବା, ଧମକ ଦେବା, ଷଡ଼ଯନ୍ତ୍ର ଏବଂ ହତ୍ୟା ଓ ହତ୍ୟା ଉଦ୍ୟମ ଆଦି ଆଇପିସିର ବିଭିନ୍ନ ଧାରା ଏବଂ ବିସ୍ଫୋରକ ସାମଗ୍ରୀ ଆଇନରେ ମାମଲା ରୁଜୁ ହୋଇଥିଲା। ୨୦୨୦ ଜାନୁଆରୀ ୭ରୁ ବିଚାର ଆରମ୍ଭ ହୋଇଥିଲା।

### କୋଇଲା ଦୁର୍ନୀତିରେ ଆଇ-ପିଏସି

# ଚଢ଼ାଉ ବେଳେ ଇଡି-ମମତା ମୁହାଁମୁହିଁ

- ତଦନ୍ତ ନାଁରେ ଟିଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି: ମମତା
- ମମତାଙ୍କ ବିରୋଧରେ ହାଇକୋର୍ଟ ଗଲା ଇଡି, ଶୁଣାଣି ଆଜି

**କୋଲକାତା,୮।୧**

ବେଆଇନ କୋଇଲା ଖଣି ଖନନ ସମ୍ପର୍କିତ ମନି ଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗୁରୁବାର ପଶ୍ଚିମବଙ୍ଗ ଓ ଦିଲ୍ଲୀରେ ଚଢ଼ାଉ ବେଳେ ହାଇଡ୍ରାମା ଦେଖିବାକୁ ମିଳିଛି। କୋଲକାତାସ୍ଥିତ ଇଣ୍ଡିଆନ୍ ପଲିଟିକାଲ ଆକ୍ସନ କମିଟି (ଆଇ-ପିଏସି) ଅଫିସ ଏବଂ ଉକ୍ତ ସଂସ୍ଥାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ବାସଭବନରେ ଚଢ଼ାଉ ଚାଲିଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପହଞ୍ଚି ଏହାର ଦୃଢ଼ ବିରୋଧ କରିଛନ୍ତି। ଆଇ-ପିଏସି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନିର୍ବାଚନ ପରିଚାଳନା କରୁଥିବାରୁ ଦଳର ରଣନୀତି ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ସମ୍ବଳିତ ହାର୍ଡ ଡିସ୍କ ଏବଂ ଆଭ୍ୟନ୍ତରୀଣ ଦସ୍ତାବିଜଗୁଡ଼ିକୁ ଜବତ କରିବା ପାଇଁ କେନ୍ଦ୍ରୀୟ ଏଜେନ୍ସି ଉଦ୍ୟମ ଚଳାଇଥିବା ମମତା ଅଭିଯୋଗ ଆଣିଛନ୍ତି।

ବେଆଇନ କୋଇଲା ଖଣି ଖନନ ପ୍ରସଙ୍ଗରେ ୨୦୨୦ରେ ଏଫ୍‌ଆଇଆର୍ ହୋଇଥିଲା। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ବଳରେ ଏହାର ତଦନ୍ତ ପାଇଁ ଇଡି ଅଧିକାରୀମାନେ ଗୁରୁବାର ପଶ୍ଚିମବଙ୍ଗର ୬ ଓ ଦିଲ୍ଲୀର ୪ ସ୍ଥାନରେ ସକାଳ ୬ଟାରେ ଚଢ଼ାଉ କରିଥିଲେ। ଏହି ତଲାସି ଅଭିଯାନ ୯ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ଏଥିରେ ଆଇ-ପିଏସି ମୁଖ୍ୟ ପ୍ରତୀକ ଜୈନଙ୍କ ସମ୍ପୃକ୍ତି ଥିବା



ଦର୍ଶାଇ ଇଡି ତାଙ୍କ ଅଫିସରେ ଚଢ଼ାଉ କରିବାବେଳେ ଟିଏମ୍‌ସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପହଞ୍ଚି ତଦନ୍ତରେ ବାଧା ଦେଇଥିବା ଏଜେନ୍ସି ପକ୍ଷରୁ ଅଭିଯୋଗ ହୋଇଛି। ମମତା କହିଛନ୍ତି, ତାଙ୍କ ଆଇଟି ସେଲ୍ ଦାୟିତ୍ୱରେ ଥିବା ପ୍ରତୀକଙ୍କ ଘର ଓ ଅଫିସରେ ଚଢ଼ାଉ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଅସାମ୍ବିଧାନିକ। ଅପରାହ୍ଣରେ କୋଲକାତା ପୋଲିସ କମିଶନର ମନୋଜ ବର୍ମା ପ୍ରତୀକଙ୍କ ବାସଭବନରେ ପହଞ୍ଚିବାର କିଛି ମିନିଟ୍ ପରେ ମମତା ମଧ୍ୟ ସେଠାକୁ ଯାଇଥିଲେ। ମମତା ସେଠାରେ ୨୦-୨୫ ମିନିଟ୍ ରହିବା ପରେ ସେଠାରୁ ଏକ ଗ୍ରୀନ୍ ଫୋଲ୍ଡର ଧରି ବାହାରିଥିଲେ। ଟିଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ ରଣନୈତିକ ତଥ୍ୟ ରହିଥିବା ଦସ୍ତାବିଜ ଓ ହାର୍ଡ ଡିସ୍କଗୁଡ଼ିକୁ ଇଡି ଅଧିକାରୀମାନେ ଜବତ କରିଛନ୍ତି। ସେଥିରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଟିଏମ୍‌ସିର ଦଳୀୟ ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ବିବରଣୀ ରହିଛି। ସେଗୁଡ଼ିକୁ ଫେରସ୍ତ କରାଯାଉ ବୋଲି ଗଣମାଧ୍ୟମ ସମ୍ମୁଖରେ ମମତା କହିଛନ୍ତି। ରାଜନୈତିକ ଦଳର ଡାଟା ସଂଗ୍ରହ କରିବା ଇଡିର କର୍ତ୍ତବ୍ୟ କି ବୋଲି ମମତା ପ୍ରଶ୍ନ କରିଛନ୍ତି। ଆଇପିଏସି ଟିଏମ୍‌ସିକୁ ରାଜନୈତିକ କନ୍‌ସଲ୍ଟାନ୍ସି ପ୍ରଦାନ ସହ ଦଳର ଆଇଟି ଏବଂ ମିଡିଆ ଅପରେଶନ୍ ମଧ୍ୟ ପରିଚାଳନା କରିଥାଏ। ତେଣୁ ଚଳିତବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଯାଞ୍ଚ ଭାଜପାର ରଜନୈତିକ ପ୍ରତିଶୋଧ ବୋଲି ମମତା କହିଛନ୍ତି। ଟିଏମ୍‌ସି ସୁପ୍ରିମୋ ଆହୁରି ଅଭିଯୋଗ ଆଣିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବିରୋଧୀ ଦଳଗୁଡ଼ିକୁ ଭୟଭୀତ କରାଇବା ପାଇଁ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଛନ୍ତି। ଦେଶକୁ ସୁରକ୍ଷା ଦେଇପାରୁ ନ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ବାଚନ ପୂର୍ବରୁ ଏଜେନ୍ସିଗୁଡ଼ିକୁ ପଠାଉଛନ୍ତି। ସେ ଜିରୋରେ ପରିଣତ ହୋଇଯିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ନିୟନ୍ତ୍ରଣରେ ରଖିବା ଜରୁରୀ ବୋଲି ମମତା କହିଛନ୍ତି। ସକାଳ ୬ଟାରେ ସଲ୍ଟ ଲେକ୍‌ସ୍ଥିତ ସେକ୍ଟର-ଭି'ର ଆଇ-ପିଏସି ଅଫିସରେ କେହି ନ ଥିବାବେଳେ ଇଡି ସେଠାରେ ତଲାସି କରିବା ଦୁର୍ଭାଗ୍ୟଜନକ। ଏହା ଏକ ଅପରାଧ ବୋଲି ମମତା ଅଭିଯୋଗ ଆଣିଛନ୍ତି।

ସୂତ୍ରରୁ ଜଣାପଡ଼ିଛି ଯେ, ମମତା ପ୍ରତୀକଙ୍କ ଘରେ ଥିବାବେଳେ ତଲାସି ସମୟରେ ଆଇ-ପିଏସି ଅଫିସରୁ ଅନେକ ଫାଇଲକୁ ସେଠାରୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଗାଡ଼ିରେ ରଖାଯାଇଥିଲା। ଅପରାହ୍ଣ ୧ଟାରେ ମମତା ସେକ୍ଟର-ଭି ଅଫିସରେ ପହଞ୍ଚିଥିଲେ। ସେତେବେଳେ ବିଧାନନଗର ପୋଲିସ କମିଶନରେଟ୍‌ର ବରିଷ୍ଠ ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ରହିଥିଲେ। ଏପରି କି ଟିଏମ୍‌ସିର କେତେଜଣ ନେତା ଓ ମନ୍ତ୍ରୀ ସେଠାରେ ଉପସ୍ଥିତ ଥିଲେ। ବିଧାନନଗର ମେୟର କ୍ରିଷ୍ଣା ଚକ୍ରବର୍ତ୍ତୀ ଓ ମନ୍ତ୍ରୀ ସୁଜିତ ବୋଷ ମଧ୍ୟ ଡିଜିପି ରାଜୀବ କୁମାରଙ୍କ ସହ ସେଠାରେ ରହିଥିଲେ। କେନ୍ଦ୍ରୀୟ ବଳ ବହୁତଳ ବିଶିଷ୍ଟ ଆଇ-ପିଏସି ଅଫିସର ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରିଦେଇଛି। ତେବେ ମମତା ଜଣେ ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ତଦନ୍ତରେ ବାଧା ଦେଉଥିବା ଇଡି ପକ୍ଷରୁ ଅଭିଯୋଗ କରାଯାଇଛି। କୋଇଲା ଚାଲାଣ ଓ ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ମମତା ସୁରକ୍ଷା ଦେଉଥିବା ଅଭିଯୋଗ ଆଣି ଇଡି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ବିନା ବାଧାରେ ତଦନ୍ତ କରିବାକୁ ଦିଆଯିବା ଲାଗି ହାଇକୋର୍ଟ ହସ୍ତକ୍ଷେପ କରନ୍ତୁ ବୋଲି ଇଡି ନିଜ ପିଟିଶନରେ ନିବେଦନ କରିଛି। ହାଇକୋର୍ଟ ଶୁକ୍ରବାର ଏହା ଉପରେ ଶୁଣାଣି କରିପାରନ୍ତି। ଇତିମଧ୍ୟରେ ଇଡି ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। କୌଣସି ପାର୍ଟି ଅଫିସରେ ତଲାସି କରାଯାଇନାହିଁ। ଏହା କୌଣସି ନିର୍ବାଚନ ସହ ସମ୍ପୃକ୍ତ ନୁହେଁ, ବରଂ ମନି ଲଣ୍ଡରିଂ ବିରୋଧରେ ଚାଲିଥିବା ତଦନ୍ତର ଅଂଶବିଶେଷ। ଆଇନ ଅନୁସାରେ ଏହା କରାଯାଇଛି ବୋଲି ଇଡି ଉକ୍ତ ବିବୃତିରେ ସଫେଇ ଦେଇଛି। ସେପଟେ ପ୍ରତୀକଙ୍କ ପରିବାର ପକ୍ଷରୁ ମଧ୍ୟ ଇଡି ବିରୋଧରେ ଥାନାରେ ଏତଲା ଦିଆଯାଇଛି। ଚଢ଼ାଉ ବେଳେ ଇଡି ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି କରିନେଇଥିବା ଏଥିରେ ଅଭିଯୋଗ କରାଯାଇଛି।

## ଜବତ ରୁଷୀୟ ଜାହାଜରେ ୩ ଭାରତୀୟ

**ମସ୍କୋ,୮।୧(ପି.ଟି.)**

ଆମେରିକା ଦ୍ୱାରା ଜବତ ରୁଷୀୟ ତୈଳ ଟ୍ୟାଙ୍କର ମାରିନେରାରେ ୩ ଭାରତୀୟଙ୍କ ସମେତ ୨୮ ଜଣ କ୍ରିଉ ସଦସ୍ୟ ଫସିରହିଛନ୍ତି। ସାମୁଦ୍ରିକ ଯାତ୍ରା ସ୍ୱାଧୀନତା ପାଇଁ ରହିଥିବା ଅନ୍ତର୍ଜାତୀୟ ଜାହାଜ ଚଳାଚଳ ଆଇନ ଅନୁପାଳନ କରିବାକୁ ମସ୍କୋ ୱାଶିଂଟନକୁ କହିଛି। ଆମେରିକାର ନବ ଉପନିବେଶବାଦୀ ଚିନ୍ତାଧାରାକୁ ରୁଷିଆ କଡ଼ା ଭାଷାରେ ସମାଲୋଚନା କରିଛି। ଆମେରିକା ତଟସୁରକ୍ଷା ବଳ ତୈଳ ଟ୍ୟାଙ୍କର ଜବତ କରିବା ଗଭୀର ଚିନ୍ତାର ବିଷୟ। ଅଟକ ଜାହାଜ କର୍ମଚାରୀମାନଙ୍କ ପ୍ରତି ମାନବୀୟ ବ୍ୟବହାର ପ୍ରଦର୍ଶନ କରିବାକୁ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦାବି କରିଛି। ପୂର୍ବରୁ ଏହି ଜାହାଜର ନାଁ ବେଲା-୧ ଥିଲା।

## ଗୋରୁ ଚୋରି ଅଭିଯୋଗରେ ମୁସଲମାନ ଯୁବକଙ୍କୁ ପିଟି ହତ୍ୟା

**ରାଞ୍ଚି,୮।୧**

ଝାଡ଼ଖଣ୍ଡର ଗୋଡା ଜିଲାରେ ଗୋରୁ ଚୋରି ସନ୍ଦେହରେ ଜଣେ ୪୫ ବର୍ଷୀୟ ମୁସଲମାନ ଯୁବକଙ୍କୁ ପିଟି ହତ୍ୟା କରାଯାଇଛି। ପୋରାୟାହାଟ ଥାନା ଅନ୍ତର୍ଗତ ମାତିହାନି ଗ୍ରାମରେ ବୁଧବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ମୃତକ ରାନିପୁର ଗ୍ରାମର ପପ୍ପୁ ଅନ୍‌ସାରୀ ବୋଲି ଜଣାପଡିଛି। ଆକ୍ରମଣକାରୀମାନେ ପପ୍ପୁଙ୍କ ବିରୋଧରେ ଗୋରୁ ଚୋରି ଅଭିଯୋଗ ଆଣିଥିଲେ।

# ନିଯୁକ୍ତି ଦୁର୍ନୀତି, ଦେଶବ୍ୟାପୀ ଇଡି ଚଢ଼ାଉ

**ନୂଆଦିଲ୍ଲୀ,୮।୧**

ସରକାରୀ ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦେଶବ୍ୟାପୀ ଚଢ଼ାଉ କରିଛି। ଏକ ସଂଗଠିତ ଗ୍ୟାଙ୍ଗ୍ ଜାଲ୍ ନିଯୁକ୍ତି ପ୍ରଦାନକରି ଆଶାୟୀଙ୍କୁ ଠକୁଥିଲେ। ରେଲୱେରେ ଏଭଳି ଦୁର୍ନୀତି ଚାଲିଥିବା ପ୍ରଥମେ ଜଣାପଡ଼ିଥିବାବେଳେ ପରେ ୪୦ରୁ ଉର୍ଦ୍ଧ୍ୱ ସରକାରୀ ସଂସ୍ଥା ଏବଂ ବିଭାଗରେ ଏହି ନେଟ୍‌ୱର୍କ ଚାଲିଥିବା ଜଣାପଡ଼ିଛି। ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ରହିଛି ବନ ବିଭାଗ, ରେଲୱେ ରିକ୍ରୁଟ୍‌ମେଣ୍ଟ

**୪୦ରୁ ଉର୍ଦ୍ଧ୍ୱ ବିଭାଗ ନାଁରେ ଦିଆଯାଉଥିଲା ଜାଲ୍ ନିଯୁକ୍ତି**

ବୋର୍ଡ, ଇଣ୍ଡିଆନ୍ ପୋଷ୍ଟ, ଆୟକର ବିଭାଗ, ହାଇକୋର୍ଟ, ପିଡବ୍ଲ୍ୟୁଡି, ବିହାର ସରକାର, ଡିଡିଏ ଏବଂ ରାଜସ୍ଥାନ ସଚିବାଳୟ। ଗ୍ୟାଙ୍ଗ୍ ସଦସ୍ୟମାନେ ସରକାରୀ ଅଫିସରଙ୍କ ପରିଚୟ ଥିବା ଜାଲ୍ ଇମେଲ୍ ଆକାଉଣ୍ଟ ବ୍ୟବହାର କରୁଥିଲେ। ଚାକିରି ଆଶାୟୀଙ୍କ ବିଶ୍ୱାସ ଜିତିବା ପାଇଁ କେତେକ ଗ୍ୟାଙ୍ଗ୍ ସେମାନଙ୍କୁ ଆରପିଏଫ୍ କର୍ମଚାରୀ, ଟିଟିଇ ଏବଂ ରେଲୱେର ଟେକ୍‌ନିସିଆନ ଭାବେ ନିଯୁକ୍ତି ଦେଇ ୨ରୁ ୩ ମାସ ବେତନ ମଧ୍ୟ ପୈଠ କରୁଥିଲେ।

ଏହାର ତଦନ୍ତର ଅଂଶବିଶେଷ ସ୍ୱରୂପ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦେଶର ୧୫ଟି ସ୍ଥାନରେ ଚଢ଼ାଉ କରିଛି। ମୁଜାଫରପୁରର ଗୋଟିଏ ସ୍ଥାନ, ବିହାର ମୋତିହାରିର ୨ଟି, କୋଲକାତାର ୨ଟି, କେରଳର ୪ଟି, ଚେନ୍ନାଇର ଗୋଟିଏ, ରାଜକୋଟର ଗୋଟିଏ, ଉତ୍ତରପ୍ରଦେଶର ୪ଟି ସ୍ଥାନରେ ଏହି ଚଢ଼ାଉ ହୋଇଛି।

## ଭାରତର ଆର୍ଥିକ ନିଅଣ୍ଟ ଧାର୍ଯ୍ୟସୀମା ଟପିବ

**ଚେନ୍ନାଇ,୮।୧**

ଖର୍ଚ୍ଚକାଟ କରି ବଜେଟ ନିଅଣ୍ଟ କମାଇବା ଏବଂ ସରକାରୀ ଋଣରେ ସ୍ଥିରତା ଆଣିବା ପାଇଁ ସରକାରଙ୍କ ଉଦ୍ୟମ ପରବର୍ତ୍ତୀ ଆର୍ଥିକ ବର୍ଷ ଉପରେ ଚାପ ପକାଇପାରେ। ୨୦୨୬-୨୭ ବଜେଟରେ ସରକାର ଆର୍ଥିକ ନିଅଣ୍ଟ ପରିମାଣ ୪.୩ ପ୍ରତିଶତ ଘୋଷଣା କରିପାରନ୍ତି। ତେବେ ଏହା ଆର୍ଥିକ ନିଅଣ୍ଟ ପରିମାଣ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୬%କୁ ବଢ଼ିପାରେ ଏକ ରିପୋର୍ଟରେ କୁହାଯାଇଛି। ଫିଚ୍ ସଲ୍ୟୁଶନର ଶାଖା ବିଏମ୍‌ଆଇ ପକ୍ଷରୁ ଗୁରୁବାର ଉକ୍ତ ରିପୋର୍ଟ ପ୍ରକାଶ ପାଇଛି।

## ଭାରତୀୟ ଏଆଇ ଷ୍ଟାର୍ଟଅପ୍ ବୈଶ୍ୱିକ ନେତୃତ୍ୱ ଦିଗରେ କାମ କରନ୍ତୁ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୮।୧(ପି.ଟି.)**

ଭାରତ ଉପରେ ବିଶ୍ୱର ବିଶ୍ୱାସ ହେଉଛି ଏହାର ସବୁଠୁ ବଡ଼ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ଭାରତୀୟ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମଡେଲଗୁଡ଼ିକ ଯେପରି ନୈତିକ, ନିରପେକ୍ଷ, ସ୍ୱଚ୍ଛ ଏବଂ ଡାଟା ପ୍ରିଭେସି ସିଦ୍ଧାନ୍ତ ଆଧାରିତ ହେବ ତାହା ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏଠାରୁ ଷ୍ଟାର୍ଟଅପ୍‌ଗୁଡ଼ିକ ବୈଶ୍ୱିକ ନେତୃତ୍ୱ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ଭାରତ ସାରା ବିଶ୍ୱରେ ଶସ୍ତା ଏବଂ ଇନ୍‌କ୍ଲୁସିଭ୍ ଏଆଇ ଏବଂ ମିତବ୍ୟୟୀ ନବପ୍ରବର୍ତ୍ତନର ପ୍ରସାର କରିପାରିବ। ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ, ୨୦୨୬ ପୂର୍ବରୁ ଭାରତୀୟ ଆଇଟି ଷ୍ଟାର୍ଟଅପ୍‌ମାନଙ୍କ ଏକ ବୈଠକରେ ପ୍ରଧାନମନ୍ତ୍ରୀ ଏଭଳି ପରାମର୍ଶ ଦେଇଛନ୍ତି। ଭାରତୀୟ ଏଆଇ ମଡେଲ ସ୍ୱତନ୍ତ୍ର ହେବା ସହ ସ୍ଥାନୀୟ ଏବଂ ସ୍ୱଦେଶୀ କଣ୍ଟେଣ୍ଟ ଏବଂ ଆଞ୍ଚଳିକ ଭାଷାର ପ୍ରୋତ୍ସାହନ କରୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଫୁରସତ୍

# ବାମନଙ୍କ ଗାଁ

ଏଭଳି ଏକ ଗାଁ, ଯାହାକୁ ପଡ଼ୋଶୀ ଗାଁଗୁଡ଼ିକର ଲୋକେ 'ଅଭିଶପ୍ତ ଗାଁ'ର ଅଖ୍ୟା ଦେଇଥାନ୍ତି। କାରଣ ଏହି ଗାଁର ପ୍ରାୟ ଅଧା ଲୋକଙ୍କ ଉଚ୍ଚତା ୪ଫୁଟ୍‌ରୁ କମ୍ ହୋଇଥାଏ। ଏପରିକି ଏହି ଗାଁକୁ ମଧ୍ୟ ବାମନଙ୍କ ଗାଁ କୁହାଯାଇଥାଏ। 'ୟାଙ୍ଗ୍‌ସି' ନାମରେ ପରିଚିତ ଉକ୍ତ ଗ୍ରାମଟି ଚାଇନାର ସିଚୁଆନ ପ୍ରଦେଶରେ ଅବସ୍ଥିତ। ଏହି ଗାଁର ୫୦ ପ୍ରତିଶତ ଲୋକ ବାମନ। ଏଠାରେ ଜନ୍ମିତ ପିଲାମାନଙ୍କ ଉଚ୍ଚତା ୫ରୁ ୭ବର୍ଷ ବୟସ ପର୍ଯ୍ୟନ୍ତ ବଢ଼ିଥାଏ। ସାତ ବର୍ଷ ବୟସ ପରେ ଏହା ବନ୍ଦ ହୋଇଯାଏ। ତେବେ ଏଠାରେ ଯୁବକମାନଙ୍କ ଉଚ୍ଚତା କେବଳ ୨ ଫୁଟ୍‌ରୁ ୩ ଫୁଟ୍ ୧୦ ଇଞ୍ଚ ମଧ୍ୟରେ ରହିଥାଏ। ତଥାପି କିଛି ପିଲାଙ୍କ ଉଚ୍ଚତା ୧୦ ବର୍ଷ ବୟସ ପର୍ଯ୍ୟନ୍ତ ବଢୁଥିବା ଏବେ ଦେଖାଯାଉଛି। ପଡ଼ୋଶୀ ଗାଁଗୁଡ଼ିକର ଲୋକେ ବିଶ୍ୱାସ କରନ୍ତି ଯେ, ୟାଙ୍ଗ୍‌ସି ଗାଁକୁ ଏକ ଦୁଷ୍ଟ ଆତ୍ମା ଗ୍ରାସ କରିଛି। ଏହି କାରଣରୁ ଏଠାକାର ଲୋକଙ୍କ ଉଚ୍ଚତା ଅଧିକ ବଢି ପାରୁନାହିଁ। ଅନ୍ୟ ଏକ ବିଶ୍ୱାସ ରହିଛି ଯେ, ଏହି ଗାଁ ପ୍ରାଚୀନ କାଳରୁ ଅଭିଶାପପ୍ରାପ୍ତ, ଯାହାର ପ୍ରଭାବ ଲୋକଙ୍କ ଉଚ୍ଚତା ଉପରେ ପଡ଼େ। ତେବେ ଏହାର ପ୍ରକୃତ କାରଣ ଜାଣିବାରେ ବୈଜ୍ଞାନିକମାନେ ମଧ୍ୟ ସକ୍ଷମ ହୋଇନାହାନ୍ତି।



ରିପୋର୍ଟ ଅନୁଯାୟୀ, ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କୁହନ୍ତି, ଦଶନ୍ଧି ପୂର୍ବରୁ ଗାଁରେ ଏକ ବିପଜ୍ଜନକ ରୋଗ ବ୍ୟାପିଥିଲା। ଏହି କାରଣରୁ ଗାଁର ପିଲାମାନଙ୍କ ଉଚ୍ଚତା ଏକ ନିର୍ଦ୍ଦିଷ୍ଟ ସମୟ ପରେ ଆଉ ବୃଦ୍ଧି ପାଉନାହିଁ। ସୂଚନାଯୋଗ୍ୟ, ଏହି ଗାଁରେ ୬୦ ବର୍ଷରୁ ଅଧିକ ଦିନ ହେଲା ଲୋକଙ୍କ ଉଚ୍ଚତା ଅଧିକ ହେଉନାହିଁ। ଏହି ଗାଁ ସମ୍ପର୍କରେ ବିଭିନ୍ନ ଗବେଷଣା ମଧ୍ୟ କରାଯାଇଛି। ତା'ସତ୍ତ୍ୱେ ବୈଜ୍ଞାନିକମାନେ ଏହାର ପ୍ରକୃତ କାରଣ ଖୋଜିପାଇପାରି ନାହାନ୍ତି। ତେବେ କେତେଜଣ ବୈଜ୍ଞାନିକ ଗାଁର ପ୍ରାକୃତିକ ସମ୍ପଦ ସମ୍ପର୍କରେ ଗବେଷଣା କରିବା ପରେ କହିଛନ୍ତି, ଏଠାକାର ମାଟିରେ ପାରଦର ଉଚ୍ଚ ସ୍ତର ରହିଛି। ଏହା ଏକ କାରଣ ହୋଇପାରେ ବୋଲି ସେମାନେ ଅନୁମାନ କରିଛନ୍ତି। ଅପରପକ୍ଷେ, କିଛି ବର୍ଷ ପୂର୍ବରୁ ଜାପାନ ଚାଇନାରେ ବିଷାକ୍ତ ଗ୍ୟାସ୍ ଛାଡ଼ିଥିଲା। ଏହି ଗ୍ୟାସ୍ ହିଁ ଉକ୍ତ ଗାଁରେ ବାମନ ହେବାର କାରଣ ବୋଲି କେତେକ ବିଶ୍ୱାସ କରନ୍ତି। ତଥାପି ଏହି ଗାଁରେ ବାମନ ରହସ୍ୟ ଅସମାହିତ ହୋଇରହିଛି।

## ଚର୍ଚ୍ଚାରେ ମୋନାଲିସାଙ୍କ ରୋମାନ୍ସ



ମୋନାଲିସା ଭୋଁସଲେ

**ମୁମ୍ବାଇ:** ମହାକୁମ୍ଭ ମେଳାର ଭାଇରାଲ ଗର୍ଲ 'ମୋନାଲିସା' କାହାକୁ ବା ଅଜଣା। ନିଜର ରୂପକୁ ନେଇ ସେ ରାତାରାତି ଷ୍ଟାର ପାଲଟି ଯାଇଥିଲେ। ଏବେ ତାଙ୍କ ନିକଟରେ ଗୋଟିଏରୁ ବଳି ଗୋଟିଏ ପ୍ରୋଜେକ୍ଟ। ସେ ମ୍ୟୁଜିକ୍ ଭିଡିଓ ହେଉ ଅବା ଫିଲ୍ମ, ସବୁକିଛିର ଅଫର୍ ତାଙ୍କ ହାତରେ। କେତେକର ଶୁଟିଂ ମଧ୍ୟ ଶେଷ ହେଲାଣି। ଏଇ ଯେମିତି ଏକ ପଞ୍ଜାବୀ ମ୍ୟୁଜିକ୍ ଭିଡିଓ 'ଦ୍ୱିଲ ଜାନିୟା', ଯାହାକୁ ଲାଇସେଲ ରାୟ ଗାଇଛନ୍ତି। ନିକଟରେ ମ୍ୟୁଜିକ୍ ଭିଡିଓଟି ରିଲିଜ ହେବା ପରେ ବେଶ୍ ଚର୍ଚ୍ଚାରେ ରହିଛି। କାରଣ ଏଥିରେ ତାଙ୍କ ସହ ନଜର ଆସିଛନ୍ତି ଅଭିନେତା ସମର୍ଥ ମେହେଟ୍ଟା। ଉଭୟଙ୍କ ମଧ୍ୟରେ ଅନେକ ରୋମାଣ୍ଟିକ ଦୃଶ୍ୟ ଦେଖିବାକୁ ମିଳୁଛି। ବେଳାଭୂମିରେ ରୋମାନ୍ସଠାରୁ ବିବାହ ଯାଏ, ସବୁକିଛିକୁ ଦର୍ଶକେ ପସନ୍ଦ କରୁଛନ୍ତି।

ସୂଚନାଯୋଗ୍ୟ, ମହାକୁମ୍ଭରେ ମାଳା ବିକ୍ରୟ କରି ମୋନାଲିସା ଭୋଁସଲେ ଭାଇରାଲ ହୋଇଥିଲେ। ବିଶେଷକରି ତାଙ୍କ ମନମୋହକ ଆଖିକୁ ପ୍ରଶଂସା କରାଯାଇଥିଲା। ଏହାପରେ ତାଙ୍କ ଭାଗ୍ୟ ବଦଳିଗଲା। ଫିଲ୍ମ ଅଫର ମିଳିବା ଆରମ୍ଭ ହେଲା। ଅନେକ ବଡ଼ ଫଟୋଶୁଟ୍ ପରେ ଏବେ ସେ ତାଙ୍କର ଆଗାମୀ ଫିଲ୍ମ 'ଦ ଡାଏରୀ ଅଫ୍ ମଣିପୁର' ପାଇଁ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ସେ ଅଭିଷେକ ତ୍ରିପାଠୀଙ୍କ ସହ ନଜର ଆସିବେ। ଏସବୁ ମଧ୍ୟରେ ତାଙ୍କର ନୂଆ ଭିଡିଓ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରିଥିବା ଅନେକେ ମତ ରଖୁଛନ୍ତି।

ଇଡି ଚଢ଼ାଉ ବେଳେ ମମତାଙ୍କ ଚିତ୍କାର




# ଭୂତଙ୍କୁ ଦିଆଯାଇଛି ଛାତ୍ରବୃତ୍ତି

**ଭୁବନେଶ୍ୱର,୮।୧(ରବିନାରାୟଣ ଜେନା)**

ରାଜ୍ୟରେ ଛାତ୍ରବୃତ୍ତି ନାଁରେ ଜାଲିଆତି କରି ବହୁ ଶିକ୍ଷାନୁଷ୍ଠାନ କୋଟି କୋଟି ଟଙ୍କା ଆତ୍ମସାତ୍ କରିଛନ୍ତି। କେଉଁଠି ଛାତ୍ରୀଛାତ୍ରଙ୍କ ଜାତିଗତ ପ୍ରମାଣପତ୍ର ଜାଲିଆତି କରାଯାଇଛି ତ ଆଉ କେଉଁଠି ଆୟ ପ୍ରମାଣପତ୍ର। କଥା କେବଳ ଏତିକିରେ ସୀମିତ ରହିନାହିଁ, ଭୂତ ଛାତ୍ରୀଛାତ୍ରଙ୍କ ନାଁରେ ମଧ୍ୟ ବିପୁଳ ଅର୍ଥ ସରକାରୀ ବାବୁ ଓ ବିଭିନ୍ନ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷ ଛାତ୍ରବୃତ୍ତି ନାଁରେ ଲୁଟି ନେଇଛନ୍ତି। ଏଭଳି ସାଙ୍ଘାତିକ ଘଟଣା ଭାରତର ମହାଲେଖା ନିୟନ୍ତ୍ରକ(ସିଏଜି) ସମୀକ୍ଷା ସମୟରେ ଧରିଛନ୍ତି। ଏହାକୁ ନେଇ ମଙ୍ଗଳବାର ଅନୁଷ୍ଠିତ ପବ୍ଲିକ ଆକାଉଣ୍ଟସ କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନ, ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଦକ୍ଷତା ବିକାଶ ବିଭାଗ ସଚିବ ଭୂପେନ୍ଦ୍ରସିଂ ପୁନିଆଙ୍କୁ ତ୍ୱରିତ୍ ପଦକ୍ଷେପ ନେବାପାଇଁ କୁହାଯାଇଛି ବୋଲି କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି।

କାଡାମ କହିଛନ୍ତି, ବିଜେଡି ସଦସ୍ୟ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପିଏସି ବୈଠକରେ ପୂର୍ବ ସରକାରରେ କିଭଳି ଜଙ୍ଗଲ ରାଜ୍

### ପିଏସି ବୈଠକରେ ଉଦ୍‌ବେଗ

ଚାଲିଥିଲା ତା'ର ଗୁମର ଖୋଲିଛି। ପୂର୍ବ ସରକାର ଏହାକୁ ଘଣ୍ଟ ଘୋଡ଼ାଇ ରଖିଥିବାବେଳେ ଏବେକାର ସରକାର ମଧ୍ୟ ଏପର୍ଯ୍ୟନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। କେବଳ କାଗଜପତ୍ରରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। କାଡାମ ସିଏଜିଙ୍କ ତଥ୍ୟକୁ ଆଧାର କରି କହିଛନ୍ତି, ରାଜ୍ୟ ବାହାର ସଂସ୍ଥା ଏବଂ ବିଭିନ୍ନ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷଙ୍କ ସହିତ ରାଜ୍ୟ ସରକାରଙ୍କ ବଡ଼ବାବୁମାନେ ମିଳିମିଶି ରାଜକୋଷକୁ ଲୁଟିଛନ୍ତି। ସିଏଜିଙ୍କ ତଥ୍ୟ ଅନୁଯାୟୀ, 'ପ୍ରେରଣା' ପୋର୍ଟାଲରେ ସହିତ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିବା ଛାତ୍ରୀଛାତ୍ରଙ୍କ ତାଳମେଳ ନାହିଁ କି ତାଙ୍କର ନାଁ ମଧ୍ୟ ନାହିଁ; ଯେଉଁଥିପାଇଁ ୧.୩୮କୋଟି ଟଙ୍କା କେବଳ ଜାଲ୍ ଜାତିଗତ ଓ ଆୟ ପ୍ରମାଣପତ୍ର ଦାଖଲ କରିଥିବା ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ସିଏଜିଙ୍କ ପକ୍ଷରୁ ରିପୋର୍ଟ ନମ୍ବର-୩ରେ ଜାଲ୍ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ରାଜକୋଷକୁ ଉକ୍ତ ଟଙ୍କା ଫେରାଇ ଆଣିବାକୁ କୁହାଯାଇଥିଲେ ହେଁ ଏପର୍ଯ୍ୟନ୍ତ ତାହା ସମ୍ଭବ ହୋଇନାହିଁ। ସେହିପରି ୭କୋଟି ୪୦ଲକ୍ଷ ଟଙ୍କା ବେଆଇନ ବ୍ୟାଙ୍କ ଖାତାରେ ବିନା ଡକ୍ୟୁମେଣ୍ଟ ଯାଞ୍ଚରେ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ୨୦୧୭-୧୮ରୁ ୨୦୧୯-୨୦ବର୍ଷ ମଧ୍ୟରେ ସିଏଜିଙ୍କ ପକ୍ଷରୁ ହୋଇଥିବା ସମୀକ୍ଷା ବେଳେ ଏହିଭଳି ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି। ସେହିପରି ରାଜଧାନୀସ୍ଥିତ ୪ଟି ଇଞ୍ଜିନିୟରିଂ କଲେଜ ବିନା ଛାତ୍ରୀଛାତ୍ରରେ ଭୂତ ଛାତ୍ରୀଛାତ୍ରଙ୍କ ନାଁରେ ଛାତ୍ରବୃତ୍ତି ଅର୍ଥ ଚଳୁ କରିଛନ୍ତି।

ସେହିପରି ୩.୧୫ କୋଟି ଟଙ୍କା ବେଆଇନ ଭାବେ ଡିପ୍ଲୋମା ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ନାଁରେ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୭୪.୬୬ଲକ୍ଷ ଟଙ୍କା କେବଳ ଛାତ୍ରୀଛାତ୍ରଙ୍କୁ ଡବଲ ପେମେଣ୍ଟ(ଦୁଇଥର ଦେୟ) କରାଯାଇଛି। ଏହାକୁ ନେଇ ସମ୍ପୃକ୍ତ ଜିଲା ପ୍ରଶାସନକୁ ଚଡ଼ଉ କରି କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଏହାସହିତ କେତେକ କ୍ଷେତ୍ରରେ ଥାନାରେ ମାମଲା ରୁଜୁ କରାଯିବା ସହିତ ରିକଭରି(ଟଙ୍କା ଫେରସ୍ତ) ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ସେସବୁ ଧର୍ମକୁ ଆଖିଠାର ଭଳି ଚାଲିଛି ବୋଲି କାଡାମ କହିଛନ୍ତି। ତେବେ ପିଏସି ବୈଠକରେ ବିଜେଡି ସଦସ୍ୟ ଗଣେଶ୍ୱର ବେହେରା ଏବଂ ଭାଜପା ସଦସ୍ୟ ସାରଦା ପ୍ରଧାନ ଉପସ୍ଥିତ ଥିଲେ।

# ଆଉ ସାଢ଼େ ୪ଲକ୍ଷ ମହିଳାଙ୍କୁ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୮।୧(ସୁଚିସ୍ମିତା ସାହୁ)**

ଚଳିତ ମାସରେ ଆଉ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କୁ ମିଳିବ 'ସୁଭଦ୍ରା' ଟଙ୍କା। ଏମାନଙ୍କ ମଧ୍ୟରେ ନୂଆ ହିତାଧିକାରୀଙ୍କ ସମେତ ପୂର୍ବରୁ କୌଣସି କାରଣବଶତଃ ବାଦ୍ ପଡ଼ିଥିବା ମହିଳାମାନେ ସାମିଲ ହୋଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଗୁରୁବାର ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁଭଦ୍ରା ସମୀକ୍ଷା ହୋଇଥିଲା। ପୂର୍ବରୁ ବାଦ୍ ପଡ଼ିଥିବା ୨,୫୫,୨୬୫ଜଣଙ୍କୁ ଯାଞ୍ଚପରେ ପୁଣିଥରେ ସାମିଲ କରାଯାଇଛି। ସେହିପରି ଗତ ନଭେମ୍ବର ମାସରେ

### ମାର୍ଚ୍ଚ ୮ରେ ୪ର୍ଥ କିସ୍ତି

ନୂଆ ହିତାଧିକାରୀଙ୍କ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଯୋଜନାରେ ନୂଆ କରି ୧,୭୮,୩୧୮ ହିତାଧିକାରୀଙ୍କୁ ପ୍ରଥମଥର ପାଇଁ ସୁଭଦ୍ରା ଟଙ୍କା ଦିଆଯିବ। ନୂଆ ହିତାଧିକାରୀଙ୍କୁ ୫୦୦୦ ଲେଖାଏ ଟଙ୍କା ଦିଆଯିବ। ସେହିପରି ଅଭିଯୋଗ ଶୁଣାଣିରେ ୨୪,୦୧୮ ଜଣଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ତେଣୁ ୪,୫୭,୬୮୧ ହିତାଧିକାରୀଙ୍କ ଖାତାକୁ ୨୫୦କୋଟିଟଙ୍କାର ସହାୟତା ରାଶି ଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଆସନ୍ତା ମାର୍ଚ୍ଚ ୮ରେ ଦିଆଯିବାକୁ ଥିବା ୪ର୍ଥ କିସ୍ତି ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା।

# ବଢ଼ିଲା ଗ୍ରାମସଭାର ଗୁରୁତ୍ୱ

**ଭୁବନେଶ୍ୱର,୮।୧ (ରବିନାରାୟଣ ଜେନା)**

ଏଣିକି ପଞ୍ଚାୟତରେ ଯେଉଁ ଉନ୍ନତିମୂଳକ କାର୍ଯ୍ୟ ହେବ ତାହାକୁ ଗ୍ରାମସଭା ନିଷ୍ପତ୍ତି ନେବ ବୋଲି ବିକଶିତ ଗାଁ ବିକଶିତ ଓଡ଼ିଶା(ବିଜିବିଓ) ଯୋଜନାର ସଂକଳ୍ପରେ କୁହାଯାଇଛି। ବୁଧବାର ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ସଂକଳ୍ପରେ ବିଜିବିଓ ଯୋଜନା ଅଧୀନରେ ଏବଂ ପ୍ରକଳ୍ପ ଚୟନରେ ସ୍ୱଚ୍ଛତା ଅବଲମ୍ବନ କରିବା ତଥା ଗୋଷ୍ଠୀ ଭାଗୀଦାରିତାକୁ ସୁଦୃଢ଼ କରିବା ଲାଗି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ସଂକଳ୍ପରେ କୁହାଯାଇଛି, ଗ୍ରାମସଭାରେ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ନିର୍ଦ୍ଧାରଣ ବେଳେ ବ୍ଲକ୍ କ୍ଷେତ୍ରୀୟ ଅଧିକାରୀ ଉପସ୍ଥିତ ରହିବେ। ଏହାପରେ ଉକ୍ତ ପ୍ରସ୍ତାବକୁ ଜିଲାପାଳଙ୍କୁ ନିକଟକୁ ପଠାଯିବ। ଜିଲାସ୍ତରୀୟ କମିଟି ଉକ୍ତ ପ୍ରସ୍ତାବକୁ ଯାଞ୍ଚ କରିବେ ଏବଂ ଜିଲାପାଳ ଅନୁମୋଦନ କରିବେ। ତେବେ ପ୍ରକଳ୍ପ କାର୍ଯ୍ୟ ଯେପରି ସୁନିଶ୍ଚିତ ହେବ ସେଥିପାଇଁ ୧୦

### ଜାରି ହେଲା ପଞ୍ଚାୟତିରାଜ ବିଭାଗର ବିଜିବିଓ ସଂକଳ୍ପ

ଲକ୍ଷ ଟଙ୍କାରୁ ଅଧିକ ସମସ୍ତ ପ୍ରକଳ୍ପ ପାଇଁ ଶେଷ ତାରିଖରୁ ୩ବର୍ଷର ଏକ ବାଧ୍ୟତାମୂଳକ ତ୍ରୁଟି ଦାୟିତ୍ୱ ଅବଧି କାର୍ଯ୍ୟକାରୀ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ବିଜିବିଓକୁ ଅଧିକ ସଶକ୍ତ କରିବା ଲାଗି ନିକଟରେ କ୍ୟାବିନେଟ୍‌ରେ ସଂଶୋଧନ ଅଣାଯାଇଥିଲା। ସେଥିରେ ପଞ୍ଚାୟତରେ ଆବଶ୍ୟକତା ଭିତ୍ତିକ ପ୍ରକଳ୍ପର ପ୍ରସ୍ତାବଗୁଡ଼ିକ ଜିଲାପାଳ, ଜିଲା ପରିଷଦ, ବ୍ଲକ୍, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ସୂଚନା ଫଳକ ଓ ଜିଲା ୱେବ୍‌ପୋର୍ଟାଲରେ ଏକ ବିଜ୍ଞପ୍ତି ପ୍ରକାଶ କରାଯିବ। ଏହା ମାଧ୍ୟମରେ ପିଆର୍‌ଆଇ ସଭ୍ୟ / ନିର୍ବାଚିତ ପ୍ରତିନିଧି/ନାଗରିକ ସମାଜ ସଦସ୍ୟଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯିବ। ଏହି ପ୍ରସ୍ତାବଗୁଡ଼ିକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲା ସ୍ତରୀୟ କମିଟି ଦ୍ୱାରା ସମୀକ୍ଷା କରାଯିବା ପରେ ଚୂଡ଼ାନ୍ତ ଅନୁମୋଦନ ପ୍ରଦାନ କରାଯିବ।

# ଟେଣ୍ଡର ପ୍ରକ୍ରିୟା ସମୟସୀମାରେ ଶେଷକର: ଶୁଭା ଶର୍ମା

**ଭୁବନେଶ୍ୱର, ୮।୧(ସୁନିତ୍ ମିଶ୍ର)**

ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଗୁରୁବାର ବରିଷ୍ଠ ଅଧିକାରୀଙ୍କ ବୈଠକରେ ଜଳ ସମ୍ପଦ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ ରାଜ୍ୟରେ ଜଳସେଚନ ବୃଦ୍ଧି ପାଇଁ ପାଣିର ଉପଯୋଗ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବିଚାରାଧୀନ ପ୍ରକଳ୍ପଗୁଡ଼ିକର ଶୀଘ୍ର ଅନୁମୋଦନ ପାଇଁ ସେ ତ୍ୱରିତ ପଦକ୍ଷେପ ନେବା, ଟେଣ୍ଡର ପ୍ରକ୍ରିୟାକୁ ସମୟସୀମା ଭିତରେ ସାରିବା ଏବଂ ଚାଲୁଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ସମସ୍ତ ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତଥ୍ୟ ସଂଗ୍ରହ, ଅନ୍‌ଲାଇନ ତଥ୍ୟ ମନିଟରିଂ ସିଷ୍ଟମ, କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନାର ପ୍ରଭାବ ସମ୍ପର୍କିତ ମୂଲ୍ୟାଙ୍କନ ଏବଂ ସ୍କାଡା ପ୍ରଯୁକ୍ତିବିଦ୍ୟାର ପ୍ରଭାବ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି।

# ୪ ଜିଲାରେ ହେବ ୫୫,୭୮୩ କୋଟିର ୭ ଶିଳ୍ପ



### ୪୩ତମ ଏଚ୍‌ଏଲ୍‌ସିଏ ବୈଠକରେ ମିଳିଲା ଅନୁମୋଦନ

- ଢେଙ୍କାନାଳରେ ଷ୍ଟିଲ୍ ପ୍ରକଳ୍ପ କରିବ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍
- ବ୍ରହ୍ମପୁରରେ ଟାଇଟାନିୟମ ଡାଇଅକ୍ସାଇଡ୍ ପିଗ୍‌ମେଣ୍ଟ ଉତ୍ପାଦନ କରିବ ଜିନ୍ଦଲ
- ୧୪,୫୦୭ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭାବନା

**ଭୁବନେଶ୍ୱର,୮।୧ (ଅନୁରାଧା ମହାରଣା)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ୪୩ତମ ହାଇ ଲେଭଲ କ୍ଲିଅରାନ୍ସ ଅଥରିଟି (ଏଚ୍‌ଏଲ୍‌ସିଏ) ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ମୋଟ ୫୫,୭୮୩ କୋଟି ଟଙ୍କା ନିବେଶରେ ୭ଟି ବଡ଼ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ୧୪,୫୦୭ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ପ୍ରକଳ୍ପଗୁଡ଼ିକ ଷ୍ଟିଲ, ରେୟାର ଆର୍ଥ ଉତ୍ପାଦନ, ଅଟୋମୋବାଇଲ ଓ ଅଟୋ କମ୍ପୋନେଣ୍ଟ, ସେମିକଣ୍ଡକ୍ଟର, ଇଣ୍ଡଷ୍ଟ୍ରିଆଲ ଗ୍ୟାସ, ଫେରୋଆଲୟ ଓ ପାୱାର ଏବଂ ନବୀକରଣଯୋଗ୍ୟ ଉର୍ଜା ଆଦି କ୍ଷେତ୍ରକୁ ନେଇ ଢେଙ୍କାନାଳ, ଗଞ୍ଜାମ, କେନ୍ଦୁଝର ଓ ଖୋର୍ଦ୍ଧା ଜିଲାରେ ଏସବୁ ପ୍ରକଳ୍ପ ସ୍ଥାପନ ହେବ। ଷ୍ଟିଲ କ୍ଷେତ୍ରରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର କମ୍ପାନୀ ସାଫ୍ରନ ରିସୋର୍ସେସ୍ ପ୍ରାଇଭେଟ ଲିମିଟେଡ ୩୫,୦୦୦ କୋଟି ଟଙ୍କା ନିବେଶ କରି ଢେଙ୍କାନାଳରେ ୬ ଏମ୍‌ଟିପିଏ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବ। ଏହା ପ୍ରାୟ ୮,୦୦୦ ନିଯୁକ୍ତି ସୃଷ୍ଟି କରି ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଷ୍ଟିଲ ଉତ୍ପାଦନ ହବ୍ ଭାବେ ସୁଦୃଢ଼ କରିବ। ଜିନ୍ଦଲ ପଲି ଫିଲ୍ମସ ଲିମିଟେଡ ୧୨,୦୦୦ କୋଟି ଟଙ୍କା ନିବେଶ କରି ଗଞ୍ଜାମରେ ୦.୫ ଏମ୍‌ଟିପିଏ ଟାଇଟାନିୟମ ଡାଇଅକ୍ସାଇଡ୍ ପିଗ୍‌ମେଣ୍ଟ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ୪,୦୦୦ ନିଯୁକ୍ତି ସୃଷ୍ଟି କରିବ। ଅଟୋମୋବାଇଲ ଓ ଅଟୋ କମ୍ପୋନେଣ୍ଟ କ୍ଷେତ୍ରରେ ଏକ ନାମୀ କମ୍ପାନୀ ଗଞ୍ଜାମରେ ୧,୬୯୭ କୋଟି ଟଙ୍କା ନିବେଶ କରି ଟାୟାର, କାର୍ବନ ବ୍ଲାକ ଓ ଜିଙ୍କ ଅକ୍ସାଇଡ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବେ, ଯାହା ୬୮୫ ନିଯୁକ୍ତି ଦେବ। ସାନକୋଡ ସେମି ପ୍ରାଇଭେଟ ଲିମିଟେଡ ଖୋର୍ଦ୍ଧାରେ ୧,୬୪୯.୯୮ କୋଟି ଟଙ୍କା ନିବେଶ କରି ସେମିକଣ୍ଡକ୍ଟର ଆସେମ୍ବ୍ଲି ଓ ଟେଷ୍ଟିଂ (ଓଏସ୍‌ଏଟି) ୟୁନିଟ ସ୍ଥାପନ କରିବ ଓ ଏହା ୫୭୦ ନିଯୁକ୍ତି ସୃଷ୍ଟି କରିବ। ଇନୋକ୍ସ ଏୟାର ପ୍ରଡକ୍ଟସ ପ୍ରାଇଭେଟ ଲି. ଢେଙ୍କାନାଳରେ ୧,୩୦୦ କୋଟି ଟଙ୍କା ନିବେଶ କରି ଏୟାର ସେପାରେଶନ ୟୁନିଟ୍ ସ୍ଥାପନ କରିବ, ଯାହା ୧୮୦ ନିଯୁକ୍ତି ଦେବ। ଫେରୋ ଆଲୟଜ୍ କର୍ପୋରେଶନ କେନ୍ଦୁଝରରେ ୨,୦୦୦ କୋଟି ଟଙ୍କା ନିବେଶ କରି ଫେରୋ ମାଙ୍ଗାନିଜ୍, ସିଲିକୋ ମାଙ୍ଗାନିଜ ଓ ମାଙ୍ଗାନିଜ ଓର୍ ବେନିଫିସିଏଶନ ସହ ୧୦୦ ଏମ୍‌ଡବ୍ଲ୍ୟୁ କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟ ସ୍ଥାପନ କରିବ ଓ ଏହା ୭୭୨ ନିଯୁକ୍ତି ସୃଷ୍ଟି କରିବ। ଜିଏମ୍‌ଆର କମଳାଙ୍ଗା ଏନର୍ଜି ଲିମିଟେଡ ଢେଙ୍କାନାଳରେ ୨,୧୩୬.୦୨ କୋଟି ଟଙ୍କା ନିବେଶ କରି ୩୫୦ ଏମ୍‌ଡବ୍ଲ୍ୟୁ ଥର୍ମାଲ ପାୱାର ପ୍ଲାଣ୍ଟ ସ୍ଥାପନ କରିବ ଓ ଏହା ୩୦୦ ଜଣଙ୍କୁ ନିଯୁକ୍ତି ଦେବ।













## ଯୁକ୍ତ ୨ ଗୃହ ବିଜ୍ଞାନ ପରୀକ୍ଷା ତାରିଖ ବଦଳିଲା

ଭୁବନେଶ୍ୱର,୮।୧(ସୁଚିସ୍ମିତା ସାହୁ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ୨ ବାର୍ଷିକ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ମାର୍ଚ୍ଚ ୧୩ରେ ହେବାକୁ ଥିବା ଗୃହ ବିଜ୍ଞାନ ପରୀକ୍ଷା ୨୮ ତାରିଖରେ ହେବ। ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀମାନେ ଉକ୍ତଦିନ ସକାଳ ୧୦ରୁ ଅପରାହ୍ନ ୧ ପର୍ଯ୍ୟନ୍ତ ପରୀକ୍ଷା ଦେବେ। ଅନ୍ୟ ସମସ୍ତ ପରୀକ୍ଷା ସୂଚୀ ଅପରିବର୍ତ୍ତିତ ରହିଛି ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବାର୍ଷିକ ପୁଷ୍ପ ପ୍ରଦର୍ଶନୀ, ସ୍ଥାନ: ବୋଟାନିକାଲ ଗାର୍ଡେନ୍ସ, ସମୟ: ସକାଳ ୮ଟା ୩୦।
- ଏସ୍‌ଭିଏନ୍‌ଆଇଆର୍‌ଟିଏଆର୍ ପକ୍ଷରୁ ଇଣ୍ଟରନ୍ୟାଶନାଲ ମାନୁଆଲ୍ ଥେରାପି କନ୍‌ଫରେନ୍ସ, ସ୍ଥାନ: ମେନ୍ ଅଡିଟୋରିୟମ୍, ଏମ୍ସ, ସମୟ: ସକାଳ ୯ଟା ୩୦।
- ନ୍ୟାଶନାଲ ବାମ୍ବୋ କନ୍‌କ୍ଲେଭ, ସ୍ଥାନ: କ୍ରିଷ୍ଟାଲ କ୍ରାଉନ୍, ପଟିଆ, ସମୟ: ସକାଳ ୯ଟା ୩୦।
- ଓଡ଼ିଶା ସାମ୍ବାଦିକ ୟୁନିଅନ୍(ଓୟୁଜେ) ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସ୍କିଲ୍ ଉଦ୍‌ଯାପନୀ ସମାରୋହ, ସ୍ଥାନ: କନ୍‌ଭେନ୍‌ଶନ୍ ସେଣ୍ଟର, ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କମଳା ନେହୁରୁ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିକ୍ଷା ମନ୍ଦିରର ୨୧ ତମ ବାର୍ଷିକ କ୍ରୀଡ଼ା ଉତ୍ସବର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ନହରକଣ୍ଟା ସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳ ପଡିଆ, ସମୟ: ଅପରାହ୍ନ ୩ ଟା।
- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକର ଭିଙ୍ଗାରପୁରସ୍ଥିତ ଶ୍ରୀ କ୍ରେଶର ଉଚ୍ଚବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୪ ଟା।
- କଳିଙ୍ଗ ସାହିତ୍ୟ ମହୋତ୍ସବ, ସ୍ଥାନ: ମେ ଫେୟାର, ସମୟ: ଅପରାହ୍ନ ୪ଟା ୩୦।
- ଗୀତ ଗୀତିକା ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ବିଂଶତମ ବାର୍ଷିକ ସାମୂହିକ ୧୦୮ ଶ୍ରୀହନୁମାନ ଚାଳିଶା ପାଠ ମହାଯଜ୍ଞ, ସ୍ଥାନ: ରାମେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶୀ ନୃତ୍ୟଗୁରୁ କେଳୁ ଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ 'କେଳୁ ଚରଣ କିର୍ତ୍ତୀ ଶତକମ୍'ପାଳନ, ସ୍ଥାନ: ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ; ସ୍ଥାନ:ରବୀନ୍ଦ୍ର ମଣ୍ଡପ, ସମୟ:ସନ୍ଧ୍ୟା ୬ଟା ୩୦।

**କଟକ**

- ପ୍ରାଥମିକ କୃଷି ସେବା ସମବାୟ ସମିତି ତରଫରୁ ଧାନମଣ୍ଡି ଶୁଭାରମ୍ଭ, ସ୍ଥାନ: କଳାପାଟ ମାର୍କେଟ କମ୍ପ୍ଲେକ୍ସ, ନୂଆପାଟଣା, ସମୟ: ସକାଳ ୯ଟା।
- ବଡ଼ମ୍ବାରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବଡ଼ମ୍ବା ତହସିଲ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ହାତୀପୋଖରୀ ଛକସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।
- ପ୍ରଜ୍ଞାନ ମିଶନର ପକ୍ଷରୁ ତିନିଦିନିଆ ଗୀତାଜ୍ଞାନ ଯଜ୍ଞର ଉଦ୍‌ଘାଟନୀ, ସ୍ଥାନ: ଆନନ୍ଦଭବନ ସମ୍ମୁଖ ଖେଳପଡ଼ିଆ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୫ଟା ୩୦।
- କୁହ୍ନେଇପଡ଼ା ରାଧାକୃଷ୍ଣ ମନ୍ଦିର ପରିଚାଳନା ସମିତି ପକ୍ଷରୁ ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ପ୍ରବଚନର ଉଦ୍‌ଯାପନୀ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୫ଟା ୩୦।

**ପୁରୀ**

- ମଦର୍ସ ପବ୍ଲିକ ସ୍କୁଲ ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ପୁରୀ ବେଳାଭୂମି, ସମୟ: ସକାଳ ୯ଟା ୩୦।
- ଜାତୀୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ପୁରୀ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତମ ଆରମ୍ଭ ମହୋତ୍ସବ, ସ୍ଥାନ: ପୌର ସଦନ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ସାହିତ୍ୟ ଆଲୋଚନା ଓ କବିତା ପାଠ, ସ୍ଥାନ: ଶ୍ରୀକ୍ଷେତ୍ର ପୁସ୍ତକ ମେଳା, ଭୋଳାନାଥ ବିଦ୍ୟାପୀଠ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**

- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା-୨୦୨୬ ଉଦ୍‌ଯାପନୀ ଦିବସ, ସ୍ଥାନ: ସିଂଲା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଈଶ୍ୱରବର୍ତ୍ତୀ ମନ୍ଦିର ପରିସର, ବସ୍ତା, ସମୟ: ଅପରାହ୍ନ ୩ଟା।
- ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଚାନ୍ଦିପୁର ବେଳାଭୂମି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**

- ଭିଭିଜି ରାମ୍‌ଜୀ ଜନଜାଗରଣ ଅଭିଯାନ ବୈଠକ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ଭଦ୍ରକ ସାଂସ୍କୃତିକ ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**ମୟୂରଭଞ୍ଜ**

- ଚିତ୍ର ମହୋତ୍ସବ, ସ୍ଥାନ: ଆର୍ଟ ଆଣ୍ଡ୍ କ୍ରାଫ୍ଟ ସ୍କୁଲ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**

- ବ୍ରହ୍ମପୁର ମହାନଗର ମହୋତ୍ସବ, ସ୍ଥାନ: ଚର୍ଚ୍ଚ ପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ବରିଷ୍ଠ କଳାକାର ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୭ଟା।

**ଗଞ୍ଜାମ**

- ବେଟି ବଚାଓ-ବେଟି ପଢାଓ କର୍ମଶାଳା, ସ୍ଥାନ: ଆସିକା ବ୍ଲକ କନ୍‌ଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**

- ପଞ୍ଚାୟତ ରାଜ ଉଚ୍ଚବିଦ୍ୟାଳୟ , କାନପୁରା ବାର୍ଷିକ ଉତ୍ସବ'ସଂକଳ୍ପ', ସ୍ଥାନ: ବିଦ୍ୟାଳୟ ଅଡିଟୋରିୟମ୍, ସମୟ: ଅପରାହ୍ନ ୫ ଟା।
- ଆଗ୍ନେୟ-୨୦୨୬ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**

- ଆର୍‌ଆଇ ଏବଂ ୟୁଏଲ୍‌ବି ନିର୍ବାଚନ ସଂକ୍ରାନ୍ତୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**

- ମହାକାଳପଡ଼ା ଓ ମାର୍ଶାଘାଇ ବ୍ରାହ୍ମଣ ସମାଜର ବୈଠକ, ସ୍ଥାନ: ଯଜ୍ଞମଠ ପରିସର, ମାର୍ଶାଘାଇ, ସମୟ: ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**

- ବଡ଼ଚଣା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବଲିଉଡ୍ ଗାୟିକା ପଲକ ମୁଚ୍ଛଲ ଓ ଗାୟକ ପଲାସଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ବଡ଼ଚଣା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**

- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସରେ ଖୋର୍ଦ୍ଧା ୧୧ ବନାମ ନିହାର କଟକ, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ବଡ଼ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ୩ୟ ଦିବସରେ ସାଇ ହାଲ ସୁନାବେଡା ବନାମ ଜେବି ୟୁନାଇଟେଡ ଫେସି ଦିଲ୍ଲୀ, ସ୍ଥାନ: ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୩ଟା।

**ରାୟଗଡ଼ା**

- ବନ୍ଦେ ମାତରମ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ମଧ୍ୟାହ୍ନ ୧ଟା।

**ନବରଙ୍ଗପୁର**

- ଠିକାଦାର ସଂଘ ବୈଠକ, ସ୍ଥାନ: ଉମରକୋଟ ହାଟପଦା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ସାଧାରଣ ବୈଠକ, ସ୍ଥାନ: ଉମରକୋଟ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**

- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦିଲ୍ଲୀ ପବ୍ଲିକ ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପନୀ, ସ୍ଥାନ: ସ୍କୁଲ ପରିସର, ଜାନୀଗୁଡ଼ା, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜମି ଅଧିଗ୍ରହଣ ସମସ୍ୟା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ : ଅପରାହ୍ନ ୫ଟା।

**ସମ୍ବଲପୁର**

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**

- ଡୁରେକେଲା ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ, ସ୍ଥାନ: ଡୁରେକେଲା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଲୋଇସିଂହା ବ୍ଲକ୍ କଳାକାର ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋଇସିଂହା ଷ୍ଟାଡିୟମ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଫ୍ରେଣ୍ଡସ୍ କ୍ଲବ୍‌ର ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।
- କଣ୍ଟାବାଞ୍ଜି ମାଟିର ମହୋତ୍ସବ,ସ୍ଥାନ: କଣ୍ଟାବାଞ୍ଜି ରେଲୱେ ଫୁଟ୍‌ବଲ ଗ୍ରାଉଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

**ରାଉରକେଲା**

- ଦିଲ୍ଲୀପ ରାୟଙ୍କ ୭୩ତମ ଜନ୍ମଦିବସ ପାଳନ ସମାରୋହ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ଲୋକନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା ନାଟକ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**

- ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘର ମହାମିଳନ, ସ୍ଥାନ:ବାରବଖରା (ସନ୍ଥରା), ଅମ୍ବାଭୋନା,ସମୟ:ସକାଳ ୮ଟା।
- ବିରାଟ ରାମଲୀଳା ମହୋତ୍ସବ ଅବସରରେ କଳସ ଯାତ୍ରା, ସ୍ଥାନ:ଭେଡେନ, ସମୟ: ସକାଳ ୮ଟା।
- ମାଁ ବହଲତଲିଏନ ଫୁଟବଲ ପ୍ରତିଯୋଗିତା, ସ୍ଥାନ:ମିନି ଷ୍ଟାଡିୟମ, ଗାଇସିଲେଟ, ସମୟ:ପୂର୍ବାହ୍ନ ୧୦ଟା ୩୦।

**ବୌଦ୍ଧ**

- ସପ୍ତମ ଖଡଙ୍ଗ ଲୋକମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବନ୍ଧଗୋରା ମହୋତ୍ସବ ପଡିଆ, କଣ୍ଟାମାଳ ବ୍ଲକ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଜିଲାସ୍ତରୀୟ ମତ୍ସ୍ୟ ପ୍ରାଣିସମ୍ପଦ ମେଳା ଉଦ୍‌ଯାପିତ, ସ୍ଥାନ: ଦେବଗଡ଼ ବଡ଼ବଗିଚା ପ୍ରଧାନପାଟ ରୋଡ, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**

- ହନୁମାନପାଲି ନାମଯଜ୍ଞ କଳସ ଶୋଭାଯାତ୍ରା, ସ୍ଥାନ: ବୁରୋଘାଟ ମହାନଦୀ ଘାଟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅମରପାଲି ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଘାଟନ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ବିଶାଳପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସୁଜନ ନାଗ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ମ୍ୟାଚ୍, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।
- ଦେଶଫାଲ ଲୋକକଳା ମହୋତ୍ସବ କମିଟିର ପ୍ରଥମ ପ୍ରସ୍ତୁତି ବୈଠକ, ସ୍ଥାନ: ବନ୍ୟା ଆଶ୍ରୟ ସ୍ଥଳ, ଧର୍ମଶାଳା, ସମୟ: ସନ୍ଧ୍ୟା ୫ଟା।
- ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୫ଟା ୩୦।
- ଅମରପାଲି ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସନ୍ଧ୍ୟା: ୭ଟା।

**ନୂଆପଡ଼ା**

- ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ତୃତୀୟ ଦିବସରେ ସାମୂହିକ ଜପ, ଧ୍ୟାନ ଓ ପୂର୍ଣ୍ଣାହୂତି, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ଗାଁ, ସମୟ: ପ୍ରାତଃ ୫ଟା ଓ ସକାଳ ୮ ଟା।
- ୮ତମ ଜୟ ମା' ସୁନାଦେଈ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: କୋମନା ବ୍ଲକ ସୁନାବେଡା କଣାଭେଁରା ଖେଳପଡିଆ, ସମୟ: ସକାଳ ୯ଟା।
- ଜିଲା ସ୍ତରୀୟ ସାଧାରଣ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:ସଦ ଭାବନା ସଭାଗୃହ ନୂଆପଡ଼ା, ସମୟ: ଅପରାହ୍ନ ୩ ଟା।

**ପ୍ରଥମ ପୃଷ୍ଠାରୁ...**

## ଭାରତ ଉପରେ...

ଦୋହଲିଯିବ। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠୁ ଚାଲିଥିବା ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପ ପ୍ରଶାସନର ଶାନ୍ତି ଉଦ୍ୟମରେ ଏହା ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି। ଏହି ଘଟଣାକ୍ରମର ସତ୍ୟତା ଉପରେ ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ ମଧ ସ୍ପଷ୍ଟ କରିଛନ୍ତି। ୨୦୨୫ ଅଗଷ୍ଟରେ ଟ୍ରମ୍ପ ଭାରତ ଉପରେ ୨୫% ଆମଦାନୀ ଶୁଳ୍କ କଷିଥିଲେ। ଏଥିସହ ରୁଷିଆଠାରୁ ଭାରତ ଶସ୍ତାରେ ତୈଳ କ୍ରୟ କରୁଥିବାରୁ ଅତିରିକ୍ତ ଭାବେ ୨୫% ଦଣ୍ଡାତ୍ମକ ଶୁଳ୍କ ଲଗାଇଥିଲେ। ଫଳରେ ଆମେରିକାକୁ ଭାରତୀୟ ସାମଗ୍ରୀ ରପ୍ତାନି ବହୁଳ ଭାବେ ପ୍ରଭାବିତ ହୋଇଛି, ଯାହାର ନକାରାତ୍ମକ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିଛି। ଅତିରିକ୍ତ ଟାରିଫ୍ କଷିବା ପାଇଁ ଉଦ୍ଦିଷ୍ଟ ସାଙ୍କଶନିଂ ରୁଷିଆ ଆକ୍ଟ, ୨୦୨୫ ଅନୁସାରେ କୌଣସି ଦେଶ ରୁଷିଆଠାରୁ ତୈଳ ଆମଦାନୀ କରି ପୁନଃ ବିକ୍ରୟ ଜାରି ରଖିଲେ ସମ୍ପୃକ୍ତ ରାଷ୍ଟ୍ରର ସାମଗ୍ରୀଗୁଡ଼ିକ ଉପରେ ଆମେରିକା ପକ୍ଷରୁ ୫୦୦% ଟାରିଫ୍ ଲଗାଯାଇପାରିବ। ଏପରି ହେଲେ ଭାରତର ଅର୍ଥନୀତି ଉପରେ ଆହୁରି ଖରାପ ପ୍ରଭାବ ପଡ଼ିବ। କାରଣ ଭାରତୀୟ ସାମଗ୍ରୀଗୁଡ଼ିକୁ ଆମେରିକାକୁ ରପ୍ତାନି କରିବା ଅସମ୍ଭବ ହୋଇପଡ଼ିବ। ହ୍ୱାଇଟ୍ ହାଉସ୍ ପକ୍ଷରୁ ପୂର୍ବରୁ ଉକ୍ତ ବିଲ୍ ଉପରେ ସମୀକ୍ଷା କରାଯାଇଛି। ତେବେ ଏଥିରେ କୌଣସି ପ୍ରକାର ପରିବର୍ତ୍ତନ ଅଣାଯାଇଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ।

ପ୍ରକାଶ ଯେ, ଭାରତ ୮୮% କ୍ରୁଡ୍ ଅଏଲ୍ ଅନ୍ୟ ଦେଶରୁ ଆମଦାନୀ କରିଥାଏ। ଏହାକୁ ପେଟ୍ରୋଲ ଓ ଡିଜେଲ ଭଳି ଇନ୍ଧନରେ ପରିବର୍ତ୍ତିତକରି ପୁଣି ଅନ୍ୟ ଦେଶକୁ ରପ୍ତାନି କରିଥାଏ। ବିଶ୍ୱର ତୃତୀୟ ତୈଳ ଆମଦାନୀକାରୀ ଦେଶ ଭାରତ ୨୦୨୧ ପର୍ଯ୍ୟନ୍ତ ରୁଷିଆଠାରୁ ମାତ୍ର ୦.୨% କ୍ରୁଡ୍ ଆମଦାନୀ କରିଆସୁଥିଲା। କିନ୍ତୁ ୨୦୨୨ ଫେବୃଆରୀରେ ମସ୍କୋର ୟୁକ୍ରେନ୍ ଆକ୍ରମଣ ପରେ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷୀୟ ତୈଳ କ୍ରୟ ଉପରେ କଟକଣା ଲଗାଇବା ପରେ ଭାରତର ତୈଳ ଆମଦାନୀ ବହୁଗୁଣିତ ହୋଇଛି। ୨୦୨୫ ଡିସେମ୍ବରରେ ରୁଷିଆ ଭାରତର ସର୍ବୋଚ୍ଚ ତୈଳ ଯୋଗାଣକାରୀ ରାଷ୍ଟ୍ର ଥିଲା।

## କୋର୍ଟ ଉଡ଼ାଇଦେବାକୁ...

ହାଇକୋର୍ଟରେ ପହଞ୍ଚିଥିଲେ। ଡଗ୍ ସ୍କ୍ୱାଡ୍ ଓ ବମ୍ ସ୍କ୍ୱାଡ୍ ଦ୍ୱାରା ତନ୍ନତନ୍ନ କରି ହାଇକୋର୍ଟ ପରିସରକୁ ଯାଞ୍ଚ କରାଯାଇଥିଲା। ପୋଲିସ କୋର୍ଟ ପରିସରରେ କୌଣସି ବୋମା ଆତଙ୍କ ନ ଥିବା ଓ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଘୋଷଣା କରିବା ପରେ ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ସମେତ ଅନ୍ୟ ୩ଜଣ ବିଚାରପତି ସେମାନଙ୍କ କୋର୍ଟରେ ମାମଲାଗୁଡ଼ିକର ଶୁଣାଣି ଆରମ୍ଭ କରିଥିଲେ। ଅପରପକ୍ଷରେ, ପୋଲିସ ଡିଜି ୱାଇ. ବି. ଖୁରାନିଆ ବୋମା ଆତଙ୍କ ବାବଦରେ ଲୋକମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇଛି। ଏଥିସହ ଏପରି ଆତଙ୍କର ଇ-ମେଲକୁ ଭଲ ଭାବେ ତଦନ୍ତ କରାଯାଉଛି। ପୋଲିସ ପରିସ୍ଥିତିକୁ ଅତ୍ୟନ୍ତ ନିକଟରୁ ପର୍ଯ୍ୟବେକ୍ଷଣ କରୁଛି। ସମ୍ପୃକ୍ତ ଅଞ୍ଚଳରେ ପୋଲିସର ଟହଲ ଓ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ତେଣୁ ଲୋକମାନେ ଏଥିରେ ଭୟଭୀତ ନ ହେବାକୁ ଡିଜିପି କହିଛନ୍ତି। ଏଥିସହ ପୋଲିସକୁ ଲୋକମାନେ ତଦନ୍ତରେ ସହଯୋଗ କରିବା ସହ ସୁରକ୍ଷା ବଳବତ୍ତର ରଖିବାରେ ସହାୟକ ହେବାକୁ ମଧ୍ୟ ଡିଜିପି ଖୁରାନିଆ ଅନୁରୋଧ କରିଛନ୍ତି।

ସେହିପରି ସମ୍ବଲପୁର ଜିଲା ଜଜ୍ କୋର୍ଟରେ ଗୁରୁବାର ଶୁଣାଣି କାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ଜିଲାଜଜ୍ ପ୍ରଜ୍ଞା ପାଣିଗ୍ରାହୀଙ୍କ ନିକଟକୁ ଏକ ଇ-ମେଲ ବାର୍ତ୍ତା ଆସିଥିଲା। ତୁରନ୍ତ ପାଲିସ ସୁରକ୍ଷା କର୍ମୀଙ୍କ ସହ ବୋମା ସ୍କ୍ୱାଡ ଓ ସନ୍ଧାନୀ କୁକୁର ପହଞ୍ଚି ଜିଲାଜଜ୍‌ଙ୍କ କୋର୍ଟ ପରିସର, ପୋକ୍‌ସୋ, ଭିଜିଲାନ୍ସ ଆଦି ବିଭିନ୍ନ କୋର୍ଟ ସହିତ ଏସ୍‌ଡିଜେଏମ୍ କୋର୍ଟ ପରିସର ଓ ଆଖପାଖ ଅଞ୍ଚଳକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରୁ ସମସ୍ତ କୋର୍ଟରେ ଅଦାଲତୀ କାର୍ଯ୍ୟ ବନ୍ଦ ରହିଥିଲା। ବମ୍ ସ୍କ୍ୱାଡ ଡିଏସ୍‌ଏମ୍‌ଡି, ଏନ୍‌ଏଲ୍‌ଜେଡି, ଓଏଫ୍‌ଏସ୍ ଅପ୍ଟିକାଲ ଫାଇବର, ଇଏସ୍‌ଟି ଟାଇମ୍ ଡିଭାଇସ୍, ପିଏସ୍‌ଏମ୍, ସର୍ଚ୍ଚ ମିରର ଆଦି ଅତ୍ୟାଧୁନିକ ଯାଞ୍ଚ ଉପକରଣ ଜରିଆରେ ସମଗ୍ର ଅଞ୍ଚଳକୁ ଯାଞ୍ଚ କରାଯାଇଥିଲା। ସେହିପରି ଦେବଗଡ଼ ଜିଲା କୋର୍ଟକୁ ମଧ ବୋମା ବିସ୍ଫୋରଣ ଦ୍ୱାରା ଉଡାଇଦେବା ପାଇଁ ବିଚାର ବିଭାଗୀୟ ମେଲ୍‌କୁ ଅଜଣା ଇ-ମେଲ୍ ଆଇଡିରୁ ମେସେଜ ଆସିଥିଲା। ଫଳରେ ବିଚାରପତି ଓ ବିଚାର ବିଭାଗୀୟ କର୍ମଚାରୀ ଏବଂ ଆଇନଜୀବୀ ଭୟଭୀତ ହୋଇ କୋର୍ଟ କୋଠରି ଭିତରୁ ବାହାରକୁ ଆସିଥିଲେ। ମହକିଲମାନେ ମଧ ଭୟଭୀତ ହୋଇପଡିବା ସହ ଅଦାଲତ ପରିସର ଛାଡି ଇତସ୍ତତଃ ଦୌଡ଼ି ପଳାଉଥିବା ଦେଖିବାକୁ ମିଳିଥିଲା। ପୋଲିସ ପକ୍ଷରୁ ବୋମା ନିଷ୍କ୍ରିୟକାରୀ ଟିମ୍ ସନ୍ଧାନୀ କୁକୁର ସହାୟତାରେ ସମସ୍ତ ବିଚାରବିଭାଗୀୟ ଅଦାଲତ କୋଠା ସମେତ ସମଗ୍ର ଅଦାଲତ ପରିସର ଯାଞ୍ଚ କରାଯାଇଥିଲା। ତେବେ ଯାଞ୍ଚ ସମୟରେ କୌଣସି ପ୍ରକାର ଆର୍‌ଡିଏକ୍ସ କିମ୍ବା ବିସ୍ଫୋରକ ସାମଗ୍ରୀ ମିଳି ନ ଥିଲା। ଅନ୍ୟପକ୍ଷରେ ମିଳିଥିବା ମେସେଜ୍‌ରେ ବିସ୍ଫୋରଣର ସମୟ ୨ଟା ୩୫ ମିନିଟ୍ ବୋଲି ଘୋଷଣା ହୋଇଥିବାବେଳେ ଏହି ସମୟ ଅତିକ୍ରାନ୍ତ ହେବାରୁ ବିଚାରପତି, ବିଭାଗୀୟ କର୍ମଚାରୀ, ଆଇନଜୀବୀ ଓ ପୋଲିସ ଅଧିକାରୀ ସାମାନ୍ୟ ଆଶ୍ୱସ୍ତି ପ୍ରକାଶ କରିଥିଲେ।

### ତଦନ୍ତକରି ଲୋକଙ୍କୁ ଜଣାଅ: ନବୀନ

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି, ଇମେଲ୍ ଯୋଗେ ସମ୍ବଲପୁର, କଟକ ଓ ଦେବଗଡ଼ ଜିଲା କୋର୍ଟକୁ ବୋମା ଆକ୍ରମଣର ଧମକ ମିଳିଥିବା ଜାଣିବା ପରେ ସେ ଗଭୀର ଭାବେ ଚିନ୍ତିତ। ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକ ସମେତ ବିଚାରପତି, ଓକିଲ, ମକଦ୍ଦମାକାରୀ, କୋର୍ଟ କର୍ମଚାରୀ ତଥା ସାଧାରଣ ଲୋକଙ୍କ ସୁରକ୍ଷା ସର୍ବୋପରି। ଭାରପ୍ରାପ୍ତ ଅଧିକାରୀମାନେ ମିଳିଥିବା ଧମକର ତ୍ୱରିତ, ପୁଙ୍ଖାନୁପୁଙ୍ଖ ଯାଞ୍ଚ କରନ୍ତୁ। ଧମକ କେଉଁଠାରୁ ଆସିଲା, ଏଥିରେ କେଉଁମାନେ ସମ୍ପୃକ୍ତ ସେମାନଙ୍କୁ ତୁରନ୍ତ ଠାବକରି ଏହାର ନିଷ୍କର୍ଷ ସର୍ବସମ୍ମୁଖକୁ ଆଣନ୍ତୁ ବୋଲି ସେ କହିଛନ୍ତି।

## ବୋମା ଧମକ ମିଛ ଥିଲା, ଭୟଭୀତ ହୁଅନି: ମୁଖ୍ୟମନ୍ତ୍ରୀ

### ଆଗକୁ ପ୍ରସ୍ତୁତ ରୁହ, ଏସ୍‌ଓପି ପ୍ରସ୍ତୁତ କର

ଭୁବନେଶ୍ୱର,୮।୧(ସୁନିତ୍ ମିଶ୍ର)

ରାଜ୍ୟର ବିଭିନ୍ନ ସ୍ଥାନରେ ଗୁରୁବାର ଦେଖାଦେଇଥିବା ବୋମା ଭୟ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। ବୈଠକରୁ ଜଣାଯାଇଛି, ସମସ୍ତ ବୋମା ଧମକ ମିଛ ଥିଲା। ପୋଲିସର ବମ୍ ଡିଟେକ୍ସନ୍ ସ୍କ୍ୱାଡ୍, କ୍ୟୁଇକ୍ ରିଆକ୍ସନ୍ ଟିମ୍, ସ୍ପେଶିଆଲ ଟାକ୍ଟିକାଲ୍ ୟୁନିଟ୍, ଗୋଇନ୍ଦା ଅଧିକାରୀ ଓ ଅନ୍ୟାନ୍ୟ ସଂସ୍ଥା ତୁରନ୍ତ ସମ୍ପୃକ୍ତ ସ୍ଥାନକୁ ଯାଇ ସ୍ଥିତି ଅନୁସନ୍ଧାନ କରିଥିଲେ। ତେଣୁ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଉପସ୍ଥିତ ପୋଲିସର ବରିଷ୍ଠ ଅଧିକାରୀମାନେ ଜଣାଇଛନ୍ତି। ଏହିଭଳି ଧମକ ବାରମ୍ବାର ଆସିବା ସମ୍ଭାବନା ଥିବାରୁ ଏଥିପାଇଁ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୋଲିସ ପକ୍ଷରୁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଜାରି କରିବାକୁ ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ଆଲର୍ଟ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ବମ୍ ସ୍କ୍ୱାଡ୍‌କୁ ଆହୁରି ସୁଦୃଢ଼ କରିବା ପାଇଁ ପରାମର୍ଶ ଦିଆଯାଇଛି।



ସୂଚନାଯୋଗ୍ୟ, ସକାଳେ ବୋମା ଭୟ ଖବର ପାଇବା ମାତ୍ରେ ମୁଖ୍ୟମନ୍ତ୍ରୀ ତୁରନ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ସହ ଆଲୋଚନାକରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସନ୍ଧ୍ୟାରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଗୋଇନ୍ଦା ନିର୍ଦ୍ଦେଶକ ଆର୍.ପି. କୋଚେ ପ୍ରମୁଖ ଉପସ୍ଥିତ ଥିଲେ।

ତେବେ ବୋମା ଧମକ ଘଟଣାକୁ ନେଇ ରାଜନୈତିକ ବୟାନବାଜି ମଧ୍ୟ ଆରମ୍ଭ ହୋଇଛି। ଏନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କୋର୍ଟକୁ ଆସିଥିବା ମେଲ୍ ମିଥ୍ୟା। ଏହାକୁ ନେଇ ଆତଙ୍କିତ ହେବାର କାରଣ ନାହିଁ। ମୁଖ୍ୟମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେଇ ସାରିଛନ୍ତି, ଚିହ୍ନଟ କରାଯିବ। ଡିଜିପି ଏବଂ ଅନ୍ୟାନ୍ୟ ସ୍କ୍ୱାଡ୍ ଯାଞ୍ଚ କରିବା ପରେ କୋର୍ଟରେ କାର୍ଯ୍ୟ ଆରମ୍ଭ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆକାଶ କଇଆଁ ଚିଲିକା ମାଛ**
**କେତେ କରୁଅଛ ଅପାଞ୍ଚ ପାଞ୍ଚ।**

କଇଁଆର ସ୍ୱାଦ ଖଟା। ମାଛ ତରକାରିରେ ଖଟା ପଡ଼ିଲେ ତରକାରି ଭଲ ଲାଗେ। ଚିଲିକା ହ୍ରଦରେ ମାଛ ବହୁତ। ଗଛରୁ କଇଁଆ ତୋଳା ହେବ, ଚିଲିକାରୁ ମାଛ ଆସିବ ତା'ପରେ ତରକାରି ହେବ। କାହିଁ କେତେଦୂରର କଥା। ଅସମ୍ଭବ ଦ୍ରବ୍ୟ ପ୍ରାପ୍ତ ହେବା ପାଇଁ କରାଯାଉଥିବା ଅପର୍ଯ୍ୟାପ୍ତ ପରିକଳ୍ପନା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଇଁଷି ପତର ପୁଞ୍ଜିପୁଞ୍ଜିକା**
**ଲାଉ ଶାଗ ତୋଳିବାକୁ**
**ବାପ ଦେଇଛନ୍ତି ବୁଢ଼ା ବରକୁ**
**ଚାଳ ଧରି କାନ୍ଦିବାକୁ।**

ସ୍ୱାମୀସ୍ତ୍ରୀଙ୍କ ବୟସ ମଧ୍ୟରେ ପ୍ରଭେଦ ଯେତିକି କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ମଧୁମୟ, ସୁଖମୟ ହୁଏ। ବୟସର ତାରତମ୍ୟ ଅଧିକ ହେଲେ ବୁଝାମଣା ଠିକ୍ ଢଙ୍ଗରେ ହୋଇ ନ ପାରିବା କାରଣରୁ ନାନା ଅଶାନ୍ତି ତଥା କଳହର ବାତାବରଣ ସୃଷ୍ଟି ହୁଏ। ଏପରିସ୍ଥଳେ ବୟସ୍କ ବରକୁ ବିବାହ କରିଥିବା ଝିଅର ଦୁଃଖ ଦୁର୍ଦ୍ଦଶା ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ବାଧକାଧିପଙ୍କ ଦୃଷ୍ଟିରେ ରହିଥିବାରୁ ପାରିବାରିକ ଶାନ୍ତି ଭଙ୍ଗ ହୋଇପାରେ। ପାପଗ୍ରହ ଦୃଷ୍ଟ ଚତୁର୍ଥାଧିପତି ହେତୁ ଯାନବାହନ, ହୋଟେଲ ଶିଳ୍ପ, ଛୋଟ ଦୋକାନରୁ ଲାଭ ମିଳି ନ ପାରେ। ଆର୍ଥିକ ଅନଟନ ସୁଧାରିବା ଲାଗି ବନ୍ଧୁ ସହଯୋଗର ପ୍ରତିଶ୍ରୁତି ଦେବେ। ସାହିତ୍ୟ ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**ବୃଷ**
ଚନ୍ଦ୍ର କେନ୍ଦ୍ରରେ ବୃହସ୍ପତି ଗଜକେଶରୀ ଯୋଗରୁ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ। ବନ୍ଧୁଙ୍କ ଆଦର, ଲୋକପ୍ରିୟତା ବୃଦ୍ଧି ସାଙ୍ଗକୁ ଆର୍ଥିକ ଅଭିବୃଦ୍ଧିରୁ ଖୁସି ରହିବେ। ଆତ୍ମୀୟଙ୍କ ସହଯୋଗରୁ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସହକର୍ମୀଙ୍କ ଜରିଆରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମିଥୁନ**
ବନ୍ଧୁବର୍ଗଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କରଜକରି ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବାକୁ ବାଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ ଉପରିସ୍ଥଙ୍କ କଟୁ ସମାଲୋଚନା ଶୁଣିବାକୁ ପଡିବ। ବ୍ୟବସାୟରେ ନୂତନ ପଦକ୍ଷେପ ଗ୍ରହଣ କରିବା ସକାଶେ ମନ ବଳାଇବେ।

**କର୍କଟ**
ରବିଙ୍କ ପ୍ରଭାବରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ସମ୍ପର୍କୀୟଙ୍କ ସହଯୋଗ ଲାଭକରି ଅଟକିଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରନ୍ତି। ମାଲିମକଦ୍ଦମାରେ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ କୌଣସି ସମସ୍ୟା ଉପୁଜିପାରେ। ପ୍ରକାଶନ, ଚୁକ୍ତିପତ୍ର, ପ୍ରଶାସନ, ଶିଳ୍ପ, ଏଜେନ୍ସିପ୍, ବାଣିଜ୍ୟ, ପରିବହନ, କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ସିଂହ**
ଚତୁର୍ଥାଧିପତି କୋଣ ସ୍ଥାନରେ ଥିବାରୁ ଲୋକସମ୍ପର୍କ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଅସମର୍ଥିତ ସୂତ୍ରରୁ କୌଣସି ଖବର ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ସହ ମନାନ୍ତର ସୃଷ୍ଟି ହୋଇପାରେ। ମିତ୍ର କେହି ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଛଳନା କରି ଦୂରେଇ ଯାଇ ପାରନ୍ତି।

**କନ୍ୟା**
ବୃହସ୍ପତିଙ୍କ ପ୍ରଭାବରେ କେଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଚୁକ୍ତିପତ୍ର, ସଭାସମିତି ତଥା ଆଲୋଚନା କ୍ଷେତ୍ରରେ ସଫଳତା ପାଇବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖିବା ପାଇଁ ଚେଷ୍ଟା କଦାପି ନିଷ୍ଫଳ ହେବନି। ପରିଜନଙ୍କ ସହିତ କୌଣସି ଦର୍ଶନୀୟ ସ୍ଥାନକୁ ଯାଇପାରନ୍ତି।

**ତୁଳା**
ଭାଗ୍ୟସ୍ଥାନକୁ ଏକାଧିକ ଗ୍ରହ ଦେଖୁଥିବାରୁ ଯାହାକୁ ଯାହା କହିବେ ତାହା ନିଷ୍ଫଳ ହେବନାହିଁ। କିନ୍ତୁ ତୃତୀୟସ୍ଥ ପାପଗ୍ରହଜନିତ କୌଣସି କାମରେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସାମ୍ବାଦିକତା ତଥା ସାଂସ୍କୃତିକ କାର୍ଯ୍ୟକ୍ରମରୁ ସମ୍ବର୍ଦ୍ଧିତ ହେବେ। ଅଫିସ କାମରୁ ଅର୍ଥ ସମ୍ପର୍କିତ ଅଭିଯୋଗ ଆସିପାରେ।

**ବିଛା**
ବୃହସ୍ପତିଙ୍କ ଶୁଭଦୃଷ୍ଟି ଧନସ୍ଥାନ ପ୍ରତି ରହିଥିବାରୁ ଅର୍ଥଲାଭ ସହ ବାକ୍ ବିଳାସୀ ହେବେ। ଭିତରେ ଭିତରେ ଈର୍ଷାକରୁଥିବା କୌଣସି ନିଜ ପରିସରର ବ୍ୟକ୍ତିଙ୍କ ସହ ସମ୍ପର୍କ ହ୍ରାସ ହେବ। ଆପଣ ସାଧାରଣ ପ୍ରଶଂସାରେ ଯେତିକି ଉତ୍ଫୁଲ୍ଲିତ ହେବେ ଟିକିଏ ମାତ୍ର ସମାଲୋଚନାରେ ତଦନୁପାତରେ ବ୍ୟସ୍ତବିବ୍ରତ ହୋଇପାରନ୍ତି।

**ଧନୁ**
ପାପଗ୍ରହମାନେ ରାଶିରେ ଅବସ୍ଥାନ କରି ବିବାଦୀୟ ଚିନ୍ତାଧାରା ଉତ୍ପନ୍ନ କରିପାରନ୍ତି। ତୃତୀୟସ୍ଥ ରାହୁଙ୍କ ପ୍ରଭାବରେ ବନ୍ଧୁମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କିନ୍ତୁ ପ୍ରତିବେଶୀଙ୍କ ସହ ମଧୁର ସମ୍ପର୍କରୁ ଆପଣଙ୍କ କାମଗୁଡିକ ସୁବିଧାରେ ସମ୍ପନ୍ନ ହେବ।

**ମକର**
ରାଶ୍ୟାଧିପତିଙ୍କ ନୀଚାରୋହଣ ହେତୁ ପ୍ରତ୍ୟେକ କାର୍ଯ୍ୟ ଓ ଚିନ୍ତାଧାରା ଶିଥିଳ ରହିବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ନିନ୍ଦା ଶୁଣିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ପ୍ରଶାସନ, ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ।

**କୁମ୍ଭ**
କୌଣସି ଦାୟିତ୍ୱପୂର୍ଣ୍ଣ କାମଟି ଧିମେଇ ଯିବାରୁ ମାନସିକ ସ୍ତରରେ ଚିନ୍ତିତ ରହିପାରନ୍ତି। ଅଷ୍ଟମସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ଋଣ ପରିଶୋଧଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରା,ବାଣିଜ୍ୟ ଏବଂ ପରିବହନରେ ପ୍ରତିବନ୍ଧକ ଆସିପାରେ। ଆରୋଗ୍ୟ ଲାଭ, ବନ୍ଧୁଙ୍କ ସହାନୁଭୂତି, ଆନୁଷ୍ଠାନିକ କାର୍ଯ୍ୟରେ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିବେ।

**ମୀନ**
ଚତୁର୍ଥ କେନ୍ଦ୍ରରେ ବୃହସ୍ପତି ପାରିବାରିକ ଏବଂ କର୍ମକ୍ଷେତ୍ରକୁ ଋଦ୍ଧିମନ୍ତ କରିବେ। ଧର୍ମକାର୍ଯ୍ୟ, ସନ୍ତାନଙ୍କ ଉଚ୍ଚଶିକ୍ଷା, କର୍ମାରମ୍ଭ ଓ ଯୋଜନା ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ମକଦ୍ଦମା, ରାଜନୀତି, ପ୍ରଶାସନିକ କ୍ଷେତ୍ରରେ ଅସ୍ଥିରତା ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇ ଉଲ୍ଲସିତ ହୋଇପାରନ୍ତି।

ଆଜି ଜାନୁଆରୀ ୯ ତାରିଖ, ପ୍ରବାସୀ ଭାରତୀୟ ଦିବସ, ମାଘ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ଶୁକ୍ରବାର। ରାଶିନକ୍ଷତ୍ର-ଉତ୍ତରାଫାଲଗୁନୀ/କନ୍ୟା, ଦିବା ଘ. ୦୧.୪୧ ଗତେ ହସ୍ତା ନକ୍ଷତ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୭ ଗତେ ଘ.୦୭.୧୦ ମଧ୍ୟେ, ଘ.୦୭.୫୪ ଗତେ ଘ.୦୯.୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୨ ଗତେ ଘ.୧୧.୫୩ ମଧ୍ୟେ ରାହୁ କାଳ।

# ପ୍ରଦୂଷଣ ପାଇଁ ଆଦିବାସୀ ମହିଳା ବିଧବା

## ଏସ୍‌ପିସିବିର ତାଗିଦ୍ ମାନୁନି ସୁକିନ୍ଦା ରୋଡ୍ ରେଲ୍‌ୱେ ସାଇଡିଂ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା

ଯାଜପୁର/କଳିଙ୍ଗନଗର (ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ), ୮।୧

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅତ୍ୟଧିକ ବାୟୁ ପ୍ରଦୂଷଣ ପାଇଁ ଗୋଟିଏ ଗାଁ ପୁରୁଷ ଶୂନ୍ୟ ହେବାକୁ ବସିଛି। ସ୍ୱାମୀଙ୍କୁ ହରାଇ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଅପ୍ରାପ୍ତ ବୟସରେ ବିଧବା ସାଜି ପିଲାଛୁଆଙ୍କୁ ଧରି ଅଭାବ ଅନାଟନରେ କାଳାତିପାତ କରୁଛନ୍ତି। ଏମିତି ଏକ ଅଭିଶପ୍ତ ଗାଁ ହେଉଛି କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ବ୍ଲକ ଧୂଳିଗଡ଼ ପଞ୍ଚାୟତ ଅଧୀନ ସୁଆଁଲୋ। ମାନଗୋବିନ୍ଦପୁର ସୁକିନ୍ଦା ରୋଡ ରେଲ୍‌ୱେ ସାଇଡିଂ ଏବଂ ଜେଏସଡବ୍ଲ୍ୟୁ ସିମେଣ୍ଟ ଲିଃ କାରଖାନାରୁ ଉତ୍କଟ ବାୟୁ ପ୍ରଦୂଷଣ ସୃଷ୍ଟି କାରଣରୁ ସୁଆଁଲୋ ଗ୍ରାମର ମୁଣ୍ଡାସାହି, ସହରସାହି ଓ ନାୟକସାହିର ପ୍ରାୟ ୧୫୦ ଲୋକ ଗତ ୫ ବର୍ଷରେ ବିଭିନ୍ନ ବାୟୁଜନିତ ରୋଗ କାରଣରୁ ମୃତ୍ୟୁମୁଖରେ ପଡ଼ିଥିବା ସୂଚନା ମିଳିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ଜେଏସ୍‌ଡବ୍ଲ୍ୟୁ ଓ ସୁକିନ୍ଦା ରୋଡ ରେଲ୍‌ୱେ ସାଇଡିଂ କର୍ତ୍ତୃପକ୍ଷଙ୍କୁ ବାୟୁ ପ୍ରଦୂଷଣ ପାଇଁ ନିକଟରେ କାରଣଦର୍ଶାଅ ନୋଟିସ ଜାରି କରିଥିଲେ ହେଁ କିଛି ଫଳପ୍ରଦ ହୋଇ ନ ଥିବା ସୂଚନା ମିଳିଛି।

ସୁକିନ୍ଦା ରୋଡ୍ ରେଲ୍‌ୱେ ସାଇଡିଂ ଏବଂ ଏଠାରୁ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ ପରିବହନ ହେଉଥିବା ବିଷାକ୍ତ କଞ୍ଚାମାଲର ପ୍ରଭାବ ଆଗରେ ଏସ୍‌ପିସିବିର ଦମ୍ଭ ଭାଙ୍ଗି ପଡ଼ିଛି। ରାଜ୍ୟ ସରକାର ଦ୍ରୁତ ଶିଳ୍ପାୟନ ସହ ପରିବେଶ ସୁରକ୍ଷା ଉପରେ ବହୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଦାନଗଦି ବ୍ଲକ ଅନ୍ତର୍ଗତ ସୁଆଁଲୋ, ପାତ୍ର ସାହି, ଦେହୁରୀ ସାହି, ମାଝି ସାହି, ବ୍ରାହ୍ମଣ ସାହି, ମାନଗୋବିନ୍ଦପୁର, ଯଖପୁରା, କୁଡୁମୀସାହି, ବରପାଳ, ଦଶମାଣିଆ, ଟାଙ୍ଗରସାହି ଆଦି ଗ୍ରାମବାସୀଙ୍କୁ ସରକାରଙ୍କ ବିଭିନ୍ନ ପଦକ୍ଷେପ କୌଣସି କାର୍ଯ୍ୟରେ ଲାଗୁନାହିଁ। ଶତାଧିକ ଲୋକ ଯକ୍ଷ୍ମା ଓ କାମଳ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପରିବେଶ ବିଷାକ୍ତ ଯୋଗୁ ଅନେକ ଅଜଣା ରୋଗ ଦେଖାଦେଉଛି। ଫଳରେ କେବଳ ସୁଆଁଲ ଗ୍ରାମର ଶ୍ରୀମତୀ ନାଏକ, ଜାନକୀ ନାଏକ, କମଳା ନାଏକ, ଦମୟନ୍ତୀ ନାଏକ, ମିନି ନାଏକ, ଟୁରୀ ନାଏକ, ପାଦ ନାଏକ, ପିଙ୍କି ନାଏକ, ବୁତି ନାଏକ, ଟୁନି ନାଏକ, ଝୁମୁରି ନାଏକ, ପ୍ରମିଳା ନାଏକ, କୁନି ନାଏକ, ଦ୍ରୌପଦୀ ନାଏକ, ଲତା ନାଏକ, ଟିଙ୍କିଲି ନାଏକ, ବାଲମା ମୁଣ୍ଡା, ଟିଙ୍କିରି ମୁଣ୍ଡା ପ୍ରମୁଖ ୪୦ ବର୍ଷରୁ କମ ବୟସରେ ବିଧବା ହୋଇଛନ୍ତି। ସେମାନଙ୍କ ସ୍ୱାମୀମାନେ ବିଷାକ୍ତ ଧୂଳିଧୂଆଁରେ କାମ କରି ଉପଯୁକ୍ତ ଚିକିତ୍ସା ନ ପାଇ ଅକାଳରେ ମୃତ୍ୟୁବରଣ କରିଥିବା ଏହି ମହିଳାମାନେ ଦୁଃଖଭରା କଣ୍ଠରେ ପ୍ରକାଶ କରିଛନ୍ତି। ଏବେବି ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅସୁସ୍ଥ ଥିବା ଜଣାପଡ଼ିଛି। ଗ୍ରାମ ପାଖରେ ଥିବା ରେଲୱେ ସାଇଡିଂ ଏବଂ ଜେଏସ୍‌ଡବ୍ଲ୍ୟୁକୁ ପରିବହନ ହେଉଥିବା ବିଷାକ୍ତ କଞ୍ଚାମାଲରୁ ନିର୍ଗତ ଧୂଳିଧୂଆଁ ବ୍ୟବହାର ଉପଯୋଗୀ ପାଣିକୁ ଦୂଷିତ କରୁଛି। ସ୍ୱଚ୍ଛ ପାନୀୟ ଜଳର ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଣି, ପବନ ସବୁ କିଛି ସେଠାରେ ବିଷାକ୍ତ ହୋଇପଡ଼ିଛି। ୩ ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ୩୦୦ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ସେମାନଙ୍କ ମଧ୍ୟରୁ ୭୫ ପ୍ରତିଶତ ଆଦିବାସୀ ଶ୍ରେଣୀର ହୋଇଥିବାବେଳେ ୨୦ ପ୍ରତିଶତ ଦଳିତ ଓ ବାକି ୫ ପ୍ରତିଶତ ଅନ୍ୟାନ୍ୟ ଶ୍ରେଣୀର ଲୋକ ବାସ କରୁଛନ୍ତି। ଗ୍ରାମକୁ ଲାଗି ରହିଥିବା ସୁକିନ୍ଦା ରେଲୱେ ସାଇଡିଂକୁ ଅଷ୍ଟ୍ରେଲିଆରୁ କୋଇଲା ଆମଦାନି କରାଯାଇ ଏହି ପ୍ଲଟରୁ କଳିଙ୍ଗନଗର ବିଭିନ୍ନ କାରଖାନାକୁ ପରିବହନ ହେଉଛି। ଏହି ପ୍ଲଟକୁ ହାରାହାରି ଦିନକୁ ୩୦୦ରୁ ଊର୍ଦ୍ଧ୍ୱ ଟ୍ରକ ଚଳାଚଳ କରୁଛି। ତେବେ ଏହା ଉପଯୁକ୍ତ ଭାବେ ଏସ୍‌ପିସିବିର ନୀତି ନିୟମକୁ ମାନୁ ନ ଥିବାରୁ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକର ଲୋକେ ନର୍କଯନ୍ତ୍ରଣା ଭୋଗୁଛନ୍ତି। ଆବଶ୍ୟକ ସୁଉଚ୍ଚ ପାଚେରି, ଚାରାରୋପଣ କରି ସବୁଜବଳୟ ସୃଷ୍ଟି କରାଯାଉ ନ ଥିବାରୁ ଅଞ୍ଚଳ ପ୍ରଦୂଷଣରେ ବୁଡି ରହୁଛି। ରେଲ୍‌ୱେ ସହ ସଲାସୁତୁରା କରି କମ୍ପାନୀ, ଖଣିମାଲିକ, ଟ୍ରାନ୍ସପୋର୍ଟର, ଲୋଡିଂ ଏଜେନ୍ସିମାନେ ଅଧିକ ଲାଭ ଆଶାରେ ପ୍ରଦୂଷଣ ଆଇନକୁ ଖିଲାପ କରି ପରିବହନ କରୁଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ପ୍ରଦୂଷଣ ନିୟନ୍ତ୍ରଣ ଆଇନ(ଜଳ) ୧୯୭୪ ଓ (ବାୟୁ) ୧୯୮୧କୁ ଖିଲାପ କରୁଥିବା ପ୍ଲଟକୁ ତୁରନ୍ତ ସ୍ଥାନାନ୍ତରଣ କରି ଲୋକଙ୍କୁ ବଞ୍ଚିବାର ଅଧିକାର ଦେବାକୁ ପୂର୍ବରୁ ଏନଜିଟିରେ ମାମଲା ରୁଜୁ ହୋଇଥିଲେ ହେଁ କଳେବଳେ ତାକୁ ଦବେଇ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରଦୂଷଣ ସୃଷ୍ଟି କରୁଥିବା ରେଲ୍‌ୱେ ସାଇଡିଂ ଏବଂ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ କାରଣଦର୍ଶାଅ ନୋଟିସ ହୋଇଛି। ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଶିଳ୍ପ କାରଖାନା ଓ ରେଲ୍‌ୱେ ସାଇଡିଂ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ବିଦ୍ୟାଳୟରେ ଅଘଟଣ**

# ପ୍ରକଳ୍ପ ଫଳକ ଭାଙ୍ଗି ଛାତ୍ରଙ୍କ ମୃତ୍ୟୁ

କାଳୀପଦା,୮।୧ (ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ୍ ବଡ଼ାଶ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଏକ ବଡ଼ ଅଘଟଣ ଘଟିଛି। ବିଦ୍ୟାଳୟ ପରିସରରେ ଥିବା ଏକ ପ୍ରକଳ୍ପ ଫଳକ ପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଜାମକୁଣ୍ଡା ପଞ୍ଚାୟତର କେନ୍ଦୁଆଡ଼ିଆ ଗ୍ରାମର ପ୍ରହ୍ଲାଦ ଧଳ(୧୧)।

ପ୍ରକାଶ ଯେ, ଛାତ୍ର ଜଣଙ୍କ ମଧ୍ୟାହ୍ନଭୋଜନ ପରେ ଅନ୍ୟ ସହପାଠୀଙ୍କ ସହ ବିଦ୍ୟାଳୟ ପରିସରରେ ଖେଳୁଥିଲେ। ଏହି ସମୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପରେ ବିଦ୍ୟାଳୟର ଶ୍ରେଣୀ ଗୃହ ନିର୍ମାଣ ପାଇଁ ତିଆରି ହୋଇଥିବା ଫଳକଟି ଭାଙ୍ଗି ପ୍ରହ୍ଲାଦଙ୍କ ଉପରେ ପଡ଼ିଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଙ୍ଗେ ସଙ୍ଗେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ଅଭିଭାବକ ମଧ୍ୟ ଡାକ୍ତରଖାନାରେ ପହଞ୍ଚିଥିଲେ। ସନ୍ଧ୍ୟା ସମୟରେ ପ୍ରହ୍ଲାଦଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଅଭିଭାବକଙ୍କ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଭୁବନେଶ୍ୱର ତାପମାତ୍ରା ୧୦ ଡିଗ୍ରୀ ତଳେ

ଭୁବନେଶ୍ୱର,୮।୧ (ବନ୍ଦନା ସେଠୀ)

- ୧୯୫୨ର ତାପମାତ୍ରାକୁ ଦୋହରାଇଲା
- ପ୍ରବଳ ଥଣ୍ଡା ନେଇ ୧୧ଜିଲାକୁ ୟେଲୋ ୱାର୍ନିଂ

ରାଜ୍ୟରେ ଶୀତର ପ୍ରକୋପ ବଢ଼ିଚାଲିଛି। ପୂର୍ବାହ୍ନ ୧୦ ଯାଏ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଗୁରୁବାର ରାଜଧାନୀ ଭୁବନେଶ୍ୱରରେ ସ୍ୱାଭାବିକ ସର୍ବନିମ୍ନ ତାପମାତ୍ରାରୁ ୫.୬ ଡିଗ୍ରୀ ସେଲ୍‌ସିଅସ୍ କମ୍ ରହିଥିବାରୁ ପ୍ରବଳ ଶୀତ ଅନୁଭୂତ ହୋଇଥିଲା। ଏଠାରେ ସର୍ବନିମ୍ନ ତାପମାତ୍ରା ୯.୪ ଡିଗ୍ରୀ ରହିଥିବା ସହ ୧୯୫୨ ମସିହାର ରାତି ତାପମାତ୍ରାକୁ ଦୋହରାଇ ଥିଲା। ୧୯୫୨ ଜାନୁଆରୀ ୩ରେ ଭୁବନେଶ୍ୱରର ରାତି ତାପମାତ୍ରା ୯.୪ ଡିଗ୍ରୀ ସେଲ୍‌ସିଅସ୍ ରହିଥିବାବେଳେ ୧୯୯୨ ଜାନୁଆରୀ ୫ରେ ୮.୬ ଡିଗ୍ରୀ, ୨୦୦୩ ଜାନୁଆରୀ ୧୭ରେ ୯ ଡିଗ୍ରୀ ଏବଂ ୨୦୧୨ ଜାନୁଆରୀ ୧୫ରେ ୯.୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା। ଜାନୁଆରୀକୁ ବାଦ୍ ଦେଲେ, ୨୦୧୮ ଡିସେମ୍ବର ୩୦ରେ ଭୁବନେଶ୍ୱରର ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା।

କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ଅନ୍ୟ ସହରଗୁଡ଼ିକରେ ମଧ୍ୟ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ପାଣିପାଗ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ୨୪ଘଣ୍ଟାରେ ୨୨ ସହରର ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ତଳେ ରହିଥିଲା। ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରହିଥିଲା। ସେହିପରି ସେମିଲିଗୁଡାରେ ୩.୨ ଡିଗ୍ରୀ, ଫୁଲବାଣୀରେ ୫ ଡିଗ୍ରୀ, ରାଉରକେଲାରେ ୫.୪ ଡିଗ୍ରୀ, ଝାରସୁଗୁଡାରେ ୫.୮ ଡିଗ୍ରୀ, ଦାରିଙ୍ଗିବାଡ଼ିରେ ୬ ଡିଗ୍ରୀ, ଭବାନୀପାଟଣାରେ ୭ ଡିଗ୍ରୀ, ନବରଙ୍ଗପୁରରେ ୭ ଡିଗ୍ରୀ, କିରେଇରେ ୭.୨ ଡିଗ୍ରୀ, ଟିଟିଲାଗଡ଼ରେ ୭.୫ ଡିଗ୍ରୀ, ଅନୁଗୋଳରେ ୭.୮ ଡିଗ୍ରୀ, କେନ୍ଦୁଝରରେ ୮ ଡିଗ୍ରୀ, ସୁନ୍ଦରଗଡ଼ରେ ୮ ଡିଗ୍ରୀ, ରାଣୀତାଲରେ ୮.୬ ଡିଗ୍ରୀ, ଢେଙ୍କାନାଳରେ ୮.୯ ଡିଗ୍ରୀ, ବଲାଙ୍ଗୀରରେ ୯ ଡିଗ୍ରୀ, ଭୁବନେଶ୍ୱରରେ ୯.୪ଡିଗ୍ରୀ, ବାଲେଶ୍ୱରରେ ୯.୫ ଡିଗ୍ରୀ, କୋରାପୁଟରେ ୯.୬ ଡିଗ୍ରୀ, ରାୟଗଡାରେ ୯.୬ ଡିଗ୍ରୀ, କଟକରେ ୯.୬ ଡିଗ୍ରୀ, ସୋନପୁର ୯.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ୨ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ନାହିଁ। ତେବେ ଏହାପରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧିପାଇବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଶୁକ୍ରବାର ଓ ଶନିବାର ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।






“ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। -ଶ୍ରୀଅରବିନ୍ଦ



# ଟ୍ରମ୍ପ ପ୍ରଶାସନରେ ଅସମାନତା



ବ୍ରହ୍ମ ଚେଲାନି

ଗତବର୍ଷ ଜୁନ୍‌ରେ କେତେକ ଦେଶର ନାଗରିକଙ୍କ ଆମେରିକା ପ୍ରବେଶ ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଟକଣା ଲଗାଇଥିଲେ। ପୁନର୍ବାର ଗତମାସରେ ସେ ଆଉ ୨୦ଟି ଦେଶର ନାଗରିକଙ୍କ ଆମେରିକା ପ୍ରବେଶକୁ ବନ୍ଦ କରିଥିଲେ । ତେବେ ଜାତୀୟ ଏବଂ ଜନସାଧାରଣଙ୍କ ସୁରକ୍ଷା ପ୍ରତି ଥିବା ବିପଦ ଦୂର କରିବାପାଇଁ ସେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ଟ୍ରମ୍ପଙ୍କ କଟକଣାର ଶିକାର ହୋଇଥିବା ଦେଶଗୁଡ଼ିକର ତାଲିକାରୁ ସ୍ପଷ୍ଟ ଯେ, ତାଙ୍କ ପଦକ୍ଷେପ ହେଉଛି କେବଳ ଜାତୀୟ ରାଷ୍ଟ୍ରବାଦ ରାଜନୀତି, ଯାହାକୁ ଆତଙ୍କବାଦ ବିରୋଧୀ ପଦକ୍ଷେପ ଭାବେ ପ୍ରସ୍ତୁତ କରାଯାଇଛି। ୨୦୨୫ରେ ଆଙ୍ଗୋଲା, ଆଣ୍ଟିଗୁଆ ଓ ବାରବୁଡ଼ା, ଡୋମିନିକା, ହାଇତି, ଲାଓସ, ମାଲାୱି, ସେନେଗାଲ, ସିରିଆ ଲିଓନ, ଟୋଙ୍ଗା, ଜାମ୍ବିଆ ଏବଂ ଜିମ୍ବାୱେ ସମେତ ଅନେକ ଦେଶ ଉପରେ ଆମେରିକା ପ୍ରବେଶକୁ ନେଇ ଟ୍ରମ୍ପ କଟକଣା ଲଗାଇଥିଲେ। ଦେଖିବାକୁ ଗଲେ ବାସ୍ତବରେ ଏହି ଦେଶଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ସନ୍ତ୍ରାସବାଦରେ ଲିପ୍ତ ଥିବାର କୌଣସି ଇତିହାସ ନାହିଁ। କିନ୍ତୁ ଗତମାସରେ କଟକଣା ଘୋଷଣା କରାଯାଇଥିବା ୨୦ଟି ଦେଶ ମଧ୍ୟରୁ ୧୬ଟି ଦେଶ ଏବଂ ୨୦୨୫ରେ କଟକଣାର ଶିକାର ହୋଇଥିବା ୩୯ଟି ଦେଶ ମଧ୍ୟରୁ ୨୬ଟି ଦେଶ ହେଉଛନ୍ତି ଆଫ୍ରିକାର। ଟ୍ରମ୍ପଙ୍କ ବ୍ୟାପକ କାର୍ଯ୍ୟସୂଚୀରୁ ଜଣାପଡୁଛି ଯେ, ବର୍ଣ୍ଣବୈଷମ୍ୟ ଆମେରିକା ନୀତିକୁ ପ୍ରଭାବିତ କରୁଛି। ଏହା ହେଉଛି ୨୦୧୭ରେ ଟ୍ରମ୍ପଙ୍କ ପ୍ରଥମ ପ୍ରଶାସନରେ ଧର୍ମୀୟ ଭେଦଭାବ ଭଳି ଘଟଣା, ଯେଉଁଥିରେ ସେ ୭ଟି ମୁସଲମାନ ବହୁଳ ଦେଶର ନାଗରିକଙ୍କ ଆମେରିକା ପ୍ରବେଶ ତଥା ପୁନର୍ବାସ ଉପରେ କଟକଣା ଲଗାଇଥିଲେ।

ଆମେରିକାର ଅଧିକାରୀମାନେ କହନ୍ତି, ସେମାନଙ୍କ ନିଷ୍ପତ୍ତି ବା ଯୋଜନାରେ ସ୍କ୍ରିନିଂ, ଯାଞ୍ଚ ଓ ତଥ୍ୟ ଶେୟାରିଂରେ ଅଭାବ ପରିଲକ୍ଷିତ ହେଉଛି। ଏହାସହ କୌଣସି ଦେଶର ନାଗରିକ ଆଇନଗତ ଭାବେ ସାମୟିକ ଭିଜା ବଳରେ ଆମେରିକାକୁ ଆସି ଅନ୍ୟାୟ ଭାବେ ରହିଯାଉଛନ୍ତି । କିନ୍ତୁ ସାବଧାନ ପୂର୍ବକ ତ୍ରୁଟିଶୂନ୍ୟ ଭାବେ ଏହାକୁ ସମାଧାନ କରିବା ପରିବର୍ତ୍ତେ କେତେକ ଅଜବ ଯୁକ୍ତି ଉପସ୍ଥାପନ କରାଯାଉଛି। ଉଦାହରଣ ସ୍ୱରୂପ, ଆମେରିକୀୟ ପ୍ରବାସନ ପରିଷଦ ଯୁକ୍ତି ଦର୍ଶାଉଛି, ଅଣ-ଅପ୍ରବାସୀ ଭିଜା (ଯେଉଁମାନେ ଅସ୍ଥାୟୀ ଭିଜାରେ ଆସି ତାହା ପୂରଣ ହେବା ପରେ ରହିଯାଆନ୍ତି) ପ୍ରତିଶତକୁ ଦର୍ଶାଇ ପ୍ରବାସନ ଭିଜା ଉପରେ ଟ୍ରମ୍ପ ପ୍ରଶାସନ ପ୍ରତିବନ୍ଧକ ଲଗାଇଛି। ତେବେ ଟ୍ରମ୍ପଙ୍କ ଟାରିଫ ଭଳି ଏହିସବୁ ମାନଦଣ୍ଡକୁ ବିଶେଷକରି ବାଛି ବାଛି କେତେକ ଦେଶ ଉପରେ ଲାଗୁ କରାଯାଇଛି। ଏହାସହ କେତେକ ଦେଶ ଯଥା ଇଜିପ୍ଟ ଓ କୁଏଟ୍‌ର ଲୋକେ ଅଧିକ ସଂଖ୍ୟାରେ ଭିଜା ଅବଧି ପୂରଣ ହେବା ପରେ ଆମେରିକାରେ ରହୁଥିଲେ ମଧ୍ୟ ସେମାନେ କୌଣସି କଟକଣାର ସମ୍ମୁଖୀନ ହେଉନାହାନ୍ତି। ଏପରି କି ଦୀର୍ଘ ସମୟ ଧରି ବିଶ୍ୱସ୍ତରରେ ଜିହାଦବାଦ ସହ ଜଡ଼ିତ ଥିବା ପାକିସ୍ତାନ ଓ କତାର ଭଳି ଦେଶକୁ କଟକଣାମୁକ୍ତ ରଖାଯାଇଛି। ଅନ୍ୟପକ୍ଷରେ ସାଉଦି ଆରବ ମଧ୍ୟ ଏଯାବତ୍ ଏହା ଟ୍ରମ୍ପଙ୍କ ଆକ୍ରୋଶର ଶିକାର ହୋଇନାହିଁ।

ଏଭଳି ସୁବିଧା ପାଉଥିବା ଦେଶଗୁଡ଼ିକ ନିର୍ଦ୍ଦିଷ୍ଟ ଭାବେ ବିପଜ୍ଜନକ। କିନ୍ତୁ ସେମାନେ ଆମେରିକା ପାଇଁ ଉପଯୋଗୀ ହୋଇଛନ୍ତି। ଇଜିପ୍ଟ ଓ ଇରାକ ଭଳି ଦେଶଗୁଡ଼ିକୁ ରଣନୀତିକ ଦୃଷ୍ଟିରୁ ଅପରିହାର୍ଯ୍ୟ ବୋଲି ବିଚାର କରାଯାଉଛି। ସାଉଦି ଆରବ କେବଳ ଆମେରିକାର ପ୍ରତିରକ୍ଷା ଅଂଶୀଦାର ନୁହେଁ, ବରଂ ଏହା କତାର ଭଳି ଆମେରିକାରେ ଏକ ପ୍ରମୁଖ ନିବେଶକ ହୋଇଛି ଏବଂ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ କୁଶନରଙ୍କ ଫାର୍ମରେ ନିବେଶ କରିଛି। ପାକିସ୍ତାନ ୱାର୍ଲ୍ଡ ଲିବରିଟି ଫାଇନାନ୍ସିଆଲ ସହ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛି। ଏହା ହେଉଛି ଏକ କ୍ରିପ୍ଟୋକରେନ୍ସି କମ୍ପାନୀ, ଯେଉଁଥିରେ ଟ୍ରମ୍ପଙ୍କ ପରିବାରର ପ୍ରମୁଖ ଅଂଶଧନ ରହିଛି। ଟ୍ରମ୍ପ ପ୍ରଶାସନ ଅନେକ ଦେଶ ଉପରେ କଟକଣାକୁ କଠୋର କରିଥିବାବେଳେ ତୁର୍କମେନିସ୍ତାନ ଉପରେ ପୂର୍ବରୁ ଥିବା ଅଣ-ଅପ୍ରବାସୀ ଭିଜା କଟକଣା ଉଠାଇ ନେଇଥିଲା। ଏହା ସ୍ପଷ୍ଟ ଯେ, ଏହି ଦେଶ ଆମେରିକା ସହ ଶକ୍ତି ଓ ଗୁରୁତ୍ୱପୂର୍ଣ୍ଣ ଖଣିଜଦ୍ରବ୍ୟ ଉପରେ ସହଯୋଗ କରିବାକୁ ଏବଂ ଆମେରିକୀୟ କମ୍ପାନୀଗୁଡ଼ିକୁ ଅଧିକ ସୁଯୋଗ ଦେବାକୁ ରାଜି ହେବା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ଏଥିରୁ ସ୍ପଷ୍ଟ ଶିକ୍ଷା ମିଳେ ଯେ, ଟ୍ରମ୍ପ ପ୍ରଶାସନର ଯେଉଁ ଦେଶଗୁଡ଼ିକ ସହିତ ଘନିଷ୍ଠତା ରହିଛି କିମ୍ବା ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ସହ ଲାଭଜନକ ବ୍ୟବସାୟିକ ସମ୍ପର୍କ ଅଛି, ସେମାନଙ୍କୁ ଶୁଭ ଦୃଷ୍ଟିରେ ଦେଖାଯାଉଛି। ଆମେରିକାର ସରକାରୀ କାର୍ଯ୍ୟାଳୟ ଏବଂ ବ୍ୟକ୍ତିଗତ ସ୍ୱାର୍ଥ ମଧ୍ୟରେ କୌଣସି ସୀମା ନାହିଁ, ଯେଉଁଥିପାଇଁ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି।

ଆମେରିକାର ସୁରକ୍ଷା ପ୍ରତି ବିପଦର କୌଣସି ଇତିହାସ ନ ଥିବା ଦେଶ ବୁର୍କିନାଫାସୋର ଜଣେ ନାଗରିକଙ୍କୁ ଆମେରିକାରେ ପ୍ରବେଶ ପାଇଁ ବାରଣ କରାଯାଇଛି। କିନ୍ତୁ ଇସ୍‌ଲାମିକ ହିଂସା ଓ ଆମେରିକା ବିରୋଧୀ ଉଗ୍ରବାଦ ଆକ୍ରାନ୍ତ ଜଣେ ବାଂଲାଦେଶୀ ନାଗରିକ ପ୍ରତି ଏଭଳି କଟକଣା ନାହିଁ। ଏହି ପ୍ରକାର ଅସଙ୍ଗତି ବା ଅସମାନତା ଆମେରିକାର କୂଟନୀତି ଓ ଆତଙ୍କବାଦ ବିରୋଧୀ ପଦକ୍ଷେପର ଗୁରୁତ୍ୱକୁ ହ୍ରାସ କରୁଛି। ଯଦି ଟ୍ରମ୍ପ ପ୍ରକୃତରେ ଆମେରିକାକୁ ରକ୍ଷା କରିବାକୁ ଚାହୁଁଥିଲେ ସେ ଗୁରୁତ୍ୱପୂର୍ଣ୍ଣ ଗୋଇନ୍ଦା ଓ ସୁସଙ୍ଗତ ମାନଦଣ୍ଡ ବା ନିୟମକୁ ଆଧାର କରି ଏକ ରଣନୀତି ପ୍ରସ୍ତୁତ କରିପାରି ଥାଆନ୍ତେ। ଏହା ସହ ସେ ଆମେରିକାର ସହଯୋଗୀ ଓ ଶତ୍ରୁମାନଙ୍କୁ ସମାନ ଭାବେ ସାମ୍ନା କରିବା ପାଇଁ ତତ୍ପରତା ପ୍ରଦର୍ଶନ କରିଥାଆନ୍ତେ। ଦୁର୍ଭାଗ୍ୟବଶତଃ ଟ୍ରମ୍ପଙ୍କ ସୁରକ୍ଷା ସମ୍ପର୍କିତ କଥା ପଛରେ ତାଙ୍କର ନିଜସ୍ୱ ସ୍ୱାର୍ଥ ନିହିତ ଥିବା ପ୍ରମାଣ କରିଛନ୍ତି। ତେବେ ଜାତୀୟ ସୁରକ୍ଷା କଥା କିଭଳି ଆକ୍ରମଣାତ୍ମକ କୂଟନୀତି ଓ ବ୍ୟକ୍ତିଗତ ଲାଭ ପାଇଁ ଉପଯୋଗ କରାଯାଇପାରେ ତାହାର ଏକ ଉଦାହରଣ ହେଉଛି ଏବକାର ଯାତ୍ରା ସମ୍ବନ୍ଧିତ କଟକଣା। ବାସ୍ତବରେ 'ଆମେରିକା ପ୍ରଥମ' ବିଚାରଧାରାରୁ ଏହା ସ୍ୱାଭାବିକ ଭାବେ ସୃଷ୍ଟି ହୋଇଥିଲା। ସବୁବେଳେ ଏହି ଧାରଣାର ଉଦ୍ଦେଶ୍ୟ ଥିଲା ଅନ୍ତଃରାଷ୍ଟ୍ରୀୟ କାର୍ଯ୍ୟରେ ଏକ ନେଣଦେଣ ଦୃଷ୍ଟିକୋଣକୁ ଯୁକ୍ତିଯୁକ୍ତ ସାବ୍ୟସ୍ତ କରିବା। କିନ୍ତୁ ଟ୍ରମ୍ପଙ୍କ ଦ୍ୱିତୀୟ ରାଷ୍ଟ୍ରପତିତ୍ୱ ସମୟରେ ଏହା ନିରାଶବାଦର ଉଚ୍ଚସ୍ତରରେ ପହଞ୍ଚିଯାଇଛି। ଆମେରିକାର ସୁରକ୍ଷା ସ୍ଥିତି ଯାହା ବି ହେଉ, ଏବେ ଯେଉଁମାନେ ଟ୍ରମ୍ପଙ୍କୁ ପର୍ଯ୍ୟାପ୍ତ ଲାଭ ଦେବାରେ ବିଫଳ ହେଉଛନ୍ତି ସେମାନେ ଦଣ୍ଡିତ ହେଉଛନ୍ତି ଏବଂ ଯେଉଁମାନେ ତାଙ୍କ ପାଇଁ ଉପକାରୀ ପ୍ରମାଣିତ ହେଉଛନ୍ତି ସେମାନେ ଦଣ୍ଡରୁ ମୁକ୍ତ ହେଉଛନ୍ତି।

**ପ୍ରାଧ୍ୟାପକ, ଏମେରିଟସ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ୍, ସେଣ୍ଟର୍ ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | | | | |
| 3 | 2 | 9 | | | | | | 6 |
| 8 | | 6 | | | 1 | | | 9 |
| | | | | 3 | | | | |
| | | | | | | | 5 | |
| 1 | | | | | 2 | 8 | 9 | |
| | | 1 | | 7 | | | 2 | |
| | | 4 | 1 | | | 5 | | |
| | 3 | | 4 | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 6 | 2 | 5 | 4 | 1 | 8 | 7 |
| 5 | 4 | 1 | 8 | 7 | 3 | 2 | 6 | 9 |
| 2 | 7 | 8 | 9 | 6 | 1 | 5 | 3 | 4 |
| 9 | 2 | 3 | 5 | 1 | 6 | 4 | 7 | 8 |
| 4 | 6 | 7 | 3 | 2 | 8 | 9 | 5 | 1 |
| 8 | 1 | 5 | 4 | 9 | 7 | 3 | 2 | 6 |
| 7 | 5 | 4 | 6 | 3 | 9 | 8 | 1 | 2 |
| 6 | 8 | 2 | 1 | 4 | 5 | 7 | 9 | 3 |
| 1 | 3 | 9 | 7 | 8 | 2 | 6 | 4 | 5 |

ଗତକାଲିର ଉତ୍ତର

# ଗରିବ କଲ୍ୟାଣ ପାଇଁ ମୋଦୀଜୀଙ୍କ ଭିବି ଜି-ରାମ୍-ଜି



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ନିକଟ ଅତୀତରେ ଆମ ସଂସଦରେ ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ଭିବି ଜି-ରାମ୍-ଜି ଆଇନ ପାରିତ ହୋଇଛି। ଦେଶରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହି ଆଇନର ବିରୋଧ କରିବା ସହ ରୋଜଗାରର ଗ୍ୟାରେଣ୍ଟି ଶେଷ ହୋଇଯିବା, ଗାନ୍ଧୀଜୀଙ୍କ ଅପମାନ ପରି ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢ଼ା ଅଭିଯୋଗ ଆଣି ଜନମତ ଭ୍ରମିତ କରିବାର ଅପଚେଷ୍ଟା କରୁଛି। ଆମ୍ ଆଦ୍‌ମୀ ପାର୍ଟି ଶାସିତ ପଞ୍ଜାବ ବିଧାନସଭାରେ ଏହି ଆଇନ ବିରୁଦ୍ଧରେ ପ୍ରସ୍ତାବ ମଧ୍ୟ ପାରିତ ହୋଇଛି। ଗଣତନ୍ତ୍ରରେ ଦ୍ୱିମତ ହେବା କିଛି ଖରାପ କଥା ନୁହେଁ। ମତ ଓ ଭିନ୍ନ ଭିନ୍ନ ମତ ଓ ମତ ମତାନ୍ତର ଗଣତନ୍ତ୍ରକୁ ସୁଦୃଢ଼ କରେ। ଏହା ଆମେ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତ୍ତା ପୃଷ୍ଠଭୂମିରୁ ସରକାରକୁ ଆସିଥିବା ବ୍ୟକ୍ତିମାନଙ୍କର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଅଖଣ୍ଡ ବିଶ୍ୱାସ। ମାତ୍ର ଗଣତାନ୍ତ୍ରିକ ବିତର୍କର ଗୋଟିଏ ବଡ଼ ସର୍ତ୍ତ ରହିଛି। ଏହି ମତାନ୍ତରର ଆଧାର ସତ୍ୟ ଓ ତଥ୍ୟ ଆଧାରିତ ହେବା ଉଚିତ। ବିତର୍କର ନିର୍ଯାସ ଯେତେବେଳେ ସାମ୍ନାକୁ ଆସିବ କିଏ ଠିକ୍ କିଏ ଭୁଲ୍ ସେତେବେଳେ ତା'ର ଆନୁଷ୍ଠାନିକ ଘୋଷଣାର ଆବଶ୍ୟକତା ନାହିଁ। ଭାରତ ଓ ଓଡ଼ିଶାର ସମୃଦ୍ଧ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକମାନେ ସେମାନଙ୍କର ମନ ବନେଇ ନେବେ।

ଭିବି ଜି-ରାମ୍-ଜି ବିବାଦ ପରିପ୍ରେକ୍ଷୀରେ ଓଡ଼ିଆ ଲୋକମାନଙ୍କର ଜଣେ ସେବକ ଭାବରେ ଏହି ନିବନ୍ଧ ମାଧ୍ୟମରେ କିଛି ତଥ୍ୟ ଓ ସତ୍ୟକୁ ଉପସ୍ଥାପିତ କରିବି। ମୋ ବୈଚାରିକ ପୃଷ୍ଠଭୂମି ଆଧାରରେ ବ୍ୟାଖ୍ୟା କରିବି। ମୋ ପ୍ରିୟ ଓଡ଼ିଶାବାସୀ ଏହାକୁ ହୃଦୟଙ୍ଗମ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ। ଏହା ସହ ଆଦିବାସୀ, ଦଳିତ, ପଛୁଆବର୍ଗ, ମହିଳା, ଚାଷୀ ଓ ଯୁବପିଢ଼ିର କିଏ ହିତାକାଂକ୍ଷୀ, କିଏ ଗରିବର ପ୍ରକୃତ ବନ୍ଧୁ ତା'ର ଆକଳନ ବି ସ୍ପଷ୍ଟ ଭାବରେ କରିଦେବେ।

ନିବନ୍ଧ ଆରମ୍ଭରୁ ମୁଁ ସ୍ପଷ୍ଟତାର ସହ କହିବାକୁ ଚାହେଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କର ଲକ୍ଷ୍ୟ ୨୦୪୭ ସୁଦ୍ଧା ବିକଶିତ ଭାରତ। ବିକଶିତ ଭାରତର ମୂଳଦୁଆ ଗରିବ କଲ୍ୟାଣ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାରରେ ଆମ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ମାନେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଆମର ଲକ୍ଷ୍ୟ। ବିକଶିତ ଭାରତ ଗଠନରେ ଓଡ଼ିଶାର ଏକ ପ୍ରମୁଖ ଭୂମିକା ରହୁ ଏଥିପାଇଁ ମୋଦୀଜୀଙ୍କ ମାର୍ଗଦର୍ଶନରେ ବିକାଶର ନକ୍ସା ଆଧାରରେ ଆମେ କାମ କରୁଛୁ।

ମୋର ଦୃଢ଼ ବିଶ୍ୱାସ ଏହି ନୂତନ ଭିବି ଜି-ରାମ୍-ଜି ଆଇନ ମୋଦୀଜୀଙ୍କ ବିକଶିତ ଭାରତ ନିର୍ମାଣ ସ୍ୱପ୍ନକୁ ସାକାର କରିବା ପାଇଁ ଗରିବ ଓ ମେହନତି ମଣିଷର ଯୋଗଦାନକୁ ଆହୁରି ବଢ଼ାଇବ। ପୁରୁଣା ଏମ୍‌ଜିଏନ୍‌ଆରଇଜିଏର ତ୍ରୁଟି ବିଚ୍ୟୁତିକୁ ଅନୁଭବ ଆଧାରରେ ଦୂରକରି ଭିବି ଜି-ରାମ୍-ଜି ନୂଆ ଅଧ୍ୟାୟ ସୃଷ୍ଟି କରିବ।

ଏବେ ଆସିବା କିଛି ତଥ୍ୟକୁ। ପୂର୍ବରୁ କିଛି ମତ ରଖିଲି ଏବଂ ପରେ ମୋର ମତ ରଖିବି। ମତ ସହ କିଏ ଦ୍ୱିମତ ହୋଇପାରେ। ମାତ୍ର ତଥ୍ୟ ହେଉଛି ପ୍ରାମାଣିକ ସତ୍ୟ। ମୋ ସାମ୍ନାକୁ ଆସିଥିବା କିଛି ତଥ୍ୟ ମୁଁ ଆପଣଙ୍କ ସାମ୍ନାରେ ଉପସ୍ଥାପନା କରୁଛି।

ୟୁପିଏ ଶାସନର ଦ୍ୱିତୀୟ ପାଳିରେ ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ବଜେଟ ପ୍ରବଳ ମାତ୍ରାରେ ତଳକୁ ତଳକୁ ଯାଇଥିଲା। ୨୦୧୦-୧୧ ଆର୍ଥିକ ବର୍ଷରେ ୪୦,୧୦୦ କୋଟିର ବଜେଟ ୨୦୧୨-୧୩ ଆର୍ଥିକ ବର୍ଷରେ ୩୩,୦୦୦ କୋଟିରେ ପହଞ୍ଚିଥିଲା। ସେତେବେଳର ବିଭାଗୀୟ ରାଜ୍ୟ ପାହ୍ୟା ମନ୍ତ୍ରୀ ରାଜୀବ ଶୁକ୍ଳା ସଂସଦରେ ଉତ୍ତର ଦେଇ କହିଥିଲେ, ୨୦୧୦-୧୧ରେ ୭.୫୫ କୋଟି ଶ୍ରମିକରୁ ୨୦୧୩ ନଭେମ୍ବର ବେଳକୁ ଏହା ଖସି ୬.୯୩ କୋଟିରେ ପହଞ୍ଚିଥିଲା। ଅର୍ଥ ପ୍ରଦାନରେ ଅହେତୁକ ବିଳମ୍ବ, ଶ୍ରମିକଙ୍କୁ ଅର୍ଥ ପ୍ରଦାନରେ ପାରଦର୍ଶିତାର ଘୋର ଅଭାବ, ପ୍ରଶାସନିକ ସ୍ଥାଣୁତା ଶ୍ରମିକମାନଙ୍କର ଏହି ଯୋଜନାରେ କାମ ପାଇଁ ଆଗ୍ରହକୁ କମ୍ କରୁଥିଲା।

ମୋଦୀ ଶାସନ କାଳ ଆରମ୍ଭରୁ ଏମ୍‌ଜିଏନ୍‌ଆରଇଜିଏ ଯୋଜନାକୁ ଦୁର୍ବଳ କରି ଦେବାକୁ ଷଡ଼ଯନ୍ତ୍ର ହୋଇଥିଲା ବୋଲି ସଂସଦ ଭିତରେ ଓ ବାହାରେ ବହୁ ତୁମ୍ପିତୋଫାନ ହୋଇଛି। ବିତର୍କ ତଥ୍ୟ ଆଧାରିତ ହେବା ଉଚିତ। ୨୦୧୩-୧୪ ୟୁପିଏ ଶେଷ ବର୍ଷରେ ଏହି ଯୋଜନାର ୩୩ ହଜାର କୋଟି ବଜେଟ ବଢ଼ି ବଢ଼ି ମୋଦୀଙ୍କ ଶାସନରେ ୨୦୨୪-୨୫ରେ ୮୬ ହଜାର କୋଟିରେ ପହଞ୍ଚିଛି। ୟୁପିଏର ଶେଷ ବର୍ଷ ୨୦୧୩-୧୪ରେ ୧୬୬୦ କୋଟି ମ୍ୟାନ୍ ଡେଜର କାମ ଏନ୍‌ଡିଏ ଶାସନରେ ୩,୨୧୦ କୋଟିରେ ପହଞ୍ଚିଥିଲା। ଏହି ସମୟରେ କେନ୍ଦ୍ରୀୟ ଅର୍ଥର ବ୍ୟୟବରାଦ ୨.୧୩ ଲକ୍ଷ କୋଟିରୁ ବଢ଼ି ୮.୫୩ ଲକ୍ଷ କୋଟିରେ ପହଞ୍ଚିଲା। ସମ୍ପୂର୍ଣ୍ଣ କାମର ସଂଖ୍ୟା ୧୫୩ ଲକ୍ଷରୁ ୮୬୨ ଲକ୍ଷରେ ପହଞ୍ଚିଲା। ଏହି କାମରେ ମହିଳାଙ୍କ ଭାଗୀଦାରି ୪୮ ପ୍ରତିଶତରୁ ବଢ଼ି ୫୬ ପ୍ରତିଶତରୁ ଅଧିକ ହେଲା। ଏହି ଯୋଜନାରେ ପାଖାପାଖି ୯୯ ପ୍ରତିଶତ ଶ୍ରମିକ ଆଧାର ସଂଯୁକ୍ତ ଅର୍ଥ ପ୍ରଦାନରେ ଯୋଡ଼ି ହୋଇଥିଲେ। ଏହା ଏହି ଯୋଜନା ପ୍ରତି ବୈମାତୃକ ମନୋଭାବ ନୁହେଁ ବରଂ ମୋଦୀ ସରକାରଙ୍କର ଗରିବମାନଙ୍କୁ ଲାଭ ପହଞ୍ଚାଇବାର ନିଷ୍ଠାକୁ ହିଁ ଦର୍ଶାଉଛି।

ନାମ ପରିବର୍ତ୍ତନ ବିବାଦକୁ ପରେ ଆସିବି, ମାତ୍ର ଆଉ କିଛି ତଥ୍ୟକୁ ମୁଁ ଆପଣଙ୍କ ସାମ୍ନାରେ ଉପସ୍ଥାପନା କରିବାକୁ ଚାହୁଁଛି। ପୁରୁଣା ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ପରିବାର ପିଛା ବାର୍ଷିକ ୧୦୦ ଦିନର କାମର ଗ୍ୟାରେଣ୍ଟି ଥିଲା। ମାତ୍ର ଯଦି ଆମେ ତଥ୍ୟକୁ ଦେଖିବା ୧୦୦ ଦିନ ପରିବର୍ତ୍ତେ ହାରାହାରି ୫୦ ଦିନର କାମ ମିଳୁଥିଲା। ଏହି ଯୋଜନାରେ ତଦାରଖ ଓ ଉତ୍ତରଦାୟିତ୍ୱ ବ୍ୟବସ୍ଥାରେ ଗୁରୁତର ତ୍ରୁଟି ବିଚ୍ୟୁତି ଥିଲା ; ଯାହା ପାଇଁ ଏହି ଯୋଜନା ଦୁର୍ନୀତିରେ ପୋତି ହୋଇପଡୁଥିଲା। ୨୦୦୬ରୁ ୨୦୧୧ ଭିତରେ ବିହାରରେ ୬ ହଜାର କୋଟିର ସ୍କାମ, ୨୦୧୧ରେ ଉତ୍ତର ପ୍ରଦେଶରେ ୧୦ ହଜାର କୋଟିର ଫେକ୍ ଜବ କାର୍ଡ, ମିଛ ପର୍‌ଚେଜର ସ୍କାମ ସାମ୍ନାକୁ ଆସିଥିଲା। ୨୦୧୨ରେ ଆମ ଓଡ଼ିଶାର ସମ୍ବଲପୁରରେ ମୃତ, ବୟୋବୃଦ୍ଧ, ରୋଗୀଙ୍କୁ ନେଇ ମିଛ କର୍ମ ନିଯୁକ୍ତି, ଅର୍ଦ୍ଧ ନିର୍ମିତ ରାସ୍ତା କାମ ତଥା ଆଦୌ ହୋଇ ନ ଥିବା କାମର ବିଲ୍ ଉଠିଥିଲା। ଗୋଟିଏ କାମକୁ ବାରମ୍ବାର ବିଲ୍ କରାଯାଇଥିଲା। ମୋଟାମୋଟି ଦୁର୍ବଳ ଯୋଜନା, ଅସଂଗଠିତ ବା ଅନଷ୍ଟ୍ରକ୍ଚର୍ଡ କର୍ମ ନିଯୁକ୍ତି, ସ୍ଥାନୀୟ ବିକାଶ ଆବଶ୍ୟକତା ଅନୁସାରେ ଯୋଜନା ନ ହେବା, ବିଭିନ୍ନ ଋତୁକାଳୀନ ଓ ପ୍ରଶାସନିକ ସମସ୍ୟା ଏହି ଏମ୍‌ଜିଏନ୍‌ଆରଇଜିଏ ଯୋଜନାକୁ ଅନ୍ତଃସାର ଶୂନ୍ୟ କରିଦେଇଥିଲା।

ଏମ୍‌ଜିଏନ୍‌ଆରଇଜିଏକୁ ସମାପ୍ତ କରି ଭିବି ଜି-ରାମ୍-ଜି ମୋଦୀଙ୍କ ୨୦୪୭ରେ ବିକଶିତ ଭାରତ ଲକ୍ଷ୍ୟକୁ ହାସଲ କରିବାକୁ ଉଦ୍ଦିଷ୍ଟ। ୧୦୦ ଦିନ ପରିବର୍ତ୍ତେ ୧୨୫କାର୍ଯ୍ୟ ଦିବସରେ ଗ୍ୟାରେଣ୍ଟି ଏଥିରେ ଅଛି। ଗ୍ରାମାଞ୍ଚଳ କର୍ମ ନିଯୁକ୍ତି ବ୍ୟବସ୍ଥାର ଆଧୁନିକୀକରଣ କରାଯାଇ ପୂର୍ବ ଆଇନରେ ଥିବା ବହୁଦିନର ଦୁର୍ବଳତାକୁ ଦୂର କରାଯାଇଛି। ଦୀର୍ଘ ସ୍ଥାୟୀ ଗ୍ରାମୀଣ ଆସେଟ୍ ପ୍ରସ୍ତୁତ କରିବା ମାଧ୍ୟମରେ ଗ୍ରାମାଞ୍ଚଳରେ ଉତ୍ପାଦନ କ୍ଷମତା ବୃଦ୍ଧିକରିବା ଏହି ନୂଆ ନିୟମର ମୂଳଲକ୍ଷ୍ୟ। ପୂର୍ବରୁ ଲେବର୍ ବଜେଟ ଅନିଶ୍ଚିତ ଥିଲା। ଏଥିରେ ପରିବର୍ତ୍ତନ କରାଯାଇ ରାଜ୍ୟମାନଙ୍କୁ ମଧ୍ୟ ଅନେକ କ୍ଷେତ୍ରରେ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ୨୬୦ ପ୍ରକାରର ଛୋଟ ବଡ଼ କାମକୁ ଷ୍ଟ୍ରିମ୍ ଲାଇନ କରାଯାଇ ଚାରୋଟି ପ୍ରମୁଖ କ୍ଷେତ୍ରରେ କର୍ମ ନିଯୁକ୍ତି ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଏଗୁଡିକ ହେଲା ଗ୍ରାମାଞ୍ଚଳ ବିକାଶର ୪ଟି ପ୍ରମୁଖ ଦିଗ ଯଥା ଜଳ ସୁରକ୍ଷା (Water Security), ଗ୍ରାମୀଣ ଭିତ୍ତିଭୂମି (Rural Infra-structure), ଜୀବିକା ସମ୍ପଦ(Livelihood Assets) ଏବଂ ଜଳବାୟୁ ସୁରକ୍ଷା (Climate Protection)। ଏହା ୨୦୪୭ ବିକଶିତ ଭାରତର ୪ ଆଧାର ସ୍ତମ୍ଭ ହେବ। କୃଷି କ୍ଷେତ୍ରକୁ ଆଖି ଆଗରେ ରଖି ଜିଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ଚାଷ ଓ ଅମଳ ସମୟରେ ୬୦ ଦିନ ଏହି କାମ ଦେବା ପାଇଁ ସ୍ଥାନୀୟ ସ୍ତରରେ ନିଷ୍ପତ୍ତି ନେବା ପାଇଁ ଅଧିକାର ଦିଆଯାଇଛି। ଅର୍ଥାତ୍ ପୂର୍ବରୁ ଯେପରି ମିଛରେ କାମ ହୋଇଛି କହି ମିଛ କାଗଜପତ୍ର ଆଧାରରେ ଖର୍ଚ୍ଚ କରାଯାଇଥିଲା ସେଥିରେ ରୋକ ଲାଗିବ। ଏହାଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଅଭାବ ଓ ମଜୁରି ବଢ଼ିବା ସମସ୍ୟା ଦୂର ହେବ।

ଏଆଇ ଏବଂ ଜିପିଏସ୍ ମୋବାଇଲ ଟ୍ରାକିଂ ଆଧୁନିକ ଟେକ୍ନୋଲୋଜି ଆଦିର ବହୁଳ ବ୍ୟବହାର, ବାଧ୍ୟତାମୂଳକ ତଥ୍ୟ ସାର୍ବଜନୀନକରଣ, ବାଧ୍ୟତାମୂଳକ ସୋସିଆଲ ଅଡିଟ ନୂଆ ଯୋଜନାକୁ ପାରଦର୍ଶୀ କରିବ। କାମ ମାଗିବାର୧୫ଦିନ ମଧ୍ୟରେ କାମ ଯୋଗାଇ ନ ପାରିଲେ ଭତ୍ତା ଯୋଗାଣକୁ ସୁନିଶ୍ଚିତ କରାଯିବାର ବ୍ୟବସ୍ଥା କରାଯାଇଛି।

ମୋଟା ମୋଟି ଲୋକଙ୍କ ହାତକୁ କାମ ଦରକାର ଓ ରୋଜଗାର ଦରକାର। ମୋଦୀଙ୍କ ଭିବି ଜି-ରାମ୍-ଜି ରେ ଅଧିକ ଦିନ କାମ, ଅଧିକ ରୋଜଗାର, କାମ ନ ମିଳିଲେ ଭତ୍ତା ସହ ଟେକ୍ନୋଲୋଜିର ବହୁଳ ବ୍ୟବହାର ଚୋରି-ଚପାଟି ଓ ଦୁର୍ନୀତି ଉପରେ ରୋକ ଲଗାଇବ। ଏହା ସହ ଖାଲି କାମ ନୁହେଁ ଦୀର୍ଘ ମିଆଦୀ ରୋଜଗାର ସୁଯୋଗ ସୃଷ୍ଟି ପାଇଁ ଭିତ୍ତିଭୂମି ସୃଷ୍ଟି କରିବ। ଗାଁ ଓ ଗରିବଙ୍କ ମନ ବୁଝି ସେମାନଙ୍କ ଜରୁରୀ ଆବଶ୍ୟକତା ପୂରଣ କରିବାର ରୋଜଗାରର ପନ୍ଥାକୁ ସୁନିଶ୍ଚିତ କରିବ ଭିବି ଜି-ରାମ୍-ଜି ।

ଆଉ ରହିଲା ଗାନ୍ଧୀଜୀଙ୍କ ନାଁ କାହିଁକି ବଦଳାଇଲ। ଆମେ ବିଜେପିର କାର୍ଯ୍ୟକର୍ତ୍ତାଙ୍କ ପାଇଁ ଗାନ୍ଧୀଜୀ ଓ ଦୀନ ଦୟାଲଜୀଙ୍କ ବିଚାର ସର୍ବୋପରି। ବାଜପେୟୀଜୀଙ୍କ ସୁଶାସନ ମଡେଲ ହେଉ ବା ମୋଦୀଜୀଙ୍କ ଗରିବ କଲ୍ୟାଣ ଏହା ମୂଳରେ ଗାନ୍ଧୀଜୀଙ୍କ ଗ୍ରାମ ସ୍ୱରାଜ ଓ ଦୀନ ଦୟାଲଙ୍କ ଏକାତ୍ମ ମାନବ ଦର୍ଶନ; ଯାହାର ମୂଳମନ୍ତ୍ର ବିକାଶ ପାହାଚର ଶେଷଧାଡ଼ିରେ ଥିବା ଲୋକ ପାଖରେ ଯୋଜନାର ଲାଭ ପହଞ୍ଚାଇବା। ମୋଦୀଜୀଙ୍କ ଭିବି ଜି-ରାମ୍-ଜି ପଛରେ ରହିଛି ଗାନ୍ଧୀବାଦର ପ୍ରେରଣା।

ଶେଷରେ କଂଗ୍ରେସ ବନ୍ଧୁମାନଙ୍କୁ ପ୍ରଶ୍ନ, କଂଗ୍ରେସ ଶାସନରେ ଗୋଟିଏ ଯୋଜନାର ନାଁ ଥିଲା ଜବାହର ରୋଜଗାର ଯୋଜନା। ସେ ଯୋଜନା ରହିଲାନି। କଂଗ୍ରେସ ଶାସନ କାଳରେ ଏହା ହେଲା। ଏହାର ମାନେ କ'ଣ କଂଗ୍ରେସ ନେହେରୁଙ୍କର ଅପମାନ କଲା ? ନା ଯୋଜନାରେ 'ରାମ' ନାମ କଂଗ୍ରେସକୁ ଛଟପଟ କରୁଛି ?

ଜୟ ଜଗନ୍ନାଥ

# ମାନପତ୍ର



ଧ୍ରୁବ ଚରଣ ଘିବେଲା

ସୁନ୍ଦର ନାଁଟିଏ ମାନପତ୍ର। ପତ୍ର ବା ଲେଖାର ଉପଯୁକ୍ତ ମାନ ସମ୍ମାନ ଥାଏ ବୋଲି ତା' ନାଁ ମାନପତ୍ର। ତେଣୁ ମାନପତ୍ର ସବୁବେଳେ ମାନଯୁକ୍ତ ରହିବା ଉଚିତ। ମାନପତ୍ର ଦେଖିଲେ ତା'ର ମାନ ଥାଏ କେତେ ଜଣାପଡ଼େ। ପ୍ରଥମତଃ ମାନପତ୍ର ନିର୍ଭୁଲ ରହିବା ଦରକାର। ବହୁତ ବନାନ ଅଶୁଦ୍ଧି ଥିଲେ ମାନପତ୍ରର ମାନ ବନାନ ଅଶୁଦ୍ଧି ପାଇଁ କ୍ଷୁଣ୍ଣ ହୁଏ। ବନାନ ଶୁଦ୍ଧି ସହ ତହିଁରେ ଉଲ୍ଲେଖିତ ଶବ୍ଦ ସବୁର ଉତ୍ତମ ଚୟନ ଓ ସୁନ୍ଦର ଶବ୍ଦ ବସାଣ ଥିଲେ ସେଇ ଆଲଙ୍କାରିକ ଶବ୍ଦାବଳୀ ମାନପତ୍ରର ମାନ ବୃଦ୍ଧିରେ ବେଶ୍ ସହାୟକ ହୋଇଥାଏ। ଉତ୍ତମ ଲେଖା ପାଇଁ ମାନପତ୍ରର ଶ୍ରୀ ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ।

ଯେ କୌଣସି ନାଁକରା ଗୀତସଙ୍ଗୀତର ଗୀତିକାର ଅନେକ କ୍ଷେତ୍ରରେ ଯେମିତି ପ୍ରଚ୍ଛଦପଟରେ ରହିଥାନ୍ତି/ ରହିଯାନ୍ତି, ଠିକ୍ ସେମିତି ମାନପତ୍ର ଲେଖାଳି କିଏ ସେ ଆଦୌ ସାମ୍ନାକୁ ଆସି ନ ଥାନ୍ତି। ଗୀତିକାରଙ୍କୁ ତ ଅନେକ ଜାଣିବାର ଚିହ୍ନିବାର ସୁଯୋଗ ଥାଏ। ହେଲେ ମାନପତ୍ର ଲେଖାଳିଙ୍କୁ ଜାଣିବାର ସୁଯୋଗ ନ ଥାଏ କହିଲେ ଚଳେ। ଯା' ହେଉ କାହାକୁ କେଉଁଠି ଯଦି ପୁରସ୍କାର ଦିଆଯାଏ, ତେବେ ତାଙ୍କ ହାତକୁ ଆଗ ମାନପତ୍ରଟେ ବଢ଼େଇ ଦିଆଯାଇଥାଏ। ଆଉ ବେକରେ ତାଙ୍କର ପକେଇ ଦିଆଯାଏ ଗାମୁଛା ଖଣ୍ଡେ। ହାତକୁ ଫୁଲତୋଡ଼ାଟେ।

ଆଜିକାଲି ମାନପତ୍ର ନାଁରେ ଅମାନପତ୍ର(!) ବେଶି ଦିଆଯାଉଥିବା ମନେହୁଏ। ଅନେକ ମାନପତ୍ର ନିର୍ଭୁଲ ନ ଥାଏ। ତହିଁରେ ଭୁଲ୍ ଥାଏ। ତେଣୁ ସୁନ୍ଦର ମାନପତ୍ର ପାଇଁ ଉତ୍ସବ ଆୟୋଜନର ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ତାରିଖ ବା ଦିନର ବହୁତ ଦିନ ଆଗରୁ ମାନପତ୍ର ପ୍ରସ୍ତୁତି କାମ ସରିଥିବା ଦରକାର। ଆଗରୁ ଲେଖାଗଲେ ମାନପତ୍ର, ମାନପତ୍ର ଭଳିଆ ତିଆରି ହୋଇପାରିବ। ଉତ୍ସବର ଠିକ୍ ଦିନେ କି ଦି' ଦିନ ଆଗରୁ ମାନପତ୍ର ପ୍ରସ୍ତୁତ କରାଗଲେ ଲେଖାର ମାନ ଠିକ୍ ନ ରହିବା ସହିତ ନିର୍ଭୁଲ ନ ରହିବା ସମ୍ଭାବନା ଯଥେଷ୍ଟ ଅଧିକ ରହେ। ମାନପତ୍ର ପ୍ରସ୍ତୁତି ପାଇଁ ସମୟ ଦେବା ଦରକାର ଯେମିତି ତାହା ସୁନ୍ଦର ଓ ସୁଦୃଶ୍ୟ ଥିବ। ପୁଣି ସୁନ୍ଦର ଓ ସୁଦୃଶ୍ୟ ମାନପତ୍ର ତିଆରି ସମ୍ଭବ ଯଦି ପୁରସ୍କାର ସଂଖ୍ୟା ସୀମିତ ଥିବ। ୫୧, ୭୧, ୧୦୧ ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ପୁରସ୍କାର ଦିଆଗଲେ ସେଇଠି ନା ମାନପତ୍ରର ମାନ ଠିକ୍ ଥିବାର ଆଶା ରହିବ ନା ଉତ୍ତରୀୟର ମାନ ରହିବ। ସେଇଠି ଫୁଲତୋଡ଼ା ନାଁରେ ପତ୍ରତୋଡ଼ା



ଦିଆଯିବାରେ ମଧ୍ୟ ଆଶ୍ଚର୍ଯ୍ୟ ହେବାର ପ୍ରଶ୍ନ ନ ଥିବ। ଫୁଲ ନ ଥାଇ କେବଳ ପତ୍ର ମୋଡ଼ି ଦିଆଗଲେ ତାହା ଫୁଲତୋଡ଼ା ନ ହୋଇ ପତ୍ରତୋଡ଼ା ପଦବାଚ୍ୟ ହେବ ନିଶ୍ଚୟ। ଫୁଲତୋଡ଼ା ବଦଳରେ ପତ୍ରତୋଡ଼ା ଦେଲେଣି କେଉଁଠି କେଉଁଠି ଖର୍ଚ୍ଚକାଟ ନୀତି ଧରି। ପତ୍ରତୋଡ଼ା ଦିଆଯାଇଥିବା ଘଟଣା ଏ ଲେଖକ ନିଜେ ଦେଖିଛି ଗୋଟେ ସାହିତ୍ୟ ସଭାରେ। ପୁଣି ୫୧, ୭୧ ଜଣଙ୍କୁ ମାନପତ୍ର କେଉଁଠି ଦିଆଗଲେ ସେଠି କପି ପେଷ୍ଟ ମାନପତ୍ର ଦିଆଯିବ। ଏତେ ପ୍ରତିଭାଧରଙ୍କ ପାଇଁ ଅଲଗା ଅଲଗା ମାନପତ୍ର ତିଆରିକରିବା ଅସମ୍ଭବ କଥା। ସେଇ କ୍ଷେତ୍ରରେ ସବୁ ମାନପତ୍ରର ବିଷୟବସ୍ତୁ ସମାନ ଥାଏ। ସେଠି ପୁଣି ଛପା ନାଁ ରହେନି। ହାତଲେଖା ନାଁ ଥାଏ। ମୁଦ୍ରିତ ନାଁ ନ ଥାଏ।

ଆଗର ହାତଲେଖା ମାନପତ୍ରର ବି ମର୍ଯ୍ୟାଦା ଥିଲା। ସୁନ୍ଦର ଅକ୍ଷରରେ ମାନପତ୍ର ଲେଖାଯାଉଥିଲା। ଏବେ ମୁଦ୍ରିତ ମାନପତ୍ର ମାନରହିତ ରହୁଥିବା ଦେଖାଯାଏ। କମ୍ ଲୋକଙ୍କୁ ପୁରସ୍କାର ଦିଆଗଲେ ମୁଦ୍ରିତ ନାଁ ରୁହନ୍ତା। ସ୍ଥଳବିଶେଷରେ ଶହ ଶହଙ୍କୁ ପୁରସ୍କାର ଦିଆଯାଉଥିବାରୁ ବିଷୟବସ୍ତୁ ସମାନ ଥାଇ ନାଁ ପୂରଣ ହାତରେ କରାଯାଇ ପୁରସ୍କାର ନାଁରେ ସେ ପ୍ରକାର ମାନପତ୍ର ଧରେଇ ଦିଆଯାଉଛି। ତହିଁରେ ବି କୃତକୃତ୍ୟ ଖୁବ୍ ହୁଅନ୍ତି ଥୋକାଏ ପୁରସ୍କାର ପାଇଛୁ ବୋଲି। ଉତ୍ତରୀୟ ଆକାରରେ ସାଲ ଦିଆଯିବାର ପ୍ରଶ୍ନ ନ ଥାଏ। ଶସ୍ତା ଗାମୁଛା ଖଣ୍ଡେ ଖଣ୍ଡେ ବେକରେ ପକେଇ ଦିଆଯାଏ।

ଇଏ ତ ମାନପତ୍ରର କଥା। ଏବେ ଏବେ କିଏ କେଉଁଠି ଅଂଶଗ୍ରହଣ କରିଥିବାର ପ୍ରମାଣ ସ୍ୱରୂପ ପାଇଥିବା ସାର୍ଟିଫିକେଟ ବା ପ୍ରମାଣପତ୍ରକୁ ବୋଧହୁଏ ମାନପତ୍ର ମନେକରନ୍ତି। ଆଉ ତାକୁ ଫେସ୍‌ବୁକରେ ପୋଷ୍ଟ କରି କିଏ କିଏ ଲେଖିଲେଣି ମୁଁ ଏଇଠୁ ସେଇଠୁ ସମ୍ବର୍ଦ୍ଧିତ ହେଲି। ଏ ଘଟଣା ସ୍ପଷ୍ଟ ସୂଚିତ କରେ କାହା କାହାର ନାଁ ସାଉଁଟିବାର ବିକଳ ମାନସିକତାକୁ। ସେମାନେ ବୁଝିପାରନ୍ତିନି କେମିତି ପ୍ରମାଣପତ୍ର କ'ଣ, ଆଉ ମାନପତ୍ର କ'ଣ ? କବିତାପାଠରେ କେଉଁଠି ମଧ୍ୟ ଦିଆଯାଏ ପ୍ରଶସ୍ତି ପତ୍ର। ସେଇ ପ୍ରଶସ୍ତିପତ୍ର ବି ପ୍ରମାଣପତ୍ର ପ୍ରାୟ। ତାହା ମାନପତ୍ର ହୋଇ ନ ପାରେ। ଆଜିର ଦିନରେ ପ୍ରମାଣପତ୍ର, ପ୍ରଶସ୍ତିପତ୍ର, ମାନପତ୍ର ଆଦିକୁ ଗୋଟାଇବା/ହାତେଇବା ମାନସିକତା ରଖାଯିବା ସ୍ପୃହଣୀୟ ନୁହେଁ। ଆଜିକାଲି ଏଠି ସେଠି ଯେମିତି ଦିଆଯାଉଛି ବା ଦିଆଗଲାଣି ପୁରସ୍କାର, ତହିଁରେ ମାନପତ୍ରର ମାନ ଆଶା କରିବା ବୃଥା।

**ବଉଦରାଜ, ବୌଦ୍ଧ
ମୋ:୯୪୩୭୪୭୮୪୬୬**

## ଏଇ ଭାରତରେ

ପେସାରେ ଜଣେ ଡାକ୍ତର ହେଲେ ବି ବନୀକରଣ ପାଇଁ ସମୟ ଦେଉଛନ୍ତି ରାଜସ୍ଥାନର ଯୋଗେଶ ଚୌଧୁରୀ। ଉଲ୍ଲେଖନୀୟ ବିଷୟ ହେଉଛି, ଡା. ଚୌଧୁରୀ ରାଜସ୍ଥାନର ଶୁଷ୍କ ଜଳବାୟୁରେ ଚନ୍ଦନ ଜଙ୍ଗଲ ସୃଷ୍ଟିକରିବାକୁ ସକ୍ଷମ ହୋଇଛନ୍ତି। ୨୦୧୭ରେ କୌଣସି କାର୍ଯ୍ୟରେ ସେ କର୍ଣ୍ଣାଟକର ବେଲାରି ଯାଇଥିଲେ। ସେହି ସମୟରେ ସେ ବିସ୍ତୀର୍ଣ୍ଣ ଚନ୍ଦନ ଜଙ୍ଗଲ ବୁଲି ଦେଖିଥିଲେ। ସେଠାକାର ଅନୁଭବ ତାଙ୍କୁ ଚନ୍ଦନ ଜଙ୍ଗଲ କରିବା ଲାଗି ପ୍ରେରଣା ଦେଇଥିଲା। କର୍ଣ୍ଣାଟକରୁ ଫେରିବା ପରେ ତାଙ୍କ ଗାଁ ବାରମରରେ ଚାଷ ହେଉ ନ ଥିବା ଜମିରେ ଚନ୍ଦନ ଗଛ ଲଗାଇଥିଲେ। ପ୍ରଥମେ ସେ ୯୦୦ ଚନ୍ଦନ ଚାରାଗଛ ଲଗାଇଥିଲେ, କିନ୍ତୁ ସେସବୁ ମରିଯିବାରୁ ୧.୫ ଲକ୍ଷ ଟଙ୍କା କ୍ଷତି ସହିଥିଲେ। ବାସ୍ତବରେ ରାଜସ୍ଥାନରେ ଏକ ଶୁଷ୍କ ଜଳବାୟୁରେ ଚନ୍ଦନ ଜଙ୍ଗଲ କରିବା ତାଙ୍କ ପାଇଁ ଏକ ଆହ୍ୱାନ ଥିଲା। ଏ ସମ୍ପର୍କିତ ଜ୍ଞାନ ଓ ପ୍ରଶିକ୍ଷଣ ନେବା ପରେ ଡ. ଚୌଧୁରୀ ଚନ୍ଦନ ଗଛ ଲଗାଇ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ଏବେ ତାଙ୍କ ଫାର୍ମରେ ପାଖାପାଖି ୧୦୦୦ ଚନ୍ଦନ ଗଛ ଶୋଭା ପାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୯ ଜାନୁଆରୀ ୧୯୭୭

- ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଖାଦ୍ୟ ପାଇଁ କାମ ଯୋଗାଣ ଯୋଜନାରେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ରାଜ୍ୟ ମନ୍ତ୍ରୀପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି।
- କୋଚିନ ଜିଲାର ପି.ଭି. ରାଭୁନ୍ୟ ପଦ୍ମନାଭଙ୍କୁ ମରେଣୋତ୍ତର ସର୍ବୋତ୍ତମ ଜୀବନରକ୍ଷା ପଦକ ପୁରସ୍କାର ଦେବା ଲାଗି ରାଷ୍ଟ୍ରପତିଙ୍କ ଅନୁମୋଦନ ।

## ଚିରନ୍ତନୀ

ପବନ ସିରି ସିରି ବରଷା ଝିରି ଝିରି
ପଡ଼ଇ ପଥଘାଟେ ବରଷି ।
କି କଥା ତୁନି ତୁନି କହିବି ହୁଏଁ ଗୁଣି
ସଖିରେ ନ ପାରଇଁ ଭରସି !
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### 'ପଥପ୍ରାନ୍ତ ସୁବିଧା କେନ୍ଦ୍ର'ରେ ମୌଳିକ ସୁବିଧା ଉପଲବ୍ଧ ହେଉ

ମହାଶୟ,

ସରକାର ୨୦୧୮ରେ ରାଜ୍ୟର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କ ସ୍ୱଳ୍ପ ରହଣି, ବିଶ୍ରାମ ଏବଂ ଅତ୍ୟାବଶ୍ୟକ ଜରୁରୀ ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ନିର୍ମାଣ କରିଥିଲେ 'ପଥପ୍ରାନ୍ତ ସୁବିଧା କେନ୍ଦ୍ର'। ଏହି କେନ୍ଦ୍ରରେ ସ୍ନାନ ଓ ଶୌଚ ସାରି ପର୍ଯ୍ୟଟକମାନେ ଗନ୍ତବ୍ୟ ସ୍ଥଳକୁ ଯାଇ ଥାଆନ୍ତି। ରାସ୍ତା କଡ଼ରେ ଅବସ୍ଥିତ ଥିବାରୁ ଅନେକ ପଥଚାରୀ ମଧ୍ୟ ଶୌଚ ଓ ପାନୀୟ ଜଳ ଲାଗି ଏହା ଉପରେ ନିର୍ଭର କରିଥାନ୍ତି। ଆରମ୍ଭରୁ ପୂର୍ତ୍ତ ବିଭାଗ ଏହି କେନ୍ଦ୍ରର ପରିଚାଳନା କରୁଥିଲା। ପରେ ଏସବୁର ପରିଚାଳନା ଦାୟିତ୍ୱ ପ୍ରଥମେ ପଞ୍ଚାୟତିରାଜ ବିଭାଗ ଏବଂ ପରେ ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରାଗଲା। ଅତ୍ୟନ୍ତ ଦୁଃଖର ବିଷୟ, ଏହି ଯାତ୍ରୀ ସୁବିଧା କେନ୍ଦ୍ର ଆଜି ଅବହେଳିତ ଓ ବ୍ୟବହାର ଲାଗି ସମ୍ପୂର୍ଣ୍ଣ ଅନୁପଯୋଗୀ। କେଉଁଠି ଗେଟ୍‌ରେ ତାଲା ଝୁଲୁଛି, ପୁଣି କେଉଁଠାରେ ଫାଟକ ଆଗରେ କୁଢ଼ କୁଢ଼ ଅଳିଆ। କେଉଁଠି ବିଦ୍ୟୁତ୍ ସଂଯୋଗ ନାହିଁ ତ ଆଉ କେଉଁଠି ପାଣି ଆସୁ ନାହିଁ। ଆଉ କେଉଁଠି ଆଟେଣ୍ଡାଣ୍ଟ ନାହାନ୍ତି। 'ପଥପ୍ରାନ୍ତ ଯାତ୍ରୀ ସୁବିଧା କେନ୍ଦ୍ର'ଗୁଡ଼ିକରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦିଆଯାଉ।

**-ପ୍ରତାପ ନାୟକ, ଏମ୍‌ଆଇଜି-୭୫, କଳିଙ୍ଗ ବିହାର, ପାତ୍ରପଡ଼ା, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସୁଲଭ ବାସଗୃହ ପ୍ରକଳ୍ପ ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ

# ହିତାଧିକାରୀଙ୍କ ଉପରେ ରହିବ ନଜର

ଭୁବନେଶ୍ୱର,୮।୧ (ବନ୍ଦନା ସେଠୀ)

ସୁଲଭ ବାସଗୃହ ପ୍ରକଳ୍ପଗୁଡ଼ିକର (ଏଏଚ୍‌ପି) ସ୍ଥିତି ସମୀକ୍ଷା କରିବା ସହ ନିର୍ମାଣ ସରିଥିବା ଗୃହଗୁଡ଼ିକର ଠିକ୍ ବଣ୍ଟନ ଓ ବ୍ୟବହାର ନେଇ ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିବା ସହିତ ବାସଗୃହ ବଣ୍ଟନ ପ୍ରକ୍ରିୟାକୁ ସରଳ କରିବା ଏବଂ ସୁରକ୍ଷିତ ସହରୀ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଚନ୍ଦ୍ରଶେଖରପୁର ସୁଲଭ ବାସଗୃହ ପ୍ରକଳ୍ପ (ସୁବିହାର), ନୀଳମାଧବ ଆବାସ ଯୋଜନା, ଶାନ୍ତିପଲ୍ଲୀ ଆବାସ ଯୋଜନା ଏବଂ ସୁବୁଦ୍ଧିପୁର ସୁଲଭ ବାସଗୃହ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ ସମ୍ପୂର୍ଣ୍ଣ ହୋଇଥିବା ଗୃହଗୁଡ଼ିକୁ ହିତାଧିକାରୀଙ୍କୁ ତୁରନ୍ତ ବଣ୍ଟନ କରିବା ଓ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାବ୍ୟତୀତ ଘାଟିକିଆ ଓ ଗାଡ଼ଖଣ୍ଡାରେ ଚାଲିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ନୂଆ ନିୟମ ଅନୁଯାୟୀ, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମେ ୬ମାସ ପାଇଁ ଅସ୍ଥାୟୀ ବଣ୍ଟନ କରାଯାଇ ସେମାନଙ୍କ ଗତିବିଧି ଉପରେ ନଜର ରଖାଯିବ। ସଫଳତାର ସହ ଏହି ସମୟ ଅତିବାହିତ ହେବା ପରେ ହିଁ ସ୍ଥାୟୀ ଆବଣ୍ଟନ ପତ୍ର ପ୍ରଦାନ କରାଯିବ। ବଣ୍ଟନ କରାଯାଇଥିବା ଘରକୁ କେହି ହସ୍ତାନ୍ତର କରିପାରିବେ ନାହିଁ କିମ୍ବା ଅନ୍ୟକୁ ଭଡ଼ାରେ ଦେଇପାରିବେ ନାହିଁ। ତେଣୁ ଆବାସ ପ୍ରକଳ୍ପଗୁଡ଼ିକର ସୁଚାରୁ ପରିଚାଳନା ପାଇଁ ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ 'କ୍ଷମତାପ୍ରାପ୍ତ କମିଟି' ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ସୁଲଭ ବାସଗୃହ ପ୍ରକଳ୍ପଗୁଡ଼ିକୁ 'ଆମ ବସ୍' ସେବା ସହିତ ଯୋଡ଼ାଯିବ। ଫଳରେ ଲୋକମାନେ ସହରରେ ଯାତାୟାତ କରିପାରିବେ। ଏଥିସହ 'କୌଣସି ନୂଆ ବସ୍ତି କିମ୍ବା ନୂଆ ଜବରଦଖଲ ନୁହେଁ' ନୀତିକୁ କଡ଼ାକଡ଼ି ପାଳନ କରାଯିବ। ପ୍ରବାସୀ ଶ୍ରମିକ ଓ ସହରୀ ଗରିବଙ୍କ ପାଇଁ ଭଡ଼ାଘରଗୁଡ଼ିକରେ ରହିବା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯିବ। ଏହି ପ୍ରକ୍ରିୟାରେ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର ସହାୟତା ନିଆଯିବ। ବୈଠକରେ ବିଡିଏ ଉପାଧ୍ୟକ୍ଷ ତଥା ବିଏମ୍‌ସି କମିଶନର ଚଞ୍ଚଳ ରାଣା, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ସଚିବ ଶୁଭାନନ୍ଦ ମହାପାତ୍ର, ଅତିରିକ୍ତ କମିଶନର ବିଡିଏ ମନୋଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ଅନ୍ୟ ଅଧିକାରୀମାନେ।

### ସୁପରିଚାଳନା ପାଇଁ ଗଠନ ହେବ 'କ୍ଷମତାପ୍ରାପ୍ତ କମିଟି'

# ଇପିଏଫ୍ ପେନ୍‌ସନର୍ସ ସଂଘର ବିକ୍ଷୋଭ

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର,୮।୧ (ବନ୍ଦନା ସେଠୀ)

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ ପକ୍ଷରୁ ଗୁରୁବାର ଭବିଷ୍ୟନିଧି ସଂଗଠନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ, ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନ୍‌ସନ ଏବଂ ଇପିଏଫ୍ ପେନ୍‌ସନଭୋଗୀ ପରିବାରଙ୍କୁ ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇଦେବାରେ କେନ୍ଦ୍ର ସରକାର ଓ ଇପିଏଫ୍ କର୍ତ୍ତୃପକ୍ଷଙ୍କ କ୍ରମାଗତ ଅବହେଳା ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଥିଲା। ଏହି ଅବସରରେ ୪ ଦଫା ଦାବିପୂରଣ ଲାଗି ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଭବିଷ୍ୟନିଧି ସଂଗଠନର ଓଡ଼ିଶା ମୁଖ୍ୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜଣେ ଅବସରପ୍ରାପ୍ତ କର୍ମଚାରୀ ୨୦୧୬ କାର୍ଯ୍ୟକାଳରୁ ମାସିକ ପେନ୍‌ସନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପାଉଛନ୍ତି। ମାତ୍ର କେନ୍ଦ୍ର ସରକାର ଇପିଏଫ୍ ପେନ୍‌ସନଭୋଗୀଙ୍କ କ୍ଷେତ୍ରରେ ୨୦୧୪ ସେପ୍ଟେମ୍ବରରୁ ବିନା ମହଙ୍ଗା ଭତ୍ତାରେ ମାସିକ ସର୍ବନିମ୍ନ ୧ ହଜାର ଟଙ୍କା ପେନ୍‌ସନ ଲାଗୁ କରିଛନ୍ତି। ଫଳରେ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ଲାଗି ଦେଶର ୮୦ଲକ୍ଷ ପେନ୍‌ସନଭୋଗୀ ପରିବାର ଅଭାବ ଅନଟନ ମଧ୍ୟରେ ଦିନ କାଟୁଛନ୍ତି। ପେନ୍‌ସନ ଏକ ସାମାଜିକ ସୁରକ୍ଷା ବ୍ୟବସ୍ଥା ହୋଇଥିବାରୁ ଇପିଏଫ୍ ପେନ୍‌ସନଭୋଗୀଙ୍କୁ ସର୍ବନିମ୍ନ ୯ ହଜାର ଟଙ୍କା ପେନ୍‌ସନ ସହ ମହଙ୍ଗାଭତ୍ତା ପ୍ରଦାନ ଲାଗି ଦୀର୍ଘଦିନ ଧରି ଦାବି ହୋଇଆସୁଛି। ସେହିପରି ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନ୍‌ସନ ଦେବାରେ ଇପିଏଫ୍ କର୍ତ୍ତୃପକ୍ଷ ଅହେତୁକ ବିଳମ୍ବ କରିବା ସହ ନାନା ଆଳରେ ବର୍ଦ୍ଧିତ ପେନ୍‌ସନ ପାଇବାରୁ ଉପଭୋକ୍ତାଙ୍କୁ ବଞ୍ଚିତ କରୁଛନ୍ତି। ଏ ବାବଦରେ ସଂଘ ପକ୍ଷରୁ କେନ୍ଦ୍ର ସରକାର ଓ ଇପିଏଫ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳୁନି ବୋଲି ସଂଘର ରାଜ୍ୟ କମିଟି ସଭାପତି ଇଂ. ବିଜୟ କୁମାର ଜେନା ଓ ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଅଭିଯୋଗ କରିଛନ୍ତି। ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସମାବେଶରେ ସଂଘ ଉପଦେଷ୍ଟା ନଟବର ଆଚାର୍ଯ୍ୟ, ଖୋର୍ଦ୍ଧା ଜିଲା ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ, ଲୋକନାଥ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

# 'ବନ୍ଦେ ମାତରମ୍' ଗାନ ପାଇଁ ବିଏମ୍‌ସିର ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୮।୧(ବନ୍ଦନା ସେଠୀ)

ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗୁରୁବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ଏକାମ୍ର ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ଡେପୁଟି କମିଶନର ଅଶୋକ କୁମାର ଦାସ, ରୁବି ବେହେରା, ଓଏସ୍‌ଡି ସୂର୍ଯ୍ୟମଣି ପାଇଯୋଷୀ ପ୍ରମୁଖଙ୍କ ସହ ମାଷ୍ଟରଟ୍ରେନର ଭାବେ ଗଣ୍ଡମୁଣ୍ଡା ହାଇସ୍କୁଲର ଶିକ୍ଷୟିତ୍ରୀ ବିଜୟିନୀ ଷଡ଼ଙ୍ଗୀ, ବାଣୀବିହାର ହାଇସ୍କୁଲର ମ୍ୟୁଜିକ ଶିକ୍ଷୟିତ୍ରୀ ଶକୁନ୍ତଳା ମାଣିକ ଓ ଦେବରାୟ କଲେଜର ମ୍ୟୁଜିକ ଅଧ୍ୟାପକ ଶଶିକାନ୍ତ ସାହୁ ଯୋଗଦେଇଥିଲେ। ସେହିପରି ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ୨୫୦ରୁ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ 'ବନ୍ଦେ ମାତରମ୍'ର ଶବ୍ଦ ଉଚ୍ଚାରଣ, ସ୍ୱର, ତାଳ, ଲୟ ଆଦି ସମ୍ପର୍କରେ ତାଲିମ ନେଇଛନ୍ତି ଏବଂ ସେମାନେ ନିଜ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ତାଲିମ ଦେବେ। ଜାନୁଆରୀ ୧୨ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ବ୍ଲକ, ମହାନଗର ନିଗମ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଶିକ୍ଷାନୁଷ୍ଠାନରେ ବିଭିନ୍ନ ପ୍ରତିଯୋଗିତା ସହ ଛାତ୍ରୀଛାତ୍ରମାନେ ସାମୂହିକ ବନ୍ଦେ ମାତରମ୍ ଗାନ କରିବେ। ଏଥିସହ ଆତ୍ମନିର୍ଭର ଭାରତ ଉପରେ ସ୍ୱଦେଶୀ ସଂକଳ୍ପ ପାଠ କରାଯିବ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଆତ୍ମନିର୍ଭର ଭାରତ ଆମ୍ବାସାଡର ଭାବେ ଜଣେ ବିଦ୍ୟାର୍ଥୀଙ୍କୁ ମନୋନୀତ କରାଯିବ। ସେହିପରି ଜାନୁଆରୀ ୧୫ରୁ ୨୦ ମଧ୍ୟରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ସାମୂହିକ ବନ୍ଦେ ମାତରମ୍ ଗାନ ଓ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।



ରାଜଧାନୀ ଭୁବନେଶ୍ୱରରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବିଏମ୍‌ସି ପକ୍ଷରୁ କଟକଣା ଓ ଚଢ଼ାଉ ନିର୍ଦ୍ଦେଶ ସତ୍ତ୍ୱେ ଗୁରୁବାର ସିଆର୍‌ପିଏଫ୍ ଫ୍ଲାଏ ଓଭର ବ୍ରିଜ୍ ପାର୍ଶ୍ୱରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ବହୁ ଗଛ ପୋଡିଯିବା ସହ ଅଞ୍ଚଳ ଧୂଆଁମୟ ହୋଇରହିଛି। (ଫଟୋ– ବିକାଶ ନାୟକ)

# ଆଜିଠୁ ଶାରୀ ଦେଉଳ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ

ପୁରୁଣା ଭୁବନେଶ୍ୱର,୮।୧(ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରୀଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାର ଅନତି ଦୂର ଏବଂ ବିନ୍ଦୁସାଗର ନିକଟରେ ଥିବା ଐତିହ୍ୟ ଶାରୀ ଦେଉଳର ପୁନରୁଦ୍ଧାର ଏବଂ ମରାମତି କାର୍ଯ୍ୟ ଶୁକ୍ରବାର ଆରମ୍ଭ ହେବ। ସୂଚନାଥାଉ କି, ୬ବର୍ଷ ପୂର୍ବେ ଏଏସ୍‌ଆଇ ପକ୍ଷରୁ ଶାରୀ ଦେଉଳ ମରାମତି ହେଉଥିବା ବେଳେ ମାଟି ଖନନ ସମୟରେ ମନ୍ଦିର ପରିସରରେ ଅନ୍ୟ ଏକ ମନ୍ଦିର ଅବିସ୍କୃତ ହୋଇଥିଲା। ଏହି ମନ୍ଦିରଟି ପ୍ରାୟ ଅଷ୍ଟାଦଶ ଶତାବ୍ଦୀର। ଏହା ଏକ ଦୁର୍ଗା ମନ୍ଦିର। ବିନ୍ଦୁସାଗର ଖନନ ବେଳେ ମାଟି ପୋତାଯାଉଥିବା ବେଳେ ଏହି ମନ୍ଦିରଟି ପୋତିହୋଇ ଯାଇଥିବ। ଏକାମ୍ର କ୍ଷେତ୍ରରେ ଏଭଳି ଅନେକ ମନ୍ଦିର ଅବକ୍ଷୟ ହୋଇ ମାଟି ତଳେ ପୋତି ହୋଇ ଯାଇଛି ବୋଲି ଐତିହାସିକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ କହିଛନ୍ତି। ତେବେ ଏହି ଦୁର୍ଗା ମନ୍ଦିର ଆବିସ୍କୃତ ପରଠାରୁ ଏଏସ୍‌ଆଇର ଟେକ୍ନିକାଲ ଟିମ ଯାଞ୍ଚ କରିଥିଲା। ମନ୍ଦିରର ପୁନରୁଦ୍ଧାର ଓ ମରାମତି ନେଇ କାର୍ଯ୍ୟ ଆରମ୍ଭ ହେବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଘଟଣାସ୍ଥଳ ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଏକାମ୍ର ଭାଜପା ପକ୍ଷରୁ ସୂଚନା ମିଳିଛି।

# ଓଡ଼ିଶା ସେହି ରାଜ୍ୟ, ଯେଉଁଠି ଚେତନା ଆଗରେ ଖଣ୍ଡା ମୁଣ୍ଡନୁଆଁଏ



ଅଚ୍ୟୁତାନନ୍ଦ ପତିଙ୍କୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କଳିଙ୍ଗ ଲିଟେରାରି ଆୱାର୍ଡ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୮।୧ (ସୌମ୍ୟରଞ୍ଜନ ରାଉତ)

କଳିଙ୍ଗ ଲିଟେରାରି ଫେଷ୍ଟିଭାଲ (କେଏଲ୍‌ଏଫ୍) ବା କଳିଙ୍ଗ ସାହିତ୍ୟ ମହୋତ୍ସବର ୧୨ଶ ସଂସ୍କରଣ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ସାହିତ୍ୟକୁ ଏକ ଶକ୍ତି ଭାବେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ, ଓଡ଼ିଶା ହେଉଛି ସେହି ରାଜ୍ୟ, ଯେଉଁଠାରେ ଚେତନା ଆଗରେ ଖଣ୍ଡା ମୁଣ୍ଡ ନୁଆଁଇଥାଏ। ଏକ ସମାଜ ଚେତନା ଓ ବିବେକ ଆଧାରରେ ଗଠନ ହୋଇଥାଏ ଏବଂ ସାହିତ୍ୟ ଏହାର ରକ୍ଷକ ଅଟେ। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ ସାହିତ୍ୟ ସମାଲୋଚନାମୂଳକ ଆଲୋଚନା ଓ ନୈତିକ ପ୍ରତିଫଳନକୁ ପ୍ରତିପୋଷଣ କରିଥାଏ ବୋଲି କହିଥିଲେ। ଶ୍ରୀଲଙ୍କା ମନ୍ତ୍ରୀ ଡ. ଉପାଲି ପନ୍ନିଲାଜେ, ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଲେଖିକା ଡ.

### କଳିଙ୍ଗ ଲିଟେରାରି ଫେଷ୍ଟିଭାଲ ଉଦ୍‌ଘାଟିତ

ପ୍ରତିଭା ରାୟ, କେଏଲ୍‌ଏଫ୍‌ର ସିଇଓ ଅଶୋକ କୁମାର ବଳ ଓ ପ୍ରତିଷ୍ଠାତା ରଶ୍ମି ରଞ୍ଜନ ପରିଡ଼ା, ସାମାଜିକ କର୍ମୀ ଡ. ସୌମ୍ୟ ରଞ୍ଜନ ସାମଲ ଏବଂ ସମ୍ବାଦ ଗ୍ରୁପର କାର୍ଯ୍ୟକାରୀ ନିର୍ଦ୍ଦେଶକ ତନୟା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଡ. ବିନୋଦ ଚୌଧୁରୀଙ୍କ ମେଡ୍ ଇନ୍ ନେପାଳ ଓ ଅଶୋକ କୁମାର ବଳଙ୍କ ସାମନ୍ତ ଚନ୍ଦ୍ରଶେଖର ପତ୍ରାବଳୀ ପୁସ୍ତକ ସମେତ ଉଲ୍ଲେଖନୀୟ ପୁସ୍ତକଗୁଡ଼ିକ ଉନ୍ମୋଚିତ ହୋଇଥିଲା। ଡ. ବିନୋଦ ଚୌଧୁରୀଙ୍କୁ କଳିଙ୍ଗ ଇଣ୍ଟରନ୍ୟାଶନାଲ ଲିଭିଙ୍ଗ ଲିଜେଣ୍ଡ ଆୱାର୍ଡ, ଅଚ୍ୟୁତାନନ୍ଦ ପତିଙ୍କୁ କଳିଙ୍ଗ ଲିଟେରାରି ଆୱାର୍ଡ, ଡେଜି ରକ୍ୱେଲ୍‌ଙ୍କୁ କଳିଙ୍ଗ ଇଣ୍ଟରନ୍ୟାଶନାଲ ଲିଟେରାରି ଆୱାର୍ଡ, ରଞ୍ଜନା ନିରୌଲାଙ୍କୁ କଳିଙ୍ଗ ଲିଟେରାରି ଆୱାର୍ଡ (ଯୁବ ଲେଖକ), ପଣ୍ଡିତ ହରମୋହନ ଖୁଣ୍ଟିଆ ଓ ଗୋବର୍ଦ୍ଧନ ଦୋରାଙ୍କୁ ଓଡିଶା ଲିଭିଂ ଲିଜେଣ୍ଡ ଆୱାର୍ଡ ପ୍ରଦାନ ରାଯାଇଥିଲା।

**NOTICE**

ସର୍ବସାଧାରଣ ନୋଟିସ୍ ଦ୍ୱାରା ଜଣାଉଛୁ ଯେ ଢେଙ୍କାନାଳ ତହସିଲ ନଂ 282, ମୌଜା–ସୁନ୍ଦରୀଖାଲ, ଖତିୟାନ ନଂ–32/646/647/648/649, ପ୍ଲଟ୍ ନଂ. 167/206, 207 ପାଇଁ ଉଚ୍ଚ ନ୍ୟାୟାଳୟରେ କେସ୍ ନଂ RSA–234–2025 ଯାହା ବିଚାରାଧୀନ। ଏହାକୁ ବିକ୍ରି ବା କିଣାଗଲେ କ୍ରେତା ବିକ୍ରେତା ଦାୟୀ ରହିବେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ସିଗ୍ନାଲ ଓ ଟେଲିକମ୍ ଯନ୍ତ୍ରୀ (ସିଓ)/ଖଡ଼ଗପୁର–୭୨୧୩୦୧, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୨.୦୦ ଘଟିକାରେ ଖୋଲାଯିବ । **କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମ୍‌ଡି : (୧) ଏସ୍‌ଟି-ଓଟି-ସିସିଟିଭି-ଏଲ୍‌ସିଗେଟ୍-କେଜିପି, ତାରିଖ: ୦୭।୦୧।୨୦୨୬;** ସିଗ୍ନାଲ ଓ ଟେଲିକମ୍ ସଂକ୍ରାନ୍ତୀୟ କାର୍ଯ୍ୟର ନିମ୍ନଲିଖିତ ଅଂଶ (i) ଖଡ଼ଗପୁର ମଣ୍ଡଳରେ ୧୦,୦୦୦ରୁ କମ୍ ଟିଭିୟୁ ଥିବା ୧୦୩ଟି ଜଗୁଆଳିଯୁକ୍ତ ଅଣ–ଇଣ୍ଟରଲକ୍‌ଡ ଲେଭଲ କ୍ରସିଂ ଗେଟ୍‌ଠାରେ ସିସିଟିଭି ସର୍ଭେଲାନ୍ସ ସିଷ୍ଟମ୍‌ର ବ୍ୟବସ୍ଥା କରିବା, (ii) ଖଡ଼ଗପୁର ମଣ୍ଡଳରେ ୦୮ ଗୋଟି ସ୍ପେଶାଲ କ୍ଲାସ୍ ଜଗୁଆଳିଯୁକ୍ତ ଲେଭଲ୍ କ୍ରସିଂ ଗେଟ୍‌ଠାରେ ଅତି ପୁରୁଣା ସିସିଟିଭି ସିଷ୍ଟମ୍‌କୁ ବଦଳାଇବା; ₹୩,୫୦,୦୪,୬୫୭.୯୩; ₹୩,୨୫,୦୦୦/– । **(୨) ଏସ୍‌ଟି-ଓଟି-ୟାର୍ଡ-ସିସିଟିଭି-କେଜିପି-ପିଏଚ୍-I, ତାରିଖ: ୦୭।୦୧।୨୦୨୬;** ଖଡ଼ଗପୁର ମଣ୍ଡଳରେ ୯ଟି ଷ୍ଟେଶନରେ ଫେଜ୍–I ରେ ୟାର୍ଡ ସିସିଟିଭି ସର୍ଭେଲାନ୍ସ ସିଷ୍ଟମର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ; ₹୨,୩୫,୯୮,୯୪୯.୬୩; ₹୨,୬୮,୦୦୦/– । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଉଭୟ ପାଇଁ ଶୂନ । **ସମାପ୍ତି ଅବଧି:** କ୍ର.ସଂ ୧ ପାଇଁ ୧୮ ମାସ ଓ କ୍ର.ସଂ. ୨ ପାଇଁ ୧୫ ମାସ । **ଦାଖଲର ତାରିଖ:** ଉଭୟ ପାଇଁ ତା୦୨।୦୨।୨୦୨୬ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । **ଖୋଲାଯିବା ତାରିଖ:** ଉଭୟ ପାଇଁ ତା୦୨।୦୨।୨୦୨୬ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-1044)

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail ld-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1
This is for information of all the bidders that Corrigendum – 5 for the subjected tender has been published on the e-procurement website of Government of Jharkhand. The bidders are advised to take into the same before submission of bids.

**Corrigendum – 5**

| Sl. No. | Bid Document Ref. | Description | As per Corrigendum- 4 | As per Corrigendum- 5 |
|---|---|---|---|---|
| 1 | NIT | Last Date & Time of submission of Bid, Tender Fee and EMD online | 09.01.2026 at 17:00 Hrs | 15.01.2026 at 17:00 Hrs |
| 2 | | Date & Time of Bid Opening | 10.01.2026 at 17:00 Hrs | 16.01.2026 at 17:00 Hrs |

Note: Other terms and conditions remain unchanged.
Sd/-
Project Director (Technical)
JUIDCO Ltd.
PR 370336 (Urban Development)25-26*D

# ମଣ୍ଟୁ ହତ୍ୟା ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ଡିଗିରିଆ,୮।୧(ଜାଫର ଖାଁ)

ଡିଗିରିଆ ଥାନା ଅଞ୍ଚଳର ପଥର ଖଣି ସୁପରଭାଇଜର ବିଶ୍ୱନାଥ ବାରିକ ଓରଫ ମଣ୍ଟୁ ବାରିକଙ୍କୁ ୨୦୨୩ରେ ପିଟିପିଟି ହତ୍ୟା କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଏହି ଥାନା ଅନ୍ତର୍ଗତ ଭୋଗଡା ପଞ୍ଚାୟତସ୍ଥିତ ଗୋକର୍ଣ୍ଣଖାଲ ଗ୍ରାମର ପ୍ରଶାନ୍ତ ନାୟକଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ଗୋକର୍ଣ୍ଣଖାଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ।

# ରାତି ଉଜାଗର ରହିଲେ ମହାପ୍ରଭୁ

ପୁରୀ,୮।୧(ଅଜିତ୍ କୁମାର ମହାନ୍ତି)

ସମ୍ପ୍ରତି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପହିଲି ଭୋଗ ନୀତି ଚାଲିଛି। ନିଷ୍ପତ୍ତି ଅନୁଯାୟୀ ରାତି ୨ଟା ପରଠାରୁ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ନୀତିକାନ୍ତି କରାଯିବା ସହ ରାତି ୧୧ଟାରେ ପହୁଡ଼ କରାଯିବା କଥା। ତେବେ ବୁଧବାର ରାତିରେ ଶ୍ରୀବିଗ୍ରହମାନଙ୍କ ରାତ୍ର ପହୁଡ଼ ହୋଇନାହିଁ। ନୀତିରେ ବିଳମ୍ବ ହେବାରୁ ରାତ୍ର ପହୁଡ଼ କରାଯାଇ ନ ଥିବା ସୂଚନା ମିଳିଛି। ବୁଧବାର ରାତି ୩ଟା ୧୫ରେ ସନ୍ଧ୍ୟାଧୂପ ସମ୍ପନ୍ନ ହେବା ପରେ ସମୟ ଅଭାବରୁ ବାକି ନୀତିଗୁଡ଼ିକ ଖଲଲ ବା ବାତିଲ କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ଶ୍ରୀବିଗ୍ରହଙ୍କ ବନକଲାଗି ନୀତି ରହିଥିଲା। ତେବେ ମହାପ୍ରଭୁଙ୍କ ସକାଳ ଧୂପ ସମ୍ପନ୍ନ ପରେ ଭକ୍ତମାନେ ଭିତରକାଠ ନିକଟରେ ଦର୍ଶନ କରୁଥିଲେ। ଏହି ସମୟରେ ଭିତର କାଠ

### ସମୟ ଅଭାବରୁ ବାକି ନୀତି ବାତିଲ

ନିକଟରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଅନ୍ୟ ନୀତିରେ କିଛି ସମୟ ବିଳମ୍ବ ଘଟିଥିଲା। ସେହିପରି ରାତି ୧୦ଟା ୧୫ରେ ବନକଲାଗି ନୀତି ଓ ୧୧.୧୦ରେ ମହାସ୍ନାନ ପୂଜା ଶେଷ ହୋଇଥିଲା। ରାତ୍ରି ୧.୨୦ରେ ସନ୍ଧ୍ୟା ଆଳତି, ୨.୧୦ରେ ସନ୍ଧ୍ୟାଧୂପ ଛେକ, ୨.୧୫ରେ ସନ୍ଧ୍ୟାଧୂପ ପୂଜା, ୩.୧୫ରେ ସନ୍ଧ୍ୟାଧୂପ ସରିଥିଲା। ସମୟ ଅଭାବରୁ ବାକି ନୀତିଗୁଡିକ ଖଲଲ ଅର୍ଥାତ ବାତିଲ କରାଗଲା। ରାତି ୩.୧୫ରେ ସନ୍ଧ୍ୟାଧୂପ ଶେଷ ପରେ ଗୁରୁବାର ସକାଳ ୭ଟାରେ ମଙ୍ଗଳ ଆଳତି ହୋଇଥିଲା। କିନ୍ତୁ ବୁଧବାର ରାତ୍ର ପହୁଡ଼ କି ମହାପ୍ରଭୁଙ୍କ ବଡ଼ସିଂହାର ବେଶ ହୋଇ ନ ଥିଲା, ଯେଉଁଥିପାଇଁ ମହାପ୍ରଭୁ ରାତି ଅନିଦ୍ରା ରହିଥିଲେ।

**PANCHAYAT SAMITI, CHHENDIPADA**
INVITATION FOR BIDS (IFB)
IDENTIFICATION No: - CHHB- 02/2025-26
E-mail address: - ori-chendipada@nic.in

**The Block Development Officer, Chhendipada** on behalf of the Governor of Orissa invites **Percentage rate bid** in single cover system for the 1 no of Auditorium Building, 1 no of Multi Purpose Hall & 3 nos. of ACR Building **"C" & "D" contractors** accordingly, registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-1 form, for execution of Building .The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e **www.angul.odisha.gov.in**.

Sd./- Block Development Officer,
Chhendipada

**SBI** | **ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା** | **ଇ-ନିଲାମ ବିଜ୍ଞପ୍ତି**
"ନାଗାଲାଣ୍ଡ ହାଉସ୍", ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in

**ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୯୯୮୪୩୦**

**ପରିଶିଷ୍ଟ – IV-A**
**[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]**
**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**
**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।**

**ଇ-ନିଲାମର ତାରିଖ ଓ ସମୟ: ତାରିଖ: ୨୮।୦୧।୨୦୨୬**
**ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ**

ଏତଦ୍‌ଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା **ଭୌତିକ ଦଖଲ / ସାଙ୍କେତିକ ଦଖଲ** ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା, (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକ**ଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ **ତା୨୮।୦୧।୨୦୨୦ରିଖ ସୁଦ୍ଧା ଟ.୧୦୦,୭୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର)** ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **"ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି"** ଏବଂ **"ସେଠାରେ ଯାହାବି ଅଛି"** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ ତା୨୮।୦୧।୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ଇ-ନିଲାମ ୱେବସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ ।
**ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ:**

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | i) ସଂରକ୍ଷିତ ମୂଲ୍ୟ ii) ଇଏମ୍‌ଡି iii) ବିଡ୍ ବୃଦ୍ଧି ପରିମାଣ iv) ଋଣ ଭାର |
|---|---|---|
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍‌ଆଇଡି, ଡି-୪୯, ସ୍ଥାନ ମୈତ୍ରୀବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ୍ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୮୧୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୮୬, ରକବା: ୧୮.୦୪.୨୦୦୬ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ । **ଉତ୍ତର:** ସଡ଼କ; **ଦକ୍ଷିଣ:** ଡି-୨୮; **ପୂର୍ବ:** ଡି-୪୮; **ପଶ୍ଚିମ:** ଡି-୫୦ । **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮, ନିରୀକ୍ଷଣ ତାରିଖ ଓ ସମୟ: ୨୧।୦୧।୨୦୨୬, ମଧ୍ୟାହ୍ନ ୧୨.୦୦ରୁ ଅପରାହ୍ନ ୧.୦୦ ଘଟିକା** (ସମ୍ପତ୍ତିଟି ସାଙ୍କେତିକ ଦଖଲ ଅଧୀନରେ ଅଛି । ଡିଏମ୍ ଅନୁମତି ହାସଲ କରିବା ଏବଂ ପୂର୍ଣ୍ଣ ଓ ଚୂଡ଼ାନ୍ତ ଦେୟ ପ୍ରାପ୍ତ କରିବା ପରେ ବ୍ୟାଙ୍କ ସଫଳ ବିଡରଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବ) । | i) ଟ.୨,୯୮,୦୦,୦୦୦/- ii) ଟ.୨୯,୮୦,୦୦୦/- iii) ଟ.୫୦,୦୦୦/- iv) ବୈଧାନିକ ଟିକସ / ବିଜୁଳି / ସୋସାଇଟି ମେଣ୍ଟେନାନ୍ସ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ । |

**ସମ୍ପତ୍ତିର ସନ୍ଧାନ କରନ୍ତୁ**

| ବ୍ୟାଙ୍କ ୱେବସାଇଟ୍: | ଇ-ନିଲାମ ୱେବସାଇଟ୍: | ସମ୍ପତ୍ତିର ଅବସ୍ଥିତି : |
|---|---|---|
| https://sbi.co.in/web/sbi-in-the-news/auction-notices/sarfaesi-and-others | ୟୁଆର୍‌ଏଲ୍: https://baanknet.com | ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

**ତାରିଖ: ୦୯.୦୧.୨୦୨୬** **ସ୍ଥାନ: କୋଲକାତା**
**ସ୍ୱା./- ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

**୧୫୦୦ ଲିଟର ଦେଶୀମଦ ଜବତ, ୨ ଗିରଫ**

ବାରଙ୍ଗ,(ଲିଙ୍ଗରାଜ ରାଉତ): ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ବାରଙ୍ଗ ଅଞ୍ଚଳରୁ ବୋଝାଏ ଦେଶୀମଦ ଜବତ କରିଛି। ଏହି ଘଟଣାରେ ଫ୍ଲାଇଂ ସ୍କ୍ୱାଡ୍ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ତିଗିରିଆ ଅଞ୍ଚଳର ପିଣ୍ଟୁ ରାଉତ(୨୫) ଓ ଅନିଲ ସାମଲ(୧୯)। ସେମାନଙ୍କ ନିକଟରୁ ୧୫୦୦ ଲିଟର ଦେଶୀମଦ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ ବୋଲି ସ୍କ୍ୱାଡ୍ ପକ୍ଷରୁ ସୂଚନା ମିଳିଛି।



## ଅସହାୟ ବୃଦ୍ଧାଙ୍କୁ ଡାକ୍ତରଖାନା ପଠାଇଲେ ସାମାଜିକ କର୍ମୀ

**ସାଲେପୁର,୮।୧(ଅରବିନ୍ଦ ଭୂୟାଁ):**

ସାଲେପୁର ଅଞ୍ଚଳରେ ଯୁବ ସାମାଜିକ କର୍ମୀ ତଥା ଟାଙ୍ଗୀ ସାଲେପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ଜଣେ ଅସହାୟା ରୋଗିଣୀ ବୃଦ୍ଧାଙ୍କୁ ଗୁରୁବାର ଡାକ୍ତରଖାନା ପଠାଇ ଚିକିତ୍ସା କରାଇଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା କଣ୍ଢେଇଶ ଅଞ୍ଚଳର ମୋହନ ଦାଶଙ୍କ ସ୍ତ୍ରୀ ମଞ୍ଜୁଲତା ଦାଶ। ହରିବନ୍ଧୁଙ୍କ ଏଭଳି ମାନବିକତାକୁ ସାଧାରଣରେ ପ୍ରଶଂସା କରାଯାଉଛି। ମୋହନ ଏବଂ ତାଙ୍କ ସ୍ତ୍ରୀ ଦୀର୍ଘ ୪୦ ବର୍ଷ ହେଲା ସାଲେପୁର ମାଛୁଆଡି ଗ୍ରାମରେ ରହି ଘରଘର ବୁଲି ସାଇକେଲରେ ମନୋହରି ଜିନିଷ ବିକି ଯାହାକିଛି ରୋଜଗାର କରନ୍ତି, ସେଥିରେ ଚଳନ୍ତି। ତାଙ୍କର ଏକମାତ୍ର ପୁଅ ପୁରୀରେ ରହି ଠାକୁରଙ୍କ ପାଖରେ ଫୁଲପାଣି ଦେଇ ଚଳେ। ଗତ କିଛି ଦିନ ହେବ ମଞ୍ଜୁଲତାଙ୍କ ଦେହ ଭୀଷଣ ଖରାପ ହୋଇଯାଇଥିଲା। ଏହି ଖବର ପାଇ ହରିବନ୍ଧୁ ମାଛୁଆଡିରେ ସେ ରହୁଥିବା ଘରେ ପହଞ୍ଚି ସେଠାରୁ ରୋଗଗ୍ରସ୍ତ ମଞ୍ଜୁଲତାଙ୍କୁ ଗାଡ଼ି ଯୋଗେ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ଡାକ୍ତରଖାନା ପଠାଇଛନ୍ତି। ଶତପଥୀ ନିଜ ଖର୍ଚ୍ଚରେ ସମସ୍ତ କାର୍ଯ୍ୟ କରୁଥିବା ବେଳେ ଡାକ୍ତରଖାନାକୁ ନେବା ସମୟରେ ମାଛୁଆଡି ଗ୍ରାମର ସମ୍ବିତ ଦାସ, କାଳିଆ ପରିଡ଼ା, ସାବିତ୍ରୀ ପଣ୍ଡା, ମନୁ ଜେନା, ବାବଲ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାର ପ୍ରଥମ ସୌରଶକ୍ତିସମ୍ପନ୍ନ ଗାଁ ହେଲା ଓଲବ, ଦେବଭୂମି

**କଟକ/ବଡ଼ମ୍ବା,୮।୧**
**(କାର୍ତ୍ତିକ ସାହୁ/ମାୟାଧର ମଲ୍ଲିକ):**

କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଓଲବ ଓ ଦେବଭୂମି ଗ୍ରାମ ପ୍ରଥମ ସୌରଶକ୍ତିସମ୍ପନ୍ନ ଗ୍ରାମର ଗୌରବ ଲାଭ କରିଛି। ବିଧାୟକ ବିଜୟ କୁମାର ଦଳବେହେରା ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ଦୁଇଟି ଗାଁର ସମ୍ପୂର୍ଣ୍ଣ ସୌରଶକ୍ତିକରଣ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ପିଏମ୍ ସୂର୍ଯ୍ୟଘର ଯୋଜନା ଦ୍ୱାରା ସମସ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି ସୌରଶକ୍ତି ବା ସୋଲାର ପ୍ୟାନେଲ ଲଗାଯିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ବିଧାୟକ ଦଳବେହେରା ପ୍ରକାଶ କରିଛନ୍ତି। ଜିଲ୍ଲାପାଳ ଶିନ୍ଦେ କହିଛନ୍ତି, ଉଭୟ ଗାଁ ଲୋକେ ଏବେ ସୌରଶକ୍ତି ଦ୍ୱାରା ବିଜୁଳି ପାଇବା ସହ ବିଦ୍ୟୁତ୍ ଦେୟ ମଧ୍ୟ ହ୍ରାସ ପାଇବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଓଲବ ଗାଁରେ ୫୧ଟି ଘର ଓ ଦେବଭୂମିର ୨୯ଟି ଘରେ ସୋଲାର ପ୍ୟାନେଲ ଲଗାଯାଇଛି। ଏହାଦ୍ୱାରା ଲୋ-ଭୋଲ୍ଟେଜ ଓ ବାରମ୍ବାର ବିଦ୍ୟୁତ୍‌କାଟରୁ ମଧ୍ୟ ଗ୍ରାମବାସୀ ରକ୍ଷା ପାଇପାରିବେ। ପିଏମ୍ ସୂର୍ଯ୍ୟଘର ଯୋଜନାରେ ଟିପିସିଓଡିଏଲ୍ ପକ୍ଷରୁ ଏହି ସୋଲାର ପ୍ୟାନେଲ ସ୍ଥାପନ କରାଯାଇ



ପ୍ରକଳ୍ପର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ବିଧାୟକ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ଗାଁଗୁଡ଼ିକୁ ସମ୍ପୂର୍ଣ୍ଣ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍‌କରଣ କରାଯାଇଛି। ଏହାଦ୍ୱାରା ବିନା ପାରମ୍ପରିକ ବିଦ୍ୟୁତ୍ ସଂଯୋଗରେ ଗାଁ ଲୋକେ ସମସ୍ତ ବିଦ୍ୟୁତ୍‌ଚାଳିତ ସୁବିଧା ଉପଭୋଗ କରିପାରିବେ। ପ୍ରାୟ ୨୫ ଦିନ ମଧ୍ୟରେ ଏହି ସୋଲାର ପ୍ୟାନେଲ ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହୋଇଛି। ପ୍ରତି ସୋଲାର ପ୍ୟାନେଲ ପାଇଁ କେନ୍ଦ୍ର ସରକାର ୩୦ ହଜାର ଟଙ୍କା ଏବଂ ରାଜ୍ୟ ସରକାର ୨୫ ହଜାର ଟଙ୍କାର ଅନୁଦାନ ଯୋଗାଇ ଦେଉଥିବା ବେଳେ ଉପଭୋକ୍ତାଙ୍କ ଅଂଶର ଅର୍ଥ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଖଣିଜ ପାଣ୍ଠିରୁ ବହନ କରାଯାଇଛି। ଏହି ପଦକ୍ଷେପ ବିଶେଷ ଭାବରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ପାଇଁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଉପଲବ୍ଧତା ସୁନିଶ୍ଚିତ କରିବା ନିମନ୍ତେ କାର୍ଯ୍ୟକାରୀ କରାଯାଇଛି। ନିରବଚ୍ଛିନ୍ନ ସୌରଶକ୍ତିର ଉପଲବ୍ଧତା ଆଲୋକୀକରଣ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଜୀବିକା ଆଦିକୁ ସହଜ କରିବା ସହ ଜୀବନଧାରଣ ମାନକୁ ଉନ୍ନତ କରିବ। ଏହା ଶକ୍ତି ଆତ୍ମନିର୍ଭରଶୀଳତା ଏବଂ ପରିବେଶଗତ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ସହିତ ହିତାଧିକାରୀ ପରିବାର ପାଇଁ ବିଦ୍ୟୁତ୍ ଖର୍ଚ୍ଚକୁ ମଧ୍ୟ ଯଥେଷ୍ଟ ହ୍ରାସ କରିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଟାଟା ପାୱାରର ଉପଖଣ୍ଡ ପରିଚାଳକ ଜିତେନ୍ଦ୍ର ପାତ୍ର, ପ୍ରକଳ୍ପ ମୁଖ୍ୟ ବସନ୍ତ ତରିଆ, ଅମିତ ସେନଗୁପ୍ତା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କର୍କ ବଲ୍ କ୍ରିକେଟ୍: ଫାଇନାଲରେ ବିଧାନିମା

**ବଡ଼ମ୍ବା,୮।୧(ମାୟାଧର ମଲ୍ଲିକ):**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ କନ୍ତପଡ଼ା ଶହୀଦ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କର୍କ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଏମ୍‌ସିଏସ୍, ମାଣିଆବନ୍ଧ ଓ ଆରସିଏ, ବିଧାନିମା ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବିଧାନିମା ଦଳ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ମାଣିଆବନ୍ଧ ଦଳ ୧୯.୩ ବଲରେ ସମସ୍ତ ଉଇକେଟ୍ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଜବାବରେ ବିଧାନିମା ଦଳ ୬.୧ ବଲରେ ୨ ଉଇକେଟ ବିନିମୟରେ ୧୧୦ ରନ୍ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ଦଳର ଖେଳାଳି ହାପି ବେହୁରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ମାନସ ମୁଦୁଲି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଶଙ୍ଖାମେରା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରର କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ମନୋଜ କୁମାର ଦେ ଯୋଗଦେଇଥିଲେ। ଶୁକ୍ରବାର ରତାପାଟ ଓ ନୂଆପାଟଣା ଦଳଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ମଣ୍ଟୁ ହତ୍ୟା ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

**ତିଗିରିଆ,୮।୧(ଜାଫର ଖାଁ)**

ତିଗିରିଆ ଥାନା ଅଞ୍ଚଳର ପଥର ଖଣି ସୁପରଭାଇଜର ବିଶ୍ୱନାଥ ବାରିକ ଓରଫ ମଣ୍ଟୁ ବାରିକଙ୍କୁ ୨୦୨୩ରେ ପିଟିପିଟି ହତ୍ୟା ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ତଥା ଏହି ଥାନା ଅନ୍ତର୍ଗତ ଭୋଗଡ଼ା ପଞ୍ଚାୟତସ୍ଥିତ ଗୋକର୍ଣ୍ଣଖାଲ ଗ୍ରାମର ପ୍ରଶାନ୍ତ ନାୟକଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ଗୋକର୍ଣ୍ଣଖାଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ। ଦୀର୍ଘ ଦିନ ଧରି ସେ ପୋଲିସକୁ ଚକମା ଦେଇ ଖସିଯାଉଥିଲେ। ଗୁରୁବାର ସକାଳେ ପ୍ରଶାନ୍ତ ବିଦ୍ୟାଳୟକୁ ଆସିଥିଲେ। ଏହି ସମୟରେ ଥାନା ଅଧିକାରୀ ପ୍ରିୟଦର୍ଶିନୀ ଇକ୍ତିତାଙ୍କ ନେତୃତ୍ୱରେ ଛଦ୍ମବେଶରେ ବିଦ୍ୟାଳୟ ପରିସରରେ ପ୍ରସ୍ତୁତ ଥିବା ପୋଲିସ ତାଙ୍କୁ ମାଡ଼ି ବସିଥିଲା। ସୂଚନାଯୋଗ୍ୟ, ତିଗିରିଆ ଥାନା ଜେମାଦେଈପୁର ପଞ୍ଚାୟତ ଅନ୍ତର୍ଗତ ବରାଳ ସାହିର ମଣ୍ଟୁ ନିକଟସ୍ଥ ଭେଲିଆର ଏକ ପଥର ଖଣିରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଅପରପକ୍ଷେ ସେ ସ୍ଥାନୀୟ ଅଞ୍ଚଳର କେତେଜଣ ଅସାମାଜିକ ଯୁବକଙ୍କୁ ନେଇ କଟରା ଗୋଷ୍ଠୀ ଗଢ଼ିଥିଲେ। ତାଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଆପରାଧିକ ମାମଲା ଥିଲା। ୨୦୨୩ ଏପ୍ରିଲ



ଅଭିଯୁକ୍ତ ପ୍ରଶାନ୍ତ ନାୟକ।

୧୯ରେ ମଣ୍ଟୁ ଖଣିରେ କାମ କରୁଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗୋକର୍ଣ୍ଣଖାଲ ଗ୍ରାମର ୨୦ରୁ ୨୫ଜଣ ଯୁବକ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ଏହି ସମୟରେ ମଣ୍ଟୁଙ୍କ ମା'ବାପା ତାଙ୍କ ପାଇଁ ଖାଇବାକୁ ନେଇଯାଉଥିଲେ। ପୁଅକୁ ଆକ୍ରମଣ କରାଯାଉଥିବା ଦେଖି ସେମାନେ ବିରୋଧ କରିଥିଲେ ମଧ୍ୟ ଅଭିଯୁକ୍ତମାନେ ମଣ୍ଟୁଙ୍କ ହାତ, ଗୋଡ଼ ବାନ୍ଧି ଘୋଷାରି ନେଇଥିଲେ। ଏପରି କିଛି ବାଟ ନେବା ପରେ ଅଭିଯୁକ୍ତମାନେ ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ପିଟିପିଟି ମାରିଦେଇଥିଲେ। ଏନେଇ ମା' ମଞ୍ଜୁଲା ବାରିକ ତିଗିରିଆ ଥାନାରେ ଅଭିଯୋଗ କରିବା ପରେ ହତ୍ୟା ମାମଲା (ନଂ. ୭୬/୨୩) ରୁଜୁ କରାଯାଇଥିଲା। ଏହି ଘଟଣାରେ ପୂର୍ବରୁ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ବର୍ତ୍ତମାନ ପ୍ରଶାନ୍ତ ଧରାପଡ଼ିବା ପରେ ଏହି ସଂଖ୍ୟା ୧୦କୁ ବୃଦ୍ଧି ପାଇଛି ବୋଲି ଥାନା ଅଧିକାରୀ ଇକ୍ତିତା ସୂଚନା ଦେଇଛନ୍ତି।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ବାଙ୍କୀ,୮।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବାଙ୍କୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟର ୫୦ତମ ବାର୍ଷିକ ତଥା ସୁବର୍ଣ୍ଣ ଜୟନ୍ତୀ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବାଙ୍କୀ କଲେଜ କ୍ରୀଡ଼ା କ୍ଲବ ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାସହ ଖେଳରେ ଭାଗନେଉଥିବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସଫଳତା କାମନା କରିଥିଲେ। କଲେଜ କ୍ରୀଡ଼ା କ୍ଲବ ଉପସଭାପତି ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଏହି ଉତ୍ସବରେ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସକାଳୁ ମା' ଚର୍ଚ୍ଚିକାଙ୍କ ପୀଠରୁ କ୍ରୀଡ଼ାବିତ୍‌ମାନେ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରା ବାହାର କରି କଲେଜ ଖେଳପଡ଼ିଆକୁ ଆସିଥିଲେ। ପରେ ଭାରପ୍ରାପ୍ତ ଅଧ୍ୟକ୍ଷ୍ୟଙ୍କୁ ମଶାଲ ପ୍ରଦାନ କରିଥିଲେ। କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନଙ୍କ





କ୍ରୀଡ଼ା ଉତ୍ସବରେ ଭାରପ୍ରାପ୍ତ ଅଧ୍ୟକ୍ଷା ଗାୟତ୍ରୀ ନାୟକ ବକ୍ତବ୍ୟ ଦେଉଛନ୍ତି।

ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଡ. ନିରାକାର ପ୍ରସାଦ ସାମନ୍ତରାୟ, ଅଧ୍ୟାପିକା ସାଗରିକା ଦାସ, ଅଧ୍ୟାପକ ଯୁଗୋଳ କିଶୋର ମଣ୍ଡଳ, ଅଧ୍ୟାପିକା ଚିନ୍ମୟୀ ମିଶ୍ର, ଅଧ୍ୟାପକ ଅଦ୍ୱୈତ ପ୍ରଧାନ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି କ୍ରୀଡ଼ା ଉତ୍ସବକୁ ନିରଞ୍ଜନ ସାହୁ, ଦିଲ୍ଲୀପ କୁମାର ସାହୁ, କୃପାସିନ୍ଧୁ ପ୍ରଧାନ, କୁନ୍ଦନ ବେହେରା, ଶୁଭେନ୍ଦୁ ପ୍ରଧାନ, ମିନକେତନ ପଣ୍ଡା, ଜିତେନ୍ଦ୍ର ଦେଓ ପ୍ରମୁଖ ପରିଚାଳନା କରିଥିଲେ। ଉକ୍ତ କ୍ରୀଡ଼ା ଉତ୍ସବ ୩ ଦିନ ଧରି ଚାଲୁ ରହିବ ବୋଲି କ୍ରୀଡ଼ା ଅଧ୍ୟାପକ ପ୍ରଧାନ ପ୍ରକାଶ କରିଥିଲେ। ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରେମ ପାଇଁ ବେକ, ହାତ କାଟିଦେଲେ ନାବାଳିକା

**ସାଲେପୁର,୮।୧(ଅରବିନ୍ଦ ଭୂୟାଁ):**

ପ୍ରେମର ନିଶା ଏତେ ବଢ଼ିଗଲା ଯେ, ଜଣେ ନାବାଳିକା ନିଜ ଶରୀରକୁ ନିଜେ କାଟି କ୍ଷତବିକ୍ଷତ କରିପକାଇଲେ। ଏବେ ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରହିଛନ୍ତି। ସାଲେପୁର ଥାନା ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତ ନାବାଳିକା ଜଣେ ଯୁବକଙ୍କୁ ଦୀର୍ଘବର୍ଷ ହେବ ଭଲ ପାଇ ଆସୁଛନ୍ତି। ଗୁରୁବାର ସମ୍ପୃକ୍ତ ଯୁବକ ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କ ସହ କଥାବାର୍ତ୍ତା ହେଉଥିବାବେଳେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାରେ ଉତ୍ତେଜିତ ହୋଇ ସମ୍ପୃକ୍ତା ନାବାଳିକା ନିଜ ହାତ ଓ ବେକ କାଟି ଦେଇଥିଲେ। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

**NOTICE**

ସର୍ବସାଧାରଣ ନୋଟିସ୍ ଦ୍ୱାରା ଜଣାଉଛୁ ଯେ ଡେଙ୍କାନାଳ ତହସିଲ ନଂ 282, ମୌଜା-ଗୁଡ଼ଗୁଡ଼ାଖାଲ, ଖତିୟାନ ନଂ-32/646/647/648/649, ପ୍ଲଟ୍ ନଂ. 167/206, 207 ପାଇଁ ଉଚ୍ଚ ନ୍ୟାୟାଳୟରେ କେସ୍ ନଂ RSA-234-2025 ଯାହା ବିଚାରାଧୀନ। ଏହାକୁ ବିକ୍ରି ବା କିଣାରେ କ୍ରେତା ବିକ୍ରେତା ଦାୟୀ ରହିବେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ସିଗ୍ନାଲ ଓ ଟେଲିକମ୍ ଯନ୍ତ୍ରୀ (ସିଓ)/ଖଡ଼ଗପୁର–୭୨୧୩୦୧, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୫.୦୦ ଘଣ୍ଟାରେ ଖୋଲାଯିବ। ...

www.ireps.gov.in ... (PR-1044)

# ଅବ୍ୟବସ୍ଥା ଭିତରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ

**ତାଳବସ୍ତ,୮।୧(ସୁବ୍ରତ କୁମାର ନାୟକ)**

କଟକଜିଲ୍ଲା ବାଙ୍କୀ-ଡମପଡ଼ା ତହସିଲ ୧୯୭୩ ଡିସେମ୍ବର ୧୧ରେ ଆରମ୍ଭ ପରେ ପର୍ଯ୍ୟାୟକ୍ରମେ ଡମପଡ଼ା ତହସିଲ ଅଧୀନରେ ଗଡ଼ଗଡ଼, ନିମ୍ବିପୁର ଏବଂ ତାଳବସ୍ତ ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସ୍ଥାପିତ ହୋଇଥିଲା। ସେଥିମଧ୍ୟରୁ ବହୁତ ପୁରୁଣା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଥିବା ତାଳବସ୍ତ ବହୁ ଅବ୍ୟବସ୍ଥା ଭିତରେ ରହିଛି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ଏବଂ କାର୍ଯ୍ୟାଳୟ ଗୃହ ନ ଥିବାରୁ ପିଲିନ ଏବଂ ଅମିନ ରହିଛନ୍ତି କିନ୍ତୁ ଘୋର ଅସୁବିଧା ହେଉଛି। ବର୍ତ୍ତମାନ ସମୟରେ ୪ଟି ପଦବୀ ରାଜସ୍ୱ ନିରୀକ୍ଷକ, ଉପ ରାଜସ୍ୱ ନିରୀକ୍ଷକ, ପିଅନ ଏବଂ ଅମିନ ରହିଛି କିନ୍ତୁ ଏଠାରେ କେବଳ ରାଜସ୍ୱ ନିରୀକ୍ଷକ ହେଉଛନ୍ତି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ଦେବ ପ୍ରସାଦ ବିଶ୍ୱାଳ କହିଛନ୍ତି, ଏଠାରେ ୬ମାସ ହେବ ଯୋଗ ଦେଇଛି। ଜଣେ ମାତ୍ର କର୍ମଚାରୀ ହୋଇଥିବାରୁ ବହୁ ସମୟ ଫିଲ୍ଡରେ ରହି କାମ କରିବାକୁ ପଡ଼ିଥାଏ। ଫଳରେ ଲୋକ ଆସି ଫେରନ୍ତି। ତେଣୁ ସବୁକିଛିକୁ ସମାଧାନ କରି ଜନସାଧାରଣଙ୍କ ସହଯୋଗ ନେଇ ସବୁ ପଦବୀ ପାଇଁ ବାରମ୍ବାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଯାଇଥିଲେ ବି ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ, ଅରଗୁଡ଼ ଗାଁର ସୁଧାଂଶୁ ଶେଖର ନାୟକ କହିଛନ୍ତି, ତାଳବସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅବହେଳିତ ପାଇଁ ୨ ପଞ୍ଚାୟତ ପକ୍ଷରୁ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ଜନ ଅଭିଯୋଗ ଶୁଣାଣିରେ



ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଲେ କୌଣସି ସୁଫଳ ମିଳୁନାହିଁ। ତାଳବସ୍ତ ଏବଂ ଗୁଣ୍ଡୁଚିପୁର ପଞ୍ଚାୟତର ୮ଟି ଗ୍ରାମର ବାସିନ୍ଦା ଏହା ଉପରେ ନିର୍ଭର କରନ୍ତି। ଚିଲାମାନଙ୍କର ଜାତି, ଲୋକଙ୍କ ଘରବାଡ଼ି ବିଲ ପଟ୍ଟା କାମରେ ବିଳମ୍ବ ହେଉଛି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ଦେବ ପ୍ରସାଦ ବିଶ୍ୱାଳ କହିଛନ୍ତି, ଏଠାରେ ୬ମାସ ହେବ ଯୋଗ ଦେଇଛି। ଜଣେ ମାତ୍ର କର୍ମଚାରୀ ହୋଇଥିବାରୁ ବହୁ ସମୟ ଫିଲ୍ଡରେ ରହି କାମ କରିବାକୁ ପଡ଼ିଥାଏ। ଫଳରେ ଲୋକ ଆସି ଫେରନ୍ତି। ତେଣୁ ସବୁକିଛିକୁ ସମାଧାନ କରି ଜନସାଧାରଣଙ୍କ ଆଥିଆ ସର୍କଲରେ ୪ଟି ପଦବୀର କାମ ତାଙ୍କୁ ହିଁ କରିବାକୁ ପଡ଼ୁଛି। ନିକଟରେ ପ୍ରଧାନମନ୍ତ୍ରୀ ବର୍ଷିତ ରାସ୍ତା ନବୀକରଣ ପାଇଁ ବିଲ ହସ୍ତାନ୍ତର ସର୍ଭେ କାର୍ଯ୍ୟ ବହୁତ ପ୍ରଭାବିତ କରୁଛି। ବିଳମ୍ବ ଏବଂ ନିରପେକ୍ଷତା ପାଇଁ ଲୋକଙ୍କ ରୋଷର ଶିକାର ହେବାକୁ ପଡ଼ୁଛି। ସେଥିପାଇଁ କାର୍ଯ୍ୟ କରିବାରେ ବିଳମ୍ବ ହେଉଛି। ସ୍ଥାନୀୟ ପଞ୍ଚାୟତରୁ ସ୍ୱଇଚ୍ଛାରେ କେତେଜଣ ଶିକ୍ଷିତ ସ୍ୱେଚ୍ଛାସେବୀଙ୍କ ସହଯୋଗକୁ ନେଇ କେତେ ରାଜନୈତିକର ରଙ୍ଗ ଦିଆଯାଇ ବିବାଦ ଘେରକୁ ଟଣାଯାଉଛି। ନୂଆ ରାଜସ୍ୱ କାର୍ଯ୍ୟାଳୟ ସ୍ଥାପନ ହୋଇଥିବା ଓଁକିଲିପୁର ଭଗିପୁର, କଣ୍ଟୁଣ୍ଡି ପରି ଗ୍ରାମରେ ଗୃହକାର୍ଯ୍ୟ ସରି କାମ ଆରମ୍ଭ ହେଲାଣି। ହେଲେ ବହୁ ପୁରାତନ ରାଜସ୍ୱ କାର୍ଯ୍ୟାଳୟ ତାଳବସ୍ତ ଉପରେ ପ୍ରଶାସନର ନଜର ପଡ଼ୁନାହିଁ। ଲୋକଙ୍କ ଦୈନନ୍ଦିନ ଜିଲାବାଡ଼ି ରାଜସ୍ୱ କାମର ସମାଧାନ ହେଉନାହିଁ। ଡମପଡ଼ା ତହସିଲଦାର ସ୍ମୃତି ବୈଶାଖୀ ଲେଙ୍କାଙ୍କୁ ପଚାରିବାରେ ଆବଶ୍ୟକ ପଦବୀ ପୂରଣ ଏବଂ ନୂଆ ଗୃହ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ପ୍ରସ୍ତାବ ଦିଆଯାଇଛି। ଖୁବ୍‌ଶୀଘ୍ର ସରକାରୀ ନିୟମ ଅନୁସାରେ ଟେଣ୍ଡର ହୋଇ କାମ ଆରମ୍ଭ ହେବ। ବର୍ତ୍ତମାନ ସେହି କାର୍ଯ୍ୟାଳୟର ମରାମତି କାମ ଆରମ୍ଭ ହୋଇଛି।

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com

**Project Name:** Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.:** JUIDCO/NIT/RFP/ITMS/2025–677
**PR No.:** 367081
**Tender ID:** 2025_UDD_107027_1
This is for information of all the bidders that Corrigendum – 5 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.
**Corrigendum – 5**

| Sl. No. | Bid Document Ref. | Description | As per Corrigendum- 4 | As per Corrigendum- 5 |
|---|---|---|---|---|
| 1 | NIT | Last Date & Time of submission of Bid, Tender Fee and EMD online | 09.01.2026 at 17:00 Hrs | 15.01.2026 at 17:00 Hrs |
| 2 | | Date & Time of Bid Opening | 10.01.2026 at 17:00 Hrs | 16.01.2026 at 17:00 Hrs |

Note: Other terms and conditions remain unchanged.
Sd/-
Project Director (Technical)
JUIDCO Ltd.
PR 370336 (Urban Development)25-26*D

**PANCHAYAT SAMITI, CHHENDIPADA**
INVITATION FOR BIDS (IFB)
IDENTIFICATION No: - CHHB- 02/2025-26
E-mail address: - ori-chhendipada@nic.in

The Block Development Officer, Chhendipada on behalf of the Governor of Orissa invites **Percentage rate bid** in single cover system for the 1 no of Auditorium Building, 1 no of Multi Purpose Hall & 3 nos. of ACR Building **"C" & "D" contractors** accordingly, registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-1 form, for execution of Building. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e **www.angul.odisha.gov.in**.
Sd./- Block Development Officer,
Chhendipada

**SBI ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା**
**ଇ-ନିଲାମ ବିଜ୍ଞପ୍ତି**

ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅଲକ, ଇ-ମେଲ୍ ଆଇଡି: cio2.04151@sbi.co.in

ପରିଶିଷ୍ଟ - IV-A
[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ର ବ୍ୟବସ୍ଥାପନ ଦେଖନ୍ତୁ]
ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫିନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୭) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଇ-ନିଲାମର ତାରିଖ ଓ ସମୟ: ତାରିଖ: ୨୮।୦୧।୨୦୨୬

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | i) ସଂରକ୍ଷିତ ମୂଲ୍ୟ ii) ଇଏମ୍‌ଡି iii) ବିଡ୍ ବୃଦ୍ଧି ପରିମାଣ iv) ଋଣ ଭାର |
|---|---|---|
| ୧. | ... | i) ଟ.୭,୯୮,୦୦,୦୦୦/- ii) ଟ.୭୯,୮୦,୦୦୦/- iii) ଟ.୫୦,୦୦୦/- iv) ବୈଧାନିକ ଟିକସ / ବିଜୁଳି / ସୋସାଇଟି ମେଣ୍ଟେନାନ୍ସ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ। |

ସମ୍ପତ୍ତିର ସନ୍ଧାନ କରନ୍ତୁ
ବ୍ୟାଙ୍କ ୱେବସାଇଟ୍: https://sbi.co.in/web/sbi-in-the-news/auction-notices/sarfaesi-and-others
ଇ-ନିଲାମ ୱେବସାଇଟ୍: ସ୍ଥାବରକ୍ରେ: https://baanknet.com

ତାରିଖ: ୦୯.୦୧.୨୦୨୬
ସ୍ଥାନ: କୋଲକାତା
ସ୍ୱା./-
ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ

# ଅଢ଼େଇ କେଜି ରୁପା ଅଳଙ୍କାର ଜବତ, ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା,୮।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ନୂଆ ବସ୍ତ୍ରାଣ୍ଡ ମାର୍କେଟ କମ୍ପ୍ଲେକ୍ସର ଏକ ସୁନା ଦୋକାନରୁ ଅଳଙ୍କାର ଚୋରି ଘଟଣାରେ ଆଦର୍ଶ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଶିଳ୍ପାଞ୍ଚଳ ଥାନା ଅଧୀନ ଗଡ଼ଖୋର୍ଦ୍ଧା ହାଉସିଂ ବୋର୍ଡ କଲୋନୀର ଚନ୍ଦନ ନାୟକ। ତାଙ୍କ ନିକଟରୁ ୨କେଜି ୬୭୩ଗ୍ରାମ ରୁପା, ଏକ ବାଇକ୍ (ଓଡି ୦୨ ଏକ୍ସ ୪୮୬୦) ଏବଂ ୨ଟି ଲୁହାରଡ଼ ଜବତ କରାଯାଇଛି। ସିସିଟିଭି ଫୁଟେଜ ଆଧାରରେ ଚନ୍ଦନଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନାଁରେ ଆଦର୍ଶ ଥାନାରେ ୧୯, ଶିଳ୍ପାଞ୍ଚଳରେ ଗୋଟିଏ ଏବଂ ଜଟଣୀ ଥାନାରେ ୩ ମାମଲା ରହିଛି। ଚୋରି ସାମଗ୍ରୀ ବିକ୍ରି କରିବାକୁ ଉଦ୍ୟମ କରି ଚନ୍ଦନ ବିଫଳ ହେବା ପରେ ଘର ପଛପଟେ ଲୁଚାଇ ରଖିଥିଲେ ବୋଲି ଗୁରୁବାର ଆଦର୍ଶ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି ସୂଚନା ଦେଇଛନ୍ତି। ସୂଚନାଥାଉ କି, ନୂଆ ବସ୍ତ୍ରାଣ୍ଡ ନିକଟ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସରେ ବିନେଶ ସାହୁଙ୍କ ସୁନା ଅଳଙ୍କାର ଦୋକାନ ରହିଛି। ଗତ ଡିସେମ୍ବର ୧୪ତାରିଖ ରାତି ୧୦ଟାରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। କିନ୍ତୁ ରାତିରେ ଗିରଫ ଅଭିଯୁକ୍ତ ଲୁହାରଡ଼ ଧରି ଦୋକାନ ଆଗରେ ପହଞ୍ଚିଥିଲେ। ପ୍ରଥମେ ଲୁହା ଗ୍ରୀଲ୍ ଓ ଶଟର ତାଡ଼ି ଭିତରକୁ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଥିଲେ। ପରଦିନ ସକାଳେ ଦୋକାନରେ ବିନେଶ ପହଞ୍ଚିବା ବେଳେ ଗ୍ରୀଲ୍ ଓ ଶଟର ତଡ଼ାଯିବା ସହ ୧୫ଗ୍ରାମ ସୁନା ଏବଂ ୩ କେଜିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ବିନେଶଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୫୩୩/୨୫) ରୁଜୁ କରିଥିଲା। ସେହି ସମୟରେ ଉକ୍ତ ଦୋକାନରୁ ଚୋରି ସମ୍ପର୍କରେ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ପରେ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ଦିନେଶ ପିଙ୍ଗୁଆଙ୍କ ନେତୃତ୍ୱରେ ଏଏସ୍‌ଆଇ ପୁଲମଣି ହେମ୍ବ୍ରମ, ହାବିଲଦାର ଏ.ସାମନ୍ତରାୟ ପ୍ରମୁଖଙ୍କୁ ନେଇ ଗଠିତ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ। ଗୁରୁବାର ପୂର୍ବାହ୍ନରେ ପୋଲିସ ଟିମ୍ ଅଭିଯୁକ୍ତଙ୍କ ଠିକଣାରେ ଚଢ଼ାଉ ବେଳେ ସେ ଘଟଣା ସମ୍ପର୍କରେ ମାନିଯାଇଥିଲେ। ଏହା ପରେ ରୁପା ଅଳଙ୍କାର ଜବତ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସଞ୍ଜୟ ନାୟକ, ଅତିରିକ୍ତ ଆଇଆଇସି ଭାଗ୍ୟମଞ୍ଜରୀ ବେହେରା, ଶ୍ରୀନିବାସ ସାହୁ, ତଦନ୍ତ ଅଧିକାରୀ ଦିନେଶ ପିଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି ସୂଚନା ଦେଉଛନ୍ତି।

**ସୁନା ଅଳଙ୍କାର ଦୋକାନରୁ ଚୋରି ଘଟଣା**
- ଚୋରି ରୁପା ଅଳଙ୍କାର ଘର ପଛପଟେ ଲୁଚାଇ ରଖିଥିଲେ
- ବାଇକ୍, ୨ ଲୁହାରଡ଼ ଜବତ

## ଖୋର୍ଦ୍ଧାରେ ସେଣ୍ଟ୍ରାଲ ଜିଏସ୍‌ଟି ଟିମ୍‌ର ଚଢ଼ାଉ

- ଗୋଟିଏ ବିଲ୍‌ରେ ୩ କମ୍ପାନୀ ଚଳାଇବା ମହଙ୍ଗା ପଡ଼ିଲା
- କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ

ଖୋର୍ଦ୍ଧା,୮।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅଞ୍ଚଳରେ ଥିବା ରେଡ଼ିମିକ୍ସ କମ୍ପାନୀ ଉପରେ ସେଣ୍ଟ୍ରାଲ ଜିଏସ୍‌ଟି ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ସମ୍ପୃକ୍ତ ମାଲିକ ଗୋଟିଏ ଜିଏସ୍‌ଟି ବିଲ୍‌ରେ ଭଟା ଫ୍ୟାକ୍ଟ୍ରି, କ୍ରଶର ଏବଂ ଏକ ରେଡ଼ିମିକ୍ସ କମ୍ପାନୀ ଚଳାଉଥିବା ଜିଏସ୍‌ଟି କର୍ତ୍ତୃପକ୍ଷ ଜାଣିବାକୁ ପାଇଛନ୍ତି। ଅଧିକାରୀମାନେ କମ୍ପାନୀର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ବେଳେ ଘରେ ମଧ୍ୟ ଚଢ଼ାଉ କରିଛନ୍ତି। ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଦୀର୍ଘଦିନ ହେବ ସମ୍ପୃକ୍ତ ମାଲିକ ଜିଏସ୍‌ଟି ଫାଙ୍କି ଚାଲିଥିବା ବେଳେ ଅଧିକାରୀଙ୍କ ହାତରେ ଧରାପଡ଼ିଛନ୍ତି। ଏ ସଂକ୍ରାନ୍ତରେ ଜିଏସ୍‌ଟି ସେଣ୍ଟ୍ରାଲ ଟିମ୍ ତାଙ୍କୁ ଅଫିସ ଆସି ନିଜ ପକ୍ଷ ରଖିବାକୁ ଚିଠି କରିଥିବା ବେଳେ ସମ୍ପୃକ୍ତ ମାଲିକ ଏହାକୁ ଏଡ଼ାଇ ଚାଲିଥିବାରୁ ଗୁରୁବାର ଅପରାହ୍ନରେ ସେଣ୍ଟ୍ରାଲ ଟିମ୍ ଅଚାନକ ଚଢ଼ାଉ କରିଥିଲା। ପ୍ରାୟ ୩ ଘଣ୍ଟା ଧରି ରେକର୍ଡପତ୍ର ଯାଞ୍ଚ କରିବା ସହ ସାଥିରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇଯାଇଛନ୍ତି। ଏନେଇ ଖୋର୍ଦ୍ଧା ଜିଏସ୍‌ଟି ଅଫିସର ବିଜ୍ଞଜିତ୍ ବିଶ୍ୱାଳଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ କିଛି ଜାଣି ନ ଥିବା ଏବଂ ତାଙ୍କ ପାଖରେ କୌଣସି ଖବର ନ ଥିବା କହିଛନ୍ତି। ସେଣ୍ଟ୍ରାଲ ଟିମ୍ ତାଙ୍କୁ କୌଣସି ଖବର ଦେଇ ନ ଥିବା କହିଛନ୍ତି।

## ବସ୍ ଧକ୍କାରେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

ଟାଙ୍ଗୀ,୮।୧(ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ଥାନା ଅଧୀନ ଉଗ୍ରତାରା ଛକରେ ଗୁରୁବାର ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୟସ ଆନୁମାନିକ ୫୦ବର୍ଷ ହେବ। ସୂଚନା ମୁତାବକ, ବ୍ୟକ୍ତି ଜଣଙ୍କ ବାଲୁଗାଁରୁ ଏକ ବସ୍‌ରେ ଆସି ଉଗ୍ରତାରା ଛକରେ ଓହ୍ଲାଇଥିଲେ। ଏହି ସମୟରେ ସେ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଯାତ୍ରୀବାହୀ ବସ୍ ତାଙ୍କୁ ଧକ୍କାଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତେବେ ଦୁର୍ଘଟଣାକୁ ନେଇ କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଏହା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ମଣ୍ଡଳସ୍ତରୀୟ ସ୍ଥାୟୀ ଜୀବନଶୈଳୀ ପ୍ରଦର୍ଶନୀ



ମଣ୍ଡଳସ୍ତରୀୟ ସ୍ଥାୟୀ ଜୀବନଶୈଳୀ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା,୮।୧(ପ୍ରଭାତ ପାଣିଗ୍ରାହୀ)

ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧାଠାରେ ମଣ୍ଡଳସ୍ତରୀୟ ସ୍ଥାୟୀ ଜୀବନଶୈଳୀ ପ୍ରଦର୍ଶନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲାପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂହ ଯୋଗଦେଇ ପ୍ରକୃତି ମାଆକୁ ସୁରକ୍ଷିତ ରଖିବାକୁ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶୁଭାଙ୍ଗୀ ପାଲଟାସିଂହ ଉପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ପ୍ରଦର୍ଶନୀର ସଭାପତି ସୁଶ୍ରୀ ଯାଜ୍ଞସେନୀ ସାହୁ ଧାରଣୀୟ ବିକାଶକୁ କିପରି ନିତିଦିନିଆ କାମରେ ଲଗାଇ ପାରିବେ ତାହା ପିଲାମାନଙ୍କୁ ବୁଝାଇଥିଲେ। ଉକ୍ତ ପ୍ରଦର୍ଶନୀରେ ମୋଟ ୬୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା ଏବଂ ମୁଖ୍ୟ ବକ୍ତାଭାବେ ଡ. ସୁଦର୍ଶନ ରାଜ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଦ୍ୟାଶା ଭାରିମଲ, ରଞ୍ଜିତ ରାଉତରାୟ, ଶିବାତୋଷ ସାହୁ, ଅବିନାଶ ବଳିୟାରସିଂ, ସ୍ୱାତିପ୍ରଜ୍ଞା ମୁଦୁଲି, ଓମ୍ ପ୍ରକାଶ ଲେଙ୍କା, ମୁସ୍ତଫିଜ ଖାନ ପ୍ରମୁଖ ପୁରସ୍କୃତ ହୋଇ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। କୃତୀ ଅବିନାଶ ବଳିୟାରସିଂ, ରଞ୍ଜିତ ରାଉତରାୟ ଏବଂ ଆଦ୍ୟାଶା ଭାରିମଲ ପ୍ରମୁଖଙ୍କୁ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ବିଆର୍‌ସିସି ସନ୍ଧ୍ୟାବତୀ ଲେଙ୍କା କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସହଯୋଗ କରିଥିଲେ।

## ଧାନ ଚୋରିକରି ଯୁବକ ଗିରଫ

ଜଟଣୀ,୮।୧(ରବୀନ୍ଦ୍ରନାଥ ମହାକୁଡ଼)

ଧାନ ଚୋରିର ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ପଞ୍ଚୁପଲି ଗ୍ରାମର ଆଦିତ୍ୟ ଭାରିମଲ(୧୯)। ତାଙ୍କ ନିକଟରୁ ଧାନ ଏବଂ ଏକ ବାଇକ୍ ଜବତ କରାଯାଇଛି। ସୂଚନା ମୁତାବକ, ଗତ ୧୮ ଡିସେମ୍ବର ରାତିରେ ପଞ୍ଚୁପଲି ଗ୍ରାମର କ୍ଷେତ୍ରବାସୀ ସାହୁଙ୍କ ବିଲରୁ ପ୍ରାୟ ୨୦ବସ୍ତା ଧାନ ଚୋରି ହୋଇଥିଲା। ଏନେଇ କ୍ଷେତ୍ରବାସୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୪୬୫/୨୫)ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ଅଭିଯୁକ୍ତ ଚୋରି ଧାନ ବସ୍ତା ବିକ୍ରି କରିବାକୁ ଚେଷ୍ଟା କରୁଥିବା ଜଣାପଡିବା ପରେ ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ନିଶା ସେବନ ପାଇଁ ଅଭିଯୁକ୍ତ ଚୋରି କରୁଥିଲା ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

## ୭ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ

ବେଗୁନିଆ,୮।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ସେଣ୍ଟର ଫର ଏନଭାୟାରମେଣ୍ଟ ଷ୍ଟଡି, ଭୁବନେଶ୍ୱର ଆନୁକୂଲ୍ୟରେ ଆୟୋଜିତ ମେଳାରେ ମୁଖ୍ୟ ଅତିଥିଭାବେ ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ଏବିଇଓ ନଳିନୀ ପ୍ରଭା ଦେବୀ, କୈଳାସ ଚନ୍ଦ୍ର ସେଠୀ, ପଞ୍ଚପଲ୍ଲି ବାଉତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶର ମିଶ୍ର, ଡିଙ୍ଗର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିବାକର ସାହୁ ଏବଂ ମାୟାଧର ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶ ପାଇଁ ସ୍ଥାୟୀ ଜୀବନଶୈଳୀ ସମ୍ପର୍କରେ ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପୃଥିବୀ, ଜଳ ସଂରକ୍ଷଣ, ପ୍ରଦୂଷିତ ବାୟୁମଣ୍ଡଳ, ଜୀବଜଗତ, ବୃକ୍ଷଲତା, ଶକ୍ତି ସଂରକ୍ଷଣ ଆଦି ପ୍ରଦର୍ଶିତ ପ୍ରକଳ୍ପ ବାବଦରେ ପିଲାମାନେ ସଚେତନ ହୋଇଥିଲେ। ତେବେ ଆଗକୁ ହେବାକୁ ଥିବା ଖୋର୍ଦ୍ଧା ଜିଲାସ୍ତରୀୟ ବିଜ୍ଞାନମେଳା ପ୍ରତିଯୋଗିତାକୁ ବେଗୁନିଆ ବ୍ଲକରୁ ୭ଟି ପ୍ରକଳ୍ପକୁ ଚୟନ କରାଯାଇଛି। ପୋଡାଡିହ ସ୍ଥିତ ଉଚ୍ଚ ବିଦ୍ୟାଳୟର ଛାତ୍ର ସୋମନାଥ ସାହୁ ପ୍ରଥମ, ବାଘମାରୀ ସ୍ଥିତ ରଘୁନାଥଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପାୟାଲ ମଙ୍ଗରାଜ ଦ୍ୱିତୀୟ ଏବଂ ଡଙ୍ଗରପଡା ସ୍ଥିତ ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ସାମନ୍ତରାୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଚୟନ ହୋଇଥିବା ଅନ୍ୟ ଛାତ୍ରୀଛାତ୍ରମାନେ ହେଲେ ସିପୁନ କୁମାର ନିଶଙ୍କ, ସସ୍ମିତା ଜେନା, ଶୁଭଲକ୍ଷ୍ମୀ ପଣ୍ଡା ଓ ବର୍ଷାରାଣୀ ଚମ୍ପତି।

## ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ବେଗୁନିଆ,୮।୧(ସନ୍ଧ୍ୟାରାଣୀ ମିଶ୍ର)

ଶଗଡ଼ଭଙ୍ଗା ପଞ୍ଚାୟତର ମା'ଢୁମଣି ମନ୍ଦିର ପରିସରରେ ଗୁରୁବାର ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ କୃଷି ଉଦ୍ୟାନ ଅଧିକାରୀ ଚିନ୍ମୟୀ କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ଜିଲା ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀୟା ଶାସ୍ୱତୀ କର ମୁଖ୍ୟ ଅତିଥି, ବୈଜ୍ଞାନିକ ଅଶୋକ ମିଶ୍ର ମୁଖ୍ୟ ବକ୍ତା, ସରପଞ୍ଚ ଲିଲା ସ୍ୱାଇଁ, ସମିତିସଭ୍ୟ ଦୁର୍ଗା ଚରଣ ମଙ୍ଗରାଜ, ଓଡ଼ିଶା ସୌର ଚାଳିତ ଶୀତଳ ଭଣ୍ଡାର କମ୍ପାନୀର ମୁଖ୍ୟ ପରିଚାଳକ ସମ୍ବିତ ପଟ୍ଟନାୟକ, ଟାଙ୍ଗୀ ବ୍ଲକ ସହାୟକ ଉଦ୍ୟାନ କୃଷି ଅଧିକାରୀ ରୋଜାଲିନ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାର ଲୋକାଭିମୁଖୀ କାର୍ଯ୍ୟ ସହ ଆଳୁଚାଷ ସମ୍ପର୍କରେ ଅବଗତ କରିଥିଲେ। ଉଲାସ ଦେଇ, ଆଶିଷ ଦଳବେହେରା, ଗୀତାଞ୍ଜଳି ଦେଇ ପ୍ରମୁଖ ସହଯୋଗ କରିଥିଲେ।

## ଚିଲିକାରେ ନୌକା ଦୌଡ଼ ପ୍ରତିଯୋଗିତା
# ପାଣିଦ୍ୱାର ଟିମ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମର ଖେଳାଳିମାନେ ।

ବାଲୁଗାଁ,୮।୧(ସଂଗ୍ରାମ ପାଇକରାୟ)

ବନ୍ୟପ୍ରାଣୀ ସଂସ୍ଥା, ଜଙ୍ଗଲ ପରିବେଶ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ତିନିଦିନ ଧରି ଚାଲିଥିବା ୬ଷ୍ଠ ଜାତୀୟ ଚିଲିକା ବିହଙ୍ଗ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ବଡ଼କୁଳ ପାନ୍ଥନିବାସ ଜେଟିଠାରେ ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାର ମତ୍ସ୍ୟଜୀବୀଙ୍କୁ ନେଇ ତିନିଦିନ ଧରି ନୌକା ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଗୁରୁବାର ଉଦ୍‌ଯାପନୀ ଦିବସରେ ୯ଟି ଟିମ୍ ମଧ୍ୟରେ ଫାଇନାଲ ପ୍ରତିଯୋଗିତା ହୋଇଥିଲା। ଖୋର୍ଦ୍ଧା ଜିଲାର ଦୁଇଟି ଟିମ୍ ତଥା ପାଣିଦ୍ୱାର ଟିମ୍ ପ୍ରଥମ ସ୍ଥାନ ହାସଲ କରି ଚାମ୍ପିୟନ ହୋଇଥିବା ବେଳେ ମା'ଡୋମୋଣି ଦେବୀ ଟିମ୍ ଦ୍ୱିତୀୟ ସ୍ଥାନ ଏବଂ ପୁରୀ ଜିଲାର ମା' ବିନ୍ଧ୍ୟଗିରି ଟିମ୍ ତୃତୀୟ ସ୍ଥାନ ହାସଲ କରିଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ସମ୍ମାନିତ ଅତିଥିଭାବେ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଲାନ ନାୟକ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ଜଗଦୀଶ ଷଡ଼ଙ୍ଗୀ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୭୫ ହଜାର ଟଙ୍କା ଓ ଗୋଲ୍ଡ ମେଡାଲ ସହ ଟ୍ରଫି, ରନର୍ସଅପ୍ ଟିମ୍‌କୁ ୫୦ ହଜାର ଟଙ୍କା ସହ ସିଲ୍‌ଭର ମେଡାଲ ଓ ଟ୍ରଫି ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଟିମ୍‌କୁ ୨୫ହଜାର ଟଙ୍କା ସହ ବ୍ରୋଞ୍ଜ ମେଡାଲ ଓ ଟ୍ରଫି ପ୍ରଦାନ କରିଥିଲେ। ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଏହି ପ୍ରତିଯୋଗିତା ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା।

## ଅବ୍ୟବସ୍ଥା ପ୍ରତିବାଦରେ ନୌକା ପ୍ରତିଯୋଗୀଙ୍କ ଧାରଣା

ବାଲୁଗାଁ,(ସଂଗ୍ରାମ ପାଇକରାୟ)

ନୌକା ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ନିମ୍ନମାନର ଖାଦ୍ୟ ସହ ରହିବା ପାଇଁ ଆନୁଷଙ୍ଗିକ ସୁବିଧା ଉପଲବ୍ଧ ନ ହେବା ଓ ପ୍ରତିଶ୍ରୁତି ମୁତାବକ ଦୈନିକ ୫୦୦ ଟଙ୍କା ଦିଆ ନ ଯିବା ଫଳରେ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାର ପ୍ରତିବାଦରେ ଗୁରୁବାର ସକାଳେ ସମସ୍ତ ପ୍ରତିଯୋଗୀ ଧାରଣା ଦେବା ସହ ଫାଇନାଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ଖବରପାଇ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ା, ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼େଇ, ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ଜଗଦୀଶ ଷଡ଼ଙ୍ଗୀ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଏନେଇ ପର୍ଯ୍ୟଟନ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ତେବେ ଚଳିତବର୍ଷ ପ୍ରଥମ କରି ଏହି କାର୍ଯ୍ୟକ୍ରମ ହେଉଥିବାରୁ କିଛି ବ୍ୟତିକ୍ରମ ଘଟିଛି, ଆସନ୍ତା ବର୍ଷଠାରୁ କୌଣସି ତ୍ରୁଟି ରହିବ ନାହିଁ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ସହ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ରାଜ୍ୟସ୍ତରୀୟ ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ୧୧ରୁ

ବୋଲଗଡ଼,୮।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ କୋଦୁଅବେରେଣି ଗ୍ରାମ ଖେଳପଡ଼ିଆରେ ଚତୁର୍ଦ୍ଦଶତମ ରାଜ୍ୟସ୍ତରୀୟ ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୧୧ତାରିଖରୁ ଆରମ୍ଭ ହେବ। ମା'ରାମଚଣ୍ଡୀ ସ୍ପୋର୍ଟ୍ସ ଆଣ୍ଡ କଲ୍‌ଚରାଲ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିବେ ବୋଲି ସଭାପତି ବିଜୟାନନ୍ଦ ସାହୁ ସୂଚନା ଦେଇଛନ୍ତି। ନକଆଉଟ ଭିତରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟର ପ୍ରତ୍ୟେକ ମ୍ୟାଚ ୨୦ ଓଭର ବିଶିଷ୍ଟ ହେବ ବୋଲି କ୍ରୀଡା ସଭାପତି ସୁଦର୍ଶନ ପ୍ରଧାନ କହିଛନ୍ତି। ଟ୍ରଫି ସହ ଚମ୍ପିୟନ ଟିମକୁ ୪୦ ହଜାର ଟଙ୍କା ଏବଂ ରନର୍ସଅପ ଟିମକୁ କପ୍ ସହିତ ୩୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କୋଷାଧ୍ୟକ୍ଷ ରାଜୁ ମହାରଣା କହିଛନ୍ତି। ଛକା, ଚଉକା, ଉଇକେଟ ଓ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବା ସହ ଦର୍ଶକଙ୍କ ପାଇଁ ଲଟେରି ଖେଳ ହେବ ବୋଲି ସମ୍ପାଦକ ଚିନ୍ମୟ କୁମାର ମୁଦୁଲି ସୂଚନା ଦେଇଛନ୍ତି।

## ପୂର୍ବତନ ସରପଞ୍ଚ ଉମାକାନ୍ତଙ୍କ ପରଲୋକ

ନିରାକାରପୁର,୮।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ସରପାରି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ନାଲସିଂହ ଗ୍ରାମର ସାମାଜିକକର୍ମୀ ଉମାକାନ୍ତ ନରେନ୍ଦ୍ରଜିତ ସିଂହ(୭୬)ଙ୍କ ପରଲୋକ ହୋଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଜ୍ୟେଷ୍ଠପୁତ୍ର ସୌମ୍ୟରଞ୍ଜନ ନରେନ୍ଦ୍ରଜିତ ସିଂହ ମୁଖାଗ୍ନି ଦେଇଥିଲେ। ଉମାକାନ୍ତ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

**NOTICE**

ସର୍ବସାଧାରଣ ନୋଟିସ୍ ଦ୍ୱାରା ଜଣାଉଛୁ ଯେ ଢେଙ୍କାନାଳ ତହସିଲ ନଂ 282, ମୌଜା–ସୁନ୍ଦରୀଖାଲ, ଖତିୟାନ ନଂ–32/646/647/648/649, ପ୍ଲଟ୍ ନଂ. 167/206, 207 ପାଇଁ ଉଚ୍ଚ ନ୍ୟାୟାଳୟରେ କେସ୍ ନଂ RSA–234–2025 ଯାହା ବିଚାରାଧୀନ। ଏହାକୁ ବିକ୍ରି ବା କିଣାଗଲେ କ୍ରେତା ବିକ୍ରେତା ଦାୟୀ ରହିବେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ସିଗ୍ନାଲ ଓ ଟେଲିକମ୍ ଯନ୍ତ୍ରୀ (ସିଓ)/ଖଡ୍ଗପୁର–୭୨୧୩୦୧, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୨.୦୦ ଘଟିକାରେ ଖୋଲାଯିବ । **କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମ୍‌ଡି : (୧) ଏସ୍‌ଟି-ଓଟି-ସିସିଟିଭି-ଏଲ୍‌ସିଗେଟ୍-କେଜିପି, ତାରିଖ: ୦୭।୦୧।୨୦୨୬;** ସିଗ୍ନାଲ ଓ ଟେଲିକମ୍ ସଂକ୍ରାନ୍ତୀୟ କାର୍ଯ୍ୟର ନିମ୍ନଲିଖିତ ଅଂଶ (i) ଖଡ୍ଗପୁର ମଣ୍ଡଳରେ ୧୦,୦୦୦ରୁ କମ୍ ଟିଭିୟୁ ଥିବା ୧୦୩ଟି ଜଗୁଆଳିଯୁକ୍ତ ଅଣ–ଇଣ୍ଟରଲକ୍‌ଡ ଲେଭଲ କ୍ରସିଂ ଗେଟ୍‌ଠାରେ ସିସିଟିଭି ସର୍ଭେଲାନ୍ସ ସିଷ୍ଟମ୍‌ର ବ୍ୟବସ୍ଥା କରିବା, (ii) ଖଡ୍ଗପୁର ମଣ୍ଡଳରେ ୦୮ ଗୋଟି ସ୍ପେଶାଲ କ୍ଲାସ୍ ଜଗୁଆଳିଯୁକ୍ତ ଲେଭଲ କ୍ରସିଂ ଗେଟ୍‌ଠାରେ ଅତି ପୁରୁଣା ସିସିଟିଭି ସିଷ୍ଟମ୍‌କୁ ବଦଳାଇବା; ₹୩,୫୦,୦୪,୬୫୭.୯୩; ₹୩,୨୫,୦୦୦/– । **(୨) ଏସ୍‌ଟି-ଓଟି-ୟାର୍ଡ-ସିସିଟିଭି-କେଜିପି-ଫିଏଚ୍-I, ତାରିଖ: ୦୭।୦୧।୨୦୨୬;** ଖଡ୍ଗପୁର ମଣ୍ଡଳରେ ୯ଟି ଷ୍ଟେଶନରେ ଫେଜ୍–I ରେ ୟାର୍ଡ ସିସିଟିଭି ସର୍ଭେଲାନ୍ସ ସିଷ୍ଟମର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ; ₹୨,୩୫,୯୮,୯୪୯.୬୩; ₹୨,୬୮,୦୦୦/– । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଉଭୟ ପାଇଁ ଶୂନ । **ସମାପ୍ତି ଅବଧି:** କ୍ର.ସଂ ୧ ପାଇଁ ୧୮ ମାସ ଓ କ୍ର.ସଂ. ୨ ପାଇଁ ୧୫ ମାସ । **ଦାଖଲର ତାରିଖ:** ଉଭୟ ପାଇଁ ତା୦୨।୦୨।୨୦୨୬ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । **ଖୋଲାଯିବା ତାରିଖ:** ଉଭୟ ପାଇଁ ତା୦୨।୦୨।୨୦୨୬ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-1044)

**PANCHAYAT SAMITI, CHHENDIPADA**

**INVITATION FOR BIDS (IFB)**

**IDENTIFICATION No: - CHHB- 02/2025-26**

E-mail address: - ori-chendipada@nic.in

**The Block Development Officer, Chhendipada** on behalf of the Governor of Orissa invites **Percentage rate bid** in single cover system for the 1 no of Auditorium Building, 1 no of Multi Purpose Hall & 3 nos. of ACR Building **"C" & "D" contractors** accordingly, registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-1 form, for execution of Building .The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e **www.angul.odisha.gov.in**.

Sd./- Block Development Officer,
Chhendipada

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail ld-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1
This is for information of all the bidders that Corrigendum – 5 for the subjected tender has been published on the e-procurement website of Government of Jharkhand. The bidders are advised to take into the same before submission of bids.

**Corrigendum – 5**

| Sl. No. | Bid Document Ref. | Description | As per Corrigendum- 4 | As per Corrigendum- 5 |
|---|---|---|---|---|
| 1 | NIT | Last Date & Time of submission of Bid, Tender Fee and EMD online | 09.01.2026 at 17:00 Hrs | 15.01.2026 at 17:00 Hrs |
| 2 | | Date & Time of Bid Opening | 10.01.2026 at 17:00 Hrs | 16.01.2026 at 17:00 Hrs |

Note: Other terms and conditions remain unchanged.
Sd/-
Project Director (Technical)
JUIDCO Ltd.
PR 370336 (Urban Development)25-26*D

**SBI** **ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା** **ଇ-ନିଲାମ ବିଜ୍ଞପ୍ତି**
''ନାଗାଲାଣ୍ଡ ହାଉସ୍'', ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in

**ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୯୯୮୪୩୦**

**ପରିଶିଷ୍ଟ – IV-A**
**[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]**
**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**
**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।**

**ଇ-ନିଲାମର ତାରିଖ ଓ ସମୟ: ତାରିଖ: ୨୮।୦୧।୨୦୨୬**
**ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା **ଭୌତିକ ଦଖଲ / ସାଙ୍କେତିକ ଦଖଲ** ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା, (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକ**ଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ **ତା୨୮।୦୧।୨୦୨୦ରିଖ** ସୁଦ୍ଧା **ଟ.୧୦୦,୬୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର)** ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି''** ଏବଂ **''ସେଠାରେ ଯାହାବି ଅଛି''** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ ତା୨୮।୦୧।୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ଇ-ନିଲାମ ୱେବ୍‌ସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ । ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ:

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | i) ସଂରକ୍ଷିତ ମୂଲ୍ୟ ii) ଇଏମ୍‌ଡି iii) ବିଡ୍ ବୃଦ୍ଧି ପରିମାଣ iv) ଋଣ ଭାର |
|---|---|---|
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍‌ଆଇଡି, ଡି-୪୯, ସ୍ଥାନ ମୈତ୍ରିବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ୍ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୧୮୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୬, ରକବା: ୧୮.୦୪.୨୦୦୬ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ । **ଉତ୍ତର:** ସଡ଼କ; **ଦକ୍ଷିଣ:** ଡି-୨୮; **ପୂର୍ବ:** ଡି-୪୮; **ପଶ୍ଚିମ:** ଡି-୫୦ । **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮, ନିରୀକ୍ଷଣ ତାରିଖ ଓ ସମୟ: ୨୧।୦୧।୨୦୨୬, ମଧ୍ୟାହ୍ନ ୧୨.୦୦ରୁ ଅପରାହ୍ନ ୧.୦୦ ଘଟିକା** (ସମ୍ପତ୍ତିଟି ସାଙ୍କେତିକ ଦଖଲ ଅଧୀନରେ ଅଛି । ଡିଏମ୍ ଅନୁମତି ହାସଲ କରିବା ଏବଂ ପୂର୍ଣ୍ଣ ଓ ଚୂଡ଼ାନ୍ତ ଦେୟ ପ୍ରାପ୍ତ କରିବା ପରେ ବ୍ୟାଙ୍କ ସଫଳ ବିଡରଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବ) । | i) ଟ.୨,୯୮,୦୦,୦୦୦/- ii) ଟ.୨୯,୮୦,୦୦୦/- iii) ଟ.୫୦,୦୦୦/- iv) ବୈଧାନିକ ଟିକସ / ବିଜୁଳି / ସୋସାଇଟି ମେଣ୍ଟେନାନ୍ସ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ । |

**ସମ୍ପତ୍ତିର ସନ୍ଧାନ କରନ୍ତୁ**

| ବ୍ୟାଙ୍କ ୱେବସାଇଟ୍: | ଇ-ନିଲାମ ୱେବ୍‌ସାଇଟ୍: | ସମ୍ପତ୍ତିର ଅବସ୍ଥିତି : |
|---|---|---|
| https://sbi.co.in/web/sbi-in-the-news/auction-notices/sarfaesi-and-others | ୟୁଆର୍‌ଏଲ୍: https://baanknet.com | ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

ତାରିଖ: ୦୯.୦୧.୨୦୨୬ | ସ୍ଥାନ: କୋଲକାତା
ସ୍ୱା./- ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ଗୁରୁତ୍ୱ

## ଜିଲ୍ଲା ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ

ପୁରୀ,୮।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ ଗୁରୁବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଡାକ୍ତର ସମ୍ବିତ ପାତ୍ର ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଜନସାଧାରଣଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇବା ଉପରେ ଡା. ପାତ୍ର ଗୁରୁତ୍ୱ ଦେଇଥିଲେ। ବୈଠକରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲିବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଜଗତସିଂହପୁର ଏମ୍‌ପିଙ୍କ ପ୍ରତିନିଧି ପ୍ରଦ୍ୟୋତ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଆବଶ୍ୟକତା, ଡାକ୍ତର ଓ କର୍ମଚାରୀ ନିଯୁକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଚିକିତ୍ସାଳୟର ନବନିର୍ମିତ ୩୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କୋଠା ଏବଂ ଆଖପାଖ ଅଞ୍ଚଳ ପାଇଁ ଆପ୍ରୋଚ୍ ରୋଡ୍ ନିର୍ମାଣ, ହସ୍ପିଟାଲ କ୍ୟାମ୍ପସରେ ଉପଯୁକ୍ତ ଡ୍ରେନେଜ୍ ଏବଂ ଡ୍ରେନ୍ କଭର ସ୍ଥାପନ, ଆଧୁନିକୀକରଣକୁ ସହଜ କରିବା ପାଇଁ ପୁରୁଣା ଗଠନକୁ ସୁରକ୍ଷିତ ଭାବରେ ଅପସାରଣ, ଅଗ୍ନି ନିରାପତ୍ତା ମାନଦଣ୍ଡ ସହିତ ଅନୁପାଳନ ସୁନିଶ୍ଚିତ କରିବା ଓ ପ୍ରମାଣପତ୍ର ସୁରକ୍ଷିତ କରିବା, ବୈଷୟିକ ସୁରକ୍ଷା ପରୀକ୍ଷଣଗୁଡ଼ିକ ପୂର୍ଣ୍ଣ ଓ ଆବଶ୍ୟକୀୟ ଅନୁମୋଦନ ହାସଲ କରିବା, ନୂତନ କୋଠା ହସ୍ତାନ୍ତର, ଏସ୍‌ଟିପି ସ୍ଥାପନ ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ, ବୈଦ୍ୟୁତିକ ଲୋଡ୍ କ୍ଷମତାର ଉନ୍ନତୀକରଣ, ସର୍ବନିମ୍ନ ୪୦୦ ଲିଟର କ୍ଷମତା ସହିତ ଓଭରହେଡ୍ ଜଳ ଟାଙ୍କି ସ୍ଥାପନ, ମାନବ ସମ୍ବଳର ଅଭାବକୁ ଦୂର କରିବା ଏବଂ ବିଦ୍ୟମାନ ମାନବ ସମ୍ବଳ କ୍ଷମତାକୁ ସୁଦୃଢ଼ କରିବାକୁ ବୈଠକରେ ସ୍ଥିର ହୋଇଛି। ସ୍ୱତନ୍ତ୍ର ନବଜାତ ଯତ୍ନ ୟୁନିଟ୍ ଲଗାତାର ତିନିବର୍ଷ ପାଇଁ ପ୍ରଥମ ପୁରସ୍କାର ପାଉଥିବାରୁ ଏବଂ ରାଜ୍ୟର ସର୍ବୋତ୍ତମ କେମୋଥେରାପି ୟୁନିଟ୍ ଭାବେ ସ୍ୱୀକୃତିପ୍ରାପ୍ତ ହୋଇଥିବାରୁ ତଥା ଏସ୍‌ଟିଇଏମଆଇ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାରେ ସର୍ବୋତ୍ତମ କାର୍ଯ୍ୟକ୍ଷମ ମେଡିକାଲ ଭାବରେ ପୁରସ୍କୃତ ହୋଇଥିବାରୁ ସମସ୍ତେ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ,ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ହସ୍ପିଟାଲ ପରିଚାଳକ ଅନମୋଲ ମହାନ୍ତି ଏବଂ ସମସ୍ତ ହସ୍ପିଟାଲ ପରିଚାଳକମାନେ ଯୋଗଦେଇଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ୟାମସୁନ୍ଦର ତ୍ରିପାଠୀ କାର୍ଯ୍ୟସୂଚୀ ଅନୁସାରେ ତଥ୍ୟ ଉପସ୍ଥାପନ କରିଥିଲେ।

# ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ



ପିପିଲି,୮।୧(ଦୁର୍ଗାମାଧବ ମିଶ୍ର/ ପ୍ରଭାତ ମହାପାତ୍ର)

'ସଚେତନ ହୁଅନ୍ତୁ ଓ ନିରାପଦ ରୁହନ୍ତୁ' ବାର୍ତ୍ତା ନେଇ ଗ୍ରାନ୍ ଭଏସ୍ ସୋସିଆଲ ଡେଭଲପମେଣ୍ଟ ଟ୍ରଷ୍ଟ ଏବଂ ପିପିଲି ପୋଲିସର ମିଳିତ ଆନୁକୂଲ୍ୟରେ ଗୁରୁବାର ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିପିଲି ଟୋଲ ପ୍ଲାଜା ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଯୋଗଦେଇ ଗ୍ରାନ୍ ଭଏସ ସୋସିଆଲ ଡେଭଲପମେଣ୍ଟ ଟ୍ରଷ୍ଟ ସଦସ୍ୟମାନଙ୍କ ସହ ଲୋକଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ବିଶେଷକରି ନିଶା ସେବନ କରି କିମ୍ବା ଦ୍ରୁତଗତିରେ ଗାଡ଼ି ଚଲାଇବା ନାହିଁ, ଗାଡ଼ି ଚଲାଇବାବେଳେ ହେଲମେଟ ଓ ସିଟ୍‌ବେଲ୍ଟ ବ୍ୟବହାର କରିବା, ଟ୍ରାଫିକ ସିଗନାଲ ମାନିବା ବୋଲି ସଚେତନତା କରାଯାଇଥିଲା। ଯେଉଁମାନେ ହେଲମେଟ ବ୍ୟବହାର କରୁନାହାନ୍ତି, ସେମାନଙ୍କୁ ରାସ୍ତାରେ ଅଟକାଇ ପାଣି ବୋତଲ ଓ ଚକୋଲେଟ୍ ଦେଇ ଟ୍ରାଫିକ ନିୟମ ମାନିବାକୁ ପାଇଁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଚେୟାରମ୍ୟାନ ସନ୍ତୋଷ କୁମାର ବିଶ୍ୱାଳ, ସଭାପତି ଶତ୍ରୁଘ୍ନ ସେଠୀ, ସମ୍ପାଦକ ବିଶ୍ୱଜିତ କୁମାର ପ୍ରଧାନଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ସାମିଲ ଥିବାବେଳେ ପିପିଲି ଥାନା କର୍ମଚାରୀମାନେ ସହଯୋଗ କରିଥିଲେ।

# ଚାଷୀ, ଚାଷର ବିକାଶ ହେଲେ ରାଜ୍ୟର ବିକାଶ ହେବ



ସମାରୋହରେ ପାଣିପଞ୍ଚାୟତ ସମ୍ପର୍କିତ ସାମୂହିକ ଶପଥ ପାଠ କରାଯାଉଛି।

ନିମାପଡ଼ା,୮।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଜଳ ସମ୍ପଦ ବିଭାଗ ପକ୍ଷରୁ ବିଭାଗସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବ ଗୁରୁବାର ଅଫିସ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଅତିଥିଭାବେ ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସଞ୍ଜିତା ସାହୁ, ଏମ୍‌ପି ପ୍ରତିନିଧି ମାନଲତା ମହାନ୍ତି, ପୂର୍ଣ୍ଣେନ୍ଦୁ ଓଝା, ନିମାପଡ଼ା ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ (ଏକ୍ସ) ପ୍ରୀତମ ଚେତନ ପୋଥାଳ, ନିର୍ବାହୀ ଯନ୍ତ୍ରୀ ଶକ୍ତିପ୍ରସାଦ ଦାଶ, ନିର୍ବାହୀ ଯନ୍ତ୍ରୀ ରାକେଶ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଲମ୍ବୋଦର ପାଢ଼ୀ, ଅଜୟ କୁମାର ପ୍ରଧାନ, ବୈକୁଣ୍ଠ ଭୋଇ, ନିମାପଡ଼ା ବ୍ଲକ୍‌କୃଷିଅଧିକାରୀ ପ୍ରିୟବ୍ରତ ପୃଷ୍ଟି ପ୍ରମୁଖ ଯୋଗଦେଇ ଚାଷୀ ଓ ଚାଷର ବିକାଶ ହେଲେ ରାଜ୍ୟର ବିକାଶ ହେବ ବୋଲି କହିଥିଲେ। କୃଷି ଓ କୃଷକ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଚାଷୀଙ୍କ ଜମିକୁ ଠିକ୍ ଭାବେ ଜଳଯୋଗାଣ, ଜଳ ସଂରକ୍ଷଣ, ଜଳର ସୁଷମ ବଣ୍ଟନ, କୃଷକଙ୍କ ବିଭିନ୍ନ ସମସ୍ୟା ଓ ତା'ର ତୁରନ୍ତ ପ୍ରତିକାର, ସଚେତନତା ସୃଷ୍ଟି ଏହି ପାଣି ପଞ୍ଚାୟତର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଣି ପଞ୍ଚାୟତ ଶୀର୍ଷକ ପ୍ରବନ୍ଧ, ବକ୍ତୃତା, ଡ୍ରଇଂ, କୁଇଜ, ନୃତ୍ୟ ପ୍ରଦର୍ଶନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୫ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ରାଜ୍ୟ ଜଳ ସମ୍ପଦ ବିଭାଗ ତରଫରୁ ପାଣିପଞ୍ଚାୟତ ପକ୍ଷ ପାଳନ ଉତ୍ସବ ଅବସରରେ ଆୟୋଜିତ ଏହି ସମାରୋହରେ ଶତାଧିକ କୃଷକ ଓ ପାଣି ପଞ୍ଚାୟତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜଳ ସମ୍ପଦ ବିଭାଗ ନିମାପଡ଼ା ଡିଭିଜନ ଅନ୍ତର୍ଗତ ନିମାପଡ଼ା, ଗୋପ, କାକଟପୁର, ବଳଙ୍ଗା, ଡେଲାଙ୍ଗ, ବଳିପାଟଣା ଆଦି ସବ୍‌ଡିଭିଜନର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ନିମାପଡ଼ା ଉପଖଣ୍ଡର ସହକାରୀ ଯନ୍ତ୍ରୀ ହେମାମାଳିନି ପତି, ରମାକାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ପାଣିପଞ୍ଚାୟତ ସମ୍ପର୍କିତ ଏକ ସାମୂହିକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଶ୍ୱକର୍ମା ପରିବାରଙ୍କୁ ସରକାରୀ ଯୋଜନାରେ ସାମିଲ କରାଯାଉ

ପୁରୀ,୮।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲ୍ଲାସ୍ତରରେ ଛବାଡ ବିଶ୍ୱକର୍ମା ନିଯୋଗ ସହିତ ସହବନ୍ଧିତ ହୋଇଥିବା ଚବିଶିକୁଦ ବାଡ଼ ବିଶ୍ୱକର୍ମା ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ସମିତିର ବ୍ରହ୍ମଗିରିସ୍ଥିତ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ସୁରେନ୍ଦ୍ରନାଥ ମହାରଣା ଅଧ୍ୟକ୍ଷତା କରିଥିବାବେଳେ ଚବିଶିକୁଦ ବାଡ଼ରେ ଥିବା ୧୨ଟି ପଡ଼ୋଶୀର କର୍ମକର୍ତ୍ତା ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ବିଶ୍ୱକର୍ମା ଯୋଜନାରେ ସମସ୍ତ ଯୋଗ୍ୟ ବିଶ୍ୱକର୍ମା ପରିବାରକୁ ଅଗ୍ରାଧିକାର ଦେଇ ଯୋଜନାରେ ସାମିଲ୍ କରାଇବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ବିଶ୍ୱକର୍ମା ଯୋଜନାରେ ବିଶ୍ୱକର୍ମା ପରିବାରକୁ ଗୁରୁତ୍ୱ ଦିଆଯାଉ ନଥିବାରୁ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ବିଶ୍ୱକର୍ମା ଯୋଜନା ସହିତ କାଷ୍ଠଶିଳ୍ପୀ ଓ ଲୌହ ଶିଳ୍ପୀମାନଙ୍କୁ ଅନ୍ୟ ସରକାରୀ ଯୋଜନାରେ ସାମିଲ୍ କରିବା ପାଇଁ ସମିତି ଦାବି ଜଣାଇଛି। ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ ଆଲୋଚନା କରାଯାଇଥିଲା। ବ୍ୟାପକ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ସମିତିର କାର୍ଯ୍ୟକାଳ ସରି ଯାଇଥିବାରୁ ତାହାକୁ ଭଙ୍ଗ କରାଯାଇଥିଲା।ଆଗାମୀ ୩ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ଧର୍ମପଦ ମହାରଣା, ଉପସଭାପତି ନୀଳକଣ୍ଠ ମହାରଣା, ସମ୍ପାଦକ ଧନେଶ୍ୱର ମହାରଣା, ସହସମ୍ପାଦକ ସୁବାସ ଚନ୍ଦ୍ର ମହାରଣା ଏବଂ କୋଷାଧ୍ୟକ୍ଷ ରୂପେ ପଦ୍ମଚରଣ ମହାରଣା ନିର୍ବାଚିତ ହୋଇଛନ୍ତି। ଏଥିସହିତ ୨୪ ଜଣିଆ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ରାଜକିଶୋର ମହାରଣା(କ), ରାଜକିଶୋର ମହାରଣା (ଖ), ସୁରେନ୍ଦ୍ର କୁମାର ମହାରଣା ଏବଂ ସହଦେବ ମହାରଣା ରହିଛନ୍ତି। ରାଜକିଶୋର ମହାରଣା ସ୍ୱାଗତ ଅଭିଭାଷଣ ଏବଂ ରାମଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

# ନିମାପଡ଼ା କପ୍ କ୍ରିକେଟ: ସେମିରେ ରାମେଶ୍ୱର ସ୍ପୋର୍ଟିଂ

ନିମାପଡ଼ା,୮।୧(ବିଚିତ୍ରାନନ୍ଦ ସାହୁ)



ଅତିଥିମାନେ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୩୦ତମ ନିମାପଡ଼ା କପ୍ ଓ ଦ୍ୱିତୀୟ ତାପସ ଦାସ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ପାରାଦୀପ ଡାଇମଣ୍ଡ କ୍ରିକେଟ କ୍ଲବକୁ ୭୮ରନରେ ହରାଇ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ବିଜୟ ହାସଲକରି ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ଓଭରରେ ୮ଉଇକେଟ ହରାଇ ୧୮୪ ରନ କରିଥିଲା। ଦଳ ପକ୍ଷରୁ ସ୍ୱୟଂ ପଣ୍ଡା ସର୍ବାଧିକ ୫୦, କରନ ମହାପାତ୍ର ୪୩, ଏମ୍. ଜି. ଗୋପାଲ ୩୪ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ପାରାଦୀପ ଡାଇମଣ୍ଡ କ୍ଲବର ପ୍ରମୋଦ ବେହେରା, ଅମିତ କୁମାର, ଆଶୁତୋଷ ଦାସ ପ୍ରମୁଖ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାରାଦୀପ ଡାଇମଣ୍ଡ କ୍ଲବ ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୬ରନ ସଂଗ୍ରହ କରି ମ୍ୟାଚ୍ ହାରିଯାଇଥିଲା। ଦଳ ପକ୍ଷରୁ ଉଦିନ ଏନ୍ ଜଟା ସର୍ବାଧିକ ୩୮ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ରାମେଶ୍ୱର ସ୍ପୋର୍ଟିଂର ଆଶୁତୋଷ ନାୟକ ସର୍ବାଧିକ ୪ଟି, ବିଶ୍ୱଜିତ ମଲ୍ଲିକ ୨, ତୀର୍ଥଙ୍କର ସାହୁ ୨ଟି ଉଇକେଟ ନେଇଥିଲେ। ଅମ୍ପାୟାର ଭାବେ ଅଭିନନ୍ଦନ ପାତ୍ର ଓ ତ୍ରିଭୁବନ ନାଥ ଦାଶ ମ୍ୟାଚ ପରିଚାଳନା କରିଥିଲେ। ରାମେଶ୍ୱର ସ୍ପୋର୍ଟିଂର ଆଶୁତୋଷ ନାୟକ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ସଂଗ୍ରାମ କେଶରୀ ଭୋଳ ଧାର ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ରୋଶନଜିତ ରାୟ ଓ ଅନିସ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ବରିଷ୍ଠ ଖବରଦାତା ସଞ୍ଜୟ ପତି, ବିଶ୍ୱଜିତ ମିଶ୍ର, କ୍ରୀଡ଼ାବିତ୍ ଅକ୍ଷୟ କୁମାର ବେହେରା, ସଂଗ୍ରାମ ପ୍ରଧାନ ପ୍ରମୁଖ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail ld-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1
This is for information of all the bidders that Corrigendum – 5 for the subjected tender has been published on the e-procurement website of Government of Jharkhand. The bidders are advised to take into the same before submission of bids.

**Corrigendum – 5**

| Sl. No. | Bid Document Ref. | Description | As per Corrigendum- 4 | As per Corrigendum- 5 |
|---|---|---|---|---|
| 1 | NIT | Last Date & Time of submission of Bid, Tender Fee and EMD online | 09.01.2026 at 17:00 Hrs | 15.01.2026 at 17:00 Hrs |
| 2 | | Date & Time of Bid Opening | 10.01.2026 at 17:00 Hrs | 16.01.2026 at 17:00 Hrs |

Note: Other terms and conditions remain unchanged.
Sd/-
Project Director (Technical)
JUIDCO Ltd.
PR 370336 (Urban Development)25-26*D

# ଓଡ଼ିଶା ମହିଳା ସାଇକେଲ ପୋଲୋ ଦଳର ଆନ୍ଧ୍ର ଯାତ୍ରା




ପୁରୀ,୮।୧(ଅଜିତ୍ କୁମାର ମହାନ୍ତି)

ଜାତୀୟ କ୍ରୀଡ଼ା ପାଇଁ ଓଡ଼ିଶା ମହିଳା ସାଇକଲ ପୋଲୋ ଦଳ ଗୁରୁବାର ଟ୍ରେନ ଯୋଗେ ଆନ୍ଧ୍ରପ୍ରଦେଶ ଯାତ୍ରା କରିଛି। ଓଡ଼ିଶା ସାଇକେଲ ପୋଲୋ ଆସୋସିଏଶନ୍ ପକ୍ଷରୁ ପୁରୀ ରେଲୱେ ଷ୍ଟେଶନରେ ରାଜ୍ୟ ସଭାପତି ଆଇନଜୀବୀ ବିନୟନୃସିଂହ ମହାପାତ୍ର, ସମ୍ପାଦକ ରାଜକିଶୋର ମହାନ୍ତି, କୋଷାଧ୍ୟକ୍ଷ ଦେବଦତ୍ତ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ଡାକ୍ତର ଦୀପସ୍ମିତା ରାୟ ଓ ଦୀପ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ମହିଳା ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ମହିଳା ଦଳ ଆନ୍ଧ୍ରପ୍ରଦେଶର କଡପ୍ପାରେ ହେବାକୁ ଥିବା ଜାତୀୟ ମହିଳା ସାଇକେଲ ପୋଲୋ ଚାମ୍ପିଆନ୍‌ଶିପ୍‌ରେ ଭାଗନେବ ବୋଲି ସମ୍ପାଦକ ମହାନ୍ତି କହିଛନ୍ତି। ଏହି ଦଳରେ ଜ୍ୟୋତିର୍ମୟୀ ତାଥ୍, ଲୋପାମୁଦ୍ରା ମହାପାତ୍ର, ଶ୍ରୀୟା ଜେନା (ଯାଜପୁର), ଭୂମିକା ପ୍ରଧାନ, ତ୍ରିଶା ବେହେରା, ମହେଶ୍ୱତା ସାହୁ (କଟକ), ଧରିତ୍ରୀ ପ୍ରଧାନ (ସମ୍ବଲପୁର), ମୌସୁମୀ ମହାନ୍ତି, ବର୍ଷାରାଣୀ ସାହୁ (ଗଞ୍ଜାମ) ପ୍ରମୁଖ ସାମିଲ ଅଛନ୍ତି। ପ୍ରଶିକ୍ଷକ ଓ ପ୍ରବନ୍ଧକ ଭାବେ ହେମାବତୀ ବେହେରା (ଭବାନୀପାଟଣା) ତାଙ୍କ ସହିତ ଯାତ୍ରା କରିଛନ୍ତି।

NOTICE

ସର୍ବସାଧାରଣ ନୋଟିସ୍ ଦ୍ୱାରା ଜଣାଉଛୁ ଯେ ଢେଙ୍କାନାଳ ତହସିଲ ନଂ 282, ମୌଜା–ସୁନ୍ଦରୀଖାଲ, ଖତିୟାନ ନଂ–32/646/647/648/649, ପ୍ଲଟ୍ ନଂ. 167/206, 207 ପାଇଁ ଉକ୍ତ ନ୍ୟାୟାଳୟରେ କେସ୍ ନଂ RSA–234–2025 ଯାହା ବିଚାରାଧୀନ। ଏହାକୁ ବିକ୍ରି ବା କିଣାଗଲେ କ୍ରେତା ବିକ୍ରେତା ଦାୟୀ ରହିବେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ସିଗ୍‌ନାଲ ଓ ଟେଲିକମ୍ ଯନ୍ତ୍ରୀ (ସିଓ)/ଖଡ଼ଗପୁର–୭୨୧୩୦୧, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୨.୦୦ ଘଟିକାରେ ଖୋଲାଯିବ। **କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମଡି : (୧)** ଏସ୍‌ଟି-ଓଟି-ସିସିଟିଭି-ଏଲ୍‌ସିଗେଟ୍-କେଜିପି, ତାରିଖ: ୦୭।୦୧।୨୦୨୬; ସିଗ୍‌ନାଲ ଓ ଟେଲିକମ୍ ସଂକ୍ରାନ୍ତୀୟ କାର୍ଯ୍ୟର ନିମ୍ନଲିଖିତ ଅଂଶ (i) ଖଡ଼ଗପୁର ମଣ୍ଡଳରେ ୧୦,୦୦୦ରୁ କମ୍ ଟିଭିୟୁ ଥିବା ୧୦୩ଟି ଜଗୁଆଳିଯୁକ୍ତ ଅଣ–ଇଣ୍ଟରଲକ୍‌ଡ ଲେଭଲ କ୍ରସିଂ ଗେଟ୍‌ଠାରେ ସିସିଟିଭି ସର୍ଭେଲାନ୍ସ ସିଷ୍ଟମ୍‌ର ବ୍ୟବସ୍ଥା କରିବା, (ii) ଖଡ଼ଗପୁର ମଣ୍ଡଳରେ ୦୮ ଗୋଟି ସ୍ପେଶାଲ କ୍ଲାସ୍ ଜଗୁଆଳିଯୁକ୍ତ ଲେଭଲ୍ କ୍ରସିଂ ଗେଟ୍‌ଠାରେ ଅତି ପୁରୁଣା ସିସିଟିଭି ସିଷ୍ଟମ୍‌କୁ ବଦଳାଇବା; ₹୩,୫୦,୦୪,୬୫୭.୯୩; ₹୩,୨୫,୦୦୦/– । (୨) ଏସ୍‌ଟି-ଓଟି-ୟାର୍ଡ-ସିସିଟିଭି-କେଜିପି-ପିଏଚ୍-I, ତାରିଖ: ୦୭।୦୧।୨୦୨୬; ଖଡ଼ଗପୁର ମଣ୍ଡଳରେ ୯ଟି ଷ୍ଟେଶନରେ ଫେଜ୍–I ରେ ୟାର୍ଡ ସିସିଟିଭି ସର୍ଭେଲାନ୍ସ ସିଷ୍ଟମର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ; ₹୨,୩୫,୯୮,୯୪୯.୬୩; ₹୨,୬୮,୦୦୦/– । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଉଭୟ ପାଇଁ ଶୂନ। **ସମାପ୍ତି ଅବଧି:** କ୍ର.ସଂ ୧ ପାଇଁ ୧୮ ମାସ ଓ କ୍ର.ସଂ. ୨ ପାଇଁ ୧୫ ମାସ। **ଦାଖଲର ତାରିଖ:** ଉଭୟ ପାଇଁ ତା୦୨।୦୨।୨୦୨୬ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ। **ଖୋଲାଯିବା ତାରିଖ:** ଉଭୟ ପାଇଁ ତା୦୨।୦୨।୨୦୨୬। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। (PR-1044)

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ଡେଲାଙ୍ଗ, ୮।୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ରେଙ୍ଗଲ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମାବେଶରେ ମୁଖ୍ୟ ଅତିଥିଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଆଦର୍ଶ ବିଦ୍ୟାଳୟ ଦ୍ୱାରା ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଶିକ୍ଷାରେ ବ୍ୟବଧାନ ଦୂର ହୋଇପାରିବ। ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ସହିତ ବୈଷୟିକ ଶିକ୍ଷା ପ୍ରଦାନ କରାଯିବ। ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ, ଫଳରେ ଗ୍ରାମାଞ୍ଚଳ ପିଲାଙ୍କ ଶିକ୍ଷାର ବିକାଶ ହୋଇପାରିବ। ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯିବ ବୋଲି ବିଧାୟକ ପଟ୍ଟନାୟକ କହିଥିଲେ। ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ବ୍ଲକ ସହଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ, ପ୍ରଧାନଶିକ୍ଷକ ମଙ୍ଗୁଳି ପରିଡ଼ା, ପରିଚାଳନା କମିଟି ଅଧ୍ୟକ୍ଷ ଧାତୁବନ୍ଧୁ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ରେଙ୍ଗଲ ବିଦ୍ୟାଳୟକୁ ଏଥିରେ ସାମିଲ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଆମ୍ମା ଅଧ୍ୟକ୍ଷ ଲଡୁକିଶୋର ରାୟ, ଶ୍ୱେତକୁମାର ନାୟକ, ସୁଧାଂଶୁ ଶେଖର ପରିଡ଼ା, ସୁଶାନ୍ତ କୁମାର ବିଶ୍ୱାଳ, ଲିଳେନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ। ସାମାଜିକ କର୍ମୀ କବିରାଜ ସାହୁ ସଭା ସଂଯୋଜନା କରିଥିବା ବେଳେ ବିଷ୍ଣୁଦତ୍ତ ବଡ଼ଜେନା, ପ୍ରିୟଦର୍ଶନ ଜେନା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।




ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍‌ର ପୁରୀ ଜିଲ୍ଲା ଶାଖା ସଦସ୍ୟା ସଦସ୍ୟମାନେ ବିଭିନ୍ନ ଦାବି ନେଇ ଗୁରୁବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

**PANCHAYAT SAMITI, CHHENDIPADA**
INVITATION FOR BIDS (IFB)
IDENTIFICATION No: - CHHB- 02/2025-26
E-mail address: - ori-chendipada@nic.in

**The Block Development Officer, Chhendipada** on behalf of the Governor of Orissa invites **Percentage rate bid** in single cover system for the 1 no of Auditorium Building, 1 no of Multi Purpose Hall & 3 nos. of ACR Building **"C" & "D" contractors** accordingly, registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-1 form, for execution of Building .The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e **www.angul.odisha.gov.in**.

**Sd./- Block Development Officer, Chhendipada**

SBI
**ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା**
''ନାଗାଲାଣ୍ଡ ହାଉସ୍'', ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in
**ଇ-ନିଲାମ ବିଜ୍ଞପ୍ତି**

**ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୯୯୮୪୩୦**

**ପରିଶିଷ୍ଟ – IV-A**
**[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]**
**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**
**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

**ଇ-ନିଲାମର ତାରିଖ ଓ ସମୟ: ତାରିଖ: ୨୮।୦୧।୨୦୨୬**
**ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା **ଭୌତିକ ଦଖଲ / ସାଙ୍କେତିକ ଦଖଲ** ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା,** (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ **ତା୨୮।୦୧।୨୦୨୦ରିଖ ସୁଦ୍ଧା ଟ.୧୦୦,୭୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର)** ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି''** ଏବଂ **''ସେଠାରେ ଯାହାବି ଅଛି''** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ ତା୨୮।୦୧।୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ଇ-ନିଲାମ ୱେବ୍‌ସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ।

**ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ:**

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | i) ସଂରକ୍ଷିତ ମୂଲ୍ୟ ii) ଇଏମ୍‌ଡି iii) ବିଡ୍ ବୃଦ୍ଧି ପରିମାଣ iv) ଋଣ ଭାର |
|---|---|---|
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍‌ଆଇଡି, ଡି-୪୯, ସ୍ଥାନ ମୈତ୍ରିବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ୍ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୧୮୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୮୭, ରକବା: ୧୮.୦୪.୨୦୦୭ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ। **ଉତ୍ତର:** ସଡ଼କ; **ଦକ୍ଷିଣ:** ଡି-୨୮; **ପୂର୍ବ:** ଡି-୪୮; **ପଶ୍ଚିମ:** ଡି-୫୦। **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮, ନିରୀକ୍ଷଣ ତାରିଖ ଓ ସମୟ: ୨୧।୦୧।୨୦୨୬, ମଧ୍ୟାହ୍ନ ୧୨.୦୦ରୁ ଅପରାହ୍ନ ୧.୦୦ ଘଟିକା** (ସମ୍ପତ୍ତିଟି ସାଙ୍କେତିକ ଦଖଲ ଅଧୀନରେ ଅଛି। ଡିଏମ୍ ଅନୁମତି ହାସଲ କରିବା ଏବଂ ପୂର୍ଣ୍ଣ ଓ ଚୂଡ଼ାନ୍ତ ଦେୟ ପ୍ରାପ୍ତ କରିବା ପରେ ବ୍ୟାଙ୍କ ସଫଳ ବିଡରଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବ)। | i) ଟ.୨,୯୮,୦୦,୦୦୦/- ii) ଟ.୨୯,୮୦,୦୦୦/- iii) ଟ.୫୦,୦୦୦/- iv) ବୈଧାନିକ ଟିକସ / ବିଜୁଳି / ସୋସାଇଟି ମେଣ୍ଟେନାନ୍ସ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ। |

**ସମ୍ପତ୍ତିର ସନ୍ଧାନ କରନ୍ତୁ**

| ବ୍ୟାଙ୍କ ୱେବସାଇଟ୍ | ଇ-ନିଲାମ ୱେବ୍‌ସାଇଟ୍ | ସମ୍ପତ୍ତିର ଅବସ୍ଥିତି |
|---|---|---|
| https://sbi.co.in/web/sbi-in-the-news/auction-notices/sarfaesi-and-others | ୟୁଆର୍‌ଏଲ୍: https://baanknet.com | ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

**ତାରିଖ: ୦୯.୦୧.୨୦୨୬**
**ସ୍ଥାନ: କୋଲକାତା**
**ସ୍ୱା./-**
**ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

**ଦେଶୀମଦ ଜବତ, ୨ ଗିରଫ**

ବେଗୁନିଆ (ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ବେଗୁନିଆ ଅବକାରୀ ଥାନା କର୍ମଚାରୀମାନେ ୯୦ଲିଟର ଦେଶୀ ମଦ ଏବଂ ଗୋଟିଏ ସ୍କୁଟି ଜବତ କରିବା ସହ ଦୁଇ ଜଣ ବେପାରୀଙ୍କୁ ଗିରଫ କରିଛନ୍ତି। ବୋଲଗଡ଼ ଟାଙ୍ଗୀସାହି ଦଉନିଆପଲ୍ଲୀର ଦୁଃଶାସନ ସାହୁ ସ୍କୁଟି ରେ ୬୦ଲିଟର ଦେଶୀ ମଦ ନେଇ ଯାଉଥିବା ବେଳେ ଅବକାରୀ କର୍ମଚାରୀମାନେ ତାଙ୍କୁ ପିତୁକୁଳି ଠାରେ ତାଙ୍କୁ ଗିରଫ କରିବା ସହ ମଦ ଏବଂ ସ୍କୁଟି ଜବତ କରିଥିଲେ। ସେହିପରି ବୋଲଗଡ଼ ଭୀମପଡାର ପ୍ରତାପ କୁମାର ରାଉତ ୩୦ଲିଟର ଦେଶୀ ମଦ ଧରି ପିତୁକୁଳିରେ ଓହ୍ଲାଉଥିବା ବେଳେ ଅବକାରୀ କର୍ମଚାରୀମାନେ ତାଙ୍କୁ ଗିରଫ କରି ମଦ ଜବତ କରିଥିଲେ।

# ନବୋଦୟ ବିଦ୍ୟାଳୟର ଆଉ ୫ ଜଣ୍ଡିସ୍‌ରେ ଆକ୍ରାନ୍ତ

- ଆରମ୍ଭ ହେଲା କ୍ୟାମ୍ପସ୍ କ୍ଲିନ୍‌ନେସ୍, ୩ ସ୍ତରରେ ହେବ ସଫା
- ୧୨ରେ ପୁଣି ଜନସ୍ୱାସ୍ଥ୍ୟ ବିଭାଗ କରିବ ପାଣି ନମୁନା ସଂଗ୍ରହ

ଖୋର୍ଦ୍ଧା,୮।୧(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ଆକ୍ରାନ୍ତଙ୍କ ସଂଖ୍ୟା ୮୧ ଛୁଇଁବା ପରେ ନବୋଦୟ ବିଦ୍ୟାଳୟ ସମିତି କେନ୍ଦ୍ରୀୟ କମିଶନରଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ଅଧ୍ୟକ୍ଷା ଡ. କବିତା କର ସପ୍ତାହ ପାଇଁ ବିଦ୍ୟାଳୟ ଛୁଟି ଘୋଷଣା କରିଛନ୍ତି। ଘରକୁ ଯାଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଗୁରୁବାର ୫ଜଣ ପୁଣି ଆକ୍ରାନ୍ତ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୬ରେ ପହଞ୍ଚିଛି। କମିଶନରଙ୍କ ନିର୍ଦ୍ଦେଶକ୍ରମେ ଭୋପାଳ ରିଜିଓନାଲ ଅଫିସ ଆସିଷ୍ଟାଣ୍ଟ କମିଶନର ଡ. ଜରିନା କ୍ୱିରେସି ଏଠାରେ ଉପସ୍ଥିତ ରହି ବିଦ୍ୟାଳୟ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଛାତ୍ରାବାସ, କ୍ୟାଣ୍ଟିନ, କ୍ଲାସ୍‌ରୁମ୍, ଶୌଚାଳୟ ଆଦି ସଫା କରାଯାଇଛି। ଏଥିସହିତ ଛାତ୍ରାବାସର ପିଲାଙ୍କ ବେଡଶିଟ୍‌କୁ ବାହାରେ ସୂର୍ଯ୍ୟକିରଣ ପାଇଁ ରଖାଯାଇଥିଲା। ଏପରି ୩ ସ୍ତରରେ ସମ୍ପୂର୍ଣ୍ଣ କ୍ୟାମ୍ପସ୍‌କୁ ସଫା କରାଯିବ। କମିଶନରଙ୍କ ନିର୍ଦ୍ଦେଶକ୍ରମେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଛାତ୍ରୀଛାତ୍ରଙ୍କ କାଉନସେଲିଂ ଏବଂ ସ୍ୱାସ୍ଥ୍ୟ ସମ୍ପର୍କରେ ରିପୋର୍ଟ ତଲବ କରାଯାଇଛି। ୫ଦିନ ଧରି ସମସ୍ତ ୫୬୦ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି ସ୍ୱାସ୍ଥ୍ୟ ସମ୍ବନ୍ଧିତ ରିପୋର୍ଟ ସଂଗ୍ରହ କରିବେ, ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ପାଇଁ ଅଭିଭାବକଙ୍କୁ ପରାମର୍ଶ ଦିଆଯାଉଛି ବୋଲି ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ ମିତ୍ର କହିଛନ୍ତି। ଏହି କାର୍ଯ୍ୟରେ ବିଭାଗର ୭ଜଣ ନିୟୋଜିତ ହୋଇଛନ୍ତି। ଆସନ୍ତା ୧୨ ତାରିଖରେ ପୁଣି ଥରେ କ୍ୟାମ୍ପସ୍‌ର ସମସ୍ତ ଓଭରହେଡ ଟ୍ୟାଙ୍କ ଏବଂ ଏଠାରୁ ସଂଯୋଗ କରୁଥିବା ସମସ୍ତ ୱାଟର କନେକ୍ସନ ପାଇପ୍ ଲାଇନରୁ ପାଣିର ନମୁନା ସଂଗ୍ରହ କରାଯିବ। କ୍ୟାଣ୍ଟିନ ପାଣି ବ୍ୟବହାରରୁ ପିଲାମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସଂଗ୍ରହ କରିଥିବା ୫ଟି ପାଣି ନମୁନାରୁ କ୍ୟାଣ୍ଟିନ ପାଣି ସଂକ୍ରମିତ ରହିଥିବା ଏବଂ ଏହା ବ୍ୟବହାର ଅନୁପଯୋଗୀ ବୋଲି କମିଶନରଙ୍କୁ ଜଣାଇଥିଲେ।

ନବୋଦୟ ବିଦ୍ୟାଳୟ ସମିତ ନୂଆଦିଲ୍ଲୀର କେନ୍ଦ୍ରୀୟ କମିଶନର ରାଜେଶ ଲେଖାନୀ ମଧ୍ୟ ବୁଧବାର ପରିଦର୍ଶନ ସମୟରେ ଉଭୟ ରିପୋର୍ଟ ମଧ୍ୟରେ ତାଲମେଳ ନ ଥିବା ଜାଣିବା ପରେ ପୁଣି ଜନସ୍ୱାସ୍ଥ୍ୟ ବିଭାଗକୁ ପାଣି ନମୁନା ପରୀକ୍ଷଣ କରିବା ପାଇଁ କହିବା ପରେ ୱାଟ୍‌କୋ ରିପୋର୍ଟ ଉପରେ ସାଧାରଣରେ ସନ୍ଦେହ ହୋଇଛି। ଆଗକୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ଏଠାରେ ପ୍ରକାଶ ଯେ, ଜିଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଇଥିବା ରିପୋର୍ଟ ପଜିଟିଭ୍ ଆସିଥିବା ବେଳେ ଗତ ତିନିଦିନ ତଳେ ୱାଟ୍‌କୋ ପକ୍ଷରୁ ବିଭିନ୍ନ ସ୍ଥାନରୁ ସଂଗ୍ରହ କରାଯାଇଥିବା ପାଣି ନମୁନା ରିପୋର୍ଟ କିଭଳି ନେଗେଟିଭ୍ ଆସିଲା ତାହାକୁ ନେଇ ଅଭିଭାବକଙ୍କ ମହଲରେ ସନ୍ଦେହ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଡେପୁଟି କମିଶନର ଆର୍.କେ. ଶର୍ମା କହିଛନ୍ତି, ୱାଟ୍‌କୋ ରିପୋର୍ଟ ଉପରେ ସନ୍ଦେହ ହେବା ପରେ ଜନସ୍ୱାସ୍ଥ୍ୟ ବିଭାଗକୁ ସାମ୍ପୁଲ ସଂଗ୍ରହ ପାଇଁ କୁହାଯାଇଛି। ଜନସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ଘଟଣା ଉପରେ ନଜର ରଖାଯାଇଛି। ପିଲାଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଜିଲାପାଳଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ୱାଟ୍‌କୋ ସାଧାରଣ ପରିଚାଳକ ରାଜେନ୍ଦ୍ର ନାୟକ କହିଛନ୍ତି, ଭୁବନେଶ୍ୱରର ଅତ୍ୟାଧୁନିକ ପରୀକ୍ଷାଗାରରେ ପାଣି ନମୁନା ପରୀକ୍ଷା କରାଯାଇଛି। ଓାଟ୍‌କୋ ପକ୍ଷରୁ ସଂଗ୍ରହ କରାଯାଇଥିବା ପାଣିର ନମୁନା ରିପୋର୍ଟ ଠିକ୍ ରହିଥିବା ସେ କହିଛନ୍ତି।

## ବାଲୁଗାଁ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବାଲୁଗାଁ,୮।୧(ସଂଗ୍ରାମ ପାଇକରାୟ)

ଚିଲିକା ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲୁଗାଁର ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ଦ୍ୱାରିକାନାଥ ବେହେରା, ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନର ସଭାପତି ମୁରଲୀଧର ସାମନ୍ତସିଂହାରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଧୀନା ମଞ୍ଜରୀ ବେହେରା ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଶିକ୍ଷକ ହୃଦାନନ୍ଦ ରଣା ସଭା ପରିଚାଳନା ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତ ଶିକ୍ଷକ ଆଲୋକ ପାଢଶାଣୀ ଗୀତାପାଠ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଗୋପୀନାଥ ପ୍ରଧାନ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ଚିଲିକା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ସୌଦାମିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୧୯୨ ଛାତ୍ରୀଛାତ୍ରଙ୍କ ହେଲା ଚକ୍ଷୁ ପରୀକ୍ଷା

ବେଗୁନିଆ,୮।୧(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଚକ୍ଷୁ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ସାଏ ଦିବ୍ୟଜ୍ୟୋତି ଯୋଜନାରେ କଣ୍ଟାବାଡ଼ସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଶିବିରରେ ୧୯୨ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଗୋଷ୍ଠୀ ସାଧନକର୍ମୀ ରଞ୍ଜିତା ବେଉରା ଓ ରଶ୍ମିତା ସାହୁଙ୍କ ସହଯୋଗରେ ଖୋର୍ଦ୍ଧା ଚକ୍ଷୁ ବିଶେଷଜ୍ଞ ଡା.ଅଜୟ କୁମାର ସିଂହ, ସହକାରୀ ଚକ୍ଷୁ ବିଶେଷଜ୍ଞ ସନାତନ ମିଶ୍ର, ଅମିଶା ମହାନ୍ତି, ସଞ୍ଜୀବ କୁମାର ବେହେରା ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷକ ବିଜୟ ମହାପାତ୍ର, ମାନସ ସେଠୀ, ନାରାୟଣ ମାନସିଂହ ସହଯୋଗ କରିଥିଲେ। ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଦ୍ୱାରା ବିଦ୍ୟାଳୟସ୍ତରରେ ପିଲାମାନଙ୍କ ଆଖିର ଯତ୍ନ ନେବା ଆଭିମୁଖ୍ୟ ନେଇ ପିଲାମାନଙ୍କର ପାଠପଢ଼ା ସମୟରେ ସହାୟକ ହେବ ବୋଲି ଡା.ସିଂହ ମତବ୍ୟକ୍ତ କରିଥିଲେ।

### ଧର୍ମପରାୟଣ ପୁଷ୍ପିତା ଘୋଷଙ୍କ ପରଲୋକ

ଖୋର୍ଦ୍ଧା,୮।୧(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ବିଡିଏ କଲୋନୀ ବାସିନ୍ଦା ପୁଷ୍ପିତା ଘୋଷଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୫ବର୍ଷ ହୋଇଥିଲା। ସେ ଜଣେ ପରୋପକାରୀ, ଧର୍ମପରାୟାଣା ମହିଳାଭାବେ ଜଣାଶୁଣା ଥିଲେ। ପୁଅ ଶୋଭନ ମା'ଙ୍କ ନାମରେ ପୁଷ୍ପିତା ସାହିତ୍ୟ ସଂସଦ ଓ ପୁଷ୍ପିତା ପ୍ରକାଶନୀ ସଂସ୍ଥା ଚଳାଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୁ, ନାତି ନାତୁଣୀ ଏବଂ ଅନେକ ଶୁଭେଚ୍ଛୁ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ସପନ ଘୋଷ ମୁଖାଗ୍ନି ଦେଇଥିଲେ।

## ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ଗୁଣ ପରିପ୍ରକାଶ କରୁଛି ପିଏମ୍‌ଶ୍ରୀ ଉତ୍ସବ



ଅତିଥିଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କୃତୀ ପ୍ରତିଯୋଗୀମାନେ।

ବୋଲଗଡ଼,୮।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଂକୋଇ ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୫୬ତମ ବାର୍ଷିକ ଉତ୍ସବ ସହ ଦ୍ୱିତୀୟ ପିଏମ୍‌ଶ୍ରୀ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ବୁଧବାର ଏହି ଉତ୍ସବକୁ ମୁଖ୍ୟ ଅତିଥି ଖୋର୍ଦ୍ଧା ଜିଲା ପିଏମ୍‌ଶ୍ରୀ ଯୋଜନା ସଂଯୋଜକ ମନସ୍ୱିନୀ ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ସରପଞ୍ଚ ରଶ୍ମିତା ରାଉତରାୟ, ଏସଏମସି ସଭାପତି ସସ୍ମିତା ବଲିୟାରସିଂହ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶ୍ରୀକାନ୍ତ ଫତେସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାର୍ଥୀମାନେ ବିଭିନ୍ନ ପଭିଲିଆନ ଓ ଷ୍ଟଲ ମାଧ୍ୟମରେ ସାହିତ୍ୟ ସୃଜନୀ, କ୍ରୀଡାଙ୍ଗନ, କୌଶଳୀ, ଆକାଂକ୍ଷା, ଜିଜ୍ଞାସା ଓ ଖାଦ୍ୟବଜାର ମେଳାରେ ନିଜ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ। ପରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ସସ୍ମିତା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ସ୍ୱାଇଁ ଯୋଗଦେଇଥିଲେ। ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ଗୁଣ ପରିପ୍ରକାଶ କରୁଛି ପିଏମ୍‌ଶ୍ରୀ ଉତ୍ସବ ବୋଲି ମତପ୍ରକାଶ ପାଇଥିଲା। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ କାଳୀଚରଣ ଜୟସିଂହ, ସମ୍ମାନିତ ଅତିଥିଭାବେ ବିଆର୍‌ସିସି କୈଳାସ ନାଥ ସ୍ୱାଇଁ, ଏବିଇଓ ଅମିତା ମିଶ୍ର, ଜିଲାପରିଷଦ ସଭ୍ୟ ସୁବାସ ରାୟଗୁରୁ, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଶିକ୍ଷାବିତ ଜୟକୃଷ୍ଣ ଫତେସିଂ, ପୂର୍ବତନ ପ୍ରଧାନ ଶିକ୍ଷକ ହାଜି ବଦ୍ଦୁଲ ହାସନ ଖାଁ, ସମିତିସଭ୍ୟ ରଞ୍ଜନ ଲେଙ୍କା, ୱାର୍ଡ ସଭ୍ୟା ଚନ୍ଦ୍ରକାନ୍ତି ପଟ୍ଟନାୟକ, ପଞ୍ଚସଖା ଶିକ୍ଷାସେତୁ ସମ୍ପାଦକ ସୁରେଶ କୁମାର ସାମନ୍ତରାୟ, ଏସଏମସି ସଭାନେତ୍ରୀ ସସ୍ମିତା ବଳିୟାରସିଂ, ସିଆର୍‌ସିସି ସନ୍ତୋଷ ସାମଲ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ନୀଳିମାରାଣୀ ସେଠି ବାର୍ଷିକ ବିବରଣୀ ପାଠ କରିଥିଲେ। ଶୁଭେନ୍ଦୁ ସ୍ୱାଇଁ ଅତିଥିଙ୍କ ପରିଚୟ ଏବଂ ସୁବାସ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ସରୋଜ ସାମନ୍ତସିଂହାର ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ କବାଡ଼ି ପ୍ରତିଯୋଗିତା

କୃଷ୍ଣପ୍ରସାଦ,୮।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକା ନୂଆପଡ଼ା ସ୍ଥିତ ନାରାୟଣ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ କ୍ରୀଡା ଓ ଯୁବ ଶିକ୍ଷା ବିଭାଗ ଏବଂ ବ୍ଲକ୍ ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାକୁ ବିଡିଓ ଅମୀୟ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନାରାୟଣ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା, କୃଷ୍ଣପ୍ରସାଦ ବ୍ଲକ କ୍ରୀଡ଼ା ଜୋନ ସମ୍ପାଦକ ଅଜିତ କୁମାର ବାରିକ, ରୁକ୍ମଣୀ ଦେବୀ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ପ୍ରଦୀପ୍ତ କୁମାର ବେହେରା, ସିପି ପ୍ରଭାତ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବ୍ଲକ ଅଧୀନ କୃଷ୍ଣପ୍ରସାଦ, ମାଲୁଦ, ନୂଆପଡା, ସାତପଡ଼ା ଆଦି ୪ଟି ସବ୍‌ଜୋନରୁ ବାଳକ ବିଭାଗରେ ୬ଟି ଦଳ ଏବଂ ବାଳିକା ବିଭାଗରେ ୭ଦଳ ସାମିଲ ହୋଇଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷକ ପ୍ରମୋଦ କୁମାର ସାହୁ, ପ୍ରକାଶ ଚନ୍ଦ୍ର ସିଂହ, ଅଶୋକ ପ୍ରଧାନ, ଅଶୋକ ସାମଲ, ଶ୍ରୀକାନ୍ତ ଜେନା, ଆର୍ତ୍ତତ୍ରାଣ ମଲ୍ଲିକ, ପଞ୍ଚାନନ ଜେନା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶେଷରେ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ୬୫ ପ୍ରକଳ୍ପ

ଟାଙ୍ଗୀ,୮।୧(ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଟାଙ୍ଗୀଠାରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୬୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ସଭାରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ମଣ୍ଡଳ ଉନ୍ନୟନ ଅଧିକାରୀ ରୁମାନା ଜାଫ୍ରି, ସହ ଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୁଲତା ବେହେରା, ଗୋବିନ୍ଦ ଚନ୍ଦ୍ର ବେହେରା, ସିଆର୍‌ସିସି ଦେବାନନ୍ଦ ବେହେରା, ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ ବେହେରା, ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମହେନ୍ଦ୍ର କୁମାର ପ୍ରଧାନ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମହେନ୍ଦ୍ର କୁମାର ପ୍ରଧାନ, ମୁଖ୍ୟ ବକ୍ତା ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବରିଷ୍ଠ ଖବରଦାତା ରଘୁନାଥ ସାହୁ, ଆଲୁମ୍ନି କମିଟି ଅଧ୍ୟକ୍ଷା ଭାନୁମତି ଦେଇ ଉପସ୍ଥିତ ଥିଲେ।କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟ ରୁଦ୍ରପ୍ରତାପ ନାୟକ, କ୍ଷେତ୍ରବାସୀ ସରକାରୀ ଉ.ପ୍ରା ବିଦ୍ୟାଳୟର ସୋନାଲି ବେହେରା, ପାରିଅରଡ଼ ଉଚ୍ଚ ବିଦ୍ୟାଳୟର ପ୍ରୀତମ ସାଇ ମହାପାତ୍ର, ଟାଙ୍ଗୀ ବଳରାମ ଦେବ ଉଚ୍ଚ ବିଦ୍ୟାଳୟର ନିରଞ୍ଜନ ବାରିକ, ଟାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଆଦ୍ୟାଶା ନାୟକ, ପଦ୍ମକୁମୁଦ ବିଦ୍ୟାନିକେତନର ପୂର୍ଣ୍ଣିମା ପ୍ରିୟଦର୍ଶିନୀ ପାତ୍ର, ନିଗମାନନ୍ଦ ବିଦ୍ୟାନିକେତନ ବଡପୋଖରିଆର ଲକ୍ଷ୍ମୀପ୍ରିୟା ପଲ୍ଲେଇ ପ୍ରମୁଖ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ସିଆର୍‌ସିସି ପ୍ରଶାନ୍ତ ମହାପାତ୍ର ସଂଯୋଜନା କରିଥିଲେ। ସିଆର୍‌ସିସି ସୁଶାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସିଆର୍‌ସିସି ଦୀନବନ୍ଧୁ ପୃଷ୍ଟି, ସିଆର୍‌ସିସି ରମେଶ ବେହେରା, ସିଆର୍‌ସିସି ବିଜୟ ମାନସିଂହ, ସିଆର୍‌ସିସି ଦୁଃଶାସନ ପ୍ରଧାନ, ସିଆର୍‌ସିସି ସତ୍ୟନାରାୟଣ ପ୍ରଧାନ, ସିଆର୍‌ସିସି ମଳୟ ମଙ୍ଗରାଜ, ସିଆର୍‌ସିସି ଯୋଗେନ୍ଦ୍ର କୁମାର ମାର୍ଥା, ସିଆର୍‌ସିସି ସପନ ସର୍ଦ୍ଦାର ପ୍ରମୁଖ ସହଯୋଗ କରିଥିଲେ।

## ହଲଦିଆକୁ ହରାଇ ତୁଳସୀପୁର ବିଜୟୀ



ଉଦ୍‌ଘାଟନୀ ମ୍ୟାଚ୍ ଆରମ୍ଭ ପୂର୍ବରୁ ଅତିଥିଙ୍କ ସହ ଖେଳାଳି।

ବାଘମାରୀ,୮।୧(ମିହିର ରଞ୍ଜନ ମହାପାତ୍ର)

ସିମୋର ପଞ୍ଚାୟତ ଖେଳପଡିଆରେ ମା'ଗମେଇ କ୍ରିକେଟ କ୍ଲବ ପକ୍ଷରୁ ଗୁରୁବାର ୫ମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଭାଜପା ନେତା ପ୍ରକାଶ ଚନ୍ଦ୍ର ବିଜୁଳି, ଭାଜପା ଖୋର୍ଦ୍ଧା ଜିଲା ଉପସଭାପତି ବାସୁଦେବ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ହଳଦିଆ ଏବଂ ତୁଳସୀପୁର ଟିମ୍ ମଧ୍ୟରେ ହୋଇଥିଲା। ହଳଦିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୯.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୪ ରନ ସଂଗ୍ରହ କରିଥିଲା। ଜବାବରେ ତୁଳସୀପୁର ଟିମ୍ ୧୯.୨ ଓଭରରେ ୧୧୮ରନ ସଂଗ୍ରହ କରି ବିଜୟୀ ହୋଇଛି। ତୁଳସୀପୁର ଟିମ୍‌ର ଗୁଲୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ନରେଶ ଜେନା ଓ ଦୀପ୍ତି ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବା ବେଳେ ରାଜା ଓ ଦେବାଶିଷ ସ୍କୋର ବୋର୍ଡ ଏବଂ ସିଟୁ ମାର୍ଥା ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।

## ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ବେଗୁନିଆ,୮।୧(ସନ୍ଧ୍ୟାରାଣୀ ମିଶ୍ର)

ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପିଏମ୍‌ଶ୍ରୀ ଉଦ୍‌ଯାପନୀ ଉତ୍ସବ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ତଥା ବରିଷ୍ଠ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ଓ ଶୁଭଲକ୍ଷ୍ମୀ ସାହୁଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ପରିବେଶବିତ୍ ଧନେଶ୍ୱର ବିଧାର ମୁଖ୍ୟବକ୍ତା, ଭାରତୀୟ ଓଭରସିଜ୍ ବ୍ୟାଙ୍କ ପରିଚାଳକ ସତ୍ୟଜିତ ପରିଜା, ବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷ ପୁଷ୍ପଲତା ଜୟସିଂହ, ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନର ଅଧ୍ୟକ୍ଷ ମାୟାଧର ମାର୍ଥା ଓ ଉପାଧ୍ୟକ୍ଷ ଭବାନୀ ଶଙ୍କର ଜୟସିଂହ, ସିଆର୍‌ସିସି ସରୋଜ କୁମାର ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଶିକ୍ଷକ ହିମାଂଶୁ ଭୂଷଣ ସ୍ୱାଇଁ ଓ ଶ୍ରୀକାନ୍ତ ପଣ୍ଡାଙ୍କ ପଥ ପ୍ରଦର୍ଶନରେ ଆକାଂକ୍ଷା ମେଳା, ଦୁକାନ ଯାତ୍ରା, ଶିକ୍ଷକ ସୌମ୍ୟରଞ୍ଜନ ସାହୁ, ସୂର୍ଯ୍ୟକାନ୍ତ ମହାପାତ୍ର, ଲକ୍ଷ୍ମୀପ୍ରିୟା ତ୍ରିପାଠୀ ଓ ସୁନିତା ପୃଷ୍ଟି, ଶିକ୍ଷୟିତ୍ରୀ ଆଶା ମୁର୍ମୁଙ୍କ ମାର୍ଗଦର୍ଶନରେ ସାହିତ୍ୟ ସୃଜନୀ, ପ୍ରଭାତ କୁମାର ନିଶଙ୍କ ଓ ଶୁଭଲକ୍ଷ୍ମୀ ସାହୁ ,ସ୍ମୃତିସ୍ମିତା ବେହେରା ଓ ବିଜୟଲକ୍ଷ୍ମୀ ସାମନ୍ତରାୟଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରମାନେ ଯଥାକ୍ରମେ କ୍ରୀଡ଼ାଙ୍ଗନ ଓ କୌଶଳୀ ଜିଜ୍ଞାସା ସମ୍ବନ୍ଧୀୟ ଷ୍ଟଲ ପ୍ରଦର୍ଶନ କରିଥିଲେ। ବିଦ୍ୟାର୍ଥୀମାନେ ଶିକ୍ଷକ ପ୍ରହ୍ଲାଦ ପାଣିଗ୍ରାହୀଙ୍କ ପଥ ପ୍ରଦର୍ଶନରେ ବୈଜ୍ଞାନିକ, କବି, ଲେଖକ, ଛବିଳ ମଧୁ ବର୍ଣ୍ଣବୋଧ ଓ ମହାପୁରୁଷଙ୍କ ଫଟୋଚିତ୍ର ହତା ମଧ୍ୟରେ ଦର୍ଶାଇଥିଲେ। ପ୍ରତିଯୋଗୀଙ୍କ ହାତ ତିଆରି ଦ୍ରବ୍ୟଗୁଡ଼ିକୁ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସ୍ୱାଇଁଙ୍କ ରଚନା ଓ ନିର୍ଦ୍ଦେଶନାରେ ଛାତ୍ରୀମାନେ ଭରତ ଲୀଳା ଭଙ୍ଗୀରେ ପିଏମ୍ ଶ୍ରୀ ସଙ୍ଗୀତ ଗାନ ସହ ନୃତ୍ୟ ପରିବେଷଣ କରିଥିଲେ। ସନ୍ତୋଷ କୁମାର ପଣ୍ଡା ଓ ଶୁଭଶ୍ରୀ ସାହୁ ବିଚାରକ ରୂପେ କୃତୀ ପ୍ରତିଯୋଗୀ ଚୟନ କରିଥିଲେ। ପରିଚାଳନା ପରିଷଦର ଉପାଧ୍ୟକ୍ଷ ସର୍ବେଶ୍ୱର ସାହୁ, ଆନନ୍ଦ ଚନ୍ଦ୍ର ସେନାପତି, ବାବୁଲି ସିଂହ, ବିରଞ୍ଚି ନାରାୟଣ ସାହୁ ଓ ବିଶ୍ୱରଞ୍ଜନ ପରିଡ଼ା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆଲ୍‌ଫା ସେମିଫାଇନାଲରେ

**ଗିନି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଖୋର୍ଦ୍ଧା,୮।୧(ପ୍ରଭାତ ପାଣିଗ୍ରାହୀ)



ଅତିଥିଙ୍କଠାରୁ ଜଣେ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସବ୍ୟସାଚୀ–ଦିନେଶ ମେମୋରିଆଲ ଗିନି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଲ୍‌ଫା ବ୍ରହ୍ମପୁର ଟିମ୍ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖୋର୍ଦ୍ଧା ଷ୍ଟାଡ଼ିୟମରେ ଆଲଫା ବ୍ରହ୍ମପୁର ଏବଂ ଆୟୋଜକ ଟିମ୍ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଆୟୋଜକ ଖୋର୍ଦ୍ଧା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ବିନିମୟରେ ୧୫୭ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆର୍ଯ୍ୟ ଦେବାଶିଷ ଭଞ୍ଜ ସର୍ବାଧିକ ୫୯ରନ ଏବଂ ରାକେଶ ପଟ୍ଟନାୟକ ୫୦ ରନ କରିଥିଲେ। ଆଲଫା ଟିମ୍ ପକ୍ଷରୁ ଟୁକୁନା ସାହୁ ୩ଟି ଏବଂ ବି.ଶିବା ୨ଟି ଉଇକେଟ ନେଇଥିଲେ।ଜବାବରେ ଆଲଫା ଟିମ୍ ୧୯ ଓଭରରେ ୪ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ବିଶ୍ୱ ୱାଲଟାର ଟପ୍ପୋ ସର୍ବାଧିକ ୭୪ରନ ଏବଂ ପ୍ରବୀଣ କୁମାର ଅପରାଜିତ ୩୯ ରନ କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ଆଲଫା ଟିମ୍‌ର ୱାଲଟାର ଟପ୍ପୋଙ୍କୁ ୨ ହଜାର ଟଙ୍କାର କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ବେଉରା ଓ ରାଜୁ ମୋଦି ପ୍ରଦାନ କରିଥିଲେ। ଭାଷ୍ୟକାର ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମଞ୍ଚ ପରିଚାଳନା କରିଥିଲେ। ରାକେଶ ମିଶ୍ର ଏବଂ ଏସ୍.କରୁଣାକର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଜନ୍ମେଜୟ ଛୋଟରାୟ ଓ ରବିନାରାୟଣ ପରିଡା ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ଆସୋସିଏଶନରର ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, କୋଷାଧ୍ୟକ୍ଷ ତନ୍ମୟ ବୋଷ, ସୌର୍ଯ୍ୟ ରଞ୍ଜନ ମହାନ୍ତି, ସୁରେଶ ଭୂଷଣ ପଟ୍ଟନାୟକ, ସୁବ୍ରତ ଦାସ, ବିଜୟ କୁମାର ଗୋଛି, ସୁଧାଂଶୁ ଦାସ, ଦେବୀଶଙ୍କର ପଣ୍ଡା, ବିଜ୍ଞାନ ସୁନ୍ଦରାୟ, ଶଶିକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ।

**ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

## ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ୍ ସେମିରେ

ଟାଙ୍ଗୀ,୮।୧(ରଘୁନାଥ ସାହୁ)



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳିମାନେ।

ଟାଙ୍ଗୀ ଚିଲିକା ଷ୍ଟାଡ଼ିୟମରେ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ୍ ବରଗଡ଼ ଏବଂ ଏସ୍.ଆର୍.ଏମ୍ କ୍ଲବ୍ ଉମରକୋଟ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୩–୦ ଗୋଲରେ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ପୂର୍ବତନ ଜିଲାପାଳ ଦେବରାଜ ସେନାପତି, କୁହୁଡ଼ି ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ଟାଙ୍ଗୋଳ ସରପଞ୍ଚ ବୀରେଶ ରାୟଗୁରୁ, ସୁନ୍ଦରପୁର ସରପଞ୍ଚ ସୁଜିତ ହାଲଦାର, ନୂଆଗଡ଼ ସରପଞ୍ଚ ରଘୁନାଥ ମାଝୀ, ପାରିଓରଡ଼ ସରପଞ୍ଚ ମମତା ପ୍ରଧାନ, କୁଞ୍ଜରି ସରପଞ୍ଚ ସୁଶାନ୍ତ ସାମନ୍ତରାୟ, ମଙ୍ଗଳାଯୋଡ଼ି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ସାମାଜିକକର୍ମୀ ସୁବାସ ପ୍ରଧାନ, ସଭାପତି କିଶୋର କୁମାର ବେହେରା, ସମ୍ପାଦକ ନରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର କରୁଣାକର ଶ୍ରୀଚନ୍ଦନ ସ୍ମାରକୀ ଶ୍ରେଷ୍ଠ ଖେଳାଳି ଟ୍ରଫି ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବର ଜର୍ସି ନଂ. ୧୬ ଷ୍ଟାର୍ଲିଙ୍କୁ ଏବଂ ସର୍ବେଶ୍ୱର ସୁନ୍ଦରାୟ ସ୍ମାରକୀ ଶ୍ରେଷ୍ଠ ଖେଳାଳି ଟ୍ରଫି ଉମରକୋଟର ୧୧ନଂ. ଖେଳାଳି ପ୍ରାଣଙ୍କୁ ପ୍ରଦାନ କରାଯାଇଥିଲା। ରାମଚନ୍ଦ୍ର ବିଶ୍ରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ମାନସ ବିଶ୍ୱାଳ, ପ୍ରିୟବ୍ରତ ବାହିନୀପତି ଏବଂ ନନ୍ଦ କିଶୋର ସ୍ୱାଇଁ ସହାୟତା କରିଥିଲେ। କ୍ରୀଡ଼ା ସଙ୍ଗଠକ ବିଜୟ କୁମାର ରାଉତ ସଂଯୋଜନା କରିଥିଲେ। କମିଟି ସଦସ୍ୟ ବାଳକୃଷ୍ଣ ମିଶ୍ର, ବାସୁଦେବ ବିଶ୍ୱାଳ, କୋଷାଧ୍ୟକ୍ଷ ସୁନୀଲ କୁମାର ମହାନ୍ତି, ପ୍ରଣୟ ପାଇକରାୟ, ସମର ମାଝୀ, ରମେଶ ବେହେରା, ମାନସ ସାହୁ, ଅଜୟ ମହାପାତ୍ର, ପବିତ୍ର ମହାରଣା, ସହ ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ବିଶ୍ୱ ରଞ୍ଜନ ପଟ୍ଟନାୟକ, ବେଣୁଧର ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ ବରଗଡ଼ ଏବଂ ରୁଦ୍ରାଂଶୁ ଫୁଟ୍‌ବଲ କ୍ଲବ ଖଡ଼ଗପୁର ମଧ୍ୟରେ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ୧୫୦୦ ଲିଟର ଦେଶୀମଦ ଜବତ, ୨ ଗିରଫ

ବାରଙ୍ଗ,୮।୧(ଲିଙ୍ଗରାଜ ରାଉତ)

ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ବାରଙ୍ଗ ଅଞ୍ଚଳରୁ ବେଆଇନ ଦେଶୀମଦ ଜବତ କରିଛି। ଏହି ଘଟଣାରେ ଫ୍ଲାଇଂ ସ୍କ୍ୱାଡ୍ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ତିଗିରିଆ ଅଞ୍ଚଳର ପିଣ୍ଟୁ ରାଉତ(୨୫) ଓ ଅନିଲ ସାମଲ(୧୯)। ସେମାନଙ୍କ ନିକଟରୁ ୧୫୦୦ ଲିଟର ଦେଶୀମଦ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ ବୋଲି ସ୍କ୍ୱାଡ୍ ପକ୍ଷରୁ ସୂଚନା ମିଳିଛି।

ଗୁରୁବାର ସକାଳୁ ଦେଶୀମଦ ଚାଲାଣ ହେବା ନେଇ ବିଶେଷ ସୂତ୍ରରୁ ଖବର ପାଇ ରାଜ୍ୟ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍‌ର ୧୦ ଜଣିଆ ଦଳ ବାରଙ୍ଗ ଅଞ୍ଚଳରେ ଜଗିଥିଲା। ଏହି ସମୟରେ ଆଠଗଡ଼ ଅଞ୍ଚଳରୁ ପିଣ୍ଟୁ ଓ ଅନିଲ ଏକ ବୋଲେରୋ ଗାଡ଼ିରେ ଦ୍ରୁତଗତିରେ ବାରଙ୍ଗ ଅଞ୍ଚଳ ଦେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ରହିଥିବା ଫ୍ଲାଇଂ ସ୍କ୍ୱାଡ୍ ଦଳ ଗାଡ଼ିକୁ ଅଟକାଇଥିଲେ। ଘଟଣାସ୍ଥଳରୁ ଗାଡ଼ି ଭିତରୁ ଦେଶୀମଦ ଜବତ କରାଯିବା ସହ ଚାଳକ ପିଣ୍ଟୁ ଓ ସହଯୋଗୀ ଅନିଲଙ୍କୁ ଗିରଫ କରାଯାଇଛି।

# ଉତ୍କଳିକାରୁ କିଣା ହେବ କନ୍ୟା ବିବାହ ଯୋଜନା ସାମଗ୍ରୀ

### ମହିଳା ଶିଶୁ ବିକାଶ ଓ ଉତ୍କଳିକା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୮।୧(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ପକ୍ଷରୁ ଗରିବ ଓ ଅସହାୟ ପରିବାରର ଝିଅଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନାରେ ବିବାହ ଲାଗି ଆବଶ୍ୟକ ଖର୍ଚ୍ଚ ବାବଦକୁ ୫୧ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବେ ସରକାର। କନ୍ୟାଙ୍କୁ ଶାଢ଼ି, ଚୁଡ଼ି, ପାଉଁଜି, ଟିକିଲି ଆଦି ବିବାହ ସାମଗ୍ରୀ ଦିଆଯିବ। ଏହିସବୁ ସାମଗ୍ରୀ ଉତ୍କଳିକା ମାଧ୍ୟମରେ ହିତାଧିକାରୀଙ୍କୁ ସରକାର


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

ଯୋଗାଇ ଦେବାକୁ ଯୋଜନା କରିଛନ୍ତି। ଏହାଦ୍ୱାରା ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତକଳା କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ। ଏନେଇ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ଗୁରୁବାର ବିଭାଗୀୟ ସମ୍ମିଳନୀ କକ୍ଷଠାରେ ମହିଳା ଓ ଶିଶୁ ବିକାଶ ବିଭାଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ଉତ୍କଳିକା ଏବଂ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ, ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅତିରିକ୍ତ ସଚିବ ପ୍ରତାପ ହୋତା ଏବଂ ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ମମତା ନାୟକଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।

ସୂଚନାଯୋଗ୍ୟ, କନ୍ୟା ବିବାହ ଯୋଜନା ପାଇଁ ରାଜ୍ୟ ସରକାର ଦେଉଥିବା ମୋଟ ୫୧ ହଜାର ଟଙ୍କାରୁ ୩୫ହଜାର ଟଙ୍କା ବିବାହ ପଞ୍ଜୀକରଣ ହେବାର ୭ଦିନ ପରେ କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ଯିବ। ବାକି ଟଙ୍କାରୁ ଉପହାର ବାବଦରେ ୧୦ ହଜାର ଟଙ୍କା ଓ ସାଜସଜ୍ଜା ବାବଦକୁ ୬ ହଜାର ଟଙ୍କା ଦିଆଯିବ। ଏଥିପାଇଁ ଝିଅର ବୟସ ସର୍ବନିମ୍ନ ୧୮ ବର୍ଷ ହୋଇଥିବା ଆବଶ୍ୟକ। ପ୍ରଥମଥର ବିବାହ କରୁଥିବା ଯୁବତୀ କିମ୍ବା ବିଧବା ମହିଳାମାନେ ଆଉଥରେ ବିବାହ କଲେ ହିଁ ଏହି ଯୋଜନାର ସୁବିଧା ପାଇପାରିବେ ବୋଲି ଗାଇଡ୍‌ଲାଇନରେ ଉଲ୍ଲେଖ ରହିଛି।

# ପ୍ରକାଶ ପାଇଲା ଓଡ଼ିଶା ପଲିଟେକ୍‌ନିକ ର୍‍ୟାଙ୍କିଂ



### ଶୀର୍ଷରେ ବୋଷ

ଭୁବନେଶ୍ୱର, ୮।୧(ସୁଚିସ୍ମିତା ସାହୁ)

୨୦୨୩-୨୪ ଶିକ୍ଷା ବର୍ଷର ଓଡିଶା ପଲିଟେକ୍‌ନିକ ରାଙ୍କିଙ୍ଗର ଚତୁର୍ଥ ସଂସ୍କରଣ ଗୁରୁବାର ପ୍ରକାଶ ପାଇଛି। ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ପରିଷଦ ଅଡିଟୋରିୟମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାକୁ ଉନ୍ମୋଚନ କରିଥିଲେ। ଏହି ର୍‍ୟାଙ୍କିଙ୍ଗ୍‌ରେ କଟକସ୍ଥିତ ଭୁବନାନନ୍ଦ ଓଡିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ (ବୋସ) ସର୍ବୋଚ୍ଚ ସ୍ଥାନ ହାସଲ କରିଛି। ଏହି ରାଙ୍କିଂ ପ୍ରକ୍ରିୟା କ୍ୟୁସିଆଇ ଦଳ ଦ୍ୱାରା ପରିଚାଳିତ ହେବା ସହ ବହୁ ଅଭିଯୋଗ ସମାଧାନ କମିଟି, କୋର୍ ଗ୍ରେଡିଂ କମିଟି ଏବଂ ଏସସିଟିଇଆଣ୍ଡଭିଟିରେ ଆପିଲେଟ କମିଟି ଦ୍ୱାରା ସମୀକ୍ଷା କରାଯାଇଥିଲା।

ରାଜ୍ୟରେ ବୈଷୟିକ ଶିକ୍ଷାର ବିକାଶ ଉପରେ ମନ୍ତ୍ରୀ କହିଛନ୍ତି, ରାଙ୍କିଙ୍ଗ୍ ବ୍ୟବସ୍ଥା ଓଡିଶାର ଯୁବବର୍ଗଙ୍କୁ ଶିଳ୍ପ ଉପଯୋଗୀ କରିବାରେ ସାହାଯ୍ୟ କରିଛି। ଏହାସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ବଢ଼ାଇଛି। ସମସ୍ତ ଅଧକ୍ଷାଅଧକ୍ଷଙ୍କୁ ସମୟସୀମା ମଧ୍ୟରେ ଆକ୍ସନପ୍ଲାନ ପ୍ରସ୍ତୁତ କରିବାକୁ ମନ୍ତ୍ରୀ କହିଥିଲେ। ଏହା ଅନୁଷ୍ଠାନର ସାମଗ୍ରିକ ବିକାଶ, ଶୈକ୍ଷିକ ଗୁଣବତ୍ତା, ଅଧ୍ୟାପକଙ୍କ ଦକ୍ଷତା ବୃଦ୍ଧି, ଶିଳ୍ପ ସଂପୃକ୍ତି, ଭିତ୍ତିଭୂମି ବ୍ୟବହାର ଏବଂ ପରିଚାଳନାଗତ ସଂସ୍କାରକୁ ଫୋକସ କରିବା ଆବଶ୍ୟକ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ବିଭାଗୀୟ କମିଶନର ଭୂପେନ୍ଦ୍ର ସିଂହ ପୁନିଆ ଉଦ୍ୟୋଗୀତାକୁ ପ୍ରୋତ୍ସାହନ ଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋର, ସମ୍ପାଦକ ସ୍ୱପ୍ନ କୁମାର ମିଶ୍ର, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ବିଶ୍ୱରଞ୍ଜନ ରଥ, ନବେଟ କ୍ୟୁସିଆଇର ସିଇଓ ଡକ୍ଟର ବରିନ୍ଦର ଏସ କନ୍‌ୱର ପ୍ରମୁଖ ଯୋଗ ଦେଇଥିଲେ।


ଆସନ୍ତା ୧୦ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଲୋକ ଭବନ ଉଦ୍ୟାନ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଖୋଲା ରହିବ। ଏହାପୂର୍ବରୁ ଗୁରୁବାର ଗଣମାଧମ ପ୍ରତିନିଧିଙ୍କ ପାଇଁ ଉଦ୍ୟାନ ଖୋଲାଯିବା ପରେ ମହିଳାମାନେ ବୁଲି ଦେଖୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

# ନାଟକ 'ଦୂର ପାହାଡ଼' ମଞ୍ଚସ୍ଥ

### ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ

ବାଲିଅନ୍ତା,୮।୧(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ବେଣ୍ତପୁରସ୍ଥିତ ପିଏମ୍‌ଶ୍ରୀ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟର ୪୩ତମ ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ଏକ ଏକାଙ୍କିକା 'ଦୂର ପାହାଡ଼' ମଞ୍ଚସ୍ଥ ହେଉଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ନାଚ ଓ ଗୀତ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଗଣେଶ କରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଲିଅନ୍ତା ତହସିଲଦାର ଲିଲନ ପ୍ରସାଦ ସାହୁ, ମୁଖ୍ୟ ବକ୍ତାଭାବେ ବାଲିଅନ୍ତା ଶିକ୍ଷା ଅଧିକାରୀ ଭକ୍ତବତ୍ସଳ ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ହୃଷୀକେଶ ପାତ୍ର, ଶିକ୍ଷାବିତ୍ ଅଭିମନ୍ୟୁ ପଣ୍ଡା, ଆଲୁମ୍‌ନିର ସଭାପତି ମହେଶ ଚନ୍ଦ୍ର ରାୟ, ସମ୍ପାଦକ ନୃସିଂହ ଚରଣ ଜେନା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ ୪୦୦ରୁ ଊର୍ଦ୍ଧ୍ୱ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭାକୁ ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ଖୁଣ୍ଟିଆ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଯଜ୍ଞେଶ୍ୱର ରଥ ଧନ୍ୟବାଦ ଦେଇଥିଲେ।

# ଜଣେ ନାବାଳକଙ୍କୁ କାବୁ କରି ସୁଧାର ଗୃହକୁ ପଠାଇଲା ପୋଲିସ

### ଯୁବକଙ୍କୁ ଖଣ୍ଡାରେ ହାଣିବା ଘଟଣା

ଭୁବନେଶ୍ୱର,୮।୧(ତ୍ରିନାଥ ମହାନ୍ତି)

ଯୁବକଙ୍କୁ ଖଣ୍ଡାରେ ହାଣିବା ଘଟଣାରେ ନୂଆପଲ୍ଲୀ ଥାନା ପୋଲିସ ଜଣେ ନାବାଳକଙ୍କୁ କାବୁ କରି ସୁଧାରଗୃହକୁ ପଠାଇଛି। ବୁଧବାର ଖଣ୍ଡା ଚୋଟରେ ଜିତୁ ସାହୁ ଗୁରୁତର ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଆକ୍ରମଣରେ ଫେରାର ଥିବା ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି।

ସୂଚନା ଅନୁସାରେ, ନୂଆବର୍ଷ ପାଳନ ସମୟରେ ମୁଣ୍ଡାସାହିର କେତେଜଣ ଯୁବକଙ୍କ ସହିତ କୃଷି ବିହାର ବସ୍ତିର କିଛି ଯୁବକଙ୍କ ଗଣ୍ଡଗୋଳ ହୋଇଥିଲା। ୨ଗୋଷ୍ଠୀ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ବୁଧବାର ସନ୍ଧ୍ୟା ସମୟରେ ଜିତୁ ଓ ସେମାନଙ୍କ ସହଯୋଗୀମାନେ ମୁଣ୍ଡାସାହି ଛକ ନିକଟରେ ଖଟି କରୁଥିଲେ। ଏହିସମୟରେ ଅନ୍ୟ ଗୋଷ୍ଠୀର ଯୁବକମାନେ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ଗାଡ଼ିରେ ରଖିଥିବା ଖଣ୍ଡା କାଢ଼ି ଜିତୁ ଏବଂ ତାଙ୍କ ସାଙ୍ଗମାନଙ୍କୁ ହାଣିବାକୁ ଗୋଡ଼ାଇଥିଲେ। ଜିତୁଙ୍କ ସହଯୋଗୀମାନେ ଖସି ପଳାଇବାରେ ସକ୍ଷମ ହୋଇଥିବାବେଳେ ଜିତୁ ସେମାନଙ୍କ ହାବୁଡ଼ରେ ପଡ଼ି ଯାଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ପିଟିବା ସହ ମୁଣ୍ଡକୁ ହାଣିଥିଲେ। ରକ୍ତ ଜୁଡୁବୁଡୁ ହୋଇ ସେ ତଳେ ପଡ଼ିଯାଇଥିବାବେଳେ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ।

# ୫ଲକ୍ଷ ଲଢୁଆ ମହିଳାଙ୍କୁ କଂଗ୍ରେସ ଆଗକୁ ଆଣିବ: ଭକ୍ତ

### ମହିଳା କଂଗ୍ରେସର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୮।୧
(ରବିନାରାୟଣ ଜେନା)

ରାଜ୍ୟରେ ନାରୀମାନଙ୍କୁ ନ୍ୟାୟ ଦେବାକୁ ହେଲେ ସେମାନଙ୍କୁ ଘର କୋଣରୁ ବାହାରକୁ ଆସିବାକୁ ହେବ। ଏଥିପାଇଁ କଂଗ୍ରେସ ପକ୍ଷରୁ ଗାଁକୁ ଗାଁ ବୁଲି ୫ଲକ୍ଷ ଲଢୁଆ ମହିଳାଙ୍କୁ କଂଗ୍ରେସରେ ସାମିଲ କରାଯିବ। ଯେଉଁମାନେ ରାଜ୍ୟରେ ନାରୀଙ୍କୁ ନ୍ୟାୟ ଦେବାପାଇଁ ସରକାରଙ୍କୁ ବାଧ କରିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ ଭକ୍ତ କହିଥିଲେ, ରାଜ୍ୟରେ ମହିଳା ଅଧିକାର ଓ ନ୍ୟାୟ ପାଇଁ ଯେଉଁ ଦୁର୍ବାର ଆନ୍ଦୋଳନ ହେବ ଏବଂ ଯେଉଁ ଆନ୍ଦୋଳନ ଚାଲିଛି ସେଥିରେ ନିଷ୍ଠାର ସହ କାର୍ଯ୍ୟକରିବାକୁ ସମୟ ଓ ଶ୍ରମଦାନ କରିବାପାଇଁ ୧୦୦ ଜଣ ଉପଯୁକ୍ତ ମହିଳାଙ୍କୁ ବଛାଯିବ। ଯେଉଁମାନେ ସଂଗଠନ ପାଇଁ ଶୃଙ୍ଖଳାସହ କାର୍ଯ୍ୟକରିବେ ଏବଂ ସେମାନଙ୍କର ପ୍ରଶାସନିକ କାର୍ଯ୍ୟକ୍ରମଠାରୁ ସମ୍ବିଧାନର ବ୍ୟବସ୍ଥା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପ୍ରାଞ୍ଜଳ ଧାରଣା ରହିଥିବ। ବିଶେଷକରି ମହିଳାମାନଙ୍କୁ ସମ୍ବିଧାନରେ ଯେଉଁ ଅଧିକାର ଦିଆଯାଇଛି ସେ ସମ୍ପର୍କରେ ସେମାନେ ସମ୍ପୂର୍ଣ୍ଣ ଅବଗତ ରହିବା ସହ ପଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଉପେକ୍ଷିତା,ନିର୍ଯାତିତା ମହିଳାମାନଙ୍କ ପାଇଁ ନ୍ୟାୟର ଲଢ଼େଇ ଲଢ଼ିବେ। ରାଜ୍ୟରେ ଯେଉଁ ଦୟନୀୟ ସ୍ଥିତିରେ ମହିଳାମାନେ ଅଛନ୍ତି ଯଦି ୫ଲକ୍ଷ ମହିଳା ପ୍ରତିବାଦ କରିବା ପାଇଁ ଜାଗ୍ରତ ହୋଇ ରାଜରାସ୍ତାକୁ ଓହ୍ଲାଇବେ ତେବେ ରାଜ୍ୟ ସରକାର ଗାଦିଛାଡ଼ି ପଳାୟନ କରିବେ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ପିସିସି ମୁଖପାତ୍ର ତଥା ଆଇନଜୀବୀ ମନୀଶା ଦାସ ପଟ୍ଟନାୟକ ଭାରତୀୟ ସମ୍ବିଧାନରେ ମହିଳାମାନଙ୍କର ଅଧିକାର ପାଇଁ ବିଭିନ୍ନ ଆଇନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ପ୍ରଭାରୀ ତୁଳିକା କର୍ମା ଆଗାମୀ କାର୍ଯ୍ୟଖସଡ଼ା, ସଂଗଠନର ଦୃଢ଼ତା ଓ ବିଶେଷକରି ସଭ୍ୟ ସଂଗ୍ରହ ଅଭିଯାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ମୁଖ୍ୟ ଅଭିଯୁକ୍ତ ନଣ୍ଡା ଗିରଫ

- ଜିତୁନ ହତ୍ୟା ମାମଲା
- ପୂର୍ବରୁ ୩ଜଣଙ୍କୁ ବାନ୍ଧିଥିଲା ପୋଲିସ

ଭୁବନେଶ୍ୱର,୮।୧(ତ୍ରିନାଥ ମହାନ୍ତି)

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ଗତ ୨୭ ତାରିଖରେ ଜିତୁନ ଦାସ ଓରଫ ବବୁଲଙ୍କୁ ଡିଏଭି ସ୍କୁଲ ନିକଟ ଘର ଆଗରେ ହାଣି ହତ୍ୟା ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ନଣ୍ଡାଙ୍କୁ ନୟାପଲ୍ଲୀ ଥାନା ପୋଲିସ ନୟାଗଡ଼ରୁ ଗିରଫ କରିଛି। ହତ୍ୟାକାଣ୍ଡ ପରେ ନଣ୍ଡା ଫେରାର ହୋଇଯାଇଥିଲେ। ନଣ୍ଡା ଖୋର୍ଦ୍ଧାରେ କିଛିଦିନ ଲୁଚିବା ପରେ ନୟାଗଡ଼ ପଳାଇ ସେଠାରେ ଜଣଙ୍କ ଘରେ ଲୁଚିଥିବାବେଳେ ନୂଆପଲ୍ଲୀ ଥାନା ପୋଲିସ ମାଡ଼ି ବସିଥିଲା। ଏହି ମାମଲାରେ ପୋଲିସ ପୂର୍ବରୁ ୨ଜଣ ନାବାଳକଙ୍କୁ ଧରିଥିବାବେଳେ ଦଶପଲ୍ଲାର ସୁମନ ନାୟକଙ୍କୁ ମଧ ଗିରଫ କରିଥିଲା।

# ପିଏମ୍‌ଶ୍ରୀ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ବାଲିପାଟଣା,୮।୧(ଅଭିମନ୍ୟୁ ନାୟକ)

ପିଏମ୍‌ଶ୍ରୀ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ, ବନମାଳୀପୁରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ଦେଇଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ ଯୋଗଦେଇ କହିଥିଲେ ଯେ, ବିଦ୍ୟାର୍ଥୀଙ୍କ ମଧ୍ୟରେ ଥିବା ସୃଜନଶୀଳ ପ୍ରତିଭା ସେମାନଙ୍କ ଜୀବନରେ ପ୍ରତିଫଳିତ ହୋଇଛି। ସେମାନଙ୍କୁ ଆହୁରି ଉତ୍ସାହିତ କରିବାର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଡ.ପ୍ରଭାତ କୁମାର ରଥ,ଏବିଇଓ ବିଜୟ କୁମାର ବେହେରା, ରାଜ୍ୟ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ବ୍ଲକ ସଭାପତି ବିଜୟ ବେହେରା, ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା, ପଞ୍ଚସଖା କମିଟି ସଭାପତି ପ୍ରତାପ କୁମାର୍ ସାହୁ, ପରିଚାଳନା କମିଟି ସଭାପତି ନାରାୟଣ ସାହୁ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଶିକ୍ଷକ ନେତା ଶରତ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅଞ୍ଚଳର ଖବରଦାତାଙ୍କ ସହିତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନ୍ୟ କର୍ମକର୍ତ୍ତାଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସଞ୍ଜୟ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଶୀତ ଉତ୍ସବ' ପାଳିଲା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ



ଭୁବନେଶ୍ୱର,୮।୧ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ଶୀତ ଉତ୍ସବ' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ସ୍ଥପତି ପଦ୍ମ ବିଭୂଷଣ ଡ. ସୁଦର୍ଶନ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରକୃତି, ପ୍ରଗତି ଓ ସଂସ୍କୃତିର ସମନ୍ୱୟରେ ଆମ ସମାଜ ଋଦ୍ଧିମନ୍ତ ହୋଇଥାଏ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗଦେଇ କହିଲେ, ଆମ ସାଂସ୍କୃତିକ ବିବିଧତାରେ ପରମ୍ପରା ଓ ପ୍ରକୃତିର ଗୁରୁତ୍ୱ ରହିଛି। ଏହି ମାଧ୍ୟମରେ ହିଁ କଳାର ସାଧନା କରାଯାଇପାରେ। ମୁଖ୍ୟବକ୍ତା ଭାବେ ଆକାଶବାଣୀ ବ୍ରହ୍ମପୁରର ପୂର୍ବତନ ନିର୍ଦ୍ଦେଶକ ହୃଷିକେଶ ପାଣିଗ୍ରାହୀ ଯୋଗଦେଇ କହିଲେ, ଶୀତ ଏକ ସର୍ଜନାତ୍ମକ ଋତୁ। ତେଣୁ ଏହା ଛାତ୍ରୀଛାତ୍ରଙ୍କ ସୃଜନଶୀଳତାକୁ ବିକଶିତ କରିବ ବୋଲି ସେ କହିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶିବପ୍ରସାଦ ଅଧିକାରୀ, ଶିକ୍ଷାବିତ୍ ପ୍ରଫେସର ସୁଦୀପ୍ତା ପାଣିଗ୍ରାହୀ, କୁଳସଚିବ ଅନାମିକା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ଚକ୍ରଧର ବେହେରା ଓ ଡ. ସସ୍ମିତା କାମିଲାଙ୍କ ଦୃଶ୍ୟକଳା ଓ ବ୍ୟାବହାରିକ କଳା ସଂପର୍କିତ ପୁସ୍ତକ ଲୋକାର୍ପିତ ହୋଇଥିଲା। ପରେ କବିତା ପାଠୋତ୍ସବ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ତବଲା ଓ ମର୍ଦ୍ଦଳର ଯୁଗଳବନ୍ଦୀ, ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ, ଓଡ଼ିଶୀ କଣ୍ଠସଙ୍ଗୀତ, ମିଳିତ ଯନ୍ତ୍ରସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉନୃତ୍ୟ, ଫ୍ୟାଶନ ଶୋ' ଓଡ଼ିଆ ନାଟକ 'ଝିମିଟି ଖେଳରୁ ମହାଭାରତ' ପରିବେଷିତ ହୋଇଥିଲା। ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ଓ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଚିଲିକାରେ ନୌକା ଦୌଡ଼ ପ୍ରତିଯୋଗିତା

# ପାଣିଦ୍ୱାର ଟିମ୍ ଚାମ୍ପିୟନ

ବାଲୁଗାଁ,୮।୧(ସଂଗ୍ରାମ ପାଇକରାୟ)

ବନ୍ୟପ୍ରାଣୀ ସଂସ୍ଥା, ଜଙ୍ଗଲ ପରିବେଶ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ତିନିଦିନ ଧରି ଚାଲିଥିବା ୬ଷ୍ଠ ଜାତୀୟ ଚିଲିକା ବିହଙ୍ଗ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ବଡ଼କୁଳ ପାନ୍ଥନିବାସ ଜେଟିଠାରେ ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାର ମତ୍ସ୍ୟଜୀବୀଙ୍କୁ ନେଇ ତିନିଦିନ ଧରି ନୌକା ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଗୁରୁବାର ଉଦ୍‌ଯାପନୀ ଦିବସରେ ୯ଟି ଟିମ୍ ମଧ୍ୟରେ ଫାଇନାଲ ପ୍ରତିଯୋଗିତା ହୋଇଥିଲା। ଖୋର୍ଦ୍ଧା ଜିଲାର ଦୁଇଟି ଟିମ୍ ତଥା ପାଣିଦ୍ୱାର ଟିମ୍ ପ୍ରଥମ ସ୍ଥାନ ହାସଲ କରି ଚାମ୍ପିୟନ ହୋଇଥିବା ବେଳେ ମା'ଡୋମୋଣି ଦେବୀ ଟିମ୍ ଦ୍ୱିତୀୟ ସ୍ଥାନ ଏବଂ ପୁରୀ ଜିଲାର ମା' ବିନ୍ଧ୍ୟଗିରି ଟିମ୍ ତୃତୀୟ ସ୍ଥାନ ହାସଲ କରିଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ସମ୍ମାନିତ ଅତିଥିଭାବେ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଲାନ ନାୟକ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ଜଗଦୀଶ ଷଡ଼ଙ୍ଗୀ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୭୫ ହଜାର ଟଙ୍କା ଓ ଗୋଲ୍ଡ ମେଡାଲ ସହ ଟ୍ରଫି, ରନର୍ସଅପ୍ ଟିମକୁ ୫୦ ହଜାର ଟଙ୍କା ସହ ସିଲ୍‌ଭର ମେଡାଲ ଓ ଟ୍ରଫି ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଟିମ୍‌କୁ ୨୫ହଜାର ଟଙ୍କା ସହ ବ୍ରୋଞ୍ଜ ମେଡାଲ ଓ ଟ୍ରଫି ପ୍ରଦାନ କରିଥିଲେ। ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଏହି ପ୍ରତିଯୋଗିତା ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

# ରାତି ଉଜାଗର ରହିଲେ ମହାପ୍ରଭୁ

## ରାତ୍ର ପହୁଡ଼ ହେଲାନି, ସମୟ ଅଭାବରୁ ବାକି ନୀତି ବାତିଲ

ପୁରୀ,୮।୧(ଅଜିତ୍ କୁମାର ମହାନ୍ତି)

ସମ୍ପ୍ରତି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପହିଲି ଭୋଗ ନୀତି ଚାଲିଛି। ନିଷ୍ପତ୍ତି ଅନୁଯାୟୀ ରାତି ୨ଟା ପରଠାରୁ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ନୀତିକାନ୍ତି କରାଯିବା ସହ ରାତି ୧୧ଟାରେ ପହୁଡ଼ କରାଯିବା କଥା। ତେବେ ବୁଧବାର ରାତିରେ ଶ୍ରୀବିଗ୍ରହମାନଙ୍କ ରାତ୍ର ପହୁଡ଼ ହୋଇନାହିଁ। ନୀତିରେ ବିଳମ୍ବ ହେବାରୁ ରାତ୍ର ପହୁଡ଼ କରାଯାଇ ନ ଥିବା ସୂଚନା ମିଳିଛି। ବୁଧବାର ରାତି ୩ଟା ୧୫ରେ ସନ୍ଧ୍ୟାଧୂପ ସମ୍ପନ୍ନ ହେବା ପରେ ସମୟ ଅଭାବରୁ ବାକି ନୀତିଗୁଡ଼ିକ ଖଲଲ ବା ବାତିଲ କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ବୁଧବାର ଶ୍ରୀବିଗ୍ରହଙ୍କ ବନକଲାଗି ନୀତି ରହିଥିଲା। ତେବେ ମହାପ୍ରଭୁଙ୍କ ସକାଳ ଧୂପ ସମ୍ପନ୍ନ ପରେ ଭକ୍ତମାନେ ଭିତରକାଠ ନିକଟରେ ଦର୍ଶନ କରୁଥିଲେ। ଏହି ସମୟରେ ଭିତର କାଠ ନିକଟରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଏଥିଯୋଗୁ ନୀତିରେ କିଛି ସମୟ ବିଳମ୍ବ ହୋଇଥିଲା। ସେହିପରି ବନକଲାଗି ମଧ୍ୟ ଅନୁଷ୍ଠିତ ହୋଇଥିଲା। ରାତି ୧୦ଟା ୧୫ରେ ବନକଲାଗି ନୀତି ଓ ୧୧.୧୦ରେ ମହାସ୍ନାନ ପୂଜା ଶେଷ ହୋଇଥିଲା। ମଧ୍ୟରାତ୍ରି ୧.୨୦ରେ ସନ୍ଧ୍ୟା ଆଳତି, ୨.୧୦ରେ ସନ୍ଧ୍ୟାଧୂପ ଛେକ, ୨.୧୫ରେ ସନ୍ଧ୍ୟାଧୂପ ପୂଜା, ୩.୧୫ରେ ସନ୍ଧ୍ୟାଧୂପ ସରିଥିଲା। ସମୟ ଅଭାବରୁ ବାକି ନୀତିଗୁଡ଼ିକ ଖଲଲ କରାଗଲା ଅର୍ଥାତ ବାତିଲ କରାଗଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ରାତି ୩.୧୫ରେ ସନ୍ଧ୍ୟାଧୂପ ଶେଷ ହେବା ପରେ ଗୁରୁବାର ସକାଳ ୭ଟାରେ ମଙ୍ଗଳ ଆଳତି ହୋଇଥିଲା। କିନ୍ତୁ ବୁଧବାର ରାତ୍ର ପହୁଡ଼ କି ମହାପ୍ରଭୁଙ୍କ ବଡ଼ସିଂହାର ବେଶ ହୋଇ ନ ଥିଲା, ଯେଉଁଥିପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ରାତି ଅନିଦ୍ରା ରହିଥିଲେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ଦୁର୍ଗାଦେବୀଙ୍କ ପୂଜା ପାଇଁ ଗୁରୁବାର କିନ୍ନରମାନେ ପୁରୀ ନରେନ୍ଦ୍ର ପୁଷ୍କରିଣୀରୁ ଜଳ ନେଇ କଳସ ଯାତ୍ରାରେ ଯାଉଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୧।୨୦୨୬

| ୫,୦୭,୫୧୮ ଟଙ୍କା | |
|---|---|
| ସୁନା | ୧୦୦ମିଲିଗ୍ରାମ୍ |
| ରୁପା | ୧୫୫.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଆର୍ଆଇ ଅଫିସ୍ ଘେରିଲେ ୨ ଗାଁର ଲୋକେ

ଯୋଗେଶ୍ୱରପୁର,୮।୧(ରଶ୍ମିରଞ୍ଜନ ସାହୁ)

ଗୋପ ତହସିଲ୍ ଅନ୍ତର୍ଗତ ନୟାହାଟ ଫାଣ୍ଡି ଅଞ୍ଚଳର ପଲ୍ଲୀ ଛକଠାରେ ଥିବା ବାରିମୁଣ୍ଡ ଆର୍ଆଇ ଅଫିସକୁ ଗୁରୁବାର ଦୁଇଟି ଗ୍ରାମର ଶତାଧିକ ଲୋକ ଘେରାଉ କରିଥିଲେ। ସୂଚନା ଅନୁଯାୟୀ, ଧୂଳିଆଠେଙ୍ଗ ଓ ଶିମୁଳି ଗ୍ରାମ ମଧ୍ୟରେ ନୂତନ ମୌଜା ଗଠନକୁ ନେଇ ବିବାଦ ଲାଗିରହିଛି। ଏହି ଦୁଇ ଗ୍ରାମବାସୀ ଗୁରୁବାର ମୁହାଁମୁହିଁ ହେବା ସହ ଆରଆଇ ଅଫିସ ଘେରାଉ କରିଥିଲେ। ଖବର ପାଇ ଗୋପ ଅତିରିକ୍ତ ତହସିଲଦାର ସତ୍ୟଜିତ ନାୟକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ମୌଜା ଗଠନ ସମ୍ପର୍କରେ ପଚାରିବାରୁ ବହୁ ଲୋକ ମନା କରିଥିଲେ। ଦୀର୍ଘ ବର୍ଷ ଧରି ଶିମିଳି ମୌଜାରେ ମାଳିତୋଟା, ଧୂଳିଆଠେଙ୍ଗ ପ୍ରମୁଖ ଚାରି ପାଞ୍ଚଟି ଗ୍ରାମକୁ ନେଇ ଗଠନ ହୋଇଥିବା ବେଳେ ତାକୁ ଭାଗ କରି ଧୂଳିଆଠେଙ୍ଗ ମୌଜା କରିବା ପାଇଁ ସେହି ଗ୍ରାମବାସୀ ଦାବି କରିବା ପରେ ଦୁଇ ଗ୍ରାମ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା।

### ରାଉଳପାଟଣା ଇଡିସି ସଭାପତି ରଣଜିତ ସାମନ୍ତମଲ୍ଲ

କୋଣାର୍କ,୮।୧(ଜ୍ୟୋତିରାଜ ମହାନ୍ତି)



କୋଣାର୍କ ବନାଞ୍ଚଳ ଅଧିକାରୀ କାର୍ଯ୍ୟାଳୟ ପରିସରରେ ଗୁରୁବାର ରାଉଳପାଟଣା ଇଡିସି ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ରଣଜିତ ସାମନ୍ତମଲ୍ଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୂଚନା ଅନୁଯାୟୀ, ରାଉଳପାଟଣା ଇଡିସି ସଭାପତି ପଦବୀ ନିମନ୍ତେ ୬ ଜଣ ଆଶାୟୀ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବାବେଳେ ୩ ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଥିଲେ। ଫଳରେ ଏକମାତ୍ର ପ୍ରାର୍ଥୀ ରଣଜିତଙ୍କ ପ୍ରାର୍ଥୀପତ୍ର କାଏମ ରହିଥିଲା। ଏନେଇ କୋଣାର୍କ ବନାଞ୍ଚଳ ଅଧିକାରୀ ତଥା ନିର୍ବାଚନ ଅଧିକାରୀ ସୁଦର୍ଶନ ଦେହୁରୀ ସୂଚନା ଦେଇଛନ୍ତି।

### ୨୦୦ ବୋତଲ ମଦ ଜବତ: ୫ ଗିରଫ

ଯୋଗେଶ୍ୱରପୁର, ୮।୧(ରଶ୍ମିରଞ୍ଜନ ସାହୁ)

ନୟାହାଟ ଅଞ୍ଚଳରେ ଚୋରା ମଦ କାରବାର ହେଉଥିବା ଖବର ପାଇ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ବୁଧବାର ଓଟର, ବଳିଦଣ୍ଡା, ଶାସନ ଛକ, ଜହ୍ନମାଳିଆ ପ୍ରମୁଖ ଜାଗାରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୨୦୦ ବୋତଲ ଚୋରା ମଦ ଜବତ କରିବା ସହିତ ୫ଜଣଙ୍କୁ ଗିରଫ କରି ୫ଟି ମକଦ୍ଦମା ରୁଜୁ କରିଛନ୍ତି। ଫାଣ୍ଡି ଅଧିକାରୀ ମଲ୍ଲିକ କହିଛନ୍ତି, ଆମ ନିକଟରେ ପୋଲିସ ଭ୍ୟାନ୍ ନାହିଁ। ବାଇକ୍‌ରେ ଚୋରା ମଦ ବେପାରୀଙ୍କୁ ଧରିକି ଆଣିବା କଷ୍ଟ। ପ୍ରତି ମାସରେ ଚୋରା ମାଦକ ଦ୍ରବ୍ୟ ଉପରେ ଚଢ଼ାଉ କରାଯାଉଛି।

### ଆକ୍ରମଣ ମାମଲାରେ ଅଭିଯୁକ୍ତଙ୍କୁ ଜେଲ

ପୁରୀ, ୮।୧(ଅଜିତ୍ କୁମାର ମହାନ୍ତି)

ଏକ ବଟିଓ ମରଣାନ୍ତକ ଆକ୍ରମଣ ମାମଲାରେ ପୁରୀ ସିଜେଏମ୍ ସୁଶାନ୍ତ କୁମାର ମିଶ୍ର ଅଭିଯୁକ୍ତ ଖାକିମଠ ନୂଆସାହି, ବାଲିଉପର ଅଞ୍ଚଳର ସୁକାନ୍ତ ବାରିକଙ୍କୁ ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କୁ ବଟି ମାମଲାରେ ୨ ବର୍ଷ ଜେଲଦଣ୍ଡ, ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୧ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ଏହାସହିତ ଭାରତୀୟ ଦଣ୍ଡବିଧି ଆଇନର ୩୨୬ ଧାରା ଅନୁସାରେ ୫ ବର୍ଷ ଜେଲଦଣ୍ଡ ଓ ୫୦,୦୦୦ ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି।

# ଏଏପିଆଇ ସଦସ୍ୟଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



ସୂର୍ଯ୍ୟମନ୍ଦିର ପରିଦର୍ଶନ ଅବସରରେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଚିକିତ୍ସକ ସଂଘର ସଦସ୍ୟା ଓ ସଦସ୍ୟ ।

କୋଣାର୍କ,୮।୧(ଜ୍ୟୋତିରାଜ ମହାନ୍ତି)

ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଚିକିତ୍ସକ ସଂଘ (ଏଏପିଆଇ) ପକ୍ଷରୁ କିମ୍ସରେ ଗ୍ଲୋବାଲ ହେଲ୍‌ଥ କେୟାର ସମିଟ୍–୨୦୨୬ ଜାନୁଆରୀ ୯ରୁ ୧୧ ପର୍ଯ୍ୟନ୍ତ ଆୟୋଜନ ହେବ। ଏଥିରେ ଆମେରିକା ଓ ଭାରତର ବହୁ ପ୍ରଖ୍ୟାତ ଡାକ୍ତର, ସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଗବେଷକ ଯୋଗଦେବେ। ଏହି ଅବସରରେ ଗୁରୁବାର ସମିଟ୍‌ର ଅଧ୍ୟକ୍ଷ ତଥା ଏଏପିଆଇର ସଭାପତି ଡା. ଅମିତ ଚକ୍ରବର୍ତ୍ତୀ, ଓଡ଼ିଶା ଫିଜିସିଆନ ଅଫ୍ ଆମେରିକାର ସଭାପତି ଡା. ଅତସୁ ନାୟକ, ଏଏପିଆଇର ଉପଦେଷ୍ଟା ଡା. ଉମାବଲ୍ଲଭ ମିଶ୍ର, ସଂଯୋଜକ ଇଂ. ପ୍ରଫୁଲ୍ଲ କୁମାର ନନ୍ଦ ଏବଂ ଆମେରିକାର ଅନେକ ଭାରତୀୟ ଓ ଆମେରିକୀୟ ଡାକ୍ତର କୋଣାର୍କ ପରିଦର୍ଶନ କରିଛନ୍ତି। ସେମାନେ କାମତ୍ ଗ୍ରୁପ୍‌ର ଆଇଓସିଏଫ୍ କ୍ୟାମ୍ପସରେ ଥିବା କୋଣାର୍କ ଫୁଡ୍‌କୋର୍ଟ ରେଷ୍ଟୁରାଣ୍ଟରେ ସୁସ୍ୱାଦୁ ଖାଦ୍ୟ ସହ ଅତିଥେୟତା ଗ୍ରହଣ କରିଥିଲେ। ସେଠାରୁ ରାମଚଣ୍ଡୀର ଲୋଟସ ରିସୋର୍ଟ ପରିଦର୍ଶନକରି ଆୟୋଜିତ ରାତ୍ରିଭୋଜନର ଆତିଥେୟତା ଗ୍ରହଣ କରିଥିଲେ। ଉଭୟ କୋଣାର୍କ ଓ ଲୋଟସ ରିସୋର୍ଟରେ ଓଡ଼ିଆଙ୍କ ଆତିଥେୟତା ରୂପେ ଘୋଡ଼ାନାଚ, ଶାମୁକା ମାଳି, ଉତ୍ତରୀୟ, ଚନ୍ଦନ ଟିପା ଓ ଶଙ୍ଖନାଦର ସମ୍ଭାରରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଭାରତୀୟ ଓ ଆମେରିକୀୟ ଅତିଥିବୃନ୍ଦ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଥିଲେ।

## କାର୍ ସହ ସ୍କୁଟି ଧକ୍କା: ପର୍ଯ୍ୟଟକଙ୍କ ସମେତ ୩ ଆହତ

ଗୋପ,୮।୧(ଭାରତୀ ଭୂଷଣ ଉପାଧ୍ୟାୟ)

କୋଣାର୍କ – ଗୋପ ରାସ୍ତାର କୁନ୍ଦୁରା ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ କାର୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିଛି। ଏଥିରେ ଜଣେ ମହିଳା ପର୍ଯ୍ୟଟକ ଏବଂ ୨ଜଣ ବାଇକ୍ ଆରୋହୀ ଆହତ ହୋଇଛନ୍ତି। ଉଭୟଙ୍କୁ ଗୋପ ପୋଲିସ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ସବ୍ୟସାଚୀ ସ୍ୱାଇଁ ପ୍ରାଥମିକ ଚିକିତ୍ସା କରିବା ପରେ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରିଛନ୍ତି। ପୋଲିସ ସ୍କୁଟି ଓ କାର୍ ଜବତ କରି ତଦନ୍ତ କରୁଛି। ପ୍ରକାଶ ଯେ, ପଞ୍ଜାବ ଚଣ୍ଡୀଗଡ଼ ଅଞ୍ଚଳର ଗୋଟିଏ ପରିବାର କୋଣାର୍କ ଓ ପୁରୀ ବୁଲିବା ପରେ ଗୁରୁବାର ସନ୍ଧ୍ୟାରେ କାର୍ (ନଂ. ଓଡି ୩୩ ଏ କିୟୁ,୧୮୦୬) ଯୋଗେ ଭୁବନେଶ୍ୱର ଫେରୁଥିଲେ। ଏହି ସମୟରେ ଅପରପାର୍ଶ୍ୱରୁ ଆସୁଥିବା ସ୍କୁଟି (ନଂ. ଓଡି ୦୨–ଡିଇ–୫୫୪୭) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ମହିଳା ପର୍ଯ୍ୟଟକ ସୀମା ସାହାଣୀ (୫୭) ଏବଂ କୋଣାର୍କ ନିକଟସ୍ଥ ନାଗା ମଠ ଗ୍ରାମର ସ୍କୁଟି ଚାଳକ ଯିଶୁକୃଷ୍ଣ ଖଟୁଆ (୨୨) ଗୁରୁତର ହୋଇଥିବାବେଳେ ତାଙ୍କ ସହ ଥିବା ପ୍ରଶାନ୍ତ କୁମାର ଖଟୁଆ ଆହତ ହୋଇଥିବା ଡାକ୍ତରଖାନା ପକ୍ଷରୁ ଜଣାପଡ଼ିଛି।

# କଳାକ୍ଷେତ୍ର ମହୋତ୍ସବ ଉଦ୍‌ଯାପିତ



ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କଳାକାରଙ୍କୁ ସମ୍ମାନିତ କରୁଛନ୍ତି ।

ପିପିଲି, ୮।୧(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପିପିଲି ଗାନ୍ଧୀନଗର ପୂର୍ବାଶାସନରେ କଳାକ୍ଷେତ୍ର ଅନୁଷ୍ଠାନର କଳାକ୍ଷେତ୍ର ମହୋତ୍ସବ ଆୟୋଜିତ ହୋଇଛି। ଏଥିରେ ୩୦ଜିଲାରୁ ପ୍ରାୟ ୨୦୦୦ ଲୋକ କଳାକାର ଯୋଗଦେଇ ନିଜର ପାରମ୍ପରିକ ବେଶପୋଷାକ ପିନ୍ଧି ଲୋକକଳା ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ, ସରପଞ୍ଚ ରଶ୍ମୀପ୍ରଭା ଦାସ, ଅନୁଷ୍ଠାନର ଉପସଭାପତି ନିହାରିକା ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ, ଶ୍ରୀଭୂଷଣ ପଟ୍ଟନାୟକ, ଭାଜପାର ରାଜ୍ୟ ସମ୍ପାଦକ ଭଗବାନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କଳାକ୍ଷେତ୍ର ଅନୁଷ୍ଠାନର ସଭାପତି ଅଶ୍ରୁମୋଚନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରତିଷ୍ଠାତା ସଦସ୍ୟ ଓ ସମ୍ପାଦକ ବାସୁଦେବ ମାଳବିଶୋଇ ଅଧ୍ୟକ୍ଷତା କରିଥିଲେ। ଉପମୁଖ୍ୟମନ୍ତ୍ରୀ କଳାକ୍ଷେତ୍ରର 'ଗାଁ ମୋ ମାଁ' କଳାକ୍ଷେତ୍ର ଆଦର୍ଶ ୧୦ଟି ଏବଂ କଳାକ୍ଷେତ୍ର ଗ୍ରାମ କାର୍ଯ୍ୟକ୍ରମକୁ ଲୋକାର୍ପଣ କରିଥିଲେ। ଓଡ଼ିଶାର କଳାକ୍ଷେତ୍ର ଅନୁଷ୍ଠାନ ନିଜ କଳା, ସଂସ୍କୃତି, ପରମ୍ପରା ଓ ଭାଇଚାରାକୁ ପ୍ରଚାର ପ୍ରସାର କରିଆସୁଥିବାରୁ ଖୁସିବ୍ୟକ୍ତ କରିଥିଲେ। କୋଣାର୍କରେ ପ୍ରତିଦିନ ଲୋକକଳାର ନିର୍ଦ୍ଧାରିତ ମଞ୍ଚରେ ନିୟମିତ ପରିବେଷଣ ହେବ ଏବଂ ଏହି ଦାୟିତ୍ୱ କଳାକ୍ଷେତ୍ର ତୁଲାଇବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ଘୋଷଣା କରିଥିଲେ। ପରେ ୩୦ଟି କଳାକ୍ଷେତ୍ର ଶାସନ ପ୍ରଦାନ ସହ ୧୦ଟି କଳାକ୍ଷେତ୍ର ଆଦର୍ଶ ଜିଲାକୁ ସମ୍ମାନିତ କରାଯାଇଥିଲା। ପ୍ରାୟ ୫୦ଟି ଲୋକକଳା ଦଳ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଲୋକକଳା ଓ ଭଜନ ପରିବେଷଣ ହୋଇଥିଲା।

# ପୋଲିସ ପକ୍ଷରୁ ବିଚ୍ ପାଟ୍ରୋଲିଂ ସହ ସୁରକ୍ଷା ଅଭିଯାନ

ପୁରୀ,୮।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା, ଶାନ୍ତିଶୃଙ୍ଖଳା ଓ ସ୍ୱଚ୍ଛ ପର୍ଯ୍ୟଟନ ପରିବେଶ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂଙ୍କ ନିର୍ଦ୍ଦେଶ ଅନୁସାରେ ଗୁରୁବାର ପୁରୀ ପୋଲିସ ପକ୍ଷରୁ ବିଚ୍ ପାଟ୍ରୋଲିଂ ଓ ସୁରକ୍ଷା ଅଭିଯାନ କରାଯାଇଛି। ଏହି ଅଭିଯାନ ଅନ୍ତର୍ଗତ ପୁରୀ ସମୁଦ୍ରତଟ, ଚନ୍ଦ୍ରଭାଗା ବିଚ୍, ଇକୋ ରିଟ୍ରିଟ୍ ବିଚ୍, ପୁରୀ ଜିଲାର ସମସ୍ତ ପ୍ରମୁଖ ବିଚ୍ ଅଞ୍ଚଳରେ ପୋଲିସ ଟିମ୍ ଦ୍ୱାରା ନିୟମିତ ଓ ସୁସଂଗଠିତ ପାଟ୍ରୋଲିଂ କରାଯାଇଛି। ନିମାପଡ଼ା ଏସ୍‌ଡିପିଓ, କୋଣାର୍କ, ରାମଚଣ୍ଡୀ, ଚନ୍ଦ୍ରଭାଗା, ସମୁଦ୍ରକୂଳ, ବଳିଆପଣ୍ଡା ସମେତ ସମସ୍ତ ଥାନାର ଆଇଆଇସି, ଅଧିକାରୀ ଓ ପୋଲିସ କର୍ମଚାରୀମାନେ ଏହି ଅଭିଯାନରେ ଭାଗନେଇଥିଲେ। ପର୍ଯ୍ୟଟକଙ୍କ ନିରାପତ୍ତା ଓ ସୁବିଧା ପାଇଁ ପୁରୀ ବିଚ୍‌ରେ ଏଟିଭି ଭେହିକଲ୍ ଦ୍ୱାରା ବିଶେଷ ପାଟ୍ରୋଲିଂ କରାଯାଇଥିଲା, ଯାହାଦ୍ୱାରା ସମୁଦ୍ରତଟର ସମସ୍ତ ସମ୍ବେଦନଶୀଳ ଅଞ୍ଚଳକୁ ତ୍ୱରିତ ଭାବେ ନିରୀକ୍ଷଣ କରାଯାଇପାରିଥିଲା। ପାଟ୍ରୋଲିଂ ସମୟରେ ପୋଲିସ ଟିମ୍ ପର୍ଯ୍ୟଟକଙ୍କ ସହ ସିଧାସଳଖ ଆଲୋଚନାକରି ସେମାନଙ୍କୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଦେଇଥିଲେ। ସମୁଦ୍ର ସ୍ନାନ ସମୟରେ ସାବଧାନତା, ଲାଇଫଗାର୍ଡଙ୍କ ନିର୍ଦ୍ଦେଶ ମାନିବା, ଅସୁରକ୍ଷିତ ଅଞ୍ଚଳରେ ସ୍ନାନ ନ କରିବା, ମଦ୍ୟପାନ କରି ସମୁଦ୍ରତଟରେ ଯାତାୟାତ ନ କରିବା ଭଳି ବିଷୟରେ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥିଲା। ସମୁଦ୍ରତଟ ଅଞ୍ଚଳରେ ଅସାମାଜିକ ତତ୍ତ୍ୱ, ଅନାବଶ୍ୟକ ଭିଡ଼, ଅବୈଧ ବ୍ୟବସାୟ, ମାଦକ ଦ୍ରବ୍ୟ ବିକ୍ରୟ ଓ ଉତ୍ପାତ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖାଯାଇଥିଲା। ସନ୍ଦେହଜନକ ବ୍ୟକ୍ତି ଓ ଯାନବାହନଗୁଡ଼ିକୁ ଯାଞ୍ଚ କରାଯାଇ ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ପୋଲିସ ସଦାସର୍ବଦା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଆସୁଛି। ପର୍ଯ୍ୟଟକମାନେ କୌଣସି ଅସୁବିଧା ବା ଆପାତକାଳୀନ ପରିସ୍ଥିତିରେ ୧୧୨ ଡାଏଲ୍ କରିବା କିମ୍ବା ପର୍ଯ୍ୟଟକ ସହାୟତା ନମ୍ବର ୬୩୭୦୯୬୭୧୦୦ ମାଧ୍ୟମରେ ସହାୟତା ନେବାକୁ ଅନୁରୋଧ କରାଯାଉଛି। ଆଗାମୀ ଦିନରେ ମଧ୍ୟ ପର୍ଯ୍ୟଟନ ଋତୁକୁ ଦୃଷ୍ଟିରେ ରଖି ପୁରୀ ଜିଲାର ସମସ୍ତ ବିଚ୍ ଓ ପର୍ଯ୍ୟଟନ ସ୍ଥଳୀରେ ଏଭଳି ବିଶେଷ ପାଟ୍ରୋଲିଂ, ନିରୀକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଜାରିରହିବ। ଜିଲା ପୋଲିସ ପକ୍ଷରୁ ସମସ୍ତ ପର୍ଯ୍ୟଟକ ଓ ସାଧାରଣ ଜନତାଙ୍କୁ ଆଇନଶୃଙ୍ଖଳା ରକ୍ଷାରେ ସହଯୋଗ କରିବା ଏବଂ ନିର୍ଦ୍ଦେଶାବଳୀ ମାନି ସୁରକ୍ଷିତ ଓ ସୁଖଦ ପର୍ଯ୍ୟଟନ ଅନୁଭୂତି ନେବାକୁ ଅନୁରୋଧ କରାଯାଇଛି।

# ଯକ୍ଷ୍ମା ସଂକ୍ରମିତଙ୍କୁ ପୁଷ୍ଟିକର ଖାଦ୍ୟ ପାଇଁ ନାଲ୍‌କୋ ବଢ଼ାଇଲା ହାତ

ପୁରୀ,୮।୧(ଅଜିତ୍ କୁମାର ମହାନ୍ତି)



କାର୍ଯ୍ୟକ୍ରମରେ ଏମ୍‌ପି ଡା. ସମ୍ବିତ ପାତ୍ର, ବିଧାୟକ ସୁନୀଲ ମହାନ୍ତି ଏବଂ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସହ ଅନ୍ୟ ଅତିଥି ।

ଭାରତକୁ ଯକ୍ଷ୍ମାମୁକ୍ତ କରିବାର ସଂକଳ୍ପ ନେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ନବରତ୍ନ ଉଦ୍ୟୋଗ ନାଲ୍‌କୋ, ଶ୍ରୀକ୍ଷେତ୍ରକୁ ବଢ଼ାଇଥିବା ହାତକୁ ପୁରୀ ଜିଲା ସ୍ମରଣ ରଖିବ ବୋଲି ଏମ୍‌ପି ଡା. ସମ୍ବିତ ପାତ୍ର କହିଛନ୍ତି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଉଦ୍ଦେଶ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ଜିଲା ଯକ୍ଷ୍ମା ନିୟନ୍ତ୍ରଣ ସମିତି ଆନୁକୂଲ୍ୟରେ ପୁରୀ ସଂସ୍କୃତି ଭବନରେ ଆୟୋଜିତ ଯକ୍ଷ୍ମା ରୋଗୀଙ୍କୁ ପୌଷ୍ଟିକ ଖାଦ୍ୟ ବାସ୍କେଟ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ଡା. ପାତ୍ର କହିଛନ୍ତି, କେବଳ ରୋଗୀ ଚିହ୍ନଟ, ଆବଶ୍ୟକ ପରୀକ୍ଷଣ କି ନିୟମିତ ଔଷଧ ସେବନ ନୁହେଁ, ସୁଷମ ଖାଦ୍ୟ ଯୋଗାଣ ମଧ୍ୟ ଯକ୍ଷ୍ମାମୁକ୍ତ ପୁରୀ ପାଇଁ ବଡ଼ ଆବଶ୍ୟକତା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ପୁରୀ ବିଧାୟକ ସୁନୀଲ ମହାନ୍ତି ଯୋଗଦେଇ ସ୍ୱାସ୍ଥ୍ୟ ସୁରକ୍ଷା ଭଳି ମହତ ଉଦ୍ଦେଶ୍ୟରେ ନାଲ୍‌କୋର ଏହି ମହତ୍ ଦାନ ଉଲ୍ଲେଖନୀୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଯକ୍ଷ୍ମା ନିରାକରଣ ଅଭିଯାନର ଅଧିକାରୀ ଡାକ୍ତର ଲଲାଟେନ୍ଦୁ ମିଶ୍ର, ଯକ୍ଷ୍ମା ଓ ଛାତିରୋଗ ବିଶେଷଜ୍ଞ ପ୍ରଫେସର ସୁଦର୍ଶନ ପୋଥାଳ କହିଥିଲେ, ରୋଗୀ ଚିହ୍ନଟରେ ପୁରୀ ଜିଲା, ଦେଶର ହାରାହାରି ଚିହ୍ନଟଠାରୁ ଅଧିକ ରହିଥିବା ବେଳେ ରୋଗୀ ମୃତ୍ୟୁରେ ହାରାହାରି ମୃତ୍ୟୁହାର ଠାରୁ କମ୍ ରହିବାରେ ଜିଲାର ସ୍ୱାସ୍ଥ୍ୟକର୍ମୀ, ଅଧିକାରୀ, ସୁପରଭାଇଜର ବିଶେଷକରି ନି–କ୍ଷୟ ମିତ୍ର (ଚାମ୍ପିୟନ) ମାନଙ୍କ ନିଷ୍ଠାପର କାର୍ଯ୍ୟଦକ୍ଷତାର ଫଳ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥୀ, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର କୌଶିକ ମିଶ୍ର, ରାଜ୍ୟ ଯକ୍ଷ୍ମା ନିରାକରଣ ଅଭିଯାନର ଶିବପ୍ରସାଦ ଓଝା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଶ୍ୟାମସୁନ୍ଦର ତ୍ରିପାଠୀ ଯୋଗଦେଇ ଟିବି ମୁକ୍ତ ଭାରତ ନିମନ୍ତେ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଅଭିଯାନରେ ନାଲ୍‌କୋର ସହଯୋଗ ପାଇଁ ନାଲ୍‌କୋ ସିଇଓ ସୁବ୍ରତ କୁମାର କର ଏବଂ ସିଏସ୍‌ଆର୍ ସାଧାରଣ ପରିଚାଳକ ଚିତ୍ତରଞ୍ଜନ ବିଶୋଇଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଧିକାରୀ, ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀ, ଭାଜପା ଜିଲା ସଭାପତି ଡାକ୍ତର ଦେବେନ୍ଦ୍ର ତରେଇଙ୍କ ସମେତ ବିଭିନ୍ନ ଡାକ୍ତର ଓ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଯକ୍ଷ୍ମା ନିୟନ୍ତ୍ରଣ ବିଭାଗର ଦେବାଶିଷ ମର୍ଦ୍ଦରାଜ, କେଦାରନାଥ ମହାପାତ୍ର, ପ୍ରତାପ କେଶରୀ ରଥ ଓ ଦୈତାରି ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ବିଭିନ୍ନ ରୋଗୀଙ୍କୁ ସୁଷମ ଖାଦ୍ୟ ବାସ୍କେଟ ବଣ୍ଟନ କରିଥିଲେ।




ସୂର୍ଯ୍ୟମନ୍ଦିର ପରିସରରେ କୋଣାର୍କ–ଗୋପ ସାମ୍ବାଦିକ ସମୂହ ପକ୍ଷରୁ କ୍ୟାଣ୍ଡେଲ ଜାଳି ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଖବରଦାତା ବାଦଲ ଦତ୍ତ, ମିଳନ କୁମାର ମହାନ୍ତି, ଭାଗୀରଥି ସ୍ୱାଇଁ, ମାନସ ରଞ୍ଜନ ପାତ୍ର, ମନୋରଞ୍ଜନ ପଣ୍ଡା, ଜ୍ଞାନରଞ୍ଜନ ବିଶ୍ୱାଳ, ଗଣେଶ ଚନ୍ଦ୍ର ବେହେରା, ଅଭୟ ନାୟକ, ଗଙ୍ଗାଧର ବେଉରା, ପ୍ରମୋଦ ଗୋଚ୍ଛାୟତ, ସୁକାନ୍ତ କୁମାର ବିଶ୍ୱାଳ ଓ ସଂସ୍କୃତି ଗବେଷକ ବିରଞ୍ଚି ନାରାୟଣ ରଥ ପ୍ରମୁଖ ସାମିଲ ଥିଲେ। (ଫଟୋ– ଜ୍ୟୋତିରାଜ ମହାନ୍ତି)




କାକଟପୁର ପ୍ରେସ୍ କ୍ଲବ ଏବଂ ସାମ୍ବାଦିକ ସଂଘ ପକ୍ଷରୁ ମା' ମଙ୍ଗଳା ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଇ ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ ରାଉତ, ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, କୋଷାଧକ୍ଷ ଭାଗବତ ସ୍ୱାଇଁ, ମାନସ ଦୀକ୍ଷିତ, ପ୍ରଭାତ ଦୀକ୍ଷିତ, ପ୍ରଭାସ ପୃଷ୍ଟି, ବ୍ରଜ କିଶୋର ସାହୁ, ସମରେନ୍ଦ୍ର ଦୀକ୍ଷିତ, ପ୍ରଦୀପ ପଣ୍ଡା, ପ୍ରଦୀପ୍ତ ଦୀକ୍ଷିତ, ମମତା ଜେନା, କାକଟପୁର ସାମ୍ବାଦିକ ସଂଘ କର୍ମକର୍ତ୍ତା ରୂପେଶ କୁମାର ସାହୁ, ଚିନ୍ମୟ ପଲେଇ ଏବଂ ଶଙ୍କର ପ୍ରସାଦ ଦାସ ପ୍ରମୁଖ ଯୋଗଦାନ କରିଥିଲେ। (ଫଟୋ– ମମତା ଜେନା)

## ସଂକ୍ଷେପରେ

### ୩ ପେଟି ମାଞ୍ଜା ସୂତା ଜବତକଲା ପୋଲିସ

କଟକ ସଦର,୮।୧(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ପୋଲିସ ଗୁରୁବାର ବିଭିନ୍ନ ସ୍ଥାନରେ ଥିବା ଗୁଡ଼ି ବିକ୍ରି ଦୋକାନରେ ଚଢ଼ାଉ କରି ୩ ପେଟି ମାଞ୍ଜା ଓ ପ୍ଲାଷ୍ଟିକ ସୂତା ଜବତ କରିଛି। ଥାନା ଅଧିକାରୀ ହେମନ୍ତ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଷ୍ଟାଫମାନେ ବିଭିନ୍ନ ସ୍ଥାନରେ ଦିନ ତମାମ ଚଢ଼ାଉ ଜାରି ରହିଥିଲେ। ଗତ ୩୧ ତାରିଖରେ ମାଞ୍ଜା ସୂତା ବେକରେ ଗୁଡ଼ାଇ ହୋଇଯିବାରୁ ବାଇକ୍‌ରେ ଯାଉଥିବା ଜଣେ ଯୁବକ ଆହତ ହୋଇଥିଲେ। ଆଗକୁ ମକର ସଂକ୍ରାନ୍ତିରେ ଗୁଡ଼ିଉଡା ପ୍ରତିଯୋଗିତା ଥିବାରୁ ପୋଲିସର ଏହି ପଦକ୍ଷେପ ବେଶ୍ ଆଶ୍ୱସ୍ତି ଲୋକଙ୍କୁ ଆଣି ଦେଇଛି।

### ଚୋରା ଦେଶୀ ମଦ ଜବତ, ୨ ଗିରଫ

କଟକ,୮।୧(କାର୍ତ୍ତିକ ସାହୁ)

ଜିଲା ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଚୋରା ଦେଶୀ ମଦ ଚାଲାଣ କରୁଥିବା ସମୟରେ ନନ୍ଦନକାନନ ଥାନା ଅନ୍ତର୍ଗତ ବସ୍ ଟର୍ମିନାଲ ନିକଟରୁ ୨ ଜଣଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ଟିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ପିଣ୍ଟୁ ରାଉତ (୨୫), ଅନିଲ ସାମଲ (୧୯)। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୧୫ ଲିଟର ଚୋରା ଦେଶୀ ମଦ ଓ ଗୋଟିଏ ମହିନ୍ଦ୍ରା ପିକପ ବୋଲେରୋ (ଓଡି-୦୫-ବିଜେଡ୍-୬୧୫୦)କୁ ଜବତ କରିଛି। ଜବତ ଚୋରା ମଦ ଆନୁମାନିକ ୧୧ ଲକ୍ଷ ଟଙ୍କା ମୂଲ୍ୟର ହେବ ବୋଲି ଆକଳନ କରାଯାଇଛି। ଚଢ଼ାଉରେ ଅବକାରୀ ବିଭାଗ ଏସ୍‌ଆଇ ଏସ୍.କେ. ସାକିର ଉଲା ଓ ଅମିତ ବିଶ୍ୱାଳ, ଏଏସ୍‌ଆଇ କର୍ଣ୍ଣ ଓରାମ, ଅଜୟ ସାହୁ ଓ ଏଆର୍ ମଲ୍ଲିକ, କନଷ୍ଟେବଲ ଦେବାଶିଷ ବେହେରା, ଅନ୍ନପୂର୍ଣ୍ଣା ଗଣ୍ଡ ଓ ଚନ୍ଦ୍ରକାନ୍ତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ଭିକାରୀ ବଳଙ୍କ ସ୍ତ୍ରୀ ଉଷାରାଣୀଙ୍କ ସ୍ମୃତିସଭା

କଟକ,୮।୧(କାର୍ତ୍ତିକ ସାହୁ)

ଭଜନ ସମ୍ରାଟ ଭିକାରୀ ବଳଙ୍କ ସ୍ତ୍ରୀ ଉଷାରାଣୀ ବଳଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ତେଲେଙ୍ଗାବଜାରର ରଘୁନାଥଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଡକ୍ଟର ସୁନାମଣି ରାଉତଙ୍କ ଅଧ୍ୟକ୍ଷତାରେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଡକ୍ଟର ମହେଶ୍ୱର ମହାନ୍ତି, ପ୍ରଫେସର ବିଜୟାନନ୍ଦ ସିଂହ, ଡକ୍ଟର ବୈଜୟନ୍ତୀ ମିଶ୍ର, ଡକ୍ଟର ପ୍ରଭାତୀ ମିଶ୍ର, ଡକ୍ଟର ଉମାଶଙ୍କର ମିଶ୍ର, ଆଦିତ୍ୟ ପ୍ରତାପ ଧଳ, ଜୀବନାନନ୍ଦ ଅଧିକାରୀ, ଅଭିମନ୍ୟୁ ରାଉତ ପ୍ରମୁଖ ଉଷାରାଣୀଙ୍କ ସ୍ମୃତି ଚାରଣ କରିଥିଲେ। ନାତୁଣୀ ସ୍ୱାତୀଶ୍ୱେତା ଭକ୍ତି ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ 'ସ୍ମୃତିରେ ଉଷାରାଣୀ' ନାମକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅଜୟ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅମୂଲ୍ୟ କୃଷ୍ଣ ବଳ ଧନ୍ୟବାଦ ଦେଇଥିଲେ।

### କଟକ ମାରୱାଡ଼ି ସମାଜ, ମାରୱାଡ଼ି ଯୁବ ମଞ୍ଚ କଟକ ବିକାଶ ପକ୍ଷରୁ ପ୍ରାକୃତିକ ଚିକିତ୍ସା ଶିବିର

କଟକ,୮।୧(କାର୍ତ୍ତିକ ସାହୁ)

କଟକ ମାରୱାଡି ସମାଜ ଓ ମାରୱାଡି ଯୁବ ମଞ୍ଚ କଟକ ବିକାଶ ପକ୍ଷରୁ ୭ ଦିନିଆ ଶିବିରରେ ୧୨୮ଜଣ ୬୭୮ଥର ଚିକିତ୍ସା ପାଇଛନ୍ତି। ରୋଗୀମାନେ ଆଣ୍ଠୁ ଯନ୍ତ୍ରଣା, ସାୟାଟିକା, ବେକ ଯନ୍ତ୍ରଣା, ପିଠି, ମୁଣ୍ଡ, ଗଣ୍ଠି ଯନ୍ତ୍ରଣା, ହାତ ଓ ପାଦରେ ଅସ୍ଥିରତା, ଥାଇରଏଡ ଏବଂ ହାଡ ଯନ୍ତ୍ରଣାରୁ ମୁକ୍ତି ପାଇଛନ୍ତି। ଉଦ୍‌ଯାପନୀ ସମାରୋହରେ ଦେବେନ୍ଦ୍ର ସିଂହ କହିଥିଲେ ଯେ, ପ୍ରାକୃତିକ ଚିକିତ୍ସା ଦ୍ୱାରା ପୁରୁଣା ରୋଗକୁ ଆରୋଗ୍ୟ କରାଯାଇପାରିବ। ଆୟୋଜକ କମିଟି ରାଜସ୍ଥାନର ହନୁମାନଗଡ଼ର ଡକ୍ଟର ରାମ ମନୋହର ଲୋହିଆ ଆରୋଗ୍ୟ ଜୀବନ ସଂସ୍ଥାନରୁ ଆମ ଗହଣକୁ ସେବା କରିବାକୁ ଆସିଥିବା ଥେରାପିଷ୍ଟ ମହେନ୍ଦ୍ର କୁମାରଙ୍କୁ ସମ୍ମାନିତ କରିଥିଲା। ଉଦ୍‌ଯାପନୀ ସମାରୋହରେ କଟକ ମାରୱାଡି ସମାଜର ସଭାପତି ସଞ୍ଜୟ ଶର୍ମା, ମାରୱାଡି ଯୁବ ମଞ୍ଚ କଟକ ବିକାଶର ସଭାପତି ଗୋପାଳ କୃଷ୍ଣ ଟେବ୍ରିୱାଲ, ଦେବକିନନ୍ଦନ ଯୋଶୀ, ବିଜୟ ଅଗ୍ରୱାଲ ଉପସ୍ଥିତ ଥିଲେ। ସଦସ୍ୟଗଣ ଅଶୋକ ଚୌବେ, କିଶନ ଶର୍ମା, ନନ୍ଦ କିଶୋର ଯୋଶୀ, ରଶ୍ମି ମିତ୍ତଲ, ପିଙ୍କି ମୋଡା, ମିଶ୍ରୀ ମିତ୍ତଲ, ବଜରଙ୍ଗ ଟିମାଙ୍କା, କିଶୋର ଆଚାର୍ଯ୍ୟ, ରାଜେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# 'ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଚାଷୀଙ୍କ କଷ୍ଟ କମିବ'

କଟକ,୮।୧(କାର୍ତ୍ତିକ ସାହୁ)


ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ବିଧାୟକ ଏବଂ ଅନ୍ୟମାନେ।

ଚାଷକାର୍ଯ୍ୟରେ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଚାଷୀଙ୍କ କଷ୍ଟ କମିବ ଓ ଉତ୍ପାଦନ ବୃଦ୍ଧି ପାଇବ। କଟକ ବାଲିଯାତ୍ରା ତଳପଡ଼ିଆରେ ଆରମ୍ଭ ହୋଇଥିବା ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ବିଧାୟକ ସେଠୀ କୃଷକମାନେ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେବାକୁ ପ୍ରୋତ୍ସାହିତ କରିଥିଲେ। ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଅଧିକ ସୁଦୃଢ଼ କରିବା ପାଇଁ ସରକାର ବିଭିନ୍ନ ସହାୟତା ରାଶି ପ୍ରଦାନ କରୁଛନ୍ତି। ଏହି କୃଷି ଯନ୍ତ୍ରପାତି ମେଳାରୁ ଚାଷୀମାନେ ଉନ୍ନତ ଜ୍ଞାନକୌଶଳ ଶିକ୍ଷା ଲାଭ କରିବାକୁ ବିଧାୟକ ସେଠୀ ପରାମର୍ଶ ଦେଇଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଲେ, ଏହି ଯନ୍ତ୍ରପାତି ମେଳା ଦ୍ୱାରା କ୍ରେତା ଓ ବିକ୍ରେତା ଗୋଟିଏ ମଞ୍ଚରେ ଏକଜୁଟ ହୋଇପାରୁଛନ୍ତି। ୮ ତାରିଖରୁ

#### ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ବିଭିନ୍ନ ପ୍ରକାରର ଉନ୍ନତ କୃଷି ଯନ୍ତ୍ରପାତି, ସାର, କୀଟନାଶକ ଏବଂ ଚାଷ ସମ୍ବନ୍ଧୀୟ ବିଭିନ୍ନ ଋଣ ଯୋଗାଣ ଆଦି ଉପରେ ପ୍ରାୟ ୮୦ରୁ ଅଧିକ ଷ୍ଟଲ ଖୋଲିଛି। ଚାଷ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଡ୍ରୋନ, ନାନୋ ୟୁରିଆ, ସୋଲାର ପମ୍ପ, ସ୍ୱୟଂଚାଳିତ ମୁଢ଼ି ମେଶିନ ଆଦି ବିଭିନ୍ନ କିସମର ଯନ୍ତ୍ରପାତି ମଧ୍ୟ ଏହି ମେଳାରେ ଉପଲବ୍ଧ ଅଛି। କୃଷି ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଆଶିଷ କୁମାର ସାହୁ, ଅତିରିକ୍ତ ଜିଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ, ଅଧୀକ୍ଷଣ ଯନ୍ତ୍ରୀ (କୃଷି) ଶ୍ରୀକାନ୍ତ ପରିଡ଼ା, ନିର୍ବାହୀ ଯନ୍ତ୍ରୀ (କୃଷି) ପ୍ରଶାନ୍ତ ଜେନା, ଉପନିର୍ଦ୍ଦେଶକ (ଉଦ୍ୟାନ କୃଷି) ଏସ୍. ରାମା ରାଓ, ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ନାୟକ, ଜିଲା ମତ୍ସ୍ୟ ଅଧିକାରୀ ବବିତା ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ମତଦାତା ସଚେତନତା ପ୍ରତିଯୋଗିତା

କଟକ,୮।୧(କାର୍ତ୍ତିକ ସାହୁ)

ଜାତୀୟ ଭୋଟର ଦିବସ ଅବସରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମତଦାତା ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପ୍ରତିଟି ଭୋଟ ମୂଲ୍ୟବାନ୍, ଏହି ସନ୍ଦେଶ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ 'Nothing Like Voting, I Vote For Sure' ଶୀର୍ଷକରେ ଏହି ସଚେତନତା ପ୍ରତିଯୋଗିତା ଜିଲାର ସମସ୍ତ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରରେ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ସୂଚନାନୁସାରେ, ଜାନୁଆରୀ ୧ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବ। ମତଦାତା ସଚେତନତା ପ୍ରତିଯୋଗିତା ଅଧୀନରେ ସ୍ଲୋଗାନ, କ୍ଷୁଦ୍ର ନାଟକ ଏବଂ ରିଲ୍ସ ମେକିଂ ଆଦି ରଖାଯାଇଛି। ଏହି ପ୍ରତିଯୋଗିତାର ସବିଶେଷ ବିବରଣୀ ceoodisha.nic.in ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ତା୦୧.୦୧.୨୦୦୬ ପରେ ଏବଂ ତା ୨୫.୦୧.୨୦୧୦ ମଧ୍ୟରେ ଜନ୍ମଗ୍ରହଣ କରିଥିବା ସମସ୍ତ ଯୋଗ୍ୟ ବ୍ୟକ୍ତି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏକ ସ୍କ୍ରିନିଂ କମିଟି ଦ୍ୱାରା ବିଭିନ୍ନ ବର୍ଗର ପ୍ରତିଯୋଗୀଙ୍କର ମୂଲ୍ୟାଙ୍କନ କରାଯାଇ ପ୍ରଥମ ୩ଜଣଙ୍କୁ ବଛାଯିବ। ରାଜ୍ୟସ୍ତରୀୟ ଜାତୀୟ ଭୋଟର ଦିବସ କାର୍ଯ୍ୟକ୍ରମରେ ପ୍ରତି ବର୍ଗର ପ୍ରଥମ ୩ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

# ସାଇବର ସୁରକ୍ଷା, ସଚେତନତା କର୍ମଶାଳା


କର୍ମଶାଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

କଟକ,୮।୧(କାର୍ତ୍ତିକ ସାହୁ)

ସାଇବର ସୁରକ୍ଷା ଓ ସଚେତନତା ସମ୍ବନ୍ଧିତ କର୍ମଶାଳା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ କଲ୍ୟାଣ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ବେଟୀ ବଚାଓ ବେଟୀ ପଢ଼ାଓ ଯୋଜନା ଅଧୀନ ଡିଜିଟାଲ ସୁରକ୍ଷା ଓ ସାଇବରବୁଲିଂ ବିଷୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଛାତ୍ରୀଛାତ୍ର ଓ ଯୁବସମାଜ ଡିଜିଟାଲ ଜଗତରେ ସୁରକ୍ଷିତ ରହିବା ଓ ସାଇବର ଅପରାଧ ପ୍ରତି ସଚେତନ ହେବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷ କରି ସାଇବରବୁଲିଂ ଏବେ ଗୁରୁତର ସମସ୍ୟା କରୁଛି। ଏହାର ଉପଯୁକ୍ତ ମୁକାବିଲା ନିମନ୍ତେ ସଚେତନ କରାଯାଇଥିଲା। ସୋସିଆଲ ମିଡିଆରେ ମେସେଜ ପଠାଇ ଅପଦସ୍ଥ ବା ନିର୍ଯାତିତ କରିବା ହେଉଛି ସାଇବରବୁଲିଂ।

ସୂଚନାନୁସାରେ, ବର୍ତ୍ତମାନ ଇଣ୍ଟରନେଟ ଏବଂ ସୋସିଆଲ ମିଡିଆର କାୟା ବୃଦ୍ଧି ସହିତ ସାଇବରବୁଲିଂ ମଧ୍ୟ ଅନୁରୂପ ଭାବେ ବଢ଼ିଚାଲିଛି। ବିଶେଷଜ୍ଞମାନେ ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର, ଅପମାନଜନକ ମେସେଜ, ଅନୁଚିତ ମନ୍ତବ୍ୟ, ନକଲି ଆକାଉଣ୍ଟ ମାଧ୍ୟମରେ ହେଉଥିବା ଉତ୍ପୀଡ଼ନ ଆଦି ବିଷୟରେ ଆଲୋଚନା କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିନାକ୍ଷୀ ଠାକୁର, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ବବିତା ଜେନା, ଅତିରିକ୍ତ ଶିକ୍ଷା ଅଧିକାରୀ ମାନସୀ ଦଳେଇ, ଆଇନଜୀବୀ ବିଜୟ କୁମାର ପଣ୍ଡା, ପ୍ରକଳ୍ପ ଅଧିକାରୀ ସ୍ୱର୍ଣ୍ଣମୟୀ ଦାସ, ଜିଲା ସଂଯୋଜକ ରଶ୍ମୀରଞ୍ଜନ ସ୍ୱାଇଁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏସ୍‌ସିବି: ରିକ୍ସାରେ ବୁହାହେଲେ ରୋଗୀ

କଟକ,୮।୧(ଶିଳ୍ପା ପ୍ରିୟଦର୍ଶିନୀ)



ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଚିକିତ୍ସା ପାଇଁ ରୋଗୀଙ୍କୁ ଅପେକ୍ଷା ଦେଉଛି ଯନ୍ତ୍ରଣା। କେବଳ ଏତିକି ନୁହେଁ, ରୋଗୀ ଗୋଟିଏ ସ୍ଥାନରୁ ଅନ୍ୟତ୍ର ଯିବା ପାଇଁ ବ୍ୟାଟେରି ଗାଡ଼ି ସୁବିଧା ପାଇପାରୁନାହାନ୍ତି। ଏହାଦ୍ୱାରା ରୋଗୀଙ୍କୁ ମେଡିକାଲ ପରିସରରୁ ରିକ୍ସାରେ ବୁହାଯାଇ ଅନ୍ୟତ୍ର ନିଆଯାଇଥିବା ଘଟଣା ଗୁରୁବାର ଏସ୍‌ସିବିର ନନ୍‌ଟ୍ରମା କାଜୁଆଲ୍‌ଟି ନିକଟରେ ଦେଖିବାକୁ ମିଳିଛି। ଏସ୍‌ସିବି ଭଳି ମେଡିକାଲ ଚିକିତ୍ସା ପାଇଁ କେବଳ ଅପେକ୍ଷା କରିବାକୁ ନେଇ ରୋଗୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, ମେଡିକାଲର ସର୍ଜରି ବିଭାଗକୁ ପଶ୍ଚିମବଙ୍ଗ ଅଞ୍ଚଳର ଶ୍ୟାମ ସୁନ୍ଦର ମାଇତି ଆଜକୁ ୮ ଦିନ ହେବ ବାମପଟ ଗୋଡ଼ ପାଦରେ ଆଘାତ ଲାଗି ସଂକ୍ରମଣ ହେବାରୁ ଠିକ୍ ଭାବେ ଚାଲି ପାରୁନାହାନ୍ତି। କେବଳ ପରୀକ୍ଷାରେ ତାଙ୍କ ଚିକିତ୍ସା ଅଟକି ରହିଛି। ଗୁରୁବାର ଶରୀର ଅସୁସ୍ଥ ହେବାରୁ ଶ୍ୟାମସୁନ୍ଦରଙ୍କୁ ମେଡିକାଲର

#### ମିଳିଲାନି ବ୍ୟାଟେରି ଗାଡ଼ି

ନନ୍‌ଟ୍ରମା କାଜୁଆଲ୍‌ଟିକୁ ନେବା ପାଇଁ ତାଙ୍କ ସମ୍ପର୍କୀୟ ସର୍ଜରି ବିଭାଗରୁ ବ୍ୟାଟେରି ଗାଡ଼ିକୁ ଯୋଗାଯୋଗ କରିଥିଲେ। ଦୀର୍ଘ ସମୟଯାଏ ଗାଡ଼ି ନ ଆସିବାରୁ ତାଙ୍କ ପୁଅ ବାଧ୍ୟହୋଇ ଶ୍ୟାମ ସୁନ୍ଦରଙ୍କୁ ରିକ୍ସା ଯୋଗେ ନନ୍‌ଟ୍ରମା କାଜୁଆଲ୍‌ଟିକୁ ନେଇଥିଲେ। ତେବେ ମେଡିକାଲରେ ଏବେ ୧୦ଟି ବ୍ୟାଟେରି ଗାଡ଼ି ରୋଗୀସେବାରେ ନିୟୋଜିତ ଥିବାବେଳେ ଏଥିପାଇଁ ଜଣେ ଡ୍ରାଇଭର ଓ ଜଣେ ଆଟେଣ୍ଡାଣ୍ଟଙ୍କୁ ନିଯୁକ୍ତି କରାଯାଇଛି। ହେଲେ ଏହା ଠିକ୍ ସମୟରେ ରୋଗୀଙ୍କ କାମରେ ଆସିପାରୁନାହିଁ। ଫଳରେ କିଏ ରିକ୍ସା, ଟ୍ରଲି, ସାଇକେଲ ତ କିଏ ଟେକିକି ନେଇ ଯାଉଥିବା ପ୍ରାୟତଃ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ମୁଷୁଳିଆ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଖୁଣ୍ଟୁଣୀ,୮।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ରାଧାକୃଷ୍ଣପୁର ପଞ୍ଚାୟତର ମୁଷୁଳିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ବାରିକ ସଭାପତିତ୍ୱ କରିଥିଲେ। ମଙ୍ଗଳବାର ଉଦ୍‌ଘାଟନୀ ଉତ୍ସବରେ ମୁଷୁଳିଆ ଗ୍ରାମ ମୁରବି ରୂପ ନାରାୟଣ ପୂର୍ତ୍ତି ଓ ସ୍କୁଲ ପରିଚାଳନା କମିଟି ସଭାପତି ବିଶ୍ୱଜିତ ବାରିକ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବିଦ୍ୟାଳୟର ୯୭ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବୁଧବାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ୨ ନମ୍ବର ଜିଲା ପରିଷଦ ସଭ୍ୟା ମିନତି ଗାଗରାଇ, ସମ୍ମାନିତ ଅତିଥି ରୂପେ ସିଆର୍‌ସିସି ସଞ୍ଜୟ କୁମାର ମହାନ୍ତି, ପରିଚାଳନା କମିଟି ସଭାପତି ବିଶ୍ୱଜିତ ବାରିକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ଖୁଣ୍ଟୁଣୀ ଡିଗ୍ରୀ କଲେଜରେ ଆଧ୍ୟାତ୍ମିକ ପାଠଚକ୍ର

ଖୁଣ୍ଟୁଣୀ ୮।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଦିବ୍ୟ ଜୀବନ ସଂଘର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ 'ଆଧ୍ୟାତ୍ମିକତା ମନୁଷ୍ୟ ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶଶିଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଗୀତାରାଣୀ ମହାପାତ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଚିକିତ୍ସକ ଡା. ଗୀତା ମହାନ୍ତି, ସ୍ୱାମୀ ସତ୍ୟ ଚୈତନ୍ୟ ସରସ୍ୱତୀ ଓ ଚିକିତ୍ସକ ଡା. ଗୀତା ମହାନ୍ତି ଯୋଗଦାନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ମାତାପିତାଙ୍କ ସେବାହିଁ ପ୍ରକୃତ ଆଧ୍ୟାତ୍ମିକ ଏବଂ ସେମାନଙ୍କୁ ବାର୍ଦ୍ଧକ୍ୟ ଅବସ୍ଥାରେ ଜରାଶ୍ରମରେ ଛାଡି ନିଜ ଦାୟିତ୍ୱ ଖସାଇ ନ ଦେଇ ଉପଯୁକ୍ତ ସେବା ଓ ଯତ୍ନ କରିବାକୁ ପରାମର୍ଶ ଦେଇଥିଲେ। ଚିକିତ୍ସିକା ଡା. ଗୀତା ମହାନ୍ତି ଦିବ୍ୟ ଜୀବନ ସଂଘର ଇତିହାସ ସମ୍ପର୍କରେ ଆଲୋକପାତ କରିବା ସହିତ ଏହା କିପରି ସମଗ୍ର ମାନବ ସମାଜ ପାଇଁ ହିତ ସାଧନ ହେବ ବୋଲି କହିଥିଲେ। ମୁଖ୍ୟଅତିଥି ସ୍ୱାମୀ ସତ୍ୟ ଚୈତନ୍ୟ ବିଭିନ୍ନ ଦୃଷ୍ଟାନ୍ତ ଦେଇ ଆଧ୍ୟାତ୍ମିକତା ଜୀବନ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆଲୋଚନା କରିଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପିକା କୁନ୍ତଳା ବେହୁରାୟ ଧନ୍ୟବାଦ ଦେବା ସହିତ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମକୁ ଦିବ୍ୟ ଜୀବନ ସଂଘର ପଦ୍ମଜୀ ମହାନ୍ତି, ପଲ୍ଲିଶ୍ରୀ ମିଶ୍ର, ଶଶିଭୂଷଣ ତ୍ରିପାଠୀ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# କଟକ ସଦର ପଞ୍ଚାୟତ ସମିତିର ୮ମ ସାଧାରଣ ବୈଠକ

କଟକ ସଦର ୮।୧(ସୁଶାନ୍ତ କୁମାର ଜେନା)



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ବିଧାୟକ, ବିଡିଓ, ବ୍ଲକ ଅଧ୍ୟକ୍ଷା ଏବଂ ଅନ୍ୟମାନେ।

କଟକ ସଦର ପଞ୍ଚାୟତ ସମିତିର ୮ମ ସାଧାରଣ ବୈଠକ ଗୁରୁବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭ ହେବା ମାତ୍ରେ ବେଣ୍ଟକାର ସମିତି ସଭ୍ୟ ବିନୋଦ ବେହେରା ବୈଠକ ଡାକିବାରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରି ପ୍ରଶ୍ନ କରିଥିଲେ। ୪ବର୍ଷ ମଧ୍ୟରେ ୧୬ଟି ବୈଠକ ହେବା କଥା ବୋଲି କହିଥିଲେ। ୩ ମାସରେ ଥରେ ବୈଠକ କରାଯିବ ବୋଲି ବିଡିଓ ପ୍ରତୀକ ସାହୁ କହିଥିଲେ। କଟକ ସଦର ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ପିଅନ ପଦବୀ ଖାଲି ପଡ଼ିଛି। ତେଣୁ ପିଲାମାନଙ୍କ ଦ୍ୱାରା ଶ୍ରେଣୀ ଗୃହ ଓଳାଯାଉଛି ବୋଲି ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର କହିଥିଲେ। ଜିଲା ଶିକ୍ଷାଧିକାରୀ ଓ ବିଇଓ ବସି ଶୀଘ୍ର ସମାଧାନ କରିବା ପାଇଁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଉଭୟଙ୍କୁ ପରାମର୍ଶ ଦେଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ

- ବିଳମ୍ବରେ ବୈଠକ ଡାକିବା, ଜନ ପ୍ରତିନିଧିଙ୍କୁ ଉପେକ୍ଷା ନେଇ ଅସନ୍ତୋଷ
- ସ୍କୁଲରେ ପିଲାଙ୍କ ଦ୍ୱାରା ଘର ଓଳାଇବାକୁ ନେଇ ସରଗରମ ଆଲୋଚନା

ଭତ୍ତା ମଞ୍ଜୁରୀରେ ପକ୍ଷପାତ ନୀତିକୁ କଳପଡ଼ା ସମିତି ସଭ୍ୟା ପିଙ୍କି ଭୋଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ମହାପାତ୍ରଙ୍କୁ ପ୍ରଶ୍ନ କରିଥିଲେ। ୨ ବର୍ଷ ହେବ ଅନଲାଇନରେ ଆବେଦନ କରି ଭତ୍ତା ହେଉ ନ ଥିବା ବେଳେ କେତେଜଣ ଲୋକ ସଙ୍ଗେ ସଙ୍ଗେ ଆବେଦନ କରି ଭତ୍ତା ପାଇ ଯାଉଛନ୍ତି ବୋଲି ଭୋଇଙ୍କ ପ୍ରଶ୍ନର ଉତ୍ତର ମହାପାତ୍ର ଦେଇ ପାରି ନ ଥିଲେ। ବହୁ ଧନୀ ଲୋକ ୧ ବର୍ଷ ମଧ୍ୟରେ ଭତ୍ତା ପାଇଥିବାରୁ ସେମାନଙ୍କ ଆର୍ଥିକ ସ୍ଥିତି ସମ୍ପର୍କରେ ଯୁଗ୍ମ ସର୍ଭେ କରାଇବା ପାଇଁ ଆୟଉପୁର ସରପଞ୍ଚ ରାକେଶ ବେହେରା ଓ ବେଣ୍ଟକାର ସରପଞ୍ଚ ଶିବ ଶଙ୍କର ମଲ୍ଲିକ ପ୍ରସ୍ତାବ ଦେଇଥିଲେ। ପଞ୍ଚାୟତସ୍ତରରେ ବିଭିନ୍ନ ଉଦ୍‌ଘାଟନ ସମୟରେ ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟମାନଙ୍କୁ ବ୍ଲକ କର୍ତ୍ତୃପକ୍ଷ ନ ଜଣାଇବା, ଫଳକରେ ନାମ ଲେଖା ନ ଯିବା ସମ୍ପର୍କରେ ଉରାଳି ସରପଞ୍ଚ ଅଭିଷେକ ବେହେରାଙ୍କ ପ୍ରଶ୍ନର ଉତ୍ତର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଭସ୍ମିତା ନାଥ ଦେଇପାରି ନ ଥିଲେ। ବ୍ଲକ ଅଧ୍ୟକ୍ଷା ଭାଗ୍ୟ ଲକ୍ଷ୍ମୀ ରାଉତଙ୍କ ପୌରୋହିତ୍ୟର ଅନୁଷ୍ଠିତ ବୈଠକରେ ବିଧାୟକ, ବିଡିଓ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ଅମ୍ବିକା ପାତ୍ର, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମାହାଳି ଯୋଗଦେଇଥିଲେ। ଶେଷରେ ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର


ବୋମା ଧମକ ମିଳିବା ପରେ ଗୁରୁବାର ଓକିଲ ଓ କୋର୍ଟକୁ ଆସିଥିବା ଲୋକମାନେ ଜିଲା କୋର୍ଟ ବାହାରକୁ ଚାଲି ଆସିଛନ୍ତି। (ଫଟୋ: ରାଜକିଶୋର ମହନ୍ତି)


ଜିଲା କୋର୍ଟ ପରିସରରେ ଡଗ୍ ଏବଂ ଆଣ୍ଟି ବମ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ କରାଯାଉଛି।



ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଲି ଦେଖୁଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ଅତିଥିମାନେ କେଲୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ପୁସ୍ତିକା ଲୋକାର୍ପଣ କରୁଛନ୍ତି।

### ଓଡ଼ିଶୀ ନୃତ୍ୟଗୁରୁଙ୍କ ଜନ୍ମ ଶତବାର୍ଷିକୀ ଉଦ୍‌ଘାଟିତ

# ଗୁରୁ କେଲୁଚରଣ ଥିଲେ ଓଡ଼ିଶୀ ନୃତ୍ୟର ଆତ୍ମା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୧(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାର ଓଡ଼ିଶୀ ନୃତ୍ୟଗୁରୁ ପଦ୍ମ ବିଭୂଷଣ ସ୍ୱର୍ଗତ କେଲୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଜିକେସିମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ସୃଜନ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁଜୀଙ୍କ ପ୍ରତିମୂର୍ତ୍ତି ସହ ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀ ଓ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ 'କେଲୁଚରଣ କୀର୍ତ୍ତି ଶତକମ୍' ନାମରେ ଆୟୋଜିତ ୩ ଦିନିଆ ଚିତ୍ରକଳା ଓ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶା, ଓଡ଼ିଆ ଆଉ ଓଡ଼ିଶୀର ଅଭୂତପୂର୍ବ ସଙ୍ଗମ। କେବଳ ଜଣେ ମହାନ୍ ନୃତ୍ୟଶିଳ୍ପୀ ନ ଥିଲେ, ସେ ଥିଲେ ଓଡ଼ିଶୀ ନୃତ୍ୟର ଆତ୍ମା। ଯେତେବେଳେ ଓଡ଼ିଶୀ ନୃତ୍ୟ ଅବହେଳାର ଅନ୍ଧକାରରେ ଆବୃତ ଥିଲା, ସେତେବେଳେ ଗୁରୁଜୀ ତାଙ୍କର ଅସୀମ ସାଧନା, ଅତୁଟ ଆସ୍ଥା ଓ ଅଦମ୍ୟ ପରିଶ୍ରମରେ ଏହି ନୃତ୍ୟକଳାକୁ ପୁନର୍ଜୀବନ ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି, ମାହାରୀ ପରମ୍ପରା, ଶାସ୍ତ୍ରୀୟ ଓ ଲୋକକଳାର ସମନ୍ୱୟରେ ଗୁରୁ କେଲୁଚରଣ ଓଡ଼ିଶୀ ନୃତ୍ୟକୁ ଏକ ଅଦ୍ଭୁତ ଶାସ୍ତ୍ରୀୟ ଆକୃତି ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅନ୍ୟତମ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ଓଡ଼ିଶୀ ନୃତ୍ୟକୁ କେବଳ ଏକ ନୃତ୍ୟଶୈଳୀ ନୁହେଁ, ବରଂ ଏକ ଆଧ୍ୟାତ୍ମିକ ଅନୁଭୂତି ଭାବେ ଉପସ୍ଥାପନ କରୁଥିଲେ ଗୁରୁ କେଲୁଚରଣ ମହାପାତ୍ର। ଓଡ଼ିଶୀ ନୃତ୍ୟ ପାଇଁ ତାଙ୍କ ଜୀବନ ସମର୍ପିତ ଥିଲା। ଗୁରୁଜୀଙ୍କ କଳା ଓ ସାଧନା ଓଡ଼ିଶୀ ନୃତ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି। ଆମେ ସମସ୍ତେ ଗୁରୁଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶୀ ନୃତ୍ୟର ବିକାଶ ଏବଂ ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରିବା ଲାଗି ସଂକଳ୍ପବଦ୍ଧ ହେବା ବୋଲି ସୂରଜ ମତପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ଅତିଥିମାନେ ଗୁରୁ କେଲୁଚରଣ ମହାପାତ୍ରଙ୍କ ଜୀବନୀ ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ର ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ରର ଲୋକାର୍ପଣ କରିଥିଲେ। ଏଥିସହ ଫଟୋଚିତ୍ର ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଓଡ଼ିଶୀ ନୃତ୍ୟଗୁରୁ ବିଷ୍ଣୁତତ୍ତ୍ୱ ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ପ୍ରିୟମ୍ବଦା ହେଜ୍‌ମାଦି, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲ୍, ଗୁରୁ ରତିକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଗୁରୁ କେଲୁଚରଣଙ୍କ ସ୍ମୃତିଚାରଣ କରିବା ସହ ଗୁରୁଜୀଙ୍କ ସହ ରହିଥିବା ଅନୁଭୂତି ବର୍ଣ୍ଣନା କରିଥିଲେ। ସଂସ୍କୃତି ବିଭାଗ ସଚିବ ଡ. ବିଜୟକେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ରବୀନ୍ଦ୍ର ମଣ୍ଡପରେ ସୃଜନର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ବିକାଶ ନାୟକ)

### ଓଡ଼ିଶୀ ଗବେଷଣା କେନ୍ଦ୍ର, ରବୀନ୍ଦ୍ର ମଣ୍ଡପରେ ୧୦ ତାରିଖଯାଏ କାର୍ଯ୍ୟକ୍ରମ

ରବୀନ୍ଦ୍ରମଣ୍ଡପଠାରେ ଗୁରୁ କେଲୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଆଲୋଚନାଚକ୍ର, ଚିତ୍ରକଳା ପ୍ରଦର୍ଶନୀ ସହ ଓଡ଼ିଶୀ ସନ୍ଧ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନୃତ୍ୟଶିଳ୍ପୀ ପଦ୍ମ ବିଭୂଷଣ ଡ. ସୋନଲ ମାନସିଂହ, ପଦ୍ମଶ୍ରୀ ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦି, ଗୁରୁ ରତିକାନ୍ତ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସୃଜନ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟ 'ବନ୍ଦେ ମାତରମ' ପରିବେଷଣ କରିବା ସହ ମା' ଭାରତୀର ଜୟଗାନ କରିଥିଲେ। ନୃତ୍ୟଶିଳ୍ପୀ କୁମ୍‌କୁମ୍ ମହାନ୍ତି, କୁମକୁମ୍ ଲାଲ, ମାଧବୀ ମୁଦ୍‌ଗଲ୍, ଇଲିଆନା ଚିତାରିସ୍ତି, ଅରୁଣା ମହାନ୍ତି, ରୀନା ଜେନା , ଦକ୍ଷା ମସୁରୱାଲା, ଆଲୋକା କାନୁନ୍‌ଗୋ ଓ ସ୍ୱପ୍ନୋକଳ୍ପା ଦାସଗୁପ୍ତା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ସଂସ୍କୃତି ମନ୍ତ୍ରୀ ସମସ୍ତ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ରବୀନ୍ଦ୍ର ମଣ୍ଡପଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଲିପୁନ୍



@ ଅର୍ଜୁନ



@ ଗୁଡୁ



@ ବିଶ୍ୱନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ଗୁରୁବାର ଅନୁଷ୍ଠିତ ଏକାମ୍ର ନାଟ୍ୟ ସଂଗଠନର ୭ମ ବାର୍ଷିକ ଓ ଏକାମ୍ର ନୃତ୍ୟଶାଳାର ୬ଷ୍ଠ ବାର୍ଷିକ ସମାରୋହରେ ପରିବେଷିତ ନାଟକ 'ମୁଁ ନାଥୁରାମ କହୁଚି'ର ଏକ ଦୃଶ୍ୟ।

# ଏପ୍ରିଲ ପହିଲା ଯାଏ ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ କୋହଳ

### ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ନିଷ୍ପତ୍ତି

କଟକ,୮।୧(କାର୍ତ୍ତିକ ସାହୁ)

ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତିଭୂଷଣ ଜେନା ପ୍ରଦୂଷଣ ଯାଞ୍ଚ ଓ ଜରିମାନାକୁ ନେଇ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପ୍ରଦୂଷଣ ଯାଞ୍ଚ ପାଇଁ ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ଏପ୍ରିଲ ପହିଲା ପର୍ଯ୍ୟନ୍ତ ପ୍ରଦୂଷଣ ନ ଥିଲେ ଜରିମାନା ନ ଲଗାଇବାକୁ ରାଜ୍ୟ ପରିବହନ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ଟୋଲ ଗେଟରେ ଇ-ଡିଟେକ୍ସନରେ କଟୁଥିବା ଏ ସମ୍ବନ୍ଧୀୟ ଜରିମାନାକୁ ମଧ୍ୟ ସ୍ଥଗିତ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ମୋଟରଯାନ ଆଇନ ଅନୁଯାୟୀ ଲାଗୁ ହେଉଥିବା ୧୦ ହଜାର ଟଙ୍କା ଜରିମାନାକୁ ହ୍ରାସ କରିବା ଦିଗରେ ତର୍ଜମା କରିବାକୁ ମଧ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଜେନା କହିଛନ୍ତି, ଗାଡ଼ିର ପ୍ରଦୂଷଣ ଯାଞ୍ଚ କରିବା ସମସ୍ତଙ୍କ ଦାୟିତ୍ୱ। ବାୟୁ ଗୁଣବତ୍ତା ଦିନକୁ ଦିନ ଖରାପ ହେଉଛି। ଏହାର ସୁଧାର ଦିଗରେ କାର୍ଯ୍ୟ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ସେଥିପାଇଁ ପରିବହନରେ ପରିବେଶ ସୁରକ୍ଷାକୁ ଲକ୍ଷ୍ୟ ରଖି ପ୍ରଦୂଷଣ ଯାଞ୍ଚ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ମୋଟରଯାନ ଆଇନ ଅନୁଯାୟୀ ଏହା ବାଧ୍ୟତାମୂଳକ। ଓଡ଼ିଶାରେ ମାତ୍ର ୨୧ ପ୍ରତିଶତ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ରହିଛି। ଅନେକ ଗାଡ଼ି ଏହି ନିୟମର ବ୍ୟାପକ ଉଲ୍ଲଂଘନ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏ ଦିଗରେ ସଚେତନତା ବୃଦ୍ଧି କରିବାକୁ ପ୍ରଦୂଷଣ ପ୍ରମାଣପତ୍ରକୁ ଗୁରୁତ୍ୱ ଦିଆଯାଇଛି। ତେବେ ଜନସାଧାରଣ ଏଥିପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବା ଦୃଷ୍ଟିକୁ ଆସିବାରୁ ଲୋକଙ୍କ ସୁବିଧା ପାଇଁ କୋହଳ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସମୟ ଅବଧିରେ ପ୍ରଦୂଷଣ ପ୍ରମାଣପତ୍ର କରାଇ ନେବାକୁ ମନ୍ତ୍ରୀ ଜେନା କହିଛନ୍ତି।

# ଆନ୍ଦୋଳନ ସ୍ଥଗିତ ରଖିଲା ଓମ୍‌ସା

ଭୁବନେଶ୍ୱର, ୮।୧(ବନ୍ଦନା ସେଠୀ)

ଡାକ୍ତରଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଲେ ସରକାର। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରଖିଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ(ଓମ୍‌ସା)। ଶୁକ୍ରବାରଠାରୁ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାରେ ଓପିଡି ସେବା ସ୍ୱାଭାବିକ ହେବ ବୋଲି ଓମ୍‌ସା ସଭାପତି ଡା. କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି। ୧୦ଦଫା ଦାବିନେଇ ଗତ ୫ତାରିଖରୁ ଓମ୍‌ସା ଅଧୀନରେ ଥିବା ୬ହଜାରରୁ ଉର୍ଦ୍ଧ୍ୱ ଡାକ୍ତର ୨ଘଣ୍ଟିଆ ଓପିଡି ସେବା ବନ୍ଦକରି ଆନ୍ଦୋଳନ ଚଳାଇଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟାହତ ହେବାରୁ ଡାକ୍ତରଙ୍କ ଆନ୍ଦୋଳନ ବନ୍ଦ କରିବାକୁ ଏସ୍‌ମା ଲାଗୁ କରିଥିଲେ ସରକାର। ମାତ୍ର ଏହାକୁ ଖାତିର ନ କରି ଆନ୍ଦୋଳନ ଜାରି ରହିଥିବାରୁ ଶେଷରେ ଗୁରୁବାର ଡାକ୍ତରମାନଙ୍କ ସହିତ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଲୋଚନା କରିବା ସହ ସେମାନଙ୍କ ଦାବି ପୂରଣ ନେଇ ଦୃଢ଼ ପ୍ରତିଶ୍ରୁତି ଦେଇଥିବା ଡା. ମିଶ୍ର ସୂଚନା ଦେଇଛନ୍ତି। ଅପରପକ୍ଷେ ଆଲୋଚନା ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଡାକ୍ତରଙ୍କ ଦାବିକୁ ନେଇ ପୂର୍ବରୁ ଏକ ଉଚ୍ଚସ୍ତରୀୟ କମିଟି ଗଠିତ ହୋଇଛି। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ସ୍ୱାସ୍ଥ୍ୟ, ଆଇନ ଏବଂ ଅର୍ଥ ବିଭାଗର ସଚିବ ରହିବେ। ଡାକ୍ତରଙ୍କ ସମସ୍ତ ଦାବିକୁ ଏହି କମିଟି ସମୀକ୍ଷା କରିବା ସହିତ ସରକାରଙ୍କୁ ରିପୋର୍ଟ ଦେବ। କମିଟିର ପ୍ରସ୍ତାବ ଆଧାରରେ ସରକାର କାର୍ଯ୍ୟ କରିବେ। ସେହିପରି ଆସନ୍ତା ୧୨ ତାରିଖରେ ସଚିବ ସ୍ତରୀୟ କମିଟି ବସିବ ଏବଂ ତା'ପରେ କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନର ରୂପରେଖ ସ୍ପଷ୍ଟ ରହିବ। ଜାନୁଆରୀ ୧୫ ସୁଦ୍ଧା ଏକ ଅନ୍‌ଲାଇନ୍ ପୋର୍ଟାଲ ବ୍ୟବସ୍ଥା ହେବ। ଏଥିରେ କେବିକେରେ ପୋଷ୍ଟିଂ ହୋଇଥିବା ଇଚ୍ଛୁକ ଡାକ୍ତରମାନେ ନିଜ ଜିଲାକୁ ଆସିବା ପାଇଁ ଏଥିରେ ଆବେଦନ କରିପାରିବେ। ଏହାବାଦ୍ କ୍ୟାଡର୍ ପୁନର୍ବିନ୍ୟାସ ଏବଂ ଅନ୍ୟାନ୍ୟ ଦାବି ନେଇ ସରକାର ସକାରାତ୍ମକ ରହିଥିବା ଓମ୍‌ସା ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୧୦ଦଫା ଦାବି ନେଇ ଓମ୍‌ସା ପକ୍ଷରୁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସ୍ୱାସ୍ଥ୍ୟ ସଚିବ ଏବଂ ମନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପ୍ରତିବାଦ ସ୍ୱରୂପ ଓମ୍‌ସାର ଆହ୍ୱାନକ୍ରମେ ଡାକ୍ତରମାନେ ନଭେମ୍ବର ୨୦ରୁ କଳା ପୋଷାକ ପରିଧାନ କରିଥିଲେ। ଡିସେମ୍ବର ୨୬ରୁ ପୂର୍ବାହ୍ନ ୧୦ଟାରୁ ୧୧ଟା ଘଣ୍ଟିଆ ଓପିଡି ବନ୍ଦ କରାଯାଇଥିଲା ଏବଂ ଜାନୁଆରୀ ୫ରୁ ଦୁଇଘଣ୍ଟିଆ ଓପିଡି ବନ୍ଦ କରାଯାଇଥିଲା।

### ଆଜିଠାରୁ ସ୍ୱାଭାବିକ ହେବ ଓପିଡି ସେବା

### ରାଷ୍ଟ୍ରୀୟ ଖଣିଜ ଚିନ୍ତନ ଶିବିରରେ ଯୋଗଦେବେ ଓଡ଼ିଶା ଇସ୍ପାତ ଓ ଖଣି ମନ୍ତ୍ରୀ

ଭୁବନେଶ୍ୱର, ୮।୧(ସୁଚିସ୍ମିତା ସାହୁ)

ଓଡ଼ିଶାର ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୁଜରାଟ ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିର କନ୍‌ଭେନଶନ ଓ ପ୍ରଦର୍ଶନ କେନ୍ଦ୍ରରେ ଆୟୋଜିତ ରାଷ୍ଟ୍ରୀୟ ଖଣିଜ ଚିନ୍ତନ ଶିବିରରେ ଯୋଗଦେବା ପାଇଁ ଯାତ୍ରା କରିଛନ୍ତି। ଭାରତ ସରକାରଙ୍କ ଖଣିଜ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ଜାତୀୟସ୍ତରର ଚିନ୍ତନ ଶିବିରରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱୟ ବଢ଼ାଇବା ସହିତ ଖଣିଜ କ୍ଷେତ୍ର ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହେବ। ଶିବିରରେ ଖଣିଗୁଡ଼ିକର କାର୍ଯ୍ୟାନ୍ୱୟନ, କ୍ରିଟିକାଲ ମିନେରାଲ ମିଶନ, ପ୍ରଯୁକ୍ତିର ବ୍ୟବହାର ଏବଂ ଖଣି ନିଲାମ ପ୍ରକ୍ରିୟା ସହିତ ସଂପୃକ୍ତ ବିଭିନ୍ନ ବିଷୟ ଉପରେ ଆଲୋଚନା ହେବ। କେନ୍ଦ୍ରୀୟ କୋଇଲା ଓ ଖଣିଜ ମନ୍ତ୍ରୀ ଜି.କିଷନ ରେଡ୍ଡୀଙ୍କ ସହିତ ଦେଶର ବିଭିନ୍ନ ରାଜ୍ୟର ଖଣି ମନ୍ତ୍ରୀଙ୍କ ସହିତ ମୁଖ୍ୟ ସଚିବ ତଥା ଖଣିଜ କ୍ଷେତ୍ରରେ କାମ କରୁଥିବା ବିଭିନ୍ନ ଅନୁଷ୍ଠାନ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

# ଶ୍ରୀମନ୍ଦିର ଭକ୍ତନିବାସ ପାର୍କିଂ ଫି' ୫୦୦ ଟଙ୍କା

### ସାଧାରଣରେ ଅସନ୍ତୋଷ ଓ ବିରୋଧ

ପୁରୀ,୮।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ୪ଟି ଭକ୍ତନିବାସର ପାର୍କିଂ ଫି' ବୃଦ୍ଧି କରାଯାଇଛି। ଏଣିକି ଯେଉଁ ଯାତ୍ରୀମାନେ ଭକ୍ତନିବାସରେ ରହିବା ପାଇଁ ଆସୁଛନ୍ତି ଓ ଚାରିଚକିଆ ଯାନ ଆଣୁଛନ୍ତି, ସେମାନଙ୍କୁ ଗାଡ଼ି ପାର୍କିଂ ଫି' ଦେବାକୁ ପଡ଼ିବ। ପ୍ରଶାସନ ପକ୍ଷରୁ ପାର୍କିଂ ଫି' ୫୦୦ ଟଙ୍କା କରାଯାଇଛି। ୨୪ ଘଣ୍ଟା ପାଇଁ ୧୮ ପ୍ରତିଶତ ଜିଏସ୍‌ଟି ସହ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଜାନୁଆରୀ ୭ରୁ ସମସ୍ତ ୪ଟି ଭକ୍ତନିବାସରେ ଏହା ଆଦାୟ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତନିବାସ ନୋଟିସ୍ ବୋର୍ଡରେ ଲଗାଯାଇଥିବା ନୋଟିସ୍‌ରେ ଉଲ୍ଲେଖ ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶ୍ରୀମନ୍ଦିର ପରିଚାଳନା କମିଟିରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇ ନ ଥିବା କୁହାଯାଉଛି। ଉକ୍ତ ଫି' ବୃଦ୍ଧିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିରୋଧ କରାଯାଇଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ନୀଳାଦ୍ରି ଭକ୍ତନିବାସ, ନୀଳାଚଳ ଭକ୍ତନିବାସ, ପୁରୁଷୋତ୍ତମ ଭକ୍ତନିବାସ ଏବଂ ଶ୍ରୀଗୁଣ୍ଡିଚା ଭକ୍ତନିବାସ ରହିଛି। ଏହି ୪ଟି ଭକ୍ତନିବାସକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ଏବେ ସେମାନଙ୍କ ଗାଡ଼ି ପାର୍କିଂ ପାଇଁ ଫି' ବାବଦ ଅଧିକ ଟଙ୍କା ଦେବାକୁ ପଡ଼ିବ। ଏହି ଫି' ୨୪ ଘଣ୍ଟା ପାଇଁ ୫୦୦ ଟଙ୍କା ରହିଛି। ତେବେ ପ୍ରଶାସନର ଏପରି ନିଷ୍ପତ୍ତିକୁ ନେଇ ଭକ୍ତ ଓ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ରୁମ୍ ଭଡ଼ା ପାଇଁ ଟଙ୍କା ଦେଉଥିବା ବେଳେ ପାର୍କିଂ ଫି' କାହିଁକି ଦେବେ ବୋଲି ପ୍ରଶ୍ନ କରିଛନ୍ତି। ଏନେଇ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଏଭଳି ନିଷ୍ପତ୍ତି ନିଶ୍ଚିତ ଭକ୍ତଙ୍କୁ ବାଧିବ। ଅଧିକାଂଶ ଭକ୍ତ ପୁରୀ ବୁଲିବାକୁ ଆସିଲେ ଦୁଇ ତିନିଦିନ ରହିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଦିନକୁ ଯଦି ୧୭ଶହରୁ ୧୮ଶହ ଟଙ୍କା ରୁମ୍ ଭଡ଼ାକୁ ଛାଡ଼ି ପୁଣି ଗାଡ଼ି ପାର୍କିଂ ବାବଦ ୫୦୦ ଟଙ୍କା ଦେବେ, ତେବେ ୩ଦିନରେ ଅନେକ ଟଙ୍କା ଖର୍ଚ୍ଚ ହେବ। ଫଳରେ ତାହା ଭକ୍ତଙ୍କ ଅସନ୍ତୋଷର କାରଣ ପାଲଟିବ। ଭକ୍ତଙ୍କ ଉପରେ ଏପରି କର ଲଗାଇବା ଉଚିତ ନୁହେଁ। ଏନେଇ ମଧ୍ୟ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇନାହିଁ। ନିଷ୍ପତ୍ତିର ପୁନର୍ବିଚାର ପାଇଁ ମୁଖ୍ୟ ପ୍ରଶାସକଙ୍କୁ ଅନୁରୋଧ କରାଯିବ। ତେବେ ଭକ୍ତ ଓ ପର୍ଯ୍ୟଟକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରାଯିବା ଉଚିତ। ସେହିପରି ପର୍ଯ୍ୟଟକ ରମାବଲ୍ଲଭ କାନୁନ୍‌ଗୋ କହିଛନ୍ତି, ଏପରି ନିୟମ ଫଳରେ ବହୁତ ବାଧୁଛି। ଅନ୍ୟ କେଉଁଠାରେ ଏପରି ନିୟମ ନାହିଁ। ନିଷ୍ପତ୍ତି ପ୍ରତ୍ୟାହାର କରାଯିବାକୁ କାନୁନ୍‌ଗୋ ଦାବି କରିଛନ୍ତି। ପୁରୀ ବିଧାୟକ ସୁନୀଲ ମହାନ୍ତି କହିଛନ୍ତି, ଯଦି କିଏ ହୋଟେଲରେ ରହିବେ, ତେବେ ସେ କ'ଣ ତାଙ୍କ ଗାଡ଼ି ଅନ୍ୟ କେଉଁଠି ରଖିବେ। ତେଣୁ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରାଯିବା ଉଚିତ। ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି, ଜଗନ୍ନାଥ ଦର୍ଶନ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଲୁଟିବା ସହ ପବିତ୍ର ପୁରୀ ଓ ସମଗ୍ର ଓଡ଼ିଶାର ଭାବମୂର୍ତ୍ତି ମଳିନ କରିବା ପାଇଁ ନିଆଯାଇଥିବା ଏଭଳି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରୁଛି। ପ୍ରଥମତଃ ଭକ୍ତ ନିବାସଗୁଡ଼ିକରେ ରହିବା ପୂର୍ବାପେକ୍ଷା ମହଙ୍ଗା ହୋଇଛି, ପୁଣି ପ୍ରଶାସନ ପକ୍ଷରୁ ଭକ୍ତ ନିବାସରେ ଗାଡ଼ି ପାର୍କିଂ ଶୁଳ୍କରେ ବଡ଼ ଧରଣର ବୃଦ୍ଧି କରାଯାଇଛି। ଏପରି ନିଷ୍ପତ୍ତି ପର୍ଯ୍ୟଟକ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପୁରୀ ଆଗମନକୁ ପ୍ରଭାବିତ କରିବ। ତେଣୁ ପ୍ରଶାସନ ତୁରନ୍ତ ଏ ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ। ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର କହିଛନ୍ତି, ଲୋକଙ୍କ ପାଇଁ ଯାହା ସୁବିଧା ହେବ, ତାହା କରାଯିବ। ଲୋକଙ୍କ ସରକାରରେ ଆମେ ଲୋକ ପ୍ରତିନିଧି ହୋଇ ଲୋକଙ୍କ ସହ ଠିଆ ହେବୁ। ଏନେଇ ସରକାରଙ୍କୁ ଅବଗତ କରାଯିବ ବୋଲି ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ନିଷ୍ପତ୍ତି ଉପରେ ଆଉ ଥରେ ବିଚାରବିମର୍ଶ କରାଯିବ। ତାହା ପରେ ଯାହା ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ, ସେ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ।

## ବନ୍ଧୁକ ଯୋଗାଣକାରୀଙ୍କ ସମେତ ୪ ଗିରଫ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ବନ୍ଧୁକ ଦେଖାଇ ବସଯାତ୍ରୀଙ୍କଠାରୁ ଲୁଟ ଯୋଜନା କରୁଥିବା ୪ ଜଣଙ୍କୁ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ବୁଧବାର ରାତିରେ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ନଳିହାଡ଼ ଗ୍ରାମର ପ୍ରଶାନ୍ତ ଗଜେନ୍ଦ୍ର ଓରଫ ଟମାଟୋ(୨୬), ଭଗବାନ ବିଷୋୟୀ (୨୮), ରଙ୍କ ଗଜେନ୍ଦ୍ର (୨୮) ଓ ରୋହିଗାଁର କାହ୍ନୁ ଚରଣ ଜେନା। ଅଭିଯୁକ୍ତମାନଙ୍କ ନିକଟରୁ ଏକ ବନ୍ଧୁକ, ୧୨ ରାଉଣ୍ଡ ଗୁଳି ଓ ଗୋଟିଏ ଦାମୀ ବାଇକ୍ ଜବତ ହୋଇଛି। ବନ୍ଧୁକ ପ୍ରଶାନ୍ତ ଯୋଗାଇଥିଲେ ବୋଲି ଅଭିଯୁକ୍ତ ରଙ୍କ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

# ଥାଇଲାଣ୍ଡ ଫେରନ୍ତାଙ୍କଠୁ ସୁନା, ହୀରା ଅଳଙ୍କାର ଲୁଟ୍

## ଓଲା କ୍ୟାବ୍ ଡ୍ରାଇଭର ଗିରଫ



ଭୁବନେଶ୍ୱର,୮।୧(ସତ୍ୟଜିତ ରାଉତ)

ଜଣେ ଥାଇଲାଣ୍ଡ ଫେରନ୍ତାଙ୍କଠାରୁ ନଗଦ ଟଙ୍କା, ସୁନା ଓ ହୀରା ଅଳଙ୍କାର ସମେତ ୨୦ ଲକ୍ଷ ଟଙ୍କାର ଜିନିଷ ଲୁଟ୍ କରିବା ଜଣେ ଓଲା କ୍ୟାବ୍ ଡ୍ରାଇଭରଙ୍କ ପାଇଁ ମହଙ୍ଗା ପଡ଼ିଛି। ଏନେଇ ଅଭିଯୋଗ ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁଆଁପାଳ ଗ୍ରାମର ନାଗେଶ୍ୱର ପ୍ରମାଣିକ। ତାଙ୍କଠାରୁ କାର୍ (ଓଡି୦୫ବିଜେ୨୪୧୦) ସହ ସୁନାଚେନ୍, ସୁନା ବ୍ରେସଲେଟ୍, ୩ଟି ସୁନା ମୁଦି, ନଗଦ ୧ ଲକ୍ଷ ଟଙ୍କା, ପ୍ରାୟ ୫୦ ହଜାର ଟଙ୍କାର ଥାଇ ଭାଟ୍ ମୁଦ୍ରା, ୬ଟି ପାସ୍‌ପୋର୍ଟ, ୧୦ରୁ ୧୨ଟି କ୍ରେଡିଟ୍ ଓ ଡେବିଟ୍ କାର୍ଡ ଥିବା ପର୍ସ, ହୀରା କାନଫୁଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ନାଗେଶ୍ୱରଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନାଗେଶ୍ୱରଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ୪ଟି ମାମଲା ରହିଛି।

ଅଭିଯୋଗକାରୀ ତଥା ଚୋରିର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ କଟକର ଅମନ କୁମାର ଅଗ୍ରୱାଲ। ସେ କିଛିଦିନ ତଳେ ଥାଇଲାଣ୍ଡ ବୁଲିବାକୁ ଯାଇଥିଲେ। ବୁଧବାର ସେ ଭୁବନେଶ୍ୱର ଏୟାରପୋର୍ଟରେ ଓହ୍ଲାଇ ରାତି ପ୍ରାୟ ୧୦ଟା ବେଳେ କଟକ ସିଡିଏ ସେକ୍ଟର-୯ସ୍ଥିତ ଘରକୁ ଯିବା ପାଇଁ ଓଲା କ୍ୟାବ ବୁକ୍ କରିଥିଲେ। ନାଗେଶ୍ୱର ବୁକିଂ ରିସିଭ୍ କରିବା ପରେ ଏୟାରପୋର୍ଟରୁ ଅମନଙ୍କୁ ନେଇ ନନ୍ଦନକାନନ ରୋଡ୍ ହୋଇ କଟକ ସିଡିଏ ଅଭିମୁଖେ ଯିବାକୁ ବାହାରିଥିଲେ। ହେଲେ ନାଗେଶ୍ୱର ନିଶାସକ୍ତ ଅବସ୍ଥାରେ ବେପରୁଆ ଭାବେ କାର୍ ଚଳାଇଥିଲେ। ଅମନଙ୍କ ଲଗେଜ୍‌ରେ ସୁନା ଓ ହୀରା ଅଳଙ୍କାର ସମେତ ନଗଦ ଟଙ୍କା ଥିବା ନାଗେଶ୍ୱର ଜାଣିପାରି ତାହାକୁ ଚୋରି କରିନେବାକୁ ଯୋଜନା କରିଥିଲେ। ଯୋଜନା ଅନୁଯାୟୀ, ଚନ୍ଦ୍ରଶେଖରପୁର ଇଣ୍ଡିଆନ ଅଏଲ୍ ପେଟ୍ରୋଲ ପମ୍ପ ସମ୍ମୁଖରେ କାର୍ ଅଟକାଇଥିଲେ। ଗାଡିରେ ସିଏନ୍‌ଜି ପକାଇବାକୁ କହି ଅମନଙ୍କୁ ଓହ୍ଲାଇବାକୁ କହିଥିଲେ। ଅମନ କାର୍‌ରୁ ଓହ୍ଲାଇବା ମାତ୍ରେ ନାଗେଶ୍ୱର କାର୍‌କୁ ଦ୍ରୁତଗତିରେ ଚଳାଇ ଫେରାର ହୋଇଯାଇଥିଲେ। ଏନେଇ ଅମନଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୧୪/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଇନ୍ସପେକ୍ଟର ଚନ୍ଦ୍ରକାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ କରି ୮ ଘଣ୍ଟା ଭିତରେ ନାଗେଶ୍ୱରଙ୍କୁ ଗିରଫ କରିଥିଲା। ତେବେ ଓଲା ଅପରାଧ ପୃଷ୍ଠଭୂମି ଯାଞ୍ଚ ନ କରି ନାଗେଶ୍ୱରଙ୍କୁ ନିଯୁକ୍ତି ଦେଇଥିବାରୁ ପ୍ରଶ୍ନ ଉଠିଛି। ଏନେଇ ତଦନ୍ତ କରାଯିବ ବୋଲି ଜୋନ୍-୬ ଏସିପି ସୋନାଲି ପରମାର କହିଛନ୍ତି।



ଜବତ ସାମଗ୍ରୀ ଏବଂ ଟଙ୍କା।

# ୨୦୨୫ରେ ୨୫୧ ସାଇବର ଠକେଇ ମାମଲା

## ୬୧ ଗିରଫଙ୍କ ମଧ୍ୟରୁ ବାହାର ରାଜ୍ୟର ୧୦

ଭୁବନେଶ୍ୱର,୮।୧(ତ୍ରିନାଥ ମହାନ୍ତି)

| ମାସ | ମାମଲା | ଗିରଫ ସଂଖ୍ୟା |
|---|---|---|
| ଜାନୁଆରୀ | ୨୭ | ୦ |
| ଫେବୃଆରୀ | ୧୫ | ୫ |
| ମାର୍ଚ୍ଚ | ୧୦ | ୦ |
| ଏପ୍ରିଲ | ୨୩ | ୩ |
| ମେ’ | ୨୦ | ୮ |
| ଜୁନ୍ | ୨୩ | ୮ |
| ଜୁଲାଇ | ୨୬ | ୪ |
| ଅଗଷ୍ଟ | ୧୬ | ୫ |
| ସେପ୍ଟେମ୍ବର | ୨୩ | ୫ |
| ଅକ୍ଟୋବର | ୧୯ | ୪ |
| ନଭେମ୍ବର | ୨୭ | ୧୭ |
| ଡିସେମ୍ବର | ୨୨ | ୨ |
| ମୋଟ | ୨୫୧ | ୬୧ |

ସାଇବର ଠକେଇଜନିତ ମାମଲା ଯେଉଁ ହାରରେ ବଢ଼ୁଛି, ସେହି ଆଧାରରେ ପୋଲିସ ଠକଙ୍କୁ ଗିରଫ କରିପାରୁନି। ହାତ ଗଣତି ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ବାଃ ବାଃ ନେଉଥିବାବେଳେ ରାଜ୍ୟ ବାହାରର ସାଇବର ଠକ ପାଖରେ ପହଞ୍ଚି ପାରୁନି, ଯାହାକି କମିଶନରେଟ୍ ପୋଲିସର ୨୦୨୫ ସାଇବର ଠକେଇ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ୨୦୨୫ରେ ସାଇବର ଠକେଇଜନିତ ୨୫୧ଟି ମାମଲା ରୁଜୁ ହୋଇଥିବାବେଳେ ପୋଲିସ ମାତ୍ର ୬୧ଜଣ ସାଇବର ଠକଙ୍କୁ ଗିରଫ କରିପାରିଛି। ଏଥିରେ ରାଜ୍ୟ ବାହାରର ୧୦ ଜଣ ଅଭିଯୁକ୍ତ ଥିବା ଜଣାପଡ଼ିଛି। ଗିରଫ ହୋଇଥିବା ୬୧ ଅଭିଯୁକ୍ତ କେବଳ ଭିଡିଓ ଭାଇରାଲ, ପ୍ରି-ଆକ୍ଟିଭ୍ ସିମ୍ ବିକ୍ରି ଏବଂ ସାଧାରଣ ଠକେଇଜନିତ ମାମଲାରେ ଗିରଫ ହୋଇଛନ୍ତି। କିନ୍ତୁ ବଡ଼ ବଡ଼ ଠକେଇ ମାମଲାରେ କମିଶନରେଟ୍ ପୋଲିସ ରାଜ୍ୟ ବାହାରର ହାଇପ୍ରୋଫାଇଲ୍ ସାଇବର ଠକଙ୍କ ନିକଟରେ ପହଞ୍ଚି ପାରିନାହିଁ। ଆହୁରି ମଧ୍ୟ ଜାନୁଆରୀ ଏବଂ ମାର୍ଚ୍ଚ ମାସରେ ସାଇବର ଥାନା ପୋଲିସ କାହାରିକୁ ଗିରଫ କରିପାରିନି। କମିଶନରେଟ୍ ପୋଲିସର ଏହି ଗିରଫ ହାରକୁ ଦେଖିଲେ ଖୁବ୍ ନଗଣ୍ୟ ରହିଛି। ଅନ୍ୟ ଜିଲାରେ ଗିରଫ ହାର ଅଧିକ ଥିବାବେଳେ ଭୁବନେଶ୍ୱର ସାଇବର ପୋଲିସର ଗିରଫ ହାର ଖୁବ୍ କମ୍ ରହିଛି। ୨୦୨୫ରେ ୫୭ କୋଟି ୫୮ଲକ୍ଷ ୪ହଜାର ୯୩୦ ଟଙ୍କାର ସାଇବର ଠକେଇ ହୋଇଥିବା ବେଳେ ପୋଲିସ ମାତ୍ର ୨୨କୋଟି ୫୩ଲକ୍ଷ ୭୫ ହଜାର ୯୦୫ ଟଙ୍କା ଫ୍ରିଜ୍ କରିପାରିଛି। ଡିସେମ୍ବରରେ ସର୍ବାଧିକ ୭କୋଟି ୬୭ଲକ୍ଷ ୧୫ ହଜାର ୪୭୫ ଟଙ୍କାର ଠକେଇ ହୋଇଥିବାବେଳେ ୨କୋଟି ୬୦ ଲକ୍ଷ ୩୪ ହଜାର ୧୫୧ ଟଙ୍କା ପୋଲିସ ଫ୍ରିଜ୍ କରିଥିଲା। ସେହିପରି ଅଗଷ୍ଟରେ ସର୍ବନିମ୍ନ ୧କୋଟି ୬୪ ଲକ୍ଷ ୮୦ ହଜାର ୭୫୩ ଟଙ୍କାର ଠକେଇ ହୋଇଥିବାବେଳେ ପୋଲିସ କେବଳ ୧କୋଟି ୮୨ ଲକ୍ଷ ୩୫ ହଜାର ୩୩୧ ଟଙ୍କା ଫ୍ରିଜ୍ କରିଥିବା ରିପୋର୍ଟରେ ପ୍ରକାଶ ପାଇଛି।

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ

## ୬ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ

ବଇଣ୍ଡା, ୮।୧ (ପରିକ୍ଷିତ ସାହୁ)/ ମାଧପୁର (ମନୋଜ ପ୍ରଧାନ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଟୁସର ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ଦାସ ଗୁରୁବାର ୬ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଅନୁଗୋଳ ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ତାଙ୍କୁ କିଆକଟା ରାଜସ୍ୱ କାର୍ଯ୍ୟାଳୟ ରେଷ୍ଟ ରୁମ୍‌ରୁ ଗିରଫ କରିଛି। ଏଥିସହ ଲାଞ୍ଚ ନେଇଥିବା ୬ ହଜାର ଟଙ୍କା ଜବତ କରିଛି।

ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି, ଟୁସର ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ଥିବା ଦୌଲତରପୁର ଗ୍ରାମର ତରଣୀ ପ୍ରଧାନଙ୍କ ଜମି ଚିହ୍ନଟ ପାଇଁ ତାଙ୍କ ପୁଅ ସତ୍ୟାନନ୍ଦ ପ୍ରଧାନ ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟଠାରେ ଆବେଦନ କରିଥିଲେ। ଏଥିପାଇଁ ତହସିଲ ପକ୍ଷରୁ ଟୁସର ରାଜସ୍ୱ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଉକ୍ତ କାର୍ଯ୍ୟାଳୟର ନିରୀକ୍ଷକ ସୁରେନ୍ଦ୍ର ୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଟଙ୍କା ଦେବାକୁ ଆବେଦନକାରୀ ସତ୍ୟାନନ୍ଦ ସକ୍ଷମ ନ ଥିବା କହିବାରୁ ଜମି ଚିହ୍ନଟ ହୋଇପାରିବ ନାହିଁ ବୋଲି ସୁରେନ୍ଦ୍ର କହିଥିଲେ। ଏ ନେଇ ସତ୍ୟାନନ୍ଦ ବୁଧବାର ଅନୁଗୋଳ ଭିଜିଲାନ୍ସ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ସତ୍ୟାନନ୍ଦଙ୍କୁ କେମିକାଲ ବୋଳା ୬ ହଜାର ଟଙ୍କା ଦିଆଯାଇଥିଲା। ଏହାକୁ ସତ୍ୟାନନ୍ଦ କିଆକଟା ରାଜସ୍ୱ କାର୍ଯ୍ୟାଳୟରେ ଥିବା ସୁରେନ୍ଦ୍ରଙ୍କୁ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଇନ୍ସପେକ୍ଟର ଉର୍ମିଳା ଲାକ୍ରା, ଏସ୍ଆଇ ସଞ୍ଜୟ ପଟ୍ଟନାୟକ, ରୁଦ୍ର ନାରାୟଣ ବିଶ୍ୱାଳ, ପ୍ରିୟବ୍ରତ ପ୍ରଧାନ, ଅଖିଳ ସାହୁ, ବିଶରଞ୍ଜନ ବେହେରା ପ୍ରମୁଖ ଚଢ଼ାଉ କରି ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ରଙ୍କୁ ଗିରଫ କରିଥିଲେ। ପରେ ରାଜସ୍ୱ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଥିଲା।

# ଭେଙ୍କ ବ୍ରିଡ୍ ଆଣ୍ଡ ରିସର୍ଚ୍ଚ ଫାର୍ମରେ ଚଢ଼ାଉ

ମୋରଡ଼ା,୮।୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଏବଂ ରାସଗୋବିନ୍ଦପୁର ବ୍ଲକ୍ ସୀମାନ୍ତ ମାକୁନ୍ଦ ଓ ଛାତନା ଗାଁରେ ଥିବା ଭେଙ୍କ ବ୍ରିଡ୍ ଆଣ୍ଡ ରିସର୍ଚ୍ଚ ଫାର୍ମରେ ଗୁରୁବାର ମିଳିତ ଚଢ଼ାଉ ହୋଇଛି। ଚଢ଼ାଉରେ ପୋଲିସ, ରାଜସ୍ୱ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ଶ୍ରମ ବିଭାଗ, ଜଳ ଓ ଅନୁସନ୍ଧାନ ଭଳି ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ପ୍ରକାଶ ଯେ, ଉକ୍ତ ଫାର୍ମ ବିରୋଧରେ ଜନସାଧାରଣ ବିଭିନ୍ନ ସମୟରେ ସ୍ଥାନୀୟ ପ୍ରଶାସନ, ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ୧୫ ଜଣିଆ ଟିମ୍ ଗୁରୁବାର ମଧ୍ୟାହ୍ନରେ ଫାର୍ମରେ ଚଢ଼ାଉ କରି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ଫାର୍ମରେ ରାଜସ୍ୱ, ପ୍ରଦୂଷଣ, ଶ୍ରମ ବିଭାଗର ନିୟମ ଉଲ୍ଲଂଘନ ହୋଇଥିବା କୁହାଯାଉଛି। ମାତ୍ର ଏ ନେଇ ଟିମ୍ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ କି କ’ଣ ପାଇଁ ଉକ୍ତ ଚଢ଼ାଉ କରାଯାଇଥିଲା ପ୍ରକାଶ କରାଯାଇନାହିଁ।

# ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ

## ୨.୨୪ ଲକ୍ଷ ଟଙ୍କାର ବେଆଇନ କଫ୍ ସିରପ୍ ଜବତ ମାମଲା

ଭୁବନେଶ୍ୱର,୮।୧(ସତ୍ୟଜିତ ରାଉତ)

ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ୨.୨୪ ଲକ୍ଷ ଟଙ୍କାର କଫ୍ ସିରପ ଜବତ ମାମଲାରେ ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍‌ଙ୍କ ଅଦାଲତ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ଥିବା ଅଭିଯୁକ୍ତଙ୍କୁ କୋର୍ଟ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ବେଗୁନିଆ ଅଞ୍ଚଳର ପଦ୍ମନାଭ ବେହେରା। ତାଙ୍କୁ ୫୦ହଜାର ଟଙ୍କାର ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ବର୍ଷେ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି।

ସୂଚନା ଅନୁଯାୟୀ, ୨୦୨୨ ମେ’ ୧୩ ସକାଳେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଅଭିଯୁକ୍ତ ପଦ୍ମନାଭ ଏକ ମହିନ୍ଦ୍ରା ସୁପ୍ରୋ ଗାଡିରେ ୮ଟି ପେଡିରେ ୧୨୮୦ ବୋତଲ କଫ୍ ସିରପ୍ (ଏସ୍‌କଫ୍ କଫ ସିରପ୍) ଭର୍ତ୍ତି କରି ଚାଲାଣ କରିବାକୁ ନେଉଥିଲେ। ସେ ଭୁବନେଶ୍ୱରର ବିଭିନ୍ନ ଔଷଧ ଦୋକାନକୁ କଫ୍ ସିରପ୍ ଚାଲାଣ କରିବାକୁ ନେଉଥିବା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଖବର ପାଇଥିଲା। ଏହାପରେ ଏସ୍‌ଟିଏଫ୍ ଓ କମିଶନରେଟ୍ ପୋଲିସର ଏକ ମିଳିତ ଟିମ୍ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଅତର୍କିତ ଚଢ଼ାଉ କରିଥିଲା। ମିଳିତ ଟିମ୍ ପଦ୍ମନାଭଙ୍କୁ ଗିରଫ କରି କଫ୍ ସିରପ୍ ଜବତ କରିଥିଲା। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ରିପୋର୍ଟ ଆଧାରରେ ଭରତପୁର ଥାନାରେ ଏକ ମାମଲା (ନଂ.୧୮୩/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜବତ କଫ୍ ସିରପ ଭେଜାଲ ଓ ଜୀବନ ପ୍ରତି ବିପଦ ବୋଲି କୋର୍ଟରେ ପ୍ରମାଣିତ ହୋଇଥିଲା। ୭ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ପ୍ରକାଶ କରିଥିଲେ। ଏହି ମାମଲାରେ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରଶ୍ମୀରଞ୍ଜନ ବ୍ରହ୍ମା ମାମଲା ପରିଚାଳନା କରୁଥିଲେ।

# ଏଲ୍ଆଇସି ଏଜେଣ୍ଟଙ୍କଠାରୁ ୩ଲକ୍ଷ ଟଙ୍କା ଲୁଟ୍

ଚାନ୍ଦବାଲି,୮।୧(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ଜଣେ ଏଲ୍ଆଇସି ଏଜେଣ୍ଟ ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କଠାରୁ ୩ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଏହି ବ୍ଲକ ଅଧୀନ ଘଣ୍ଟେଶ୍ୱରଠାରେ ଥିବା ଏଲ୍ଆଇସି ପ୍ରିମିୟମ୍ ପଏଣ୍ଟରୁ ଏଜେଣ୍ଟ ସୁଶାନ୍ତ ପଣ୍ଡା ୩ ଲକ୍ଷ ଟଙ୍କା ନେଇ ଡିପୋଜିଟ୍ କରିବାକୁ ଚାନ୍ଦବାଲି ଏଲ୍ଆଇସି ଅଫିସକୁ ଯାଉଥିଲେ। ତୋଟାପଡ଼ା-ବଇଦପୋଖରୀ ରାସ୍ତାର ପଳେଇସାହି ଛକ ନିକଟରେ ପଛପଟୁ ୨ଜଣ ଯୁବକ ଏକ ନମ୍ବରବିହୀନ ବାଇକ୍‌ରେ ଆସି ତାଙ୍କୁ ଗାଡ଼ିରୁ ରାସ୍ତାକଡ଼କୁ ଠେଲିଦେଇ ଟଙ୍କା ବ୍ୟାଗ୍ ନେଇ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ସୁଶାନ୍ତଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ବାଂଶଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖାହେବା ବେଳକୁ ଏନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇ ନାହିଁ।

## Business

# ଆରମ୍ଭ ହେଲା ୪ର୍ଥ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ଭାରତର ସର୍ବବୃହତ୍ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀର ୪ର୍ଥ ସଂସ୍କରଣ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆଠାରେ ଗୁରୁବାର ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, କେସିସିର ସିଏମ୍‌ଡି ତଥା ଏହି ଏକ୍ସପୋର ଆମ୍ବାସାଡର ସୌମ୍ୟରଞ୍ଜନ ସାମଲ, ଲଘୁ ଉଦ୍ୟୋଗ ଭାରତୀର ସଭାପତି ଗୋପାଳ ଦାସ ଅଗ୍ରୱାଲ, ଫ୍ୟୁଚେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ ଏବଂ ନାଲ୍‌କୋର ପୂର୍ବତନ ସିଏମ୍‌ଡି ତଥା ଆୟୋଜକ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ ଓ ଶିଳ୍ପ ଜଗତର ନେତୃବୃନ୍ଦଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଲଘୁ ଉଦ୍ୟୋଗ ଭାରତୀ, ଓଡ଼ିଶା ଚାମ୍ବର ଅଫ୍ କମର୍ସ ଏବଂ ଇପିକଲର ସହଭାଗିତାରେ ଫ୍ୟୁଚେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଅନୁଷ୍ଠିତ ଏହି ଏକ୍ସପୋ ଭାରତ ତଥା ବିଦେଶର ଖଣି, ନିର୍ମାଣ ଏବଂ ଭିତ୍ତିଭୂମି କ୍ଷେତ୍ରର ପ୍ରମୁଖ ବିଶେଷଜ୍ଞମାନେ ଏକତ୍ରିତ ହୋଇଛନ୍ତି। ୧୧ ତାରିଖ ପର୍ଯ୍ୟନ୍ତ ଏହି ଏକ୍ସପୋ ପରିଦର୍ଶନ କରିହେବ। ଫ୍ୟୁଚେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ କହିଛନ୍ତି, ଚଳିତ ବର୍ଷ ଏହି ପ୍ରଦର୍ଶନୀରେ ରୁଷିଆ, ଜର୍ମାନୀ, କୋରିଆ, ଜାପାନ, ଚାଇନା ଏବଂ ତାଇୱାନ ଭଳି ପ୍ରମୁଖ ରାଷ୍ଟ୍ରର ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକ ଏଠାରେ ସେମାନଙ୍କର ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ସମାଧାନ ପ୍ରଦର୍ଶନ କରୁଛନ୍ତି। ଏହି ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକ ଖଣିଜ କାର୍ଯ୍ୟ ଏବଂ ଭିତ୍ତିଭୂମି ବିକାଶର ଶୈଳୀରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ସେବା ପ୍ରଦର୍ଶନ କରୁଛନ୍ତି। ଏକ୍ସପୋର ଆୟୋଜନ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ କହିଛନ୍ତି, ୪ର୍ଥ ଖଣି ଏବଂ ଭିତ୍ତିଭୂମି ଏକ୍ସପୋ ୩୦ ହଜାର ବର୍ଗ ମିଟରରୁ ଅଧିକ ପରିବ୍ୟାପ୍ତ, ଯାହା ଅଗ୍ରଣୀ ଅନ୍ତର୍ଜାତୀୟ ଖଣି ଏକ୍ସପୋର ପରିମାଣ ସହିତ ମେଳ ଖାଉଛି। ପ୍ରାୟ ୨୦ ହଜାର ପରିଦର୍ଶକଙ୍କୁ ଆକର୍ଷିତ କରିବାର ଆଶା କରାଯାଇଛି। ଏହି ଏକ୍ସପୋରେ ଖଣି ଏବଂ ଭିତ୍ତିଭୂମି କ୍ଷେତ୍ରର ବଢୁଥିବା ଚାହିଦାକୁ ପୂରଣକରି ଅତ୍ୟାଧୁନିକ ଖଣି ଯନ୍ତ୍ରପାତି ନବସୃଜନଶୀଳ ପ୍ରଯୁକ୍ତି ସମାଧାନ ଏବଂ ବିଭିନ୍ନ ପ୍ରକାର ସେବା ଏବଂ ଯୋଗାଣ ପ୍ରଦର୍ଶିତ ହୋଇଛି। ୩୦୦ରୁ ଅଧିକ କମ୍ପାନୀଙ୍କ ଅଂଶଗ୍ରହଣ କରିଛନ୍ତି। ପ୍ରମୁଖ ପ୍ରଦର୍ଶକମାନଙ୍କ ମଧ୍ୟରେ ଇକ୍ୱିପେଜ, ଓସେନ କନ୍‌ଭେୟର୍ସ, ସକ୍ଷମ କାଷ୍ଟିଂ, ତ୍ରିଶୂଳ ଟ୍ରେଡ୍, ଟାଟା ହିଟାଚି, ଏମ୍ଆର୍ କ୍ରଶର, ଜେସିବି, ପ୍ରୋପେଲ, କେସିସି, ଏଚ୍‌ପି, ବେଦାନ୍ତ, ସାଲେମିମେଶିନ, ଉତ୍କଳ ଆର୍ଗୋ ଇଣ୍ଟରନ୍ୟାଶନାଲ, ଆଇଆର୍‌ଇଏଲ ଏବଂ ଅନ୍ୟାନ୍ୟ କମ୍ପାନୀ ମଧ୍ୟ ଅଂଶଗ୍ରହଣ କରିଛନ୍ତି।




# ଗ୍ରାମୀଣ ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ମହୁଚାଷ

## ଡିସିବି ବ୍ୟାଙ୍କର ପ୍ରୋତ୍ସାହନ

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ଗ୍ରାମୀଣ ମହିଳାଙ୍କୁ ସ୍ୱାଲମ୍ବୀ କରିବାରେ ମହୁଚାଷ ସହାୟକ ହେଉଛି। ଡିସିବି ବ୍ୟାଙ୍କର କର୍ପୋରେଟ୍ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍ଆର୍) ଉଦ୍ୟମରେ କନ୍‌ସର୍ନ ଇଣ୍ଡିଆ ଫାଉଣ୍ଡେଶନ ଏବଂ ଗ୍ରାମ-ଉତ୍ଥାନ ସହଯୋଗରେ କଟକ ଜିଲାର ବାଙ୍କୀ, ଆଠଗଡ଼ ଏବଂ ଡମପଡ଼ା ବ୍ଲକ୍‌ରେ ୨୫୦ ଜଣ ଗ୍ରାମୀଣ ମହିଳା ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହି ମହିଳାମାନେ ପାରମ୍ପରିକ ଜ୍ଞାନକୁ ସଫଳ ମାଇକ୍ରୋ-ଏଣ୍ଟରପ୍ରାଇଜରେ ପରିଣତ କରିଛନ୍ତି। ୨୦୨୩ରୁ ୨୦୨୫ ମଧ୍ୟରେ ମୋଟ ୩୪୧ କିଲୋଗ୍ରାମ ମହୁ ସଂଗ୍ରହ କରିପାରିଛନ୍ତି ଯାହାର ମୂଲ୍ୟ ୨.୭୨ ଲକ୍ଷ ଟଙ୍କାରୁ ଅଧିକ ହେବ। ଡିସିବି ବ୍ୟାଙ୍କର ଅଧିକାରୀମାନେ ଗୁରୁବାର ବାଙ୍କୀ ବ୍ଲକ୍ ପରିଦର୍ଶନ କରି ଗ୍ରାମବାସୀଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଡିସିବି ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପ୍ରବୀଣ କୁଟ୍ଟିଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ସହ ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ କୁଟ୍ଟେ ୨୦୧୯ରେ ଏଠାକୁ ଆସିଥିବା କହିଥିଲେ। ସେ କହିଛନ୍ତି, ଆମେ ଲୋକମାନଙ୍କର ବିଶେଷକରି ମହିଳାମାନଙ୍କର ଆୟ ଉନ୍ନତ କରିବାକୁ ଚାହୁଁଥିଲୁ ଏବଂ ତାହା ବାସ୍ତବରେ ପରିଣତ ରୂପ ନେଇଛି। ଆମେ ଅନୁଭବ କଲୁ ଯେ ଜୀବନଧାରଣ ଉନ୍ନତ କରିବାକୁ ଏକ ଏକୀକୃତ ଏବଂ ସ୍ଥାୟୀ ଆୟର ଉତ୍ସ ରହିବା ଆବଶ୍ୟକ। ଆମେ ଏଠାରେ ମହୁଚାଷ ପ୍ରଚଳନ କରିଥିଲୁ ଯାହା ଏକ ଗେମ ଚେଞ୍ଜର ହୋଇଥିଲା। ଗ୍ରାମବାସୀ କେବଳ ଏଥିରେ ଆଗ୍ରହ ପ୍ରକାଶ କରିନାହାନ୍ତି, ବରଂ ଏହାକୁ ବ୍ୟାପକ ଭାବରେ ବଢ଼ାଇଛନ୍ତି। ଏହା ଆମକୁ ଆହୁରି ବିନିଯୋଗ କରିବାର ସୁଯୋଗ ଦେଉଛି। ଲାଭ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ମାତ୍ର ଲୋକମାନଙ୍କର ଜୀବନଧାରଣ ମାନ ଉନ୍ନତ କରିବା ହେଉଛି ବ୍ୟାଙ୍କଗୁଡ଼ିକର ଦାୟିତ୍ୱ ବୋଲି କୁଟ୍ଟେ କହିଛନ୍ତି। ଏହି ଉଦ୍ୟମର ଲାଭ ସମ୍ପର୍କରେ ବର୍ଣ୍ଣନା କରି ସେ କହିଛନ୍ତି, ଜୈବ ବିବିଧତା, ପରାଗରେଣୁ ଏବଂ ପରିବେଶ ଅନୁକୂଳ ଅଭ୍ୟାସର ବଢୁଥିବା ସଚେତନତା ସହିତ ଏହି ଉଦ୍ୟମ ସ୍ଥାନୀୟ କୃଷି ଏବଂ ପରିବେଶ ବ୍ୟବସ୍ଥାକୁ ସୁଦୃଢ଼ କରିଛି। କ୍ଷେତ୍ରଗୁଡ଼ିକ ସ୍ୱାସ୍ଥ୍ୟକର ହୋଇଛି, ଉତ୍ପାଦନ ଉନ୍ନତ ହୋଇଛି ଏବଂ ଅଞ୍ଚଳବାସୀ ଜଳବାୟୁ ଅନିଶ୍ଚିତତାରେ ଅଧିକ ସ୍ଥିର ହୋଇଛନ୍ତି। ଏହି ଉଦ୍ୟମ ୨୦୨୦-୨୧ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା। ଡିସିବି ବ୍ୟାଙ୍କ ଏବଂ କନ୍‌ସର୍ନ ଇଣ୍ଡିଆ ଫାଉଣ୍ଡେଶନ ଏକୀକୃତ ଜଳବିଭାଜକ ପରିଚାଳନା ମାଧ୍ୟମରେ ଜୀବନଧାରଣ ଉନ୍ନତି ପ୍ରକଳ୍ପ (ଏଲ୍ଆଇଇପି) ମାଧ୍ୟମରେ ଜଳ ସମ୍ପଦ ଏବଂ ମୃତ୍ତିକା ସଂରକ୍ଷଣ ଉନ୍ନତ କରିବାକୁ ଏକ ହସ୍ତକ୍ଷେପ ଆରମ୍ଭ କରିବା ଏହି ଯୋଜନାକୁ ରୂପରେଖ ଦିଆଯାଇଥିଲା। ଏହି ହସ୍ତକ୍ଷେପରେ ୬ଟି ଜଳାଶୟର ପୁନରୁଦ୍ଧାର, ୭ଟି ପୋଖରୀର ସଫେଇ, ଚେଞ୍ଜିଂ ରୁମ ଏବଂ ଏକ ନଳକୂପ ଖନନ ସହ ୩ ହଜାର ଚାରାରୋପଣ କରାଯାଇଛି। ବାଙ୍କୀ ଏବଂ ଆଠଗଡ଼ ବ୍ଲକ୍‌ରେ ନାଗରିକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଜାରି ରହିଛି।



# ରେଲ୍‌ୱାନ ଆପ୍‌ରେ ଟିକେଟ ବୁକିଂ କଲେ ୩% ରିହାତି

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ଭାରତୀୟ ରେଳ ରେଲ୍‌ୱାନ ଆପ୍ ମାଧ୍ୟମରେ ଅଣସଂରକ୍ଷିତ ଟିକେଟ ବୁକିଂ ଉପରେ ୩% ରିହାତି ଘୋଷଣା କରିଛି। ରେଲ୍‌ୱାନ ଆପ୍‌ରେ ଆର୍-ୱାଲେଟ୍ ବିକଳ୍ପ ମାଧ୍ୟମରେ ଅଣସଂରକ୍ଷିତ ଟିକେଟ ବୁକିଂ କରୁଥିବା ଯାତ୍ରୀମାନଙ୍କୁ କ୍ୟାଶ୍‌ବ୍ୟାକ୍ ଭାବରେ ୩% ବୋନସ ପ୍ରଦାନ କରାଯାଉଛି। ରେଲ୍‌ୱାନ ଆପରେ ୟୁପିଆଇ, ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ ଏବଂ ନେଟ୍ ବ୍ୟାଙ୍କିଙ୍ଗ୍ ଆଦି ଡିଜିଟାଲ ପେମେଣ୍ଟ ମାଧ୍ୟମରେ କରାଯାଇଥିବା ଅଣସଂରକ୍ଷିତ ଟିକେଟ ବୁକିଂ ଉପରେ ୩% ରିହାତି ବୃଦ୍ଧି କରାଯିବ। ୩% ରିହାତି ଯୋଜନା ଜାନୁଆରୀ ୧୪ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ବଳବତ୍ତର ରହିବ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ବାଣିଜ୍ୟିକ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଯୋଗାଯୋଗର ବିଭିନ୍ନ ମାଧ୍ୟମରେ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ସେଲ୍‌ମାଇଁମେଶିନ ପକ୍ଷରୁ ଋଣମେଳା ଉଦ୍‌ଘାଟିତ




ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ଭାରତର ସବୁଠାରୁ ଦ୍ରୁତଗତିଶୀଳ ଏବଂ ବିଶ୍ୱସନୀୟ ବ୍ୟବହୃତ ନିର୍ମାଣ ଓ ଖଣି ଉପକରଣ ପ୍ଲାଟ୍‌ଫର୍ମ ସେଲମାଇଁମେସିନ.କମ୍ ପକ୍ଷରୁ ମେଗା ଋଣ ମେଳା-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ପାହାଳରେ ଥିବା ସେଲ୍‌ମାଇଁମେଶିନ.କମ୍ ପରିସରରେ ୧୨ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ । ଏହି ମେଳାକୁ ଅଧ୍ୟକ୍ଷ ଅନିଲ ନାନୋଲିଆ ଓ ଆନିଷ ନାନୋଲିଆ ଉଦ୍‌ଘାଟନ କରିଥିଲେ ।ଚୋଲାମଣ୍ଡଲମ ଫାଇନାନ୍ସର ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟ ଅବିନାଶ ନିଗମ ଏବଂ ଅନ୍ୟ ବ୍ୟାଙ୍କର ଅଧିକାରୀମାନେ ଯୋଗଦେଇଥିଲେ। ମେଳାରେ ଗ୍ରାହକମାନେ ବ୍ୟବହୃତ ନିର୍ମାଣ ଏବଂ ଖଣି ମେଶିନଗୁଡ଼ିକ ପାଇଁ ସହଜ ଲୋନ, ତୁରନ୍ତ ଋଣ ଅନୁମୋଦନ, କମ୍ ସୁଧ ହାର ଏବଂ ସହଜ ଡକ୍ୟୁମେଣ୍ଟେଶନ ସୁବିଧା ପାଇପାରିବେ।

# ଅମିତାଭ ବଚ୍ଚନ କାମ୍ପା ସିଓରର ବ୍ରାଣ୍ଡ ଆମ୍ବାସାଡାର

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଏଫ୍ଏମ୍‌ସିଜି ଶାଖା, ରିଲାଏନ୍ସ କଞ୍ଜୁମର ପ୍ରଡକ୍ଟସ ଲିମିଟେଡ୍ (ଆର୍‌ସିପିଏଲ୍) ବରିଷ୍ଠ ଅଭିନେତା ଅମିତାଭ ବଚ୍ଚନଙ୍କୁ ଏହାର ପ୍ୟାକେଜ ପାନୀୟ ଜଳ ବ୍ରାଣ୍ଡ ‘କାମ୍ପା ସିଓର୍’ ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରିଛି। ୨୦୨୨ରେ କାମ୍ପା କୋଲା ଅଧିଗ୍ରହଣ କରିବା ଏବଂ ୨୦୨୩ରେ ଏହାକୁ ଭାରତରେ ପୁନଃ ପ୍ରବର୍ତ୍ତନ କରିବା ପରଠାରୁ ଆର୍‌ସିପିଏଲ୍ ସଫଳତାର ଯାତ୍ରା ଜାରି ରଖିଛି। ଏହାକୁ ଆଜି ଭାରତୀୟ ମୃଦୁପାନୀୟ ଶିଳ୍ପରେ ଏକ ଶକ୍ତିଶାଳୀ ଖେଳାଳି ଭାବରେ ସ୍ଥାନିତ କରିଛି। କମ୍ପାନୀ କାମ୍ପା ଏନର୍ଜି ଡ୍ରିଙ୍କ୍ସ, ରାସ୍କିକ ପାନୀୟ, ଜୁସ୍ ଏବଂ କାମ୍ପା ସିଓର ପ୍ୟାକେଜଡ୍ ପାନୀୟ ଜଳ ଉପଲବ୍ଧ କରିଛି। ଆର୍‌ସିପିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେତନ ମୋଦି କହିଛନ୍ତି, ସ୍ୱଚ୍ଛ ଏବଂ ସୁଲଭ ପାନୀୟ ଜଳର ଉପଲବ୍ଧତା ସମସ୍ତଙ୍କର ଅଧିକାର ଏବଂ କ୍ୟାମ୍ପା ସିଓର ସବୁଠାରୁ ସୁଲଭ ମୂଲ୍ୟରେ ସୁରକ୍ଷିତ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରେ। ଏନେଇ ଅମିତାଭ ବଚ୍ଚନ କହିଛନ୍ତି, ମୁଁ କ୍ୟାମ୍ପା ସିଓର ସହିତ ଯୋଡ଼ିହୋଇ ବହୁତ ଖୁସି। ପ୍ରତ୍ୟେକ ଭାରତୀୟଙ୍କୁ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧତା ପ୍ରଦାନ କରିବାରେ ସାହାଯ୍ୟ କରିବା ପାଇଁ କ୍ୟାମ୍ପା ସିଓରର ପ୍ରୟାସରେ ମୁଁ ପ୍ରଭାବିତ।



# ଅଷ୍ଟ୍ରେଲିଆ ୪-୧ରେ ଆଶେସ ଜିତିଲା


ଆଶେସ ଟ୍ରଫି ସହ ସିରିଜ୍ ବିଜୟୀ ଅଷ୍ଟ୍ରେଲିଆ ଦଳ।

**ସିଡ୍‌ନୀ,୮।୧(ଏପି)**

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସସିଜି)ରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟ କ୍ରିକେଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଗୁରୁବାର ୫ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ଘରୋଇ ଅଷ୍ଟ୍ରେଲିଆ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୪-୧ ବ୍ୟବଧାନରେ ଜିତି ନେଇଛି। ପ୍ରଥମ ଇନିଂସରେ ଇଂଲଣ୍ଡ ୩୮୪ ରନ କରିଥିଲା ବେଳେ ଅଷ୍ଟ୍ରେଲିଆ ୫୬୭ ରନ କରିଥିଲା। ୧୮୩ ରନ ପଛରେ ରହିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୪୨ ରନରେ ଅଲଆଉଟ୍ ହୋଇଥିଲା। ଫଳରେ ୧୬୦ ରନର ଟାର୍ଗେଟକୁ ଅଷ୍ଟ୍ରେଲିଆ ୫ ଉଇକେଟରେ ହାସଲ କରି ନେଇଥିଲା। ଅଷ୍ଟ୍ରେଲିଆର ଓପନର ଟ୍ରାଭିସ ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ମିଚେଲ ଷ୍ଟାର୍କଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି। ଏହି ମ୍ୟାଚ୍ ଜରିଆରେ ଅଷ୍ଟ୍ରେଲିଆର ଉସ୍ମାନ ଖ୍ୱାଜା ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କରିଛନ୍ତି।

ଇଂଲଣ୍ଡ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୦୨/୮ରୁ ବ୍ୟାଟିଂ ଆରମ୍ଭ କରି ଅନ୍ତିମ ୨ ଉଇକେଟରେ ୪୦ ରନ ଯୋଡ଼ି ପାରିଥିଲା। ପୂର୍ବ ଦିନ ଅପରାଜିତ ଥିବା ଜେକବ ବେଥେଲ ୧୫୪ ରନ କରି ଆଉଟ୍ ହୋଇଥିବା ବେଳେ ମାଥ୍ୟୁ ପଟ୍ସ ୧୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ଏବଂ ବ୍ୟୁ ୱେବଷ୍ଟର ୩ ଲେଖାଏଁ ଏବଂ ସ୍କଟ ବୋଲାଣ୍ଡ ୨ ଉଇକେଟ ନେଇଥିଲେ। ୧୬୦ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ଅଷ୍ଟ୍ରେଲିଆକୁ ଟ୍ରାଭିସ ହେଡ୍ (୨୯) ଓ ଜେକ ୱେଥରାଲ୍ଡ(୩୪)ଙ୍କ ଓପନିଂ ଯୋଡ଼ି ୬୨ ରନର ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ଦୁଇ ସେଟ୍ ବ୍ୟାଟର କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ମାର୍ନସ ଲାବୁସେନ (୩୭), ଅଧିନାୟକ ଷ୍ଟିଭ ସ୍ମିଥ (୧୨) ଓ ଖ୍ୱାଜା (୬)ଙ୍କ ଉଇକେଟ ହରାଇଥିଲା। କ୍ୟାରିୟରର ଅନ୍ତିମ ମ୍ୟାଚ୍ ଖେଳୁଥିବା ଖ୍ୱାଜା ବ୍ୟାଟିଂ କରିବାକୁ ଆସିବା ବେଳେ ତାଙ୍କୁ ଫିଲ୍ଡିଂ କରୁଥିବା ଇଂଲଣ୍ଡ ଦଳ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲା। ସେ ଆଉଟ୍ ହେବା ପରେ ଆଣ୍ଠେଇ ଫିଲ୍ଡକୁ କିସ କରି କ୍ରିକେଟକୁ ବିଦାୟ ଜଣାଇଥିଲେ। ଅନ୍ତିମ ଇନିଂସରେ ସେ ୬ ରନ କରି ପାଭିଲିଅନ ଫେରିଥିଲେ। ଏହାପରେ ଆଲେକ୍ସ କାରେ ୧୬ ଓ କାମେରନ ଗ୍ରିନ ୨୨ ରନ କରି ଦଳକୁ ଜିତାଇଥିଲେ। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ ୩ ଓ ୱିଲ ଜ୍ୟାକ୍ସ ଗୋଟିଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୪/ଅଲଆଉଟ୍
ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୬୭/ଅଲଆଉଟ୍
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୪୨/ଅଲଆଉଟ୍ (ଜେକବ ବେଥେଲ-୧୫୪, ମାଥ୍ୟୁ ପଟ୍ସ-୧୮*, ବ୍ୟୁ ୱେବଷ୍ଟର-୩/୬୪, ମିଚେଲ ଷ୍ଟାର୍କ-୩/୭୨)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୬୧/୫(ମାର୍ନସ ଲାବୁସେନ-୩୭, ଜେକ ୱେଥରାଲ୍ଡ-୩୪, ଜୋଶ ଟଙ୍ଗ-୩/୪୨)।

## ଏଚ୍‌ଆଇଏଲ୍: ଦ୍ୱିତୀୟ ସ୍ଥାନକୁ ଉଠିଲା କଳିଙ୍ଗ ଲାନ୍ସର୍ସ

**ଚେନ୍ନାଇ,୮।୧(ପିଟିଆଇ):** ରବି ଟି ଧାମିଙ୍କ ବିଳମ୍ବିତ ଗୋଲ ବଳରେ ଚଳିତ ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲରେ ଶ୍ରାଚି ବେଙ୍ଗଲ ଟାଇଗର୍ସଙ୍କୁ ପରାସ୍ତ କରିଛି। ଲଗାତର ଦ୍ୱିତୀୟ ବିଜୟ ସହ କଳିଙ୍ଗ ଲାନ୍ସର୍ସ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ମ୍ୟାଚ୍‌ର ପ୍ରଥମ ୩ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା। ଅନ୍ତିମ କ୍ୱାର୍ଟରରେ ଉଭୟ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଟାଇଗର୍ସ ଜେଗ୍ରୁ କାର କରିଥିବା ଗୋଲକୁ ଅମ୍ପାୟର ନାକଚ କରି ଦେଇଥିଲେ। ହେଲେ ଲାନ୍ସର୍ସ ଦଳକୁ ୫୨ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର(ପିସି)କୁ ହେଣ୍ଡ୍ରିକ୍ସ ଗୋଲରେ କନଭର୍ଟ କରିଥିଲେ। ଏହାର ୪ ମିନିଟ ପରେ ଏବର୍ଟ୍ସ ଗୋଞ୍ଜାଲେଜଙ୍କଠାରୁ ପାଇଥିବା ଲଙ୍ଗ ପାସକୁ ୟୁସୁଫ (୫୬ତମ) ଗୋଲରେ ପରିଣତ କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହାର ପରବର୍ତ୍ତୀ ମିନିଟ୍‌ରେ ଲାନ୍ସର୍ସ ଦଳକୁ ଆଉ ଏକ ପିସି ମିଳିଥିଲା, ଯାହାକୁ ଧାମି ଗୋଲରେ ପରିଣତ କରିଥିଲେ।

## ଆନ୍ତଃ ସ୍କୁଲ କ୍ରିକେଟ: କ୍ୱାର୍ଟରରେ ସାଇ ଇଣ୍ଟରନ୍ୟାଶନାଲ, ଭେଙ୍କଟେଶ୍ୱର

**ଭୁବନେଶ୍ୱର,୮।୧(ଅନାଦି କର)**


ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ଚଳିତ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୟୁନିଲାଇଟ୍ କପରେ ଗୁରୁବାର ଖେଳାଯାଇଥିବା ଦୁଇଟି ପ୍ରି-କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ସାଇ ଇଣ୍ଟରନ୍ୟାଶନାଲ ଓ ଚନ୍ଦ୍ରଶେଖରପୁରର ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦିନର ପ୍ରଥମ କ୍ୱାର୍ଟର ଫାଇନାଲରେ ଚନ୍ଦ୍ରଶେଖରପୁରର ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ୬ ଉଇକେଟରେ ଲୋୟଲା ଓଡ଼ିଶା ସ୍କୁଲକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଲୋୟଲା ସ୍କୁଲ ୧୮.୨ ଓଭରରେ ୧୧୫ ରନରେ ଅଲଆଉଟ୍ ହୋଇଥିଲା। ଲୋୟଲା ପାଇଁ ମୋହିତ ମେହେର ୪୦ ରନ କରିଥିବା ବେଳେ ଭେଙ୍କଟେଶ୍ୱର ସ୍କୁଲ ପାଇଁ ଅସିମ ଏ ରାଉତ ୫ ଉଇକେଟ ନେଇଥିଲେ। ଜବାବରେ ଅମ୍ବାନ ଅଭିଷେକଙ୍କ ୩୧ ଓ ସୁରଜ ଧଳଙ୍କ ୩୯ ରନ ବଳରେ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ୧୪.୨ ଓଭରରେ ୪ ଉଇକେଟ ହରାଇ ୧୨୧ ରନ କରି ନେଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ୟୁନିଟ୍-୪ସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ୧୯.୫ ଓଭରରେ ୬୭ ରନରେ ଅଲଆଉଟ୍ ହୋଇଯାଇଥିଲା। ୬୮ ରନର ଟାର୍ଗେଟକୁ ସାଇ ଇଣ୍ଟରନ୍ୟାଶନାଲ ୩.୫ ଓଭରରେ ବିନା ଉଇକେଟରେ ହାସଲ କରି ନେଇଥିଲା। ବିଜୟୀ ଦଳ ପାଇଁ ଶ୍ରେୟାଂଶ ବିଧାର ୩୬ ଓ ରୁଦ୍ର ପି ସ୍ୱାଇଁ ୧୯ ରନ କରିଥିଲେ।


**GOVT. OF ODISHA, DEPARTMENT OF AGRICULTURE AND FARMERS EMPOWERMENT**
**OFFICE OF THE PROJECT DIRECTOR, WATERSHEDS, GANJAM, BERHAMPUR**
**AT/PO-BERHAMPUR, PIN-760004, Email id: pdws.ganjam@gmail.com**
No.L-161
**QUOTATION CALL NOTICE NO.01/2025-26**

| Sl.No. | Name of Work | Tender of Shelterbelt Cashew plantation of Golabandha range for the year 2025-26 | | | |
|---|---|---|---|---|---|
| | | Name of the Plantation | Total area in Hect. | Period of Tender | Harvesting Year |
| 1 | Tender of Cashew Plantation | Kirtipur | 119.35 | 01.03.2026 to 31.05.2026 | One Year |
| | | Markandi-I | 108.400 | | |
| | | Dankalpadu | 88.59 | 01.03.2026 to 31.05.2030 | Five Year |
| | | Eksing | 107.12 | | |
| | | Ramayapatna | 34.00 | | |
| | | Markandi-II | 22.41 | | |
| 2 | Cost of Tender Paper | 200/- | | | |
| 3 | Date and Time of availability of bid documents in the portal and office of the undersigned during office hours | 15.01.2026.10.00 AM | | | |
| 4 | Date and Time for receipt of bids | 15.01.2026 to 29.01.2026 5.30 PM | | | |
| 5 | Mode of receipt of tender paper | By Speed Post only | | | |
| 6 | Date and Time of Opening of Tender | 30.01.2026 at 11.00 AM onwards for One year & 31.01.2026 at 11.00 AM onwards for Five year (In office of the undersigned) | | | |
| 7 | Earnest Money Deposit | 10% quoted price for one year tender, 5% quoted price for Five year tender (In shape of Bank Draft in favour of Project Director, Watersheds, Ganjam, Berhampur) | | | |

OIPR- Sd./-P. K. Pattanaik, Project Director, Watersheds, Ganjam, Berhampur


# ଗାୟତ୍ରୀ ସହକାରୀ କୋଚ୍

**ଭୁବନେଶ୍ୱର, ୮।୧ (ବିଜୟ ରଣା):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଓଡ଼ିଶାର ପୂର୍ବତନ ମହିଳା ଫୁଟବଲର ଗାୟତ୍ରୀ ମଲିକଙ୍କୁ ଜାତୀୟ ସିନିୟର ମହିଳା ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତି ଦେଇଛି। ଜାନୁଆରୀ ୧୦ରେ କୋଲକାତାଠାରେ ଘରୋଇ ଟ୍ରେନିଂ କ୍ୟାମ୍ପ ସହ ସେ ତାଙ୍କ କାର୍ଯ୍ୟ ଆରମ୍ଭ କରିବେ। ପରେ ଦକ୍ଷତା ବୃଦ୍ଧି ପାଇଁ ଭାରତୀୟ ଦଳର ଅନ୍ତର୍ଜାତୀୟ ଟୁର୍, ଏଏଫ୍‌ସି ମହିଳା ଏସିଆ କପ୍ ୨୦୨୬ରେ ଅଂଶଗ୍ରହଣ, ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଏବଂ ତୁର୍କୀ ଓ ଅଷ୍ଟ୍ରେଲିଆରେ ପ୍ରସ୍ତୁତି କ୍ୟାମ୍ପ ଆଦି ତାଙ୍କ କାର୍ଯ୍ୟ ପରିସରଭୁକ୍ତ ରହିବ। ତାଙ୍କର ଏହି ନିଯୁକ୍ତିକୁ ନେଇ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଆସୋସିଏଶନର ଅନ୍ୟ କର୍ମକର୍ତ୍ତାଗଣ ଗାୟତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଶୁଭକାମନା କରିଛନ୍ତି।


**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଗଜପତି**
**ବିଜ୍ଞାପନ**

No.n-228: ଏତଦ୍ୱାରା ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା ୨୦୨୪ ତାରିଖ ୩୧.୦୭.୨୦୨୫ ଅନୁସାରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟମାନଙ୍କରେ ଖାଲିଥିବା ବିଭିନ୍ନ ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥିନୀ/ପ୍ରାର୍ଥୀଙ୍କ ସବିଶେଷ ବିବରଣୀ (www.gajapati.nic.in) ରେ ପ୍ରକାଶ ପାଇଅଛି । ଏଣୁ ସମ୍ପୃକ୍ତ ପ୍ରାର୍ଥିନୀ/ପ୍ରାର୍ଥୀ ଉକ୍ତ website ରେ ପ୍ରକାଶିତ ବିଜ୍ଞାପନ ଅନୁସାରେ ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଅନୁରୋଧ କରାଗଲା । ପ୍ରାର୍ଥିନୀ/ପ୍ରାର୍ଥୀଙ୍କୁ ପୃଥକ୍ ଭାବେ ସମ୍ପୃକ୍ତ ତଥ୍ୟ ଜଣାଇବାର ଅନ୍ୟ କୌଣସି ବିକଳ୍ପ ଉପଲବ୍ଧ ନୁହେଁ ଓ ଭବିଷ୍ୟତରେ ସମ୍ପୃକ୍ତ ଚୟନ ପ୍ରକ୍ରିୟା ସମ୍ମିଳିତ ତଥ୍ୟ www.gajapati.nic.in website ମାଧ୍ୟମରେ ପ୍ରକାଶ ପାଇବ ।

ସ୍ୱା./-ଜିଲ୍ଲା ପ୍ରକଳ୍ପ ସଂଯୋଜକ
OIPR– ସମଗ୍ର ଶିକ୍ଷା, ଗଜପତି

**MUNICIPAL COUNCIL: RAIRANGPUR**
Phone No.06794-222054, E-Mail ID: rairangpurn.hud@ori.nic.in/rrpurnac@gmail.com
No.C-2021 **"e" PROCUREMENT NOTICE**
**TENDER CALL NOTICE NO:- 293/dt.24.12.2025**
**BID IDENTIFICATION NO:- T7RRP2025-26**

1. Name of the Work : Civil Works
2. Total No. works : 41 No.
3. Estimated Cost : 1.69 to 16.95 Lakhs
4. Class of Contractors : As per DTCN
5. Period of Completion : As per DTCN
6. Availability of Tender Online for bidding : 07.01.2026 at 11: AM to 19.01.2026 upto 5.00 PM
7. Tender Box Offline documents Dropping : 20.01.2026 upto 5.00 PM
8. Date & Time of opening of Tender : 21.01.2026 at 11.00 AM

Other detail can be seen from the website www.tendersorissa.gov.in Authority reserves the right to reject any of all the tenders without assigning any reason thereof.

OIPR- Sd./- Executive Officer, Rairangpur Municipality

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, GHUMSUR SOUTH DIVISION**
Bhejiput, Bhanjanagar, Ganjam, Odisha, Pin - 761126
Tele/Fax - 06821-241015, E-mail: dfo.ghumsursouth@odisha.gov.in
**SHORT TENDER NOTICE**
**No. 09/2025-26 Dated_06/01/2026**

**No.MM-477** : Divisional Forest Officer, Ghumsur South Forest Division invites sealed tenders from reputed intending Manufacturing Firms/ Dealers/ Suppliers having valid GSTIN and PAN Registration No. for Procurement of One (01) numbers Thermal UAV (DRONE) with battery combo pack (Battery kit, Speaker and RTK module). The tender papers with detailed terms and conditions will be available in the website www.ganjam.odisha.gov.in/www.odishaforest.in in the Office of Divisional Forest Officer, Ghumsur South Division on payment of Rs.1,000/- (One thousand) only Account Payee Bank Draft or cash in favour of Divisional Forest Officer, Ghumsur South Forest Division during office hours from **dated 09.01.2026 to 18.01.2026**. The Tender Papers can be submitted at the below mentioned address on or before **08.01.2026 latest by 05.00 PM** by Speed Post/ registered post/ by hand only. The tender will be opened in the office of the undersigned on **19.01.2026 at 11.30 AM**.
**Post/Courier** : Divisional Forest Officer, Office of the DFO, Ghumsur South Forest Division, At: - Bhejiput, Bhanjanagar, Dist - Ganjam, Pin-761126
**Email-id** : dfoghsouth@gmail.com

Sd./- Divisional Forest Officer
OIPR- Ghumsur South Division

**OFFICE OF THE NOTIFIED AREA COUNCIL, DHARMAGARH** No.C-2019
(Dt.)- KALAHANDI
E-mail:nacdharmagarh@gmail.com
No.45/DMH Dated. 03.01.2026
**QUOTATION CALL NOTICE**

| | | |
|---|---|---|
| Name of the Work | : | Design, Supply and Installation of three nos of fountain and one no selfie point at Smart Park under Dharmagarh NAC. |
| No. of Works | : | 01 No. |
| Tender Notice No. & Date | : | 40/DMH, Dt.03.01.2026 |
| Agency | : | As per eligibility |
| Period of Tender | : | 2 Months |
| Available of Documents | : | Dt.06.01.2026 to Dt.20.01.2026 (in Office Hours) at NAC Office Dharmagarh |
| EMD | : | Rs.5,000.00 |
| Last date of receipt of bid documents | : | Upto 01.00 PM of Dt.22.01.2026 |
| Date of Opening of Bid | : | 03.00 PM of Dt.22.01.2026 |
| Name and address of the Officer Inviting the Notice | : | Executive Officer, NAC, Dharmagarh, Kalahandi |

Sd./- Executive Officer
OIPR- NAC, Dharmagarh

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR**
Mail I.d: seccbbsr@gmail.com
**E-Procurement Tender Call Notice No.22 of 2025-26**
**No.7708 (Estg.) Bhubaneswar the 30th December-2025**

No.B-913: The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number road work to be received in online bidding, double cover system for Improvement work as detailed in:https://tendersodisha.gov.in. The details of bid documents will be available in the above website from **5.00 P.M. of 12.01.2026 to 5.00 P.M of 22.01.2026**. The bidders must possess compatible Digital Signature Certificate of Class II or III. Bids received online shall be opened at **5.30 P.M of 22.01.2026** in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal www.tendersodisha.gov.in.
Addendum / Corrigendum, if required, will be available only in the Website.

Sd./- Er.M.K.Mahananda
Chief Construction Engineer
OIPR- Central (R&B) Circle, Bhubaneswar

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
**OFFICE OF THE DIVISIONAL FOREST OFFICER CUM WILDLIFE WARDEN ROURKELA FOREST DIVISION, ROURKELA, SUNDARGARH, ODISHA**
Phone No.0661-2664637, Fax No.0661-2664638, e-mail:dfo.rourkela.od@gov.in
No.MM-481 (A) Order No.05/Dtd. 07.01.2026
**INVITATION FOR BIDS (IFB)**
**E-Procurement Bid Identification No.RKL-F.E.&C.C./2025-26 Dtd.07.01.2026**

1. Name of Work : Construction of Large Water Body at Forest Block:CHHATAM Beat: SONAKHAN Forest Range: RAJGANGPUR of Rourkela Forest Division, District Sundargarh.
2. No. of Works : 01 No.
3. No. of Covers : SINGLE cover
4. Estimated Cost : Rs.16,78,101.00
5. Period of Completion : 01 Calendar Month
6. Date & Time of availability of bid documents in portal : From 10.00 AM of date 12.01.2026 to 05.00 PM of dated 21.01.2026
7. Last date/time for receipt of bids in the portal : Upto 5.00 PM of dated 21.01.2026
8. Date of Opening of bid documents : At 11.00 AM of date 22.01.2026
9. Class of Contractor : "D" & "C" Class Contractor
10. Name and address of Officer Inviting Bid : Divisional Forest Officer Rourkela Forest Division

Further details can be seen from the e-Procurement portal www.tenderodisha.gov.in. The Addendum/ Corrigendum if any will be hosted in the website only.

Sd./- Divisional Forest Officer,
OIPR- Rourkela Forest Division

**GOVERNMENT OF ODISHA**
**COMMERCE AND TRANSPORT DEPARTMENT**
**REQUEST FOR PROPOSAL**
**(Reference No.: 335 date 7th January,2026)**
**"SELECTION OF ORSAC EMPANELLED DGPS–ETS SURVEYORS HAVING OFFICE IN CUTTACK, PURI & BHUBANESWAR FOR SITE VERIFICATION OF HEIGHT CLEARANCE CASES FOR SHRI JAGANNATH INTERNATIONAL AIRPORT (SJIA), PURI"**

**No.JJ-85** : The Commerce and Transport Department, Government of Odisha, invites e-Tender for empanelment of agencies from eligible Odisha Space Applications Centre (ORSAC) empanelled Vendors to undertake complete assignment for site verification of height clearance cases for Shri Jagannath International Airport (SJIA), Puri. A detail tender notice can be downloaded from the website of the department https://tendersodisha.gov.in/nicgep/app & https://ct.odisha.gov.in/tenders. Eligible and interested firms may download the RFP documents which contains the details of the requirement from the website of Government of Odisha and submit and their offer.

The proposals complete in all respect should reach the undersigned latest by 03.00 PM on 28.01.2026. Bids received after the above deadline shall be summarily rejected. The authority reserves the right to reject any or all the proposals without assigning any reason thereof.

Sd./- Special Secretary to Govt. & Director of Aviation.
Commerce and Transport (Transport)Department
OIPR- Government of Odisha

**MUNICIPAL OFFICE : JEYPORE**
Ph. No.06854-321098, Fax No. 06854-230104,
Email - jeyporem.hud@nic.in
Letter. No.54/JM Date : 06.01.2026
No.C-2013 **Online Tender Call Notice**

| | |
|---|---|
| TCN Documents available at | http://www.jeyporemunicipality.in http://koraput.odisha.gov.in |
| No. of works | 23 |
| Estimated cost / EMD Cost / Paper Cost | As per DTCN |
| Date & Time of Bidding | From **08.01.2026** at 11:00 Hours to **17.01.2026** Upto 16:00 Hours |
| Last date & time for receipt of bids through speed post | **20.01.2026** Upto 11:00 Hours |
| Documents shall be opened in presence of the Participate Bidders | **20.01.2026** at 11:00 Hours onwards |

Sd./- Executive Officer
OIPR- Jeypore Municipality

ପଞ୍ଚାୟତ ସମିତି କାର୍ଯ୍ୟାଳୟ ହିଞ୍ଜିଳିକାଟୁ
**OFFICE OF THE PANCHAYAT SAMITI, HINJILICUT, GANJAM**
Near College Square, Hinjilicut-761102, Phone : 06811-280032, e-Mail : ori-hingilicut@gramsat.nic.in
Letter No : 92 Date : 06.01.2026
**INVITATION FOR COMPETITIVE BIDING**
**BID IDENTIFICATION NO. : HIN-PS-01/2025-26**
NO.i-464 Tender ID :-

01. PROCUREMENT OFFICER-PUBLISHER / OFFICER INVITING THE TENDER / BIDS (OIT) : BLOCK DEVELOPMENT OFFICER, HINJILICUT
02. NAME OF THE WORKS / PACKAGES : INDIVIDUAL CIVIL CONSTRUCTION WORKS AS PUBLISHED IN THE WEBSITE
03. NOS. OF WORKS : 02 NOS
04. ESTIMATED COST (WITHOUT GST) : RS. 23,96,693.00 (EACH WORK)
05. DATE & TIME OF AVAILABILITY OF BID DOCUMENTS IN THE PORTAL : FROM 11.00 HOURS OF DTD. 12.01.2026 TO 17.00 HOURS OF DTD. 30.01.2026
06. LAST DATE/TIME FOR RECEIPT OF BIDS IN THE PORTAL (SUBMISSION OF TECHNICAL BIDS & FINANCIAL BIDS) : 17.00 HOURS OF 30.01.2026
07 DATE & TIME OF OPENING OF THE BIDS : 11.00 A.M. HOURS OF 02.02.2026 IN CHAMBER OF BLOCK DEVELOPMENT OFFICER, (IF ANY HOLIDAY, THEN THE TENDER WILL BE OPENED ON NEXT WORKING DAY)

N.B. : Further more details can be seen in the DTCN available in the e-Procurement portal i.e. https://tendersorissa.gov.in.

Sd./- Block Development Officer,
OIPR- Hinjilicut

**OFFICE OF THE PANCHAYAT SAMITI, JATNI, DIST-KHORDHA**
Tel No. : 0674-2490858, e-Mail : ori-jatni@od.gov.in
**Letter No.40 Dt.05.01.2026**
**"e" Procurement Notice**

**No.i-460** : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

1. Tender Reference No. : 28/PSJ/2025-26
2. Name of the Work : Civil Construction works as mentioned in DTCN
3. No. of works : 6 Nos.
4. Estimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date & Time of Bidding : 08.01.2026 at 11.00 A.M.
8. Last date & time for receipt of bids in the portal : 22.01.2026 at 5.00 P.M.
9. Bids received online shall be opened on : 27.01.2026 at 11.00 A.M.
10. Name and address of the Officer inviting Bid : O/o Block Development Officer, Jatni

Further amendments, corrigendum or other communication regarding this letter will be available only on https://tendersodisha.gov.in and will not be published in print media.

Sd./- Block Development
OIPR- Officer, Jatni

**ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି**
**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**
Ph.No.06815-222052, e-Mail:parala.mply@gmail.com
ପତ୍ର ସଂ.67 **ବିଜ୍ଞାପନ** ତା.06.01.26 ରିଖ

No.C-2016: ସରକାରଙ୍କ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (SUDA), ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା-୩୨୯୧/୧୦.୧୨.୨୦୨୦ ଏବଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଳସମ୍ପଦ ବିଭାଗୀୟଙ୍କ ପତ୍ର ସଂଖ୍ୟା-୮୪୪/୦୯.୧୨.୨୦୨୫, ଅନୁଯାୟୀ ପାରଳାଖେମୁଣ୍ଡି ପୌରପରିଷଦ ଅଧୀନସ୍ଥ ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ସ୍ୱୟଂ ସହାୟକ ଗୋଷ୍ଠୀର ଯେକୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ପାରଳାଖେମୁଣ୍ଡି ପୌରପରିଷଦ ଅଞ୍ଚଳରେ ଜଳ କର ଆଦାୟ ନିମନ୍ତେ ଜଳସାଥୀ ପାଇଁ ଆବେଦନ କରିପାରିବେ । ଆବେଦନ କରିବାର ତା.୦୬.୦୧.୨୦୨୬ ରିଖ ଠାରୁ ତା.୧୯.୦୧.୨୦୨୬ ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟାଳୟରେ Speed Post/ Register Post ମାଧ୍ୟମରେ ଆବେଦନ କରିପାରିବେ । ଦରଖାସ୍ତ ଖୋଲିବାର ଶେଷ ତାରିଖ (Tender Opening) ୨୦.୦୧.୨୦୨୬ ଧାର୍ଯ୍ୟ କରାଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀର ଯୋଗ୍ୟତା ଏକ ନିର୍ଦ୍ଧାରିତ ଫର୍ମରେ ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟାଳୟରେ ଉପଲବ୍ଧ ଅଛି । କୌଣସି ଦରଖାସ୍ତ ସିଧାସଳଖ ହାତରେ ଗ୍ରହଣ କରାଯିବ ନାହିଁ । ଧାର୍ଯ୍ୟ ହୋଇଥିବା ଦିବସ ଓ ସମୟ ଅତିକ୍ରମ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ନିର୍ଦ୍ଧାରିତ ଫର୍ମଟି ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟାଳୟରୁ ପ୍ରାପ୍ତ କରିପାରିବେ ।

**ଜଳସାଥୀ ଚୟନ ନିମନ୍ତେ ଯୋଗ୍ୟତା:**

| କ୍ରମିକ ନଂ. | ଯୋଗ୍ୟତା | ଆବଶ୍ୟକୀୟ ନଥିପତ୍ର |
|---|---|---|
| ୧ | ଆବେଦନକାରୀ ବୟସ ୧୮ ବର୍ଷରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ | ଆବେଦନକାରୀଙ୍କ ଆଧାର କାର୍ଡ ଓ ଭୋଟର ପରିଚୟ ପତ୍ର |
| ୨ | ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ହୋଇଥିବେ | ପ୍ରଥମ ରିଜୋଲେସନ ନକଲ ଓ ଶେଷ ରିଜୋଲେସନ ନକଲ |
| ୩ | ଆବେଦନକାରୀ ନ୍ୟୁନତମ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ | ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର |
| ୪ | ଆବେଦନକାରୀ ଦୁଇ ବର୍ଷ ଧରି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ସଦସ୍ୟା ହୋଇଥିବେ | ୨ ବର୍ଷର ରିଜୋଲେସନ |
| ୫ | ଆବେଦନକାରୀଙ୍କ ନାମରେ ବ୍ୟାଙ୍କ ଖାତା ଓ ଏ.ଟି.ଏମ୍. କାର୍ଡ ଥିବା ଆବଶ୍ୟକ | ବ୍ୟକ୍ତିଗତ ବ୍ୟାଙ୍କ ଖାତାର ନକଲ |
| ୬ | ଆବେଦନକାରୀଙ୍କ ନିଜର ସ୍ମାର୍ଟ ଫୋନ ଥିବା ଏବଂ ସଠିକ ପରିଚାଳିତ କରିବା ଆବଶ୍ୟକ | ମୋବାଇଲ ନମ୍ବର ଓ What's app ନମ୍ବର |
| ୭ | ଆବେଦନକାରୀ କୌଣସି ଅପରାଧିକ ମାମଲା ବା ରାଜନୈତିକ କାର୍ଯ୍ୟରେ ସମ୍ପୃକ୍ତ ନଥିବେ | ବ୍ୟକ୍ତିଗତ ନାମରେ ସତ୍ୟପାଠ (affidavit)ର ନକଲ |
| ୮ | ନିୟମିତ ସଞ୍ଚୟ, ଆଦାନ ପ୍ରଦାନ ଓ ଗୋଷ୍ଠୀ ପାନ୍ କାର୍ଡ ଥିବା ଆବଶ୍ୟକ | ସ୍ୱୟଂ ସହାୟକ ଗୋଷ୍ଠୀର ୨ ବର୍ଷର ପାସ୍ ବୁକ ବିବରଣୀ (Statement), ପୌରପରିଷଦର ସ୍ୱୟଂ ସହାୟକ ଗୋଷ୍ଠୀ ପଞ୍ଜୀକୃତ ନଂ ଓ ସ୍ୱୟଂ ସହାୟକ ଗୋଷ୍ଠୀର ପାନ୍ କାର୍ଡ ନକଲ |

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
OIPR- ପାରଳାଖେମୁଣ୍ଡି ପୌରପରିଷଦ

**Bhubaneswar Smart City Limited**
5th Floor, ICOMC Tower, Bhoi Nagar, Unit-IX, Bhubaneswar- 751022
E-mail Id: bbsr.bscl@gmail.com, CIN: U749900R2016PLC020016
Telephone-0674-2548428 FAX: 0674-2540811
No.C-2029 **NOTICE INVITING BID**
**Bid Identification No. 56/BSCL/2026** **Dt. 07-01-2026**

The General Manager (Administration) invites proposals from the agencies for Advertisement on LED Bill Boards Installed by Bhubaneswar Smart City Limited at Different Locations of Bhubaneswar City. The details are as follows.

| Sl. No. | Name of the Work | Concerned Nodal Officer with Head quarters | EMD/Bid Security (in Rs.) (Offline) | Cost of Bid Document (in Rs.) (Offline) | Period of Service |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | RFP for Advertisement on LED Bill Boards Installed by Bhubaneswar Smart City Limited at Different Locations of Bhubaneswar | General Manager (Admin) | Rs.2,00,000/- | Rs.11,800/- (Tender Cost : Rs.10,000/- + G.S.T Rs.1,800/-) | 2 Years |

1. The REQUEST FOR PROPOSAL document shall be available in the website https://tendersodisha.gov.in/ from 09-01-2026 (05:00P.M) to 30-01-2026 (05:00 P.M) for online bidding. The bidders have to participate in ONLINE bidding only. The web-site for "ONLINE BIDDING" is https://tendersodisha.gov.in/.
2. Pre-bid meeting will be held on 16-01-2026 (11:00 AM), Board room of Bhubaneswar Smart City Limited, 5th Floor, ICOMC Tower, Bhoi Nagar, Unit - 9, Bhubaneswar - 751022, Odisha.
3. The Bidders shall submit an amount of Rs. 10,000/- +18% GST towards cost of RFP in shape of DD (non-refundable) column no.5 drawn from any Nationalize/scheduled Bank payable at Bhubaneswar in favour of Bhubaneswar Smart City Limited.
4. After the date & time of receipt of bid is over, the original Bid security and Demand Draft towards cost of bid documents shall be submitted in the office of the undersigned on or before 17:00 hours of 31-01-2026, during office hours on working days failing which the bid will be rejected.
5. The technical bid will be opened on 02.02.2026 at 11:30 A.M in the board room of Bhubaneswar Smart City Limited, 5th Floor, ICOMC Tower, Bhoi Nagar, Unit - 9, Bhubaneswar-751022, Odisha in the presence of bidders/representative who wish to attend. If the office happens to be closed on the schedule date of opening of the tender then the bid will be open on the next working day at same time and same venue.
6. The Competent Authority reserves the right to postpone/cancel the REQUEST FOR PROPOSAL and intimation thereof will be sent by e-mail to the Bidders.
7. Further details with any addendum, corrigendum and cancellation can be seen from the website https://tendersodisha.gov.in/.

Sd./- General Manager (Admin)
OIPR: Bhubaneswar Smart City Limited

**GOVERNMENT OF ODISHA** No.O-1966
**OFFICE OF THE SUPERINTENDING ENGINEER RURAL WORKS DIVISION, BHANJANAGAR**
e-mail : eerwbnjr@gmail.com
**"e" Procurement Notice for Road Works**
**Identification No. Online Tender / 23 / RWDBNJ / 2025-2026**
**No. 19 Date : 05.01.2026**

1. Name of the work : Road Works, 2. Total Number of works : 41 (Forty One) Nos., 3. Estimated Cost : 05.08 Lakhs to 46.27 Lakhs, 4. Class of Contractor : 'D', 'C' & 'B' Class of Contractor, 5. Period of Completion : 01 & 02 (Two) Calendar Months, 6. Other details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/23/ RWDBNJ/2025-2026 | 10.01.2026 at 10.00 A.M. | 17.01.2026 upto 3.00 P.M. |

Further details can be seen from the website : www.tendersodisha.gov.in

Sd./- Executive Engineer
OIPR- R.W.Division, Bhanjanagar

**INVITATIONS FOR BIDS (IFB), GOVERNMENT OF ODISHA** E-Mail: nmmi.dho@gmail.com
**AGRICULTURE & FARMERS' EMPOWERMENT DEPARTMENT, EXECUTIVE ENGINEER (AGRIL.), DIRECTORATE OF HORTICULTURE**
No. L-159
**e-Procurement Notice**
Tender Call Notice No. 139 **Bid Identification Number - E.E.(A), DHO-01 of 2025-26** Date: 05.01.2026

| | |
|---|---|
| Name of the work: | Consruction of Infrastructure Works for year 2025-26 |
| Total No. of Projects: | 44 (Forty Four) Numbers |
| Estimated Cost of Projects: | Varies from Rs.5.01 lakh to Rs.33.59 lakh |
| Class of Contractor: | "D", "C" & "B" Class (of Odisha PWD) or relevant Class of other licensing authorities |
| Period of Completion: | As per TCN |

Other details:

| Procurement Officer | Bid Identification Number | Availability of Tender online for bidding | | Submission of Original Documents | Date & Place of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer (Agril.), Directorate of Horticulture, Bhubaneswar | E.E.(A), DHO, Bhubaneswar - 01 of 2025-26 | 12.01.2026 from 11.00 A.M. | 26.01.2026 upto 5.00 P.M. | During office hours of working days from Dt.27.01.2026 from 11.00 A.M. to 28.01.2026 upto 05.00 P.M. in the Office Chamber, Executive Engineer, Director of Horticulture, Krusi Bhawan, Bhubaneswar - 751001 (To be dropped in the sealed Box) | Dt.29.01.2026 at 11 A.M. in the Board Room - 01 of Krusi Bhawan (Ground Floor), Bhubaneswar - 751001 |

Further details can be seen from the website **www.tendersodisha.gov.in**.
OIPR: Sd./- Executive Engineer (Agril.), Directorate of Horticulture, Bhubaneswar

**ବିବାହ ଭୋଜି ଖାଇ ୩୦୦ ଝାଡ଼ାବାନ୍ତିରେ ଆକ୍ରାନ୍ତ**

ରାଜନଗର,(ଭାସ୍କର ରାଉତରାୟ): କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଡୁଲାପୁର, ପ୍ରସନ୍ନପୁର, ଖଣ୍ଡାମରା ଗାଁରେ ବିବାହ ଭୋଜି ଖାଇ ୩୦୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଖବର ପାଇ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗାଁରେ ପହଞ୍ଚି କ୍ୟାମ୍ପ କରିବା ସହ ଘରକୁ ଘର ବୁଲି ଲୋକଙ୍କୁ ଚିକିତ୍ସା କରୁଛନ୍ତି। ଏଣ୍ଡୁଲାପୁର ଗାଁର ଦୟାନିଧି ରାଉତଙ୍କ ସାନପୁଅ କାହ୍ନାଙ୍କ ବାହାଘର ଭୋଜି ଥିଲା। ଗାଁର ପ୍ରତ୍ୟେକ ପରିବାରର ଲୋକେ ଭୋଜି ଖାଇଥିଲେ। ଏଥିସହ ପାଖ ଗାଁ ପ୍ରସନ୍ନପୁର, ଖଣ୍ଡାମରା ଓ ଆଖପାଖ ଗାଁର ଲୋକେ ମଧ ଭୋଜି ଖାଇଥିଲେ। ଭୋଜି ଖାଇବା ପରେ ଲୋକମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..........................



ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# 'ସୁରକ୍ଷା କବଚ' ଭେଦକଲେ ସାଇବର ଅପରାଧୀ

**ସଫ୍ଟୱେର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ**

ଭୁବନେଶ୍ୱର,୮।୧(ରବିନାରାୟଣ ଜେନା)

ରାଜ୍ୟରେ ବଢ଼ି ଚାଲିଥିବା ସାଇବର ଅପରାଧକୁ ମୁକାବିଲା କରିବା ତଥା ଏ ଦିଗରେ ସଚେତନତା ସୃଷ୍ଟି ଲାଗି ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନ୍‌ଫର୍ମେଶନ ଟେକ୍ନୋଲଜି ବିଭାଗର 'ଓକାକ୍'ପକ୍ଷରୁ ୧ମାସ ତଳୁ ସ୍ୱତନ୍ତ୍ର ଇ-ମେଲ୍ ଏବଂ ସ୍ୱତନ୍ତ୍ର ଭିଡିଓ କନ୍‌ଫରେନ୍ସିଂ 'ଆଳାପ' ପ୍ରସ୍ତୁତ କରାଯାଇଛି। ଏହାକୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରିବାକୁ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ପତ୍ର ଲେଖି ଅନୁରୋଧ କରିଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ ବୋଲି ଲୋକସେବା ଭବନରେ ଚର୍ଚ୍ଚା ଜୋର ଧରିଛି।

ଗୁରୁବାର କଟକ ସମେତ ସମ୍ବଲପୁର ଓ ଦେବଗଡ ଜିଲା ଅଦାଲତକୁ ଦୁର୍ବୃତ୍ତଙ୍କ ପକ୍ଷରୁ ଆସିଥିବା 'ଇ-ମେଲ'ରେ ବୋମା ଆତଙ୍କକୁ ନେଇ ରାଜ୍ୟରେ ଚହଳ ସୃଷ୍ଟି ହୋଇଥିବାବେଳେ ହାଇକୋର୍ଟରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଭାଗର ଏହି ସ୍ୱତନ୍ତ୍ର 'ଇ-ମେଲ' କି ପ୍ରକାର କାର୍ଯ୍ୟ କରୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଇ-ଆଣ୍ଡ୍ ଆଇଟି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ ଡିସେମ୍ବର ୮ରେ 'ଓକାକ' ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ 'ଇ-ମେଲ୍' ଏବଂ ଆଳାପ' ଭିଡିଓ କନ୍‌ଫରେନ୍ସିଂ ସମ୍ପର୍କରେ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ଜିଲାପାଳଙ୍କୁ ଅବଗତ କରାଇଥିଲେ। ସେ ଦର୍ଶାଇଥିଲେ, ଓଡ଼ିଶା କମ୍ପ୍ୟୁଟର୍ ଆପ୍ଲିକେଶନ୍ ସେଣ୍ଟର (ଓକାକ୍) ଦ୍ୱାରା ବିକଶିତ ଏହି ସ୍ୱଦେଶୀ ଇ-ମେଲ୍ ଏବଂ ଗ୍ରୁପୱେର ସମାଧାନ ଓଡ଼ିଶା ରାଜ୍ୟ ଡାଟା ସେଣ୍ଟରରେ ପ୍ରସ୍ତୁତ ହୋଇଛି। ଏଥିରେ ସରକାରୀ କାର୍ଯ୍ୟାଳୟରେ'ଇ-ମେଲ', କ୍ୟାଲେଣ୍ଡର, ଟାସ୍କ, ନୋଟ୍ସ, ଯୋଗାଯୋଗ, ଭିଡିଓ କନ୍‌ଫରେନ୍ସିଂ (ଆଳାପ) ଏବଂ ଇ-ଡାଏରୀ ପ୍ରଭୃତି ସୁବିଧା ରହିଛି। ଏହି ପ୍ଲାଟ୍‌ଫର୍ମରେ ସବୁ ଆଧୁନିକ ବୈଶିଷ୍ଟ୍ୟ ପ୍ରଦାନ କରୁଛି। ସରକାରୀ କର୍ମଚାରୀମାନଙ୍କ ଯୋଗାଯୋଗ ଓ ସହଯୋଗ ଆବଶ୍ୟକତାକୁ ପୂରଣ କରିବାରେ ସକ୍ଷମ ହେବ। ସମସ୍ତ ବିଭାଗ, ଜିଲା ଏବଂ ବ୍ଲକମାନଙ୍କୁ ଏହା ବିନାମୂଲ୍ୟରେ ସେବା ପ୍ରଦାନ କରିବ। ଏହି ଇ-ମେଲ୍ ସାଧାରଣ ମୋବାଇଲ୍ ସହିତ ସମ୍ପୂର୍ଣ୍ଣ ସୁସଂଗଠିତ ଏବଂ ଷ୍ଟାଣ୍ଡାର୍ଡ ମେଲ୍ ଆପ୍ଲିକେଶନ୍ ମାଧ୍ୟମରେ ସ୍ମାର୍ଟଫୋନରେ କାମ କରିବ, ଯାହା ଗୁଗଲ୍ ମେଲ୍ କିମ୍ବା ଆଉଟଲୁକ୍ ଭଳି ଏଣ୍ଟରପ୍ରାଇଜ୍ ମେଲ୍ ପ୍ଲାଟଫର୍ମର ସମାନ ଅନୁଭୂତି ପ୍ରଦାନ କରିବ। ଏହାଛଡ଼ା ବିଭାଗ ଓ ଅଧିକାରୀଙ୍କୁ ଅଫିସିଆଲ୍ ଆଭାସୀ ବୈଠକ ପାଇଁ ରାଜ୍ୟର ସୁରକ୍ଷିତ ସ୍ୱଦେଶୀ ଭିଡିଓ କନ୍‌ଫରେନ୍ସିଂ ପ୍ଲାଟଫର୍ମ୍ 'ଆଳାପ'ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। 'ଆଳାପ' ଓଡ଼ିଶା ରାଜ୍ୟ ଡାଟା ସେଣ୍ଟରରେ ବିକଶିତ କରାଯାଇଛି, ଯାହା ଡାଟା ସୁରକ୍ଷାର ଉଚ୍ଚସ୍ତର ଗୁଣବତ୍ତାକୁ ସୁନିଶ୍ଚିତ କରୁଛି ଏବଂ କେବଳ ଅନୁମୋଦିତ ସରକାରୀ ଅଧିକାରୀମାନଙ୍କୁ ଏହା ଉପଲବ୍ଧ ରହିବ। ଯଦି କୌଣସି ଅଧିକାରୀ କିମ୍ବା କର୍ମଚାରୀ ଏନେଇ ସମସ୍ୟାରେ ପଡ଼ନ୍ତି, ତେବେ ବିଭାଗ ପକ୍ଷରୁ ଜାରି ସହାୟତା ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଥିଲା। ତେବେ ଏବର ବୋମା ଆତଙ୍କ ଘଟଣା ପରେ ସରକାରଙ୍କ ସଫ୍ଟୱେର କାର୍ଯ୍ୟକାରିତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ଧର୍ମୀୟ ଭାବନାରୁ ଆର୍ଥିକ ଫାଇଦା ଉଠାଇବା ଲକ୍ଷ୍ୟ: ସଞ୍ଜୟ

## ଭକ୍ତ ନିବାସ ପାର୍କିଂ ଫି ୫୦୦ ଟଙ୍କା ନିଷ୍ପତ୍ତିକୁ ବିରୋଧ

ଭୁବନେଶ୍ୱର, ୮।୧ (ସୁନିତ୍ ମିଶ୍ର)



ସଞ୍ଜୟ କୁମାର ଦାସବର୍ମା

ଓଡ଼ିଆଙ୍କ ଆରାଧ୍ୟ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଲୁଟିବା ସହ ପବିତ୍ର ପୁରୀ ଓ ସମଗ୍ର ଓଡ଼ିଶାର ଭାବମୂର୍ତ୍ତି ମଳିନ ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ବିଜେଡି ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଦୃଢ଼ ବିରୋଧ କରିଛନ୍ତି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି, ପୁରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଭକ୍ତ ନିବାସରେ ପାର୍କିଂ ପାଇଁ ୧୮% ଜିଏସ୍‌ଟି ସହ ୫୦୦ ଟଙ୍କା ଆଦାୟ କରିବା ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମତଃ ଭକ୍ତ ନିବାସଗୁଡ଼ିକରେ ରହିବା ପୂର୍ବ ଅପେକ୍ଷା ମହଙ୍ଗା ହୋଇଛି। କଟା ଘା'ରେ ଚୂନ ସଦୃଶ ଭକ୍ତ ନିବାସ ରହିବା ଦେୟ ମହଙ୍ଗା ପରେ ପୁଣି ପ୍ରଶାସନ ପକ୍ଷରୁ ସେଠାରେ ଗାଡ଼ି ପାର୍କିଂ ଶୁଳ୍କରେ ବଡ଼ ଧରଣର ବୃଦ୍ଧି କରାଯାଇଛି। ସିଧାସଳଖ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଧର୍ମୀୟ ଭାବନାରୁ ପ୍ରଶାସନ ଆର୍ଥିକ ଫାଇଦା ନେବାକୁ ଚାହୁଁଛି। ନୂତନ ନିୟମ ଅନୁଯାୟୀ, ଗତ ୭ରୁ ପୁରୀର ସମସ୍ତ ୪ଟି ଭକ୍ତ ନିବାସରେ ପ୍ରଥମ ଥର ପାଇଁ ଅତି ଉଚ୍ଚ ଦରରେ ପାର୍କିଂ ଫି ଆଦାୟ କରାଯିବା ନିଷ୍ପତ୍ତି ହୋଇଛି। ଯେଉଁ ଶ୍ରଦ୍ଧାଳୁମାନେ ଭକ୍ତ ନିବାସରେ ରହିବେ, ସେମାନଙ୍କୁ ନିଜର ୪ ଚକିଆ ଯାନ ପାଇଁ ୨୪ ଘଣ୍ଟାକୁ ୫୦୦ ଟଙ୍କା ପାର୍କିଂ ଶୁଳ୍କ ଦେବାକୁ ପଡ଼ିବ। ଏହି ୫୦୦ ଟଙ୍କା ମଧ୍ୟରେ ୧୮% ଜିଏସ୍‌ଟିକୁ ଅନ୍ତର୍ଭୁକ୍ତ କରାଯାଇଛି। ପୁରୀରେ ଥିବା ନୀଳାଚଳ ଭକ୍ତ ନିବାସ, ନୀଳାଦ୍ରି ଭକ୍ତ ନିବାସ ସମେତ ଅନ୍ୟ ସମସ୍ତ ସରକାରୀ ଭକ୍ତ ନିବାସରେ ରହୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଏହି ନିୟମ ପରିସରଭୁକ୍ତ ହେବେ। ଜଗନ୍ନାଥ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ, ଏପରି ନିଷ୍ପତ୍ତି ପର୍ଯ୍ୟଟକ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପୁରୀ ଆଗମନକୁ ପ୍ରଭାବିତ କରିବ। ଏହା ବହୁ କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ଦେଇଛି। ତେଣୁ ପ୍ରଶାସନ ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ରାଜ୍ୟବ୍ୟାପୀ ଆନ୍ଦୋଳନ: ଛାତ୍ର, ଯୁବ ବିଜେଡି

ଭୁବନେଶ୍ୱର,୮।୧(ସୁନିତ୍ ମିଶ୍ର)



ପରିବହନ ବିଭାଗ ପକ୍ଷରୁ କରାଯାଉଥିବା ଚାଲାଣକୁ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ସଭା।

ରାଜ୍ୟରେ ଯାନବାହନର ପଲ୍ୟୁଶନ ସାର୍ଟିଫିକେଟ ପାଇଁ ସରକାରଙ୍କ ଅନ୍ଧନୀତି ଯୋଗୁ ରାଜ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି, ଯାହାକୁ ନେଇ ସମଗ୍ର ରାଜ୍ୟବାସୀ ଦହଗଞ୍ଜର ଶିକାର ହେଉଛନ୍ତି। ଏହି ନୀତ ତୁରନ୍ତ ପ୍ରତ୍ୟାହାରକରିବା ଦାବିରେ ଗୁରୁବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ଭୁବନେଶ୍ୱରର ଆର୍‌ଟିଓ-୧ ଅଫିସ୍ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ସଭା କରିଛି। ରାଜ୍ୟ ସରକାରଙ୍କ ଏହି ବିବାଦୀୟ ନିଷ୍ପତ୍ତିକୁ ବିଶେଷକରି ପଲ୍ୟୁଶନ ସାର୍ଟିଫିକେଟ ନାହିଁ ତ ତେଲ ନାହିଁ ଓ ପୁରୁଣା ଫାଇନ ପୈଠ ନ ହେବା ପର୍ଯ୍ୟନ୍ତ ପଲ୍ୟୁଶନ ସାର୍ଟିଫିକେଟ ପ୍ରଦାନ କରାଯିବନାହିଁକୁ ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଘୋଷଣା କରିଛି।

ଏହି ଅବସରରେ ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାଜ୍ୟ ଭାଜପା ସରକାରଙ୍କ ଏହି ଅନ୍ଧନୀତିର ତୀବ୍ର ସମାଲୋଚନା କରାଯିବା ସହ ସରକାରଙ୍କ ବିଫଳତାର ଲମ୍ବା ତାଲିକା ପ୍ରଦାନ କରାଯାଇଛି। ଯୁବ ସଭାପତି ଚିନ୍ମୟ ସାହୁ କହିଛନ୍ତି, ରାଜ୍ୟ ସରକାର ଲୋକଙ୍କୁ ଧାଡ଼ିରେ ଛିଡ଼ାକରି ହନ୍ତସନ୍ତ କରିବାରେ ଆନନ୍ଦ ପାଉଛନ୍ତି। ସୁଭଦ୍ରା ଯୋଜନା ଦେବାବେଳେ ଏଥିରେ ସାମିଲକରିବା ପାଇଁ ମହିଳାମାନଙ୍କୁ ଧାଡ଼ିରେ ଛିଡ଼ାକଲେ। ଲୋକେ ରାଶନ ସାମଗ୍ରୀ ପାଇବା ପାଇଁ ଲାଇନରେ ଛିଡା ହେଉଛନ୍ତି। ଚାଷୀ ମଣ୍ଡିରେ ଧାନଦେବା ପାଇଁ ରାଜରାସ୍ତାରେ ଛିଡ଼ାହୋଇଛନ୍ତି। ଏବେ ପଲ୍ୟୁଶନ ସାର୍ଟିଫିକେଟ ପାଇଁ ରାଜରାସ୍ତାରେ ଛିଡ଼ାହେବାକୁ ପଡୁଛି। ସରକାରଙ୍କ ତୋଗଲକୀ ନିଷ୍ପତ୍ତି ଯୋଗୁ ରାଜ୍ୟବାସୀ ଅତିଷ୍ଠ ହୋଇପଡିଲେଣି ବୋଲି ସେ କହିଛନ୍ତି। ଇପ୍ସିତା କହିଛନ୍ତି, ସୁଶାସନର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଭାଜପା ସରକାର ରାଜ୍ୟବାସୀଙ୍କୁ ଶୋଷଣ କରିବାରେ ଲାଗିଛି। ପଲ୍ୟୁଶନ ସାର୍ଟିଫିକେଟ ନାମରେ ସରକାର ନୂଆ ଶୋଷଣ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।

# ଚଳିତବର୍ଷ ତାଳଚେର ମେଡିକାଲ କଲେଜରେ ସୁପରସ୍ପେଶିଆଲିଟି ସେବା

ଅନୁଗୋଳ,୮।୧ (ଦିବ୍ୟଶାନ୍ତନୁ ନାଥ)

ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ଚଳିତବର୍ଷରୁ ସୁପରସ୍ପେଶିଆଲିଟି ସେବା ରୋଗୀଙ୍କୁ ମିଳିବ ବୋଲି ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଗୁରୁବାର ସୂଚନା ଦେଇଛନ୍ତି। ଗତ ସେପ୍ଟେମ୍ବର ୨ରେ ଜାତୀୟ ଭେଷଜ କମିଶନ ଏହି ମେଡିକାଲ କଲେଜକୁ ଅନୁମତି ଦେବା ପରେ ୧୦୦ ସିଟ୍‌ରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଚାଲିଛି। ହେଲେ ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହାର ପ୍ରାକ୍ଟିକାଲ ଶିକ୍ଷା ଜାରି ରହିଛି। ତାଳଚେରଠାରେ ଏହାର ଏକାଡେମିକ ବ୍ଲକ୍ ରହିଥିବା ବେଳେ ବର୍ତ୍ତମାନ ମେଡିକାଲ କଲେଜର ବିଦ୍ୟାର୍ଥୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିୟମିତ ପ୍ରାକ୍ଟିକାଲ ଶିକ୍ଷା ପାଇଁ ଆସୁଛନ୍ତି। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁପରସ୍ପେଶିଆଲିଟି ସେବାଗୁଡ଼ିକ ଉପଲବ୍ଧ ରହିଛି।

# ଦୃଢ଼ ସମ୍ପର୍କକୁ ଗୁରୁତ୍ୱ

**ଆଜି ପ୍ରବାସୀ ଭାରତୀୟ ଦିବସ**

ଭାରତ କେବଳ ନିଜର ଭୌଗୋଳିକ ପରିଧି ମଧ୍ୟରେ ସୀମିତ ରହିନାହିଁ। ପୃଥିବୀର ପ୍ରାୟ ଦେଶରେ ମୂଳ ଭାରତୀୟ ଲୋକେ ବସତି ସ୍ଥାପନ କରୁଛନ୍ତି। ଏମାନଙ୍କୁ ପ୍ରବାସୀ ଭାରତୀୟ ଭାବେ ବିବେଚନା କରାଯାଉଛି। ଏହି ପ୍ରବାସୀ ଭାରତୀୟମାନଙ୍କ ଅବଦାନକୁ ଚିହ୍ନିବା ଏବଂ ଭାରତର ସଂଯୋଗୀକରଣକୁ ଅଧିକ ମଜଭୁତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି। ଏହି ଦିବସ ଭାରତ ସରକାରଙ୍କ ଦ୍ୱାରା ଆୟୋଜନ କରାଯାଉଛି। ଭାରତ ଏବଂ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ, ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କ ବୃଦ୍ଧି କରିବା ପ୍ରବାସୀ ଦିବସ ପାଳନର ଅନ୍ୟ ଏକ ଉଦ୍ଦେଶ୍ୟ। ଦକ୍ଷିଣ ଆଫ୍ରିକାରେ ୨୧ବର୍ଷ ଅତିବାହିତ କରିବା ପରେ ମହାତ୍ମା ଗାନ୍ଧୀ ୧୯୧୫ ଜାନୁଆରୀ ୯ରେ ଭାରତକୁ ଫେରିଥିଲେ। ତେଣୁ ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ୨୦୦୩ ଜାନୁଆରୀ ୯ରେ ପ୍ରଥମ କରି ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥିଲା। ଏହି ଦିବସ ଭାରତର ବିଶ୍ୱସ୍ତରୀୟ ଛବିକୁ ଆହୁରି ସୁଦୃଢ଼ କରିବା କ୍ଷେତ୍ରରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସୂଚନାଯୋଗ୍ୟ ବୈଦେଶିକ ବିଭାଗ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ଦିବସ ୨୦୨୫ରେ ଭୁବନେଶ୍ୱରଠାରେ ପାଳିତ ହୋଇଥିଲା।



# ଧର୍ମାନ୍ତର ବିବାଦକୁ ନେଇ ହୋଇପାରୁନି ଶବ ସତ୍କାର

ଜଳେଶ୍ୱର, ୮।୧(ନବୀନ ସାହୁ)



ଗ୍ରାମବାସୀଙ୍କ ବିରୋଧ।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା କାଳିକ ପଞ୍ଚାୟତ ୪ନମ୍ବର ୱାର୍ଡ ରଙ୍ଗମାଟିଆ ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଦୁଇ ପୁଅଙ୍କ ମଧ୍ୟରେ ଧର୍ମାନ୍ତର ବିବାଦକୁ ନେଇ ବୃଦ୍ଧ ବାପାଙ୍କ ଶବ ସତ୍କାର ହୋଇପାରୁନି। ବଡ଼ପୁଅ ହିନ୍ଦୁ ରୀତିନୀତି ଅନୁସାରେ ବାପାଙ୍କ ଶବ ସତ୍କାର କରିବେ ବୋଲି କହୁଥିବା ବେଳେ ସାନପୁଅ ଖ୍ରୀଷ୍ଟଧର୍ମ ଅନୁଯାୟୀ ଅନ୍ତେଷ୍ଟିକ୍ରିୟା କରିବେ ବୋଲି ଜିଦ୍ ଧରିଛନ୍ତି। ଏହାକୁ ନେଇ ବିବାଦ ଦେଖାଦେଇଛି।

ଛୁଟା ହାଁସଦା(୯୫)ଙ୍କ ବାର୍ଦ୍ଧକ୍ୟଜନିତ କାରଣରୁ ବୁଧବାର ରାତିରେ ମୃତ୍ୟୁ ହୋଇଥିଲା। ମାତ୍ର ସାନ ପୁଅ ଭୀମ ହାଁସଦାଙ୍କ ପରିବାର ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଛନ୍ତି। ସେ ନିଜ ବାପାଙ୍କୁ ବାଡ଼ିରେ କବର ଦେବା ଓ ଖ୍ରୀଷ୍ଟଧର୍ମ ଅନୁଯାୟୀ ଅନ୍ତେଷ୍ଟିକ୍ରିୟା କରିବେ ବୋଲି ଜିଦ୍ ଧରିଛନ୍ତି। ବଡ଼ପୁଅ ଭରତ ଘଟଣା ସମ୍ପର୍କରେ ଗ୍ରାମରେ ଜଣାଇଥିଲେ। ଗ୍ରାମସଭା ସଭାପତି ମାସାଂଗ ହାଁସଦା, ସାମରାୟ ହାଁସଦା, ମୋହନ ମାରାଣ୍ଡି, ବିରାମ ସୋରେନ, ରଳିଆ ମୁର୍ମୁ ନାଇକେ ବାବା, ମଙ୍ଗଲ ମାଝୀଙ୍କ ସହ ବହୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏ ନେଇ ଭୀମ ରାଇବଣିଆ ଥାନାର ଦ୍ୱାରସ୍ଥ ମଧ ହୋଇଥିଲେ। ଥାନାରୁ ଫେରି ନିଜ ବାଡ଼ିରେ କବର ଦେବାର ପ୍ରଶାସନଠୁ ଅନୁମତି ପାଇଁ ଘରବାଡ଼ି ପ୍ରମାଣପତ୍ର ନକଲ ରାଜସ୍ୱ ଅଧିକାରୀ ଓଲମରାକୁ ମଧ ପଠାଇଥିଲେ। ମାତ୍ର ଖବର ଲେଖା ଶେଷ ହେବା ପର୍ଯ୍ୟନ୍ତ ସୁଦ୍ଧା ଶବ ସତ୍କାର ହୋଇପାରି ନ ଥିବାବେଳେ ପ୍ରଶାସନ ମଧ ପହଞ୍ଚି ନ ଥିବାର ଜଣାପଡ଼ିଛି।

# କେନ୍ଦ୍ର ସରକାରଙ୍କ ହାତୀ ଷ୍ଟିଅରିଂ କମିଟିରେ ସୁଶାନ୍ତ ନନ୍ଦ ସଦସ୍ୟ

ଭୁବନେଶ୍ୱର,୮।୧ (ରବିନାରାୟଣ ଜେନା)



ଜଙ୍ଗଲ,ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ପକ୍ଷରୁ ହାତୀମାନଙ୍କ ସୁରକ୍ଷା ଲାଗି ଗଠନ ହୋଇଥିବା ଷ୍ଟିଅରିଂ କମିଟିରେ ଓଡ଼ିଶାର ପୂର୍ବତନ ପିସିସିଏଫ୍ ତଥା ବରିଷ୍ଠ ଆଇଏଫ୍‌ଏସ୍ ସୁଶାନ୍ତ ନନ୍ଦ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଏସଂକ୍ରାନ୍ତରେ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ଏହି ହାତୀ ପ୍ରକଳ୍ପ ଷ୍ଟିଅରିଂ କମିଟିରେ କେନ୍ଦ୍ର ଜଙ୍ଗଲ, ପରିବେଶ ମନ୍ତ୍ରୀ ଅଧକ୍ଷ ରହିଥିବାବେଳେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଉପାଧ୍ୟକ୍ଷ ଏବଂ ଏହି ପ୍ରକଳ୍ପକମିଟିର ନିର୍ଦ୍ଦେଶକ ସଦସ୍ୟ ସଚିବ ରହିଛନ୍ତି। ଏହାସହିତ କମିଟିରେ ୧୩ଜଣ ସଦସ୍ୟ ରହିଥିବାବେଳେ ଓଡ଼ିଶାରୁ ସୁଶାନ୍ତ ନନ୍ଦ ରହିଛନ୍ତି। ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁଯାୟୀ, ଏହି ପ୍ରୋଜେକ୍ଟ ଏଲିଫ୍ୟାଣ୍ଟରେ ନିୟୋଜିତ ସଦସ୍ୟମାନଙ୍କ ଅବଧି ୩ବର୍ଷ ରହିବ। ସମୟକ୍ରମେ ଉକ୍ତ କମିଟି ହାତୀଙ୍କ ସୁରକ୍ଷା ଦିଗରେ ସ୍ୱତନ୍ତ୍ର ଗାଇଡାନ୍ସ ଦେଇପାରିବେ। ସୂଚନାଯୋଗ୍ୟ ଯେ, ସୁଶାନ୍ତ ନନ୍ଦ ରାଜ୍ୟ ସରକାରରେ ପୂର୍ବରୁ ପିସିସିଏଫ୍(ନୋଡାଲ) ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହାସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ହାତୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମରେ ପରାମର୍ଶଦାତା ଭାବେ କାର୍ଯ୍ୟ କରି ତୁଲାଇଛନ୍ତି।

# ସଡ଼କ ସୁରକ୍ଷା, ପରିବହନ ସଂସ୍କାର କ୍ଷେତ୍ରରେ ଓଡ଼ିଶା ଦେଶରେ ଅଗ୍ରଣୀ

ଭୁବନେଶ୍ୱର, ୮।୧(ସୁନିତ୍ ମିଶ୍ର)

ନୂଆଦିଲ୍ଲୀସ୍ଥିତ ଭାରତମଣ୍ଡପମ୍ ଠାରେ ବୁଧବାରଠାରୁ ୨ଦିନ ଧରି ଅନୁଷ୍ଠିତ ପରିବହନ ବିକାଶ ପରିଷଦ (ଟିଡିସି) ବୈଠକରେ ଓଡ଼ିଶା ସରକାର ନିଜର ପ୍ରଭାବଶାଳୀ ଉପସ୍ଥିତି ଜାହିର କରିଛନ୍ତି। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ବୈଠକରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡକରୀ ଅଧକ୍ଷତା କରିଛନ୍ତି। ଏଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପରିବହନ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବୈଠକରେ ଓଡ଼ିଶାର ସାମଗ୍ରିକ ପରିବହନ ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ଚିତ୍ର ଉପସ୍ଥାପନ କରିଛନ୍ତି। ସଡ଼କ ସୁରକ୍ଷା, ଡିଜିଟାଲ ପରିବହନ ଶାସନ, ଚାଳକ ପ୍ରଶିକ୍ଷଣ ଏବଂ ପ୍ରଯୁକ୍ତିଭିତ୍ତିକ ପ୍ରବର୍ତ୍ତନ କ୍ଷେତ୍ରରେ ରାଜ୍ୟର ଅଗ୍ରଣୀ ପଦକ୍ଷେପ ଉପରେ ସେ ଆଲୋକପାତ କରିଛନ୍ତି। ଓଡ଼ିଶା ପ୍ରତିନିଧି ଦଳର ସଦସ୍ୟ ଭାବେ ପରିବହନ କମିଶନର ଅମିତାଭ ଠାକୁର ମଧ ଉପସ୍ଥିତ ଥିଲେ। ଓଡ଼ିଶାର ସଂସ୍କାରମୁଖୀ ଆଭିମୁଖ୍ୟ ଏବଂ ସର୍ବୋତ୍ତମ କାର୍ଯ୍ୟଶୈଳୀ ଜାତୀୟ ସ୍ତରରେ ବ୍ୟାପକ ପ୍ରଶଂସା ସାଉଁଟିଛି। ପୋଲିସ, ସ୍ୱାସ୍ଥ୍ୟ ଏବଂ ପରିବହନ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଇ-ଡିଏଆର୍ ଏବଂ ସିସିଟିଏନ୍‌ଏସ୍‌ର ଦ୍ୱିମୁଖୀ ଏକୀକରଣ ହାସଲ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହୋଇଛି। ଏନ୍‌ଆଇସି, ଆଇଆଇଟି ମାଡ୍ରାସ ଏବଂ ମନ୍ତ୍ରଣାଳୟର ମିଳିତ ସହଯୋଗରେ ହାସଲ ହୋଇଥିବା ଏହି ସଫଳତାକୁ ଉଚ୍ଚ ପ୍ରଶଂସା କରାଯାଇଛି।


# Classified Everyday
**0674-2580101, 9692975378**




**REAL ESTATE**

**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500Sqft. ପ୍ଲଟ୍ 6,75,000/ରେ ବିକ୍ରି ହେବ। 9776974912. D-3065

ଭୁବନେଶ୍ୱର ତହସିଲ, ମେଣ୍ଢାଶାଳ ମୌଜାରେ ଏ୨.୦୦୦ ଜମି ବିକ୍ରିହେବ। ଯୋଗାଯୋଗ ନଂ.- 7855868176. D-60988

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

All types of physiotherapy and massage. Contact: 9556924059/ 7656969134. D-3013

Newly open health benefits, joint pain relax good environment atmosphere. 7653969971. D-3035

**AFFIDAVIT**

By virtue of an affidavit dtd.- 08.01. 2026 sworn before Executive Magistrate, Bonth, Bhadrak, I, Saroj Kumar Sahoo, S/o.- Surendra Kumar Sahoo, Vill.- Purusandha, P.O.- B T Pur, P.S.- Agarapada, Dist.- Bhadrak, Odisha, PIN- 756115 declare that I have changed my name from Prafulla Sahoo to Saroj Kumar Sahoo. Henceforth, I shall be known as Saroj Kumar Sahoo for all purposes. D-3061

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Notary, Jharsuguda, Dtd.- 28.12.25, I, Purnima Bhoi, W/o.- Abhin Bhoi, R/o.- Remja, Power House Pada, P.O./ P.S.- Brajrajnagar, Dist.- Jharsuguda (Odisha), PIN- 768216 declare that I have changed my name from Phenda Bhoi to Purnima Bhoi. Henceforth, I shall be known as Purnima Bhoi for all purposes.

Purnima Bhoi. D-3062

By virtue of affidavit No. 20 sworn before the Executive Magistrate, Nabarangpur, Dtd.- 05.01.2026, I, Madanabati Chandal, D/o.- Braja Chandal, Vill.- Mundaguda, P.O.- Bhatigaon, Via- Mirganiguda, Dist.- Nabarangpur, Odisha, PIN- 764058 declare that I have changed my name from "Madana Chandal" to "Madanabati Chandal". Henceforth, I shall be known as "Madanabati Chandal" for all purposes. D-3064

**LEGAL NOTICE**

**BEFORE THE HON'BLE JUDGE, FAMILY COURT, BHUBANESWAR.**
**C.P. No.- 867/ 2023**

**Amber Alam ...........Petitioner**
**-Vrs.-**
**Aisurya Sanghamitra Das ...........Respondent**

**NOTICE UNDER ORDER- 5 RULE- 20 OF C.P.C.**

**To**
**Aisurya Sanghamitra Das, aged about 41 years, W/o. Amber Alam, D/o. Sunuil Kumar Das, resident of At/ P.O.- Chakada, Via- Derabis, P.O. & P.S.- Kendrapara. At present residing at Qrs. No.- E/201, Block No.- 34, P.O/P.S.- Nayapalli, Bhubaneswar, Dist.- Khurda.**

**Whereas the above named Petitioner has preferred the proceeding for Divorce U/s. 27(1) (d) of the Special Marriage Act, 1954 against you and despite issuance of summons through the Court and by Regd. Post, you are keeping yourself out of the way to avoid service of summons.**

**You are hereby directed to appear before this Court in person or through a pleader duly instructed to answer the claim on 12.02.26 at 10.30 A.M.**

**Take notice that in default of your appearance the proceeding will be heard and determined in your absence.**

**Given under my hand and the seal of the Court this 16th day of December, 2025.**

**Sd./- Judge, Family Court Bhubaneswar** D-3066

# ନମ୍ବର ୱାନ୍-ଟୁ ଲଢ଼େଇ

**ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୩ ଏକଦିବସୀୟ ଓ ୫ ମ୍ୟାଚବିଶିଷ୍ଟ ଟି୨୦ ସିରିଜ ଅନୁଷ୍ଠିତ ହେବ। ଆସନ୍ତା ୧୧ରେ ଭଦୋଦରାରେ ପ୍ରଥମ ଦିନିକିଆରୁ ଏହି ସିରିଜ ଆରମ୍ଭ ହେବ। ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍‌ରେ ଏବେ ଭାରତ ୧ ଓ ନ୍ୟୁଜିଲାଣ୍ଡ ୨ ନମ୍ବର ସ୍ଥାନରେ ରହିଛି। ଦୁଇ ଦଳ ସମକକ୍ଷ ହୋଇଥିବାରୁ ଲଢ଼େଇ ବେଶ୍ ସଂଘର୍ଷପୂର୍ଣ୍ଣ ହେବ...**



ନିର୍ମଳ କୁମାର ମିଶ୍ର

ଟି୨୦ ବିଶ୍ୱକପ ପୂର୍ବରୁ ଭାରତ ଗସ୍ତରେ ଆସୁଛି ନ୍ୟୁଜିଲାଣ୍ଡ ଦଳ। ଏହି ସିରିଜରେ ଭାରତ ଘରୋଇ ମାଟିରେ ୩ଟି ଏକଦିବସୀୟ ଓ ୫ଟି ଟି୨୦ ମ୍ୟାଚ ଖେଳିବ। ଏକଦିବସୀୟ ସିରିଜରୁ ଅଭିଯାନ ଆରମ୍ଭ ହେବ। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ନମ୍ବର 'ୱାନ' ଓ 'ଟୁ' ଦଳ ମଧ୍ୟରେ ମୁକାବିଲା ହେବ। ପ୍ରଦର୍ଶନ ଦୃଷ୍ଟିରୁ ଆଇସିସି ଏକଦିବସୀୟ ର୍ୟାଙ୍କିଙ୍ଗରେ ଭାରତ ୧ ଓ ନ୍ୟୁଜିଲାଣ୍ଡ ୨ ନମ୍ବର ସ୍ଥାନରେ ରହିଛି। ୨୦୨୬ର ଏହି ଗୁରୁତ୍ୱପୂର୍ଣ୍ଣ ସିରିଜରୁ ଅଭିଯାନ ଆରମ୍ଭ କରିବ ଟିମ୍ ଇଣ୍ଡିଆ। ହ୍ୱାଇଟ ବଲ୍ ଫର୍ମାଟ୍‌ରେ ଭାରତୀୟ ଦଳ ଓ ଖେଳାଳିମାନେ ଜବରଦସ୍ତ ଫର୍ମରେ ଅଛନ୍ତି। ନ୍ୟୁଜିଲାଣ୍ଡ ମଧ୍ୟ ଏକ ଶକ୍ତିଶାଳୀ ଦଳ। ଭାରତ ମାଟିରେ ନ୍ୟୁଜିଲାଣ୍ଡ ଦଳ କେବେ ହେଲେ ଏକଦିବସୀୟ ସିରିଜ ଜିତି ନାହିଁ। ଗତ ବର୍ଷ ଟେଷ୍ଟ ସିରିଜରେ ଭାରତକୁ ହ୍ୱାଇଟ ୱାଶ କରିବା ପରେ ନ୍ୟୁଜିଲାଣ୍ଡ ଦଳର ମନୋବଳ ଦୃଢ଼ ରହିଛି। ଅନ୍ୟ ପକ୍ଷରେ ଭାରତୀୟ ଦଳ ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି। ଟି୨୦ ସିରିଜ ଓ ବିଶ୍ୱକପକୁ ଆଖି ଆଗରେ ରଖି ଦଳରେ କିଛି ପରିବର୍ତ୍ତନ କରାଯାଇଛି। ଆଗକୁ ଟି୨୦ ବିଶ୍ୱକପ ଏବଂ ଆଇପିଏଲ୍‌ର ୧୯ଶ ସଂସ୍କରଣ ଆସୁଥିବାରୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଖେଳାଳିଙ୍କ ଆହତ ସମସ୍ୟା ଉପରେ ବିସିସିଆଇ ଏବଂ ଚୟନ କମିଟି ବିଶେଷ ଧ୍ୟାନ ଦେବ।

ଟି୨୦ ବିଶ୍ୱକପକୁ ଏକ ମାସରୁ କମ୍ ସମୟ ଥିବା ବେଳେ ଏହି ଗସ୍ତ ଉଭୟ ବ୍ଲାକ୍‌କ୍ୟାପ ଏବଂ ଟିମ୍ ଇଣ୍ଡିଆ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ହ୍ୱାଇଟ ବଲ ଫର୍ମାଟ୍‌ରେ ଦକ୍ଷିଣ ଆଫ୍ରିକାକୁ ଉଭୟ ଏକଦିବସୀୟ ଏବଂ ଟି୨୦ ଫର୍ମାଟ୍‌ରେ ଭାରତ ପରାସ୍ତ କରିଛି। ପ୍ରାୟ ଏକ ମାସର ବିଶ୍ରାମ ପରେ ନୂଆ ବର୍ଷ ୨୦୨୬ରେ ଏହି ପ୍ରଥମ ସିରିଜ ଭାରତ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଭାରତ ଘରୋଇ ମାଟିରେ ୩ଟି ଏକଦିବସୀୟ ଓ ୫ଟି ଟି୨୦ ମ୍ୟାଚ ଖେଳିବ। ଉଭୟ ହ୍ୱାଇଟ ବଲ୍ ଫର୍ମାଟ୍‌ରେ ଭାରତ ଘରୋଇ ଏବଂ ବିଦେଶ ମାଟିରେ ଦବ୍‌ଦବା ଅବ୍ୟାହତ ରଖିଛି। ଟି୨୦ ବିଶ୍ୱକପ ଏବଂ ନ୍ୟୁଜିଲାଣ୍ଡ ସିରିଜ ପାଇଁ ଭାରତ ତା'ର ଶକ୍ତିଶାଳୀ ଦଳ ଘୋଷଣା କରିସାରିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଗତ ଟି୨୦ ବିଶ୍ୱ ଚାମ୍ପିୟନ ହୋଇଥିଲା। ୨୦୨୪ରେ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଆମେରିକା ଏବଂ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ୧୦ମ ସଂସ୍କରଣର ଆୟୋଜକ ରହିଛି ଭାରତ ଓ ଶ୍ରୀଲଙ୍କା। ଦୁଇ ପଡ଼ୋଶୀ ଦେଶ ପାକିସ୍ତାନ ଏବଂ ବାଂଲାଦେଶ ସହ ଭାରତର ରାଜନୈତିକ ସମ୍ପର୍କରେ ତିକ୍ତତା ଯୋଗୁ ଏହାର ପ୍ରଭାବ କ୍ରିକେଟ ଉପରେ ପଡିଛି। ପାକିସ୍ତାନ ତା'ର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳିବାକୁ ଥିବା ବେଳେ ଏବେ ବାଂଲାଦେଶ ମଧ୍ୟ ଖେଳିବାକୁ ଥିବା ସମସ୍ତ ମ୍ୟାଚ ନିରପେକ୍ଷ ଭେନ୍ୟୁ ଶ୍ରୀଲଙ୍କାରେ ଖେଳିବା ପାଇଁ ଆଇସିସିକୁ ଅନୁରୋଧ କରିଛି।

ଭାରତର ୪ ବ୍ୟାଟର୍ସ ବିଶ୍ୱର ପ୍ରଥମ ୧୦ଜଣ ଶ୍ରେଷ୍ଠ ବ୍ୟାଟର୍ସଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ରୋହିତ ଶର୍ମା ୧, ବିରାଟ କୋହଲି ୨, ଅଧିନାୟକ ଶୁଭମନ ଗିଲ ୫ ଏବଂ ଶ୍ରେୟସ ଆୟର ୧୦ ନମ୍ବର ସ୍ଥାନରେ ଅଛନ୍ତି। ସେହିପରି ନ୍ୟୁଜିଲାଣ୍ଡ ବ୍ୟାଟର ଡାରେଲ ମିଚେଲ ୩ ନମ୍ବର ସ୍ଥାନରେ ରହିଛନ୍ତି। ଏକଦିବସୀୟ ବୋଲିଂ ର୍ୟାକିଙ୍ଗରେ କୁଲଦୀପ ଯାଦବ ୩ନଂ ସ୍ଥାନରେ ଥିବାବେଳେ ନ୍ୟୁଜିଲାଣ୍ଡର ମିଚେଲ ସାଣ୍ଟନର ୭ ଏବଂ ମ୍ୟାଟ ହେନେରୀ ୧୦ନଂ ସ୍ଥାନରେ ଅଛନ୍ତି। ସେ ଦୃଷ୍ଟି କୋଣରୁ ସିରିଜ ବେଶ୍ ରୋମାଞ୍ଚକ ହେବା ଆଶା କରାଯାଉଛି। ଭାରତର ଦୁଇ ଭେଟରାନ ଷ୍ଟାର ବ୍ୟାଟର୍ସ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। ଚମତ୍କାର ଫର୍ମରେ ଅଛନ୍ତି ଏହି ଦୁଇ ତାରକା। ଶୁବମନ ଗିଲ ଏବଂ ଶ୍ରେୟସ ଆୟରଙ୍କୁ ଏକଦିବସୀୟ ସିରିଜ ପାଇଁ ମନୋନୀତ କରାଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିବା ଲୋକେଶ ରାହୁଲଙ୍କୁ ଅଧିନାୟକ ପଦରୁ ଅବ୍ୟାହତି ଦିଆଯାଇଛି। ଟି୨୦ ସିରିଜ ଓ ବିଶ୍ୱକପର ଗୁରୁତ୍ୱ ଦୃଷ୍ଟିରୁ ଯଶପ୍ରୀତ ବୁମରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଚୟନକର୍ତ୍ତା ବିଶ୍ରାମ ଦେଇଛନ୍ତି। ଅନ୍ୟପକ୍ଷରେ ଶୁବମନ ଗିଲ ଏବଂ ଶ୍ରେୟସ ଆୟରଙ୍କୁ ଟି୨୦ ବିଶ୍ୱକପରୁ ବାଦ ଦିଆଯାଇଛି। ଏକଦିବସୀୟ ସିରିଜରୁ ଏମାନଙ୍କ ଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି।

ଅନ୍ୟପକ୍ଷରେ ଦୀର୍ଘ ଦିନ ହେବ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ ସତ୍ତ୍ୱେ ମହମ୍ମଦ ଶାମିଙ୍କୁ ଉପେକ୍ଷା କରାଯାଇଛି। ଏକଦିବସୀୟ ଫର୍ମାଟରେ ଜଣେ ସଫଳ ବୋଲରଙ୍କ ପାଇଁ ଏହି ଫର୍ମାଟ୍ ବନ୍ଦ ହୋଇଯାଇଛି କହିଲେ ଠିକ୍ ରହିବ। ଘରୋଇ ଫର୍ମାଟ୍‌ରେ ମୋଟ ୧୬ଟି ମ୍ୟାଚରୁ ଏପର୍ଯ୍ୟନ୍ତ ସେ ୪୭ଟି ଉଇକେଟ ନେଇଛନ୍ତି। ରଣଜୀ ଟ୍ରଫିରେ ୨୦, ବିଜୟ ହଜାରେ ଟ୍ରଫିରେ ୧୧ ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ୧୬ଟି ଉଇକେଟ ନେଇଥିବାରୁ ସେ ଚୟନ ଆଶା ରଖିଥିଲେ। ମାତ୍ର ତାହା ହୋଇନାହିଁ। ଦିନିକିଆରେ ମହମ୍ମଦ ସିରାଜ, ହର୍ଷିତ ରାଣା, ଅର୍ଶଦୀପ ସିଂ ଏବଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡି ପେସ୍ ଭାର ସମ୍ଭାଳିବେ। ଖରାପ ପ୍ରଦର୍ଶନ ସତ୍ତ୍ୱେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପୁନର୍ବାର ସୁଯୋଗ ମିଳିଛି। ରବୀନ୍ଦ୍ର ଜାଡେଜା, ୱାଶିଂଟନ୍ ସୁନ୍ଦର ଓ କୁଲଦୀପ ଯାଦବଙ୍କ ସ୍ପିନ ଆକ୍ରମଣର ସାମନା କରିବ କିୱି ଦଳ।

୩ଟି ଏକଦିବସୀୟ ମ୍ୟାଚ ଜାନୁଆରୀ ୧୧, ୧୪ ଓ ୧୮ ତାରିଖରେ ଭଦୋଦରା, ରାଜକୋଟ ଏବଂ ଇନ୍ଦୋରରେ ଖେଳାଯିବ। ୨୦୨୫ରେ ଭାରତ ଖେଳିଥିବା ମୋଟ ୧୪ଟି ଏକଦିବସୀୟ ମ୍ୟାଚରୁ ୧୧ଟିରେ ବିଜୟୀ ହୋଇଥିବା ବେଳେ ମାତ୍ର ୩ଟି ମ୍ୟାଚରେ ପରାଜିତ ହୋଇଛି। ଘରୋଇ ଏକଦିବସୀୟ ସିରିଜରେ ଭାରତ ୨୦୦୯ଠାରୁ ତା'ର ଦବ୍‌ଦବା ଅବ୍ୟାହତ ରଖିଛି। ୨୪ଟି ସିରିଜରେ ବିଜୟୀ ହୋଇଛି। ୨୦୧୯ରେ ଏକ ରୋମାଞ୍ଚକ ସିରିଜରେ ୨–୩ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ୨୦୧୯ରୁ ୨୦୨୫ ମଧ୍ୟରେ ଭାରତ ୧୧ଟି ଦ୍ୱିପାକ୍ଷିକ ଏକଦିବସୀୟ ସିରିଜ ଖେଳି ୧୧ଟିରେ ବିଜୟୀ ହୋଇଛି। ଅଭିଜ୍ଞ କେନ ୱିଲିୟମସନ୍ ନ୍ୟୁଜିଲାଣ୍ଡ ଦଳରେ ନାହାନ୍ତି। ମାଇକେଲ ବ୍ରାସ୍‌ୱେଲ ଦଳର ଅଧିନାୟକ ହୋଇଥିବା ବେଳେ ଡାରେଲ ମିଚେଲ, ହେନେରୀ ନିକୋଲାସ, ଡେଭନ କନୱେ, ଗ୍ଲେନ ଫିଲପ୍ସ, ମ୍ୟାଟ ହେନେରୀ, କାଇଲ ଜେମିସନ, ଇଶ୍ ସୋଧିଙ୍କ ପରି ଦକ୍ଷ ଖେଳାଳ ରହିଛନ୍ତି।

ନ୍ୟୁଜିଲାଣ୍ଡ ବିପକ୍ଷ ଏକଦିବସୀୟ ସିରିଜରେ ବିରାଟ କୋହଲି ୩୩ଟି ମ୍ୟାଚ ଖେଳି ୧୬୫୭ ରନ୍ ସଂଗ୍ରହ କରିଥିବା ବେଳେ ଏଥି ମଧ୍ୟରେ ୬ଟି ଶତକ ଏବଂ ୯ଟି ଅର୍ଦ୍ଧଶତକ ରହିଛି। ସେହିପରି ରୋହିତ ଶର୍ମା ଅନ୍ୟତମ ସଫଳ ବ୍ୟାଟର ଭାବେ ୩୧ଟି ମ୍ୟାଚ ଖେଳି ୧୦୭୩ ରନ୍ ସଂଗ୍ରହ କରିଥିବା ବେଳେ ଏଥିରେ ୨ଟି ଶତକ ଓ ୬ଟି ଅର୍ଦ୍ଧ ଶତକ ରହିଛି। ଅନ୍ୟ ସଫଳ ବ୍ୟାଟର୍ସ ରୂପେ ଶୁବମନ ଗିଲ, କେ.ଏଲ ରାହୁଲ ଏବଂ ଶ୍ରେୟସ ଆୟାର ରହିଛନ୍ତି। ସ୍ପିନର କୁଲଦୀପ ଯାଦବ ୧୩ ମ୍ୟାଚରୁ ୨୪ଟି ଉଇକେଟ ନେଇ ଆଗରେ ରହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ଏକଦିବସୀୟ ମ୍ୟାଚରେ ଭାରତର ସର୍ବାଧିକ ସ୍କୋର ୩୯୭ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ରହିଥିବା ବେଳେ ୧୩ଥର ୩ଶହରୁ ଅଧିକ ରନ ଦଳଗତ ଭାବେ ସଂଗ୍ରହ କରିଛି। ଭାରତର ସର୍ବନିମ୍ନ ସ୍କୋର ୮୮ ରନ୍ ରହିଥିବା ବେଳେ ନ୍ୟୁଜିଲାଣ୍ଡର ସର୍ବନିମ୍ନ ସ୍କୋର ବିଶାଖାପାଟଣାରେ ୭୯ ରହିଛି। ସେହିପରି ଭାରତ ବିପକ୍ଷରେ ଏକଦିବସୀୟ ମ୍ୟାଚରେ ନ୍ୟୁଜିଲାଣ୍ଡର ସର୍ବାଧିକ ସ୍କୋର ୩୪୯ ରନ୍ ରହିଛି। ନ୍ୟୁଜିଲାଣ୍ଡକୁ ଭାରତର ସ୍ପିନ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀ ଆପଣେଇବା ଆଶାରେ ଥିବା ନ୍ୟୁଜିଲାଣ୍ଡ ଭାରତକୁ ଏହାର ଘରୋଇ ପରିବେଶରେ ହରାଇବାକୁ ହେଲେ କିଛି ଚମତ୍କାରିତା ଦେଖାଇବାକୁ ହେବ। ଉଭୟ ଦେଶ ମଧ୍ୟରେ ୧୨୦ଟି ଏକଦିବସୀୟ ମ୍ୟାଚ ଖେଳାଯାଇଥିବା ବେଳେ ଭାରତ ୬୨ ଓ ନ୍ୟୁଜିଲାଣ୍ଡ ୫୦ଟିରେ ବିଜୟୀ ହୋଇଛି। ୭ ମ୍ୟାଚର ଫଳାଫଳ ମିଳି ନ ଥିବା ବେଳେ ଗୋଟିଏ ମ୍ୟାଚ ଟାଇ ରହିଛି।

ଅନ୍ୟ ପକ୍ଷରେ ଟି୨୦ରେ ନ୍ୟୁଜିଲାଣ୍ଡ ଦଳ ବେଶ୍ ଶକ୍ତିଶାଳୀ। ବିଶ୍ୱକପ ପୂର୍ବରୁ ଏହି ସିରିଜରେ ଶେଷ ୫ଟି ଟି୨୦ ମ୍ୟାଚ ଖେଳିବ ଭାରତ। ନ୍ୟୁଜିଲାଣ୍ଡ ମଧ୍ୟ ଟି୨୦ରେ ବିଶ୍ୱକପ ଜିତିବା ପାଇଁ ଦୃଢ଼ ଦାବିଦାର ରହିଛି। ବର୍ତ୍ତମାନ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭାରତ ପକ୍ଷରୁ ଅଧିକ ସଫଳତା ପାଇଥିବା ଖେଳାଳି ହୋଇଥିବା ବେଳେ ଯଶପ୍ରୀତ ବୁମରା ୧୦ଟି ଟି୨୦ ମ୍ୟାଚରୁ ୧୨ଟି ଏବଂ ଅର୍ଶଦୀପ ସିଂ ୫ଟି ମ୍ୟାଚରୁ ୯ଟି ଉଇକେଟ ନେଇଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ସଫଳ ବୋଲର ରୂପେ ଇଶ୍ ସୋଧି ୨୦ଟି ମ୍ୟାଚରୁ ୨୫ ଉଇକେଟ ଏବଂ ବ୍ୟାଟିଂରେ ଡାରେଲ ମିଚେଲ, ଡେଭନ କନୱେ, ଗ୍ଲେନ ଫିଲିପସ ସଫଳ ବ୍ୟାଟର୍ସ ରହିଛନ୍ତି। ମିଚେଲ ସାଣ୍ଟନର ବ୍ଲାକ୍‌କ୍ୟାପ ଦଳର ନେତୃତ୍ୱ ନେବେ। ଟି୨୦ରେ ଉଭୟ ଦେଶ ମଧ୍ୟରେ ୨୫ଟି ମ୍ୟାଚ ଖେଳାଯାଇଥିବା ବେଳେ ଭାରତ ୧୪ଟି ଏବଂ ନ୍ୟୁଜିଲାଣ୍ଡ ୧୦ଟିରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ ବିନା ଫଳାଫଳରେ ଶେଷ ହୋଇଛି। ରେକର୍ଡ ଦୃଷ୍ଟିରୁ ଉଭୟ ଏକଦିବସୀୟ ଓ ଟି୨୦ରେ ଭାରତ ପଲା ଭାରି ରହିଛି। ବିଶ୍ୱକପ୍ ପୂର୍ବରୁ ଦୁଇ ଶକ୍ତିଶାଳୀ ଟିମ୍ ମଧ୍ୟରେ ଲଢେଇ ବେଶ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଏ। ଭାରତ ଟି୨୦ ର୍ୟାଙ୍କିଙ୍ଗ୍‌ରେ ଏବେ ନମ୍ବର ୱାନ ଥିବାବେଳେ ବ୍ୟାଟର ଅଭିଷେକ ଶର୍ମା ଏବଂ ବୋଲର ବରୁଣ ଚକ୍ରବର୍ତ୍ତୀ ନଂ୧ ସ୍ଥାନରେ ରହିଛନ୍ତି।



ମାଇକେଲ ବ୍ରାସ୍‌ୱେଲ



ମିଚେଲ ସାଣ୍ଟନର



ଶୁବମନ ଗିଲ



ସୂର୍ଯ୍ୟକୁମାର ଯାଦବ

# ସାମାଜିକ ବାଧାକୁ ସଫଳ ଗୋଲକିପର

## ପ୍ରଭିନ କୁମାରୀଙ୍କ ସଂଘର୍ଷପୂର୍ଣ୍ଣ ଯାତ୍ରା

**ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଅନେକ ଖେଳାଳି ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଚର୍ଚ୍ଚାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ହିମାଚଳ ପ୍ରଦେଶର ମହିଳା ବିଚ୍ ସକ୍କର ଗୋଲକିପର ପ୍ରଭିନ କୁମାରୀ। ଅନେକ ସାମାଜିକ ବାଧାର ସମ୍ମୁଖୀନ ହୋଇଥିବା ପ୍ରଭିନ ଏବେ ହିମାଚଳ ପ୍ରଦେଶ ମହିଳା ବିଚ୍ ଫୁଟ୍‌ବଲ ଅଭିଯାନର ପ୍ରମୁଖ ଚେହେରା...**



ପ୍ରଭିନ କୁମାରୀ

ଡିଉର ଘୋଘଲା ବିଚ୍‌ରେ ଚାଲିଛି ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ଦ୍ୱିତୀୟ ସଂସ୍କରଣ। ନୀଳ ସମୁଦ୍ର ତଟଦେଶର ବାଲି ଶଯ୍ୟା ଉପରେ ଚାଲିଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅନେକ ଖେଳାଳି ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଚର୍ଚ୍ଚାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ହିମାଚଳ ପ୍ରଦେଶର ମହିଳା ବିଚ୍ ସକ୍କର ଗୋଲକିପର ପ୍ରଭିନ କୁମାରୀ। ଅନେକ ସାମାଜିକ ବାଧାର ସମ୍ମୁଖୀନ ହୋଇଥିବା ପ୍ରଭିନ ଏବେ ହିମାଚଳ ପ୍ରଦେଶ ମହିଳା ବିଚ୍ ଫୁଟ୍‌ବଲ ଦଳର ପ୍ରମୁଖ ଚେହେରା। ଲଢୁଆ ମନୋବୃତ୍ତିଲାଗି ବେଶ୍ ଜଣାଶୁଣା ପ୍ରଭିନ୍ ସାମାଜିକ ପ୍ରତିରୋଧ, ସ୍ୱଳ୍ପ ସମ୍ବଳ, ବ୍ୟକ୍ତିଗତ ସଂଘର୍ଷ ଭଳି ଅନେକ ବାଧାକୁ ପଛରେ ପକାଇ ହିମାଚଳ ପ୍ରଦେଶକୁ ସେମିଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଦଳ ଯଦିଓ ସେମିଫାଇନାଲରେ ଓଡ଼ିଶା ନିକଟରୁ ହାରି ଯାଇଛି ତେବେ ତାଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଚର୍ଚ୍ଚାରେ ରହିଛି।

୨୬ ବର୍ଷୀୟା ପ୍ରଭିନଙ୍କର ଛୋଟ ବେଳରୁ କଦାପି ହାର ନ ମାନିବା ମନୋଭାବ ନଜରକୁ ଆସିଥିଲା। ଆଗକୁ ବଢ଼ିବା ସହ ସେ କ୍ରମେ ସଫଳତା ପାଇ ଜାତୀୟ ଦଳର ସଦସ୍ୟା ହେଲେ। ବିଚ୍‌ର ବାଲି ଉପରେ ଗୋଲକିପିଂ କଷ୍ଟସାଧ୍ୟ ବ୍ୟାପାର ହୋଇଥିଲେ ମଧ୍ୟ ପ୍ରଭିନ ଦକ୍ଷତା ବଳରେ ହିମାଚଳ ପ୍ରଦେଶକୁ ଏକ ଐତିହାସିକ ବିଜୟରୁ ଅଭିଯାନ କରିବାକୁ ସୁଯୋଗ ଦେଇଥିଲେ। ଗୋଡ଼ରେ ଆଘାତ ଲାଗିବା ସତ୍ତ୍ୱେ ସେ ନିଜର ପଦାର୍ପଣ ବିଚ୍ ଫୁଟବଲ ମ୍ୟାଚ୍‌ରେ ପଛୁଆ ଥିବା ହିମାଚଳ ପ୍ରଦେଶ ମହିଳା ଦଳକୁ ଦାଦ୍ରା ଓ ନଗର ହାଭେଳି ଏବଂ ଡାମନ ଓ ଡିଉ (ଡିଏନ୍‌ଏଚ୍ ଓ ଡିଡି) ବିପକ୍ଷ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚଖାଇଥିଲେ। ମ୍ୟାଚ୍‌ରେ ପ୍ରଭିନ ଅନେକ ଗୁରୁତ୍ୱପୂର୍ଣ୍ଣ ସେଭ୍ କରିଥିଲେ। ଯାହାଫଳରେ ହିମାଚଳ ପ୍ରଦେଶ ୭–୫ ଗୋଲରେ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଥିଲା।

ହିମାଚଳ ପ୍ରଦେଶର ଉନା ଜିଲାର ଖାଟଗାଓଁ ଗ୍ରାମରେ ଦିନମଜୁରିଆ ପରିବାରରେ ପ୍ରଭିନଙ୍କ ଜନ୍ମ। ଭାଇ ଭଉଣୀଙ୍କ ମଧ୍ୟରେ ସବୁଠୁ ସାନ ପ୍ରଭିନ ଏବେ ଘରର ଦାୟିତ୍ୱ ନେବା ସହ ପରିବାର ଚଳାଇବାରେ ସହଯୋଗ କରୁଛନ୍ତି। ନିଜ ଅଭିଳାଷକୁ ପୂରା କରିବା ସହ ପାରିବାରିକ ଦାୟିତ୍ୱ ତୁଲାଇବା ପାଇଁ ସେ ଏବେ ଉନାରେ ଏକ ବେସରକାରୀ ସ୍କୁଲରେ ଶାରୀରିକ ଶିକ୍ଷା ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। କ୍ରୀଡ଼ାରେ ତାଙ୍କ ଏଣ୍ଟ୍ରି ଖୁବ୍ ବିବାଦୀୟ ରହିଥିଲା। ଯେଉଁ ସମୟରେ ତାଙ୍କ ଗାଁରେ କ୍ରୀଡ଼ା କ୍ଷେତ୍ରରେ ମହିଳାଙ୍କ ଭାଗୀଦାରିକୁ ନାପସନ୍ଦ କରାଯାଉଥିଲା ସେତେବେଳେ ସେ ପୁରୁଷ ଖେଳାଳିଙ୍କ ସହ ଅଭ୍ୟାସ ଆରମ୍ଭ କରିଥିଲେ। ସାମାଜିକ ପ୍ରତିରୋଧ ଓ ସମ୍ବଳର ଅଭାବ ତାଙ୍କୁ ନିଜ ସ୍ୱପ୍ନ ପୂରା କରିବାରେ ରୋକିପାରି ନ ଥିଲା। ବ୍ୟକ୍ତିଗତ ନିର୍ଣ୍ଣୟ ଭାବେ ଯାହା ଆରମ୍ଭ ହୋଇଥିଲା, ତାହା ଧୀରେ ଧୀରେ ସାମୂହିକ ବିଶ୍ୱାସରେ ପରିଣତ ହୋଇଥିଲା। ଧୀରେ ଧୀରେ ସେ ତାଙ୍କ ଆଖପାଖର କିଛି ମହିଳାଙ୍କୁ ଏକଜୁଟ କରିଥିଲେ। ବିନା ସମ୍ବଳ, ମାର୍ଗଦର୍ଶନ ଓ ଅନିୟମିତତାରେ ଆରମ୍ଭ ହୋଇଥିବା ଅଭିଯାନରେ ବିଶ୍ୱାସ ଭରପୂର ରହିଥିଲା। 'ଜୀବନ ସହଜ ନୁହେଁ। ମୁଖ୍ୟତଃ କ୍ରୀଡ଼ାକ୍ଷେତ୍ରରେ କ୍ୟାରିୟରର କରିବାକୁ ଚାହୁଁଥିବା ମହିଳାଙ୍କ ଲାଗି। ୧୦ ବର୍ଷ ତଳେ ମୁଁ ଯେତେବେଳେ ଟ୍ରେନିଂ ଆରମ୍ଭ କରୁଥିଲି, ଆମ ଗାଁରେ କେବଳ ପୁରୁଷ ଖେଳାଳିଙ୍କୁ ଉତ୍ସାହିତ କରାଯାଉଥିଲା। ସେତେବେଳେ ମହିଳାଙ୍କ ଲାଗି କୌଣସି ସ୍ଥାନ ନ ଥିଲା। ମୁଁ ପୁରୁଷ ଖେଳାଳିଙ୍କ ସହ ଟ୍ରେନିଂ ଆରମ୍ଭ କରିଥିଲି। କିନ୍ତୁ ପରେ ଖେଳିବା ପାଇଁ ମୋତେ କିଛି ଝିଅ ମିଳିଥିଲେ। ବିନା କୌଣସି ସମ୍ବଳ ଓ ଅନିୟମିତତା ମଧ୍ୟରେ ଆମେ ଟ୍ରେନିଂ ଆରମ୍ଭ କରିଥିଲୁ। କିନ୍ତୁ ଆମେ ପରବର୍ତ୍ତୀ ପିଢ଼ିର ମହିଳାଙ୍କ ଲାଗି ଉଦାହରଣ ସୃଷ୍ଟି କରିବାକୁ ଚାହୁଁଥିଲୁ। ଧୀରେ ଧୀରେ ସବୁକିଛି ଠିକ୍ ହୋଇଥିଲା। ବର୍ତ୍ତମାନ ଆମ ପାଖରେ ଏକ ସମ୍ପୂର୍ଣ୍ଣ ଦଳ ରହିଛି ଏବଂ ଆମେ ନିୟମିତ ଭାବେ ସ୍ଥାନୀୟ ଟୁର୍ନାମେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରୁଛୁ' ବୋଲି ପ୍ରଭିନ ପ୍ରକାଶ କରିଥିଲେ।

ଏହି ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବା ପାଇଁ ଦଳକୁ ୧୦ ଦିନ ଧରି ସ୍ୱତନ୍ତ୍ର ଭାବେ ବାଲିରେ ପ୍ରସ୍ତୁତ ପଡ଼ିଆରେ ଖେଳିବାକୁ ପଡ଼ିଥିଲା। କିନ୍ତୁ ସମୁଦ୍ର କୂଳରେ ଖେଳିବା ଖେଳାଳିଙ୍କ ଲାଗି ଏକ ଚ୍ୟାଲେଞ୍ଜ। କାରଣ ଏହି ଖେଳ ଫିଲ୍ଡରେ ଖେଳାଯାଉଥିବା ଫୁଟ୍‌ବଲଠାରୁ ଅଧିକ ଦ୍ରୁତ ଏବଂ ଖେଳାଳିମାନେ ଶୀଘ୍ର କ୍ଳାନ୍ତ ହୋଇପଡ଼ନ୍ତି। ତେବେ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ଭଲ ପାଉଥିବା ପ୍ରଭିନ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଅନ୍ୟମାନଙ୍କ ଲାଗି ଉଦାହରଣ ପାଲଟି ଯାଇଛନ୍ତି।

## ସାକ୍ଷୀ

ସ୍ପୋର୍ଟ ଜର୍ନାଲିଷ୍ଟ
ଆସୋସିଏଶନ୍‌ର
(ଓସ୍‌ଜା) ପ୍ରାଇଜ ପାଇଁ
ମନୋନୀତ ଯୁବ ଭାର ଉତ୍ତୋଳିକା
ରାଜ୍ୟ ପ୍ରୀତିସ୍ମିତା ଭୋଇ
ନିଷ୍ଠା ଓ ସାଧନା ନେଇ
ଜାତୀୟ ଓ ଅନ୍ତର୍ଜାତୀୟରେ ବେଷ୍ଟ
ନିରନ୍ତର ପଦକ ପାଇ।

ଓପନର ସ୍ମୃତି, ଶେଫାଳୀ ବର୍ମାଙ୍କ
ଓପନିଂ ଭାଗୀଦାରି
ରେଣୁକା ସିଂଙ୍କ କମାଲ ବୋଲିଂ
ଦୀପ୍ତି ବ୍ୟାଟିଂ ଯାଦୁକରି
ଲଙ୍କାନ ପାରିଲା ଧରି
ହରମନ ପ୍ରୀତ୍ କୌର ଟିମ୍ ବେଷ୍ଟ
ଟି୨୦ ସିରିଜ୍ ଧରି।

ଉତ୍ତରାଖଣ୍ଡର ରୁଦ୍ରପୁରଠାରେ
ଟ୍ରାକ ସାଇକିଲିଂ ଶେଷ
ପାଞ୍ଚ ଇଭେଣ୍ଟରେ ପାଞ୍ଚ ପଦକ
ସାଇକ୍ଲିଷ୍ଟ ସ୍ୱସ୍ତି ଯଶ
ଗୁଡବାଏ ପୁରୁଣା ବର୍ଷ
ସାକ୍ଷୀ ଦି' ହଜାର ପଚିଶ ମସିହା
ସ୍ୱାଗତମ୍ ନୂଆବର୍ଷ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୯/୨୦୨୬ Bhubaneswar, Friday, January 9/ 2026




# ୩ୟ ଟାଇଟଲ ଲକ୍ଷ୍ୟରେ ମୁମ୍ବାଇ

ନଭି ମୁମ୍ବାଇ,୮।୧(ପି.ଟି.)

ସ୍ଥାନୀୟ ଡିଓ୍ଵାଇ ପାଟିଲ ଷ୍ଟାଡିୟମରେ ଶୁକ୍ରବାରଠାରୁ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ତୃତୀୟ ଟାଇଟଲ ଲକ୍ଷ୍ୟରେ ଥିବା ହରମନପ୍ରୀତ କୌରଙ୍କ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଓ ୨୦୨୪ ସଂସ୍କରଣର ଚାମ୍ପିୟନ ସ୍ମୃତି

**ଆଜିଠୁ ଡବ୍ଲ୍ୟୁପିଏଲ୍**

ମନ୍ଧାନାଙ୍କ ନେତୃତ୍ୱାଧୀନ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) ପରସ୍ପରକୁ ଭେଟିବେ। ଡବ୍ଲ୍ୟୁପିଏଲ୍‌ର ଏହି ସଂସ୍କରଣ ଦୁଇ ପର୍ଯ୍ୟାୟରେ ଯଥାକ୍ରମେ ନଭି ମୁମ୍ବାଇ ଓ ଭଦୋଦରାରେ ହେବ। ଏହି ଲିଗ୍ ଜରିଆରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଖେଳାଳିମାନେ ଆସନ୍ତା ଜୁନ ଓ ଜୁଲାଇରେ ଇଂଲଣ୍ଡରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ପ୍ରସ୍ତୁତି କରିବେ।

ମୁମ୍ବାଇ ଦଳରେ ହରମନଙ୍କ ସହ ଇଂଲଣ୍ଡର ଅଧିନାୟିକା ନାଟ ସ୍କିଭର-ବ୍ରୁଣ୍ଟ, ୱେଷ୍ଟଇଣ୍ଡିଜର ହେଲି ମାଥ୍ୟୁସ, ନ୍ୟୁଜିଲାଣ୍ଡର ଆମେଲିଆ କେର, ଅଷ୍ଟ୍ରେଲିଆର ମିଲି ଇଲିଂୱର୍ଥ ଓ ଭାରତର ଅମନଜୋତ କୌରଙ୍କ ଭଳି ଷ୍ଟାର ଖେଳାଳି ରହିଛନ୍ତି। ଜି କମଲିନୀଙ୍କ ଉପସ୍ଥିତି ଯୋଗୁ ପ୍ଲେଇଂ ଇଲେଭେନ ଚୟନ କରିବା ମୁମ୍ବାଇ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇପାରେ। ଶବନିମ ଇସମାଇଲ ଓ ସାଇକା ଇଶାକଙ୍କ ଭଳି ଖେଳାଳି ବୋଲିଂ ବିଭାଗ ସମ୍ଭାଳିବେ।

ଭାରତର ଷ୍ଟାର ବ୍ୟାଟର ଜେମିମା ରୋଡ୍ରିଗ୍ସ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ମଙ୍ଗ ସମ୍ଭାଳିଛନ୍ତି। ଏହି ଦଳ ଗତ ୩ ସିଜନର ଫାଇନାଲରେ ପରାସ୍ତ ହୋଇଛି। ଏଥର ଦଳ ପାଖରେ ଶେଫାଳି ବର୍ମା, ସ୍ନେହ ରାଣା, ଶ୍ରୀ ଚରନୀ, ଲୌରା ୱୋଲଭାର୍ଡଟ, ମାରିଜନେ କାପ, ଆଲାନା କିଙ୍ଗଙ୍କ ଭଳି ଖୁବ ବିପଦଜନକ ଖେଳାଳି ରହିଛନ୍ତି, ଯେଉଁମାନେ ଦଳକୁ ପ୍ରଥମ ଟ୍ରଫି ଜିତାଇପାରନ୍ତି।

ଆରସିବି ଦଳର ପ୍ରଦର୍ଶନ ଚଳିତ ସଂସ୍କରଣରେ କେଉଁ ଭଳି ରହିବ, ତାହା ମୁଖ୍ୟତଃ ଅଧିନାୟିକା ମନ୍ଧାନାଙ୍କ ଉପରେ ନିର୍ଭର କରେ। ଏଥର ଦଳ ପାଖରେ କିମ୍ବଦନ୍ତୀ ଏଲିସି ପେରୀ ନାହାନ୍ତି। ମାତ୍ର ଅଷ୍ଟ୍ରେଲିଆର ଜର୍ଜିଆ ଭଲ, ଅଲରାଉଣ୍ଡର ଗ୍ରେସ ହାରିସ ଓ ଦକ୍ଷିଣ ଆଫ୍ରିକାର ନାଦିନ ଡି କ୍ଲର୍କ, ରିଚା ଘୋଷ ଦଳର ବ୍ୟାଟିଂ ବିଭାଗ ସମ୍ଭାଳିବେ। ବୋଲିଂ ବିଭାଗରେ ଅରୁନ୍ଧତି ରେଡ୍ଡୀ, ପୂଜା ଭସ୍ତ୍ରକାର, ଲୌରେନ ବେଲ, ଲିନସି ସ୍ମିଥ, ରାଧା ଯାଦବ ଓ ଶ୍ରେୟଙ୍କା ପାଟିଲଙ୍କ ଭଳି ବିକଳ୍ପ ରହିଛନ୍ତି।

ପ୍ରଥମ ଦୁଇ ସିଜନରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଗୁଜରାଟ ଜାଏଣ୍ଟ୍ସ ଗତ ବର୍ଷ ପ୍ଲେଅଫ୍ ଖେଳିଥିଲା। ଏଥର ଆଶଲେ ଗାର୍ଡନରଙ୍କ ନେତୃତ୍ୱାଧୀନ ଦଳରେ ରେଣୁକା ସିଂ ଠାକୁର, ରାଜେଶ୍ୱରୀ ଗାଏକ୍ୱାଡ, ୟଶତିକା ଭାଟିଆ, ବେଥ ମୁନି, ସୋଫି ଡିଭାଇନ, କିମ ଗାର୍ଥ, ଜର୍ଜିଆ ୱାରହାମଙ୍କ ଉପସ୍ଥିତି ଦଳର ଶକ୍ତି ବୃଦ୍ଧି କରିଛି।

ଏପର୍ଯ୍ୟନ୍ତ ଡବ୍ଲୁପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିବା ୟୁପି ୱାରିଅର୍ସ ଦଳରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଏଥର ଦଳର ନେତୃତ୍ୱ ଭାର ମେଗ ଲାନିଂଙ୍କୁ ଦିଆଯାଇଥିବା ବେଳେ ଦଳରେ ପ୍ରତିକା ରାୱଲ, ଫୋଏବେ ଲିଚ୍‌ଫିଲ୍ଡ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, କ୍ଲୋ ଟ୍ରିଅନ, ଡିଆଣ୍ଡ୍ରା ଡଟିନ, ଶିଖା ପାଣ୍ଡେ, କ୍ରାନ୍ତି ଗୌଡ଼, ସୋଫି ଏକଲେଷ୍ଟୋନଙ୍କ ଭଳି ଷ୍ଟାର ଖେଳାଳି ରହିଛନ୍ତି। ତେବେ ଶିପ୍ରା ଗିରିଙ୍କ ଛଡ଼ା ଦଳରେ ଅନ୍ୟ କୌଣସି ଉଇକେଟକିପରଙ୍କ ଅଭାବ ଓ ଆହତ ସମସ୍ୟା ଦେଇ ଗତି କରୁଥିବା ପ୍ରତିକାଙ୍କୁ ଫିଟ୍‌ନେସ କ୍ଲିଅରାନ୍ସ ନ ମିଳିବା ଦଳର ସମସ୍ୟା ବଢ଼ାଇପାରେ।

**ସମୟଃ ସନ୍ଧ୍ୟା ୭ଃ୩୦**
**ପ୍ରସାରଣଃ ଜିଓ ହଟଷ୍ଟାର/ଷ୍ଟାର ସ୍ପୋର୍ଟ୍ସ**



ଡବ୍ଲ୍ୟୁପିଏଲ୍ ଆରମ୍ଭ ପୂର୍ବରୁ ଖବରଦାତା ସମ୍ମିଳନୀରେ ସ୍ମୃତି ମନ୍ଧାନା ଓ ହରମନପ୍ରୀତ୍ କୌର।

# ପରାଜୟରୁ ଓଡ଼ିଶାର ଅଭିଯାନ ଶେଷ

ଅଲୁର,୮।୧

**ବିଜୟ ହଜାରେ ଟ୍ରଫି**

ଚଳିତ ବିଜୟ ହଜାରେ ଟ୍ରଫିରେ ଗୁରୁବାର ଖେଳାଯାଇଥିବା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ରେଲୱେଠାରୁ ପରାସ୍ତ ହୋଇଛି। ଏହି ପରାଜୟ ଯୋଗୁ ଗ୍ରୁପ-ଡି'ରେ ଓଡ଼ିଶା ୭ ମ୍ୟାଚ୍‌ରେ ୩ ବିଜୟ ଓ ୧୨ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଓଡ଼ିଶା ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ଏକଦା ୭୨ ରନ ମଧ୍ୟରେ ପ୍ରମୁଖ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସ୍ଥିତିରେ ସମ୍ବିତ ଏସ୍ ବରାଳ (୫୦ ରନ, ୩ ଚୌକା ଓ ୧ ଛକା) ଓ ଅଧିନାୟକ ବିପ୍ଳବ ସାମନ୍ତରାୟ (୪୩ ରନ, ୨ ଚୌକା ଓ ୧ ଛକା) ପଞ୍ଚମ ଉଇକେଟରେ ୮୦ ରନ ଯୋଡ଼ିଥିଲେ। ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ପରେ ସୌମ୍ୟ ରଞ୍ଜନ ଲେଙ୍କା (୫୬ ରନ୍, ୫ ଚୌକା ଓ ୪ ଛକା) ଏକାକୀ ଦଳୀୟ ସ୍କୋରକୁ ୨୫୦ ଅତିକ୍ରମ କରାଇଥିଲେ। ଓଡ଼ିଶା ୪୯.୫ ଓଭରରେ ୨୫୧ ରନରେ ଅଲଆଉଟ୍ ହୋଇଯାଇଥିଲା। ରେଲୱେ ପକ୍ଷରୁ ବରୁନ ଓ ରାଜ ଚୌଧାରୀ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସାହାବ ଯୁବରାଜଙ୍କ ଅପରାଜିତ ୧୧୮ (୧୧ ଚୌକା ଓ ୨ ଛକା) ରନର ପାଳି ବଳରେ ରେଲୱେ ୪୫.୨ ଓଭରରେ ୫ ଉଇକେଟ ହରାଇ ୨୫୪ ରନ କରି ନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୁବେର ଅଲୀ ଖାନ ଅପରାଜିତ ୬୫ (୩ ଚୌକା ଓ ୫ ଛକା) ରନ କରିଥିଲେ। ଓଡ଼ିଶାର ବୋଲରଙ୍କ ମଧ୍ୟରେ ଗୋବିନ୍ଦ ପୋଦ୍ଦାର ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୪୯.୫ ଓଭରରେ ୨୫୧/ଅଲଆଉଟ୍ (ସୌମ୍ୟ ରଞ୍ଜନ ଲେଙ୍କା-୫୬, ସମ୍ବିତ ଏସ୍ ବରାଳ-୫୦, ବିପ୍ଳବ ସାମନ୍ତରାୟ-୪୩, ରାଜ ଚୌଧାରୀ-୩/୩୨, ବରୁନ-୩/୫୩)। ରେଲୱେ: ୪୫.୨ ଓଭରରେ ୨୫୪/୫ (ସାହାବ ଯୁବରାଜ-୧୧୮*, ଜୁବେର ଅଲୀ ଖାନ-୬୫*, ଗୋବିନ୍ଦ ପୋଦ୍ଦାର-୨/୪୬)।

# ତିଳକ ବର୍ମାଙ୍କ ଅସ୍ତ୍ରୋପଚାର

ନୂଆଦିଲ୍ଲୀ, ୮।୧ (ପି.ଟି.)

ଭାରତୀୟ ବ୍ୟାଟର ତିଳକ ବର୍ମାଙ୍କ ଅସ୍ତ୍ରୋପଚାର କରାଯାଇଛି। ତାଙ୍କର ଗ୍ରୋଇନ୍ ସମସ୍ୟା



ରହିଥିଲା। ସେ ଖୁବ୍ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହି କାରଣରୁ ସେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳିପାରିବେ ନାହିଁ। ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ର କେତୋଟି ମ୍ୟାଚରେ ମଧ୍ୟ ସେ ଖେଳି ନ ପାରନ୍ତି। ରାଜକୋଟଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଦିନିକିଆ ଚାମ୍ପିୟନଶିପ୍‌ରେ ସେ ହାଇଦ୍ରାବାଦ ତରଫରୁ ଖେଳୁଥିବା ବେଳେ ଟେଷ୍ଟିକୁଲାର ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଗୋକୁଳ ହସ୍ପିଟାଲରେ ଭର୍ତ୍ତି କରାଯାଇ ତାଙ୍କର ସ୍କାନ୍ କରାଯାଇଥିଲା। ତୁରନ୍ତ ଅସ୍ତ୍ରୋପଚାର ପାଇଁ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ତିଳକଙ୍କ ଅସ୍ତ୍ରେପଚାର ସଫଳ ହୋଇଛି। ତାଙ୍କର ଉନ୍ନତି ଘଟୁଛି। ନ୍ୟୁଜିଲାଣ୍ଡ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ନାଗପୁରରେ ଜାନୁଆରୀ ୨୧ରୁ ଆରମ୍ଭ ହେବ।

# ହିମାଚଳ ପ୍ରଦେଶକୁ ହରାଇ ଓଡ଼ିଶା ଫାଇନାଲରେ


ଓଡ଼ିଶା ମହିଳା ବିଚ୍ ସକ୍କର ଦଳ।

ଭୁବନେଶ୍ୱର ୮।୧ (ବିଜୟ ରଣା)

**ଖେଲୋ ଇଣ୍ଡିଆ ମହିଳା ବିଚ୍ ସକ୍କର**

ଡିଉସ୍ଥିତ ଘୋଘ୍‌ଲା ବିଚ୍‌ଠାରେ ଚାଲିଥିବା ୨ୟ ଖେଲୋ ଇଣ୍ଡିଆ ମହିଳା ବିଚ୍ ସକ୍କର ଗେମ୍ସ ୨୦୨୬ର ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା। ଗୁରୁବାର ଅନୁଷ୍ଠିତ ଏକ ସେମିଫାଇନାଲରେ ଓଡ଼ିଶା ୭-୦ ଗୋଲ୍‌ରେ ହିମାଚଳ ପ୍ରଦେଶକୁ ହରାଇ ଦେଇଛି। ଦଳ ପକ୍ଷରୁ ଶ୍ରୀଜାନା ତମାଙ୍ଗ (୩ୟ ଓ ୧୬ତମ ମିନିଟ), ସତ୍ୟବତୀ ଖାଡ଼ିଆ (୪ର୍ଥ ଓ ୩୩ତମ), ଖୁନ୍‌ଡଙ୍ଗବାମ୍ ଅମ୍ବାଲିକା ( ୨୫ତମ ଓ ୨୯ତମ) ଦୁଇଟି ଲେଖାଏ ଗୋଲ୍ ଦେଇଥିବା ବେଳେ ମନୀଷା ନାଏକ (୨୩ତମ) ଗୋଟିଏ ଗୋଟିଏ ଗୋଲ୍ ସ୍କୋର କରିଥିଲେ। ଶୁକ୍ରବାର ଫାଇନାଲରେ ଦଳ ଗୁଜରାଟକୁ ଭେଟିବ। ଓଡ଼ିଶା ଦଳର ଏହି ସଫଳତା ପାଇଁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଆସୋସିଏଶନର ଅନ୍ୟ କର୍ମକର୍ତ୍ତାଗଣ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛି।

# କିଲିମାଞ୍ଜାରୋ ଆରୋହଣରେ ଛୋନ୍‌ଜିନ୍ ପ୍ରଥମ ଦୃଷ୍ଟିବାଧିତ ମହିଳା

ଭୁବନେଶ୍ୱର,୮।୧(ଅନାଦି କର)

ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କର୍ମଚାରୀ ଛୋନଜିନ ଆଙ୍ଗମୋ ପ୍ରଥମ ଦୃଷ୍ଟିବାଧିତ ମହିଳା ଭାବେ ସଫଳତାର ସହ ୫,୮୯୫ ମିଟର ଉଚ୍ଚତା ବିଶିଷ୍ଟ ଆଫ୍ରିକାର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାରୋ ପର୍ବତ ଆରୋହଣ କରିଛନ୍ତି। କେବଳ ଏତିକି ନୁହେଁ ତାଙ୍କ ନାମରେ ପ୍ରଥମ ଦୃଷ୍ଟିବାଧିତ ମହିଳା ଭାବେ ମାଉଣ୍ଟ ଏଭରେଷ୍ଟ ଓ ମାଉଣ୍ଟ ଏଲବ୍ରସ ଆରୋହଣ କରିବାର ରେକର୍ଡ ରହିଛି। ଆଙ୍ଗମୋ ଏବେ ତାଙ୍କର ଐତିହାସିକ ଉପଲବ୍ଧି ମଧ୍ୟରେ 'ରୁଫ୍ ଅଫ୍ ଆଫ୍ରିକା'କୁ ସାମିଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। କିଲିମାଞ୍ଜାରୋ ଆରୋହଣ ବେଳେ ତାଙ୍କୁ ଅନିଶ୍ଚିତ ପାଗର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରି କି ଲେମୋଶୋ ବାଟ ଦେଇ ଆରୋହଣ ବେଳେ ପ୍ରବଳ ବରଫ ପାତ ଯୋଗୁ ବାଟ ସ୍ପଷ୍ଟ ଭାବେ ଦେଖାଯାଉ ନ ଥିଲା। ଏହାସତ୍ତ୍ୱେ ଆଙ୍ଗମୋ ତାଙ୍କ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲେ। ଏହି ଅଭିଯାନ ପାଇଁ ତାଙ୍କୁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।




# ଓଡ଼ିଶା ଓପନ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ୧୬ରୁ



ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି କର୍ମକର୍ତ୍ତାଗଣ।

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ଇ-ସ୍ପୋର୍ଟସ୍ ଆସୋସିଏଶନ୍ ଅଫ୍ ଓଡ଼ିଶା ଏବଂ ସୋଆ ବିଶ୍ୱବିଦ୍ୟାଳୟର ସହଯୋଗରେ ୧୬ତମ ଓଡ଼ିଶା ଓପନ ଆନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ ଚଳିତ ମାସ ୧୬ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ହେବାକୁଥିବା ଏହି ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ୨୦ ଦେଶର ଖେଳାଳି ଅଂଶଗ୍ରହଣ କରିବେ। ଅତିକମ୍‌ରେ ୧୫ ଗ୍ରାଣ୍ଡମାଷ୍ଟର ଓ ଅନ୍ତର୍ଜାତୀୟ ମାଷ୍ଟର ଏଥିରେ ଭାଗନେବେ। ୪ ବର୍ଗରେ ହେବାକୁ ଯାଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତାଲାଗି ମୋଟ ୪୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏଓସିଏ ସମ୍ପାଦକ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ଏଥର ଏହି ପ୍ରତିଯୋଗିତା ସହ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରି ସହବନ୍ଧିତ ହୋଇଛି। କାଟେଗୋରି 'ଏ'ରେ ୧୯୦୦ ରେଟିଂରୁ ଉର୍ଦ୍ଧ୍ୱ, 'ବି'ରେ ୧୯୦୦ରୁ କମ୍, 'ସି'ରେ ୧୭୦୦ରୁ କମ୍ ରେଟିଂପ୍ରାପ୍ତ ଖେଳାଳି ଭାଗନେବେ। ଓପନ ବ୍ଲିଜ୍‌ରେ 'ଡି' ବର୍ଗ ପ୍ରତିଯୋଗିତା ହେବ। 'ଏ' ବର୍ଗଲାଗି ୨୫ ଲକ୍ଷ, 'ବି' ବର୍ଗରେ ୯, 'ସି' ବର୍ଗରେ ୯ ଏବଂ 'ଡି' ବର୍ଗଲାଗି ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରିର ସଭାପତି ରୋଟାରିଆନ ସୁଜିତ କୁମାର ରାଉତ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ରାଜୀବ ଶେଖର ସାହୁ, ଇ-ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶା ସମ୍ପାଦକ ତଥା ଟୁର୍ନାମେଣ୍ଟ କମିଟିର ସଦସ୍ୟ ଅଭିଷେକ ମିତ୍ର, ଟୁର୍ନାମେଣ୍ଟ ଲୋକ ସମ୍ପର୍କ ଅଧିକାରୀ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# କିଟ୍ ପୁରୁଷ ବାସ୍କେଟବଲ, ଟେନିସ ଦଳକୁ ଯୋଗ୍ୟତା

ଭୁବନେଶ୍ୱର,୮।୧(ଅନାଦି କର)


କିଟ୍ ପୁରୁଷ ବାସ୍କେଟବଲ୍ ଦଳ।

କିଟ୍ ୟୁନିଭର୍ସିଟି ପୁରୁଷ ବାସ୍କେଟବଲ ଦଳ ଜବରଦସ୍ତ ପ୍ରଦର୍ଶନ ବଳରେ ଚଳିତ ପୂର୍ବାଞ୍ଚଳ ଆନ୍ତଃ ୟୁନିଭର୍ସିଟି ପୁରୁଷ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ୭୨-୪୯ ବ୍ୟବଧାନରେ ପଣ୍ଡିତ ରବି ଶଙ୍କର ଶୁକ୍ଳା ୟୁନିଭର୍ସିଟିକୁ ପରାସ୍ତ କରିଛି। ଏହି ବିଜୟ ସହ ଦଳ ସର୍ବଭାରତୀୟ ଆନ୍ତଃ ୟୁନିଭର୍ସିଟି ଟୁର୍ନାମେଣ୍ଟ ଓ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛି। ଏଥିପୂର୍ବରୁ ୟୁନିଭର୍ସିଟିର ମହିଳା ବାସ୍କେଟଲ ଦଳ ମଧ୍ୟ ଯୋଗ୍ୟତା ହାସଲ କରିଥିଲା। ବାସ୍କେଟବଲ ଭଳି ଉଭୟ ପୁରୁଷ ଓ ମହିଳା ଟେନିସ ଦଳ କିଟ୍ ୟୁନିଭର୍ସିଟିଠାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ୟୁନିଭର୍ସିଟି ଟେନିସ ଚାମ୍ପିୟନଶିପ୍ ଜରିଆରେ ଉଭୟ ସର୍ବଭାରତୀୟ ଆନ୍ତଃ ୟୁନିଭର୍ସିଟି ଓ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଲାଗି ଯୋଗ୍ୟତା ହାସଲ କରିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ